# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁଲାଇ ୨୫/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Sunday, July 25/2021 | ★★

୧୭ଶ ଭାଗ ୨୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ହରମନପ୍ରୀତ ସିଂଙ୍କ ଡବଲ ଗୋଲ

ହରମନପ୍ରୀତ ସିଂଙ୍କ ଡବଲ ଗୋଲ ବଳରେ ଭାରତୀୟ ହକି ଦଳ ଟୋକିଓ ଅଲିମ୍ପିକ୍ସରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଛି।

୧୨

୧୦

## ଟେବୁଲ ଟେନିସ୍ ଖେଳିଲେ ଆମିର

'ଲାଲ୍ ସିଂ ଚଡ୍ଢା' ଶୁଟିଂ ସେଟ୍‌ରେ ଅଭିନେତା ଆମିର ଖାନ ଟିମ୍ ସହ ଟେବୁଲ ଟେନିସ୍ ପ୍ରତିଯୋଗିତାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।



# ଚାନୁଙ୍କୁ ରୌପ୍ୟ

### ପ୍ରଥମ ଦିନରେ ଭାରତକୁ ପଦକ

- ମହିଳା ୪୯ କେଜି ବିଭାଗରେ ୨୦୨ କେଜି ଭାରୋତ୍ତୋଳନ
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ଟୋକିଓ, ୨୪।୭(ପି.ଟି.)**

ଟୋକିଓ ଅଲିମ୍ପିକ୍ସରୁ ଭାରତ ପାଇଁ ଶନିବାର ଆସିଛି ଖୁସି ଖବର। ଦେଶ ପାଇଁ ପ୍ରଥମ ପଦକ ଜିତିଛନ୍ତି ଭାରୋତ୍ତୋଳିକା ମୀରାବାଈ ଚାନୁ। ମହିଳା ଭାରୋତ୍ତୋଳନ ୪୯ କେଜି ବିଭାଗରେ ସେ ଜିତିଛନ୍ତି ରୌପ୍ୟ ପଦକ। ଏଥିସହ ସେ ଅଲିମ୍ପିକ୍ସରେ ଦୀର୍ଘ ଦୁଇ ଦଶନ୍ଧିଧରି ଭାରୋତ୍ତୋଳନ ଇଭେଣ୍ଟରୁ ଭାରତର ପଦକ ଶୂନ୍ୟତାକୁ ପୂରଣ କରିଛନ୍ତି। ୫ ବର୍ଷ ପୂର୍ବେ ରିଓ ଅଲିମ୍ପିକ୍ସରେ ଚାନୁ ଅଂଶଗ୍ରହଣ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ। ଶୁକ୍ରବାର ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲେ ହେଁ ପଦକ ଇଭେଣ୍ଟ ଶନିବାର ଆରମ୍ଭ ହୋଇଥିଲା। ପ୍ରଥମ ଦିବସରେ ସେ ପଦକ ହାସଲ କରି ଭାରତ ପାଇଁ ଆଉ ଏକ ବିରଳ ସଫଳତା ହାସଲ କରିଛନ୍ତି। 'ଆଇରନ ଲେଡି'ଭାବେ ପରିଚିତ ମଣିପୁରର ମୀରାବାଈ ମୋଟ ୨୦୨ କେଜି ଭାରୋତ୍ତୋଳନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ସ୍ନାଚ୍‌ରେ ୮୭

☞ପୃଷ୍ଠା-୪



# ହାଇଦରଙ୍କୁ ଏନ୍‌କାଉଣ୍ଟର

### ବାରିପଦା ଜେଲକୁ ସ୍ଥାନାନ୍ତର ବେଳେ ଖସିଯିବାକୁ ଉଦ୍ୟମ, ପୋଲିସ ମାରିଲା ଗୁଳି

**ବାଲେଶ୍ୱର ଅଫିସ/ସିମୁଳିଆ/ କଟକ ଅଫିସ୍, ୨୪।୭**



ପୋଲିସ ଏନ୍‌କାଉଣ୍ଟରରେ କୁଖ୍ୟାତ ଗ୍ୟାଙ୍ଗଷ୍ଟର ସେକ୍ ହାଇଦର ନିହତ ହୋଇଛନ୍ତି। ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ୧୬ନଂ ଜାତୀୟ ରାଜପଥରେ ପୋଲିସ ସୁରକ୍ଷା ବଳୟ ମଧ୍ୟରୁ ହାଇଦର ଚକ୍‌ମା ଦେଖାଇ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ବାମଗୋଡ଼, ପେଟ ଓ କାନ୍ଧରେ ୪ଟି ଗୁଳି ବାଜିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରୀ ଟିମ୍ ଚିକିତ୍ସା କରିଥିଲେ। କିଛି ସମୟ ପରେ ହାଇଦରଙ୍କ ମୃତ୍ୟୁ ହୋଇଥିବା ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ଏଡିଏମ୍‌ଓ) ଡା. ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଡାକ୍ତରଖାନା ପରିସରରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ହାଇଦରଙ୍କ ସମ୍ପର୍କୀୟ କିମ୍ବା ପରିବାର ଲୋକେ ପହଞ୍ଚି ନ ଥିବା ଜଣାପଡ଼ିଛି। ରବିବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କଟକରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ କହିଛନ୍ତି, କୋର୍ଟ ନିର୍ଦ୍ଦେଶ ମୁତାବକ ଶନିବାର ହାଇଦରଙ୍କୁ କମିଶନରେଟ୍ ପୋଲିସର ଏସକର୍ଟ ମାଧ୍ୟମରେ ଚୌଦ୍ୱାର ଜେଲରୁ ବାରିପଦା ଜେଲକୁ ନିଆଯାଉଥିଲା। ଏଥିରେ ଜଣେ ଇନ୍ସପେକ୍ଟର, ଜଣେ ଏସ୍‌ଆଇ, ଗୋଟିଏ ସେକ୍ସନ ଫୋର୍ସ ନିୟୋଜିତ ଥିଲେ। ସିମୁଳିଆ ଥାନାଠାରୁ ୫୦୦ମିଟର ଦୂର କଲେଜ ଛକ ନିକଟରେ ପ୍ରାୟ ଅପରାହ୍ଣ ୩ଟା ୨୦ ସମୟରେ ହାଇଦର ପରିସ୍ରା ଯିବା ପାଇଁ ଏସ୍କର୍ଟ

☞ପୃଷ୍ଠା-୪

## ପୋଲିସ ହତ୍ୟା କରିଛି: ହସିନା

**କେନ୍ଦ୍ରାପଡ଼ା ଅଫିସ, ୨୪।୭**

ଏନ୍‌କାଉଣ୍ଟରରେ ହାଇଦରଙ୍କ ମୃତ୍ୟୁ ଘଟିଥିବାବେଳେ ପୋଲିସ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ହସିନା ବିବି ଅଭିଯୋଗ କରିଛନ୍ତି। ଏନ୍‌କାଉଣ୍ଟର ଘଟଣା ଜଣାପଡ଼ିବା ପରେ କେନ୍ଦ୍ରାପଡ଼ା ଟାଉନ ଥାନା ଅଧୀନ ରଣପଡ଼ାସ୍ଥିତ ହାଇଦରଙ୍କ ବାସଭବନ 'ହସିନା ମଞ୍ଜିଲ୍' ବାହାରେ ଗଣମାଧ୍ୟମ ପ୍ରତିନିଧିମାନେ ଭିଡ଼ ଜମାଇଥିଲେ। ହାଇଦରଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଚାପା ଉତ୍ତେଜନା ରହିଥିଲା। ପ୍ରଥମେ ଗଣମାଧ୍ୟମକୁ କିଛି କହିବାକୁ ମନା କରିଥିବା ହସିନା ପରେ ପୋଲିସର ଭୂମିକା ଉପରେ ପ୍ରଶ୍ନ ଉଠାଇଥିଲେ। ଜାଣିଶୁଣି ପୋଲିସ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ସେ କହିଥିଲେ। ହାଇଦର ଚୌଦ୍ୱାର ଜେଲରେ ଥିଲେ। ସେଠାରୁ ସ୍ଥାନାନ୍ତର ସମୟରେ ଘରକୁ ସୂଚନା ଦେବା କଥା, ଯାହା ପୋଲିସ କରିନାହିଁ। ସେହିପରି ଜଣେ ଫେରାର ଆସାମୀଙ୍କୁ ଗୋଟିଏ ଜେଲରୁ ଅନ୍ୟ ଜେଲକୁ ସ୍ଥାନାନ୍ତର ସମୟରେ

☞ପୃଷ୍ଠା-୪

# ୫୦%ରୁ ଊର୍ଦ୍ଧ୍ୱ ପିଲାଙ୍କ ଶରୀରରେ ଆଣ୍ଟିବଡି

**ଭୁବନେଶ୍ୱର, ୨୪।୭(ବ୍ୟୁରୋ)**

**୪ର୍ଥ ସେରୋ ସର୍ଭେ**

ଚତୁର୍ଥ ପର୍ଯ୍ୟାୟ ସେରୋ ସର୍ଭେ ରିପୋର୍ଟ ଶନିବାର ପ୍ରକାଶ ପାଇଛି। ୫୦%ରୁ ଊର୍ଦ୍ଧ୍ୱ ପିଲାଙ୍କ ଶରୀରରେ ଆଣ୍ଟିବଡି ଡେଭଲପ୍ ହୋଇଥିବା ଜଣାପଡ଼ିଛି। ଏ ନେଇ ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ପିଲାମାନେ ସେମାନଙ୍କ ମାତାପିତା କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କଠାରୁ ସଂକ୍ରମିତ ହୋଇଥିଲେ ଏବଂ ସେମାନେ ଏହି ସଂକ୍ରମଣକୁ ସହିଯାଇଥିବା ସର୍ଭେଲାନ୍ସରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଚତୁର୍ଥ ସେରୋ ସର୍ଭେରେ ପ୍ରଥମଥର ପାଇଁ ପିଲାଙ୍କୁ ସାମିଲ କରାଯାଇଥିଲା। ୬ବର୍ଷରୁ ଊର୍ଦ୍ଧ୍ୱ ବୟସର ପିଲାଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ସେହିଭଳି ୬୫.୧୨% ସାଧାରଣ ଲୋକ ଓ ୮୫.୫୩% ସ୍ୱାସ୍ଥ୍ୟକର୍ମୀଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହୋଇଛି। ସୁସ୍ଥ ହୋଇଥିବା କରୋନା

☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜୀବନ ଏମିତି ଚାଲିବ**

# ୯୯.୯୮% ପାସ୍ ହାର

### ପ୍ରକାଶ ପାଇଲା ସିଆଇଏସ୍‌ସିଇ ଫଳ

**ଭୁବନେଶ୍ୱର,୨୪।୭(ବ୍ୟୁରୋ)**

- ଓଡ଼ିଶାରେ ଦଶମ ପାସ୍ ହାର ୯୯.୯୮%, ଦ୍ୱାଦଶ ୯୯.୮୩%

ବିନା ପରୀକ୍ଷାରେ ଇଣ୍ଡିଆନ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରି ଏଜୁକେଶନ(ଆଇସିଏସ୍‌ଇ) ଦଶମ ଓ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ (ଆଇଏସ୍‌ସି) ଦ୍ୱାଦଶ ଫଳ ଶନିବାର ପ୍ରକାଶ ପାଇଛି। ଏ ନେଇ କାଉନସିଲ ଫର୍ ଦି ଇଣ୍ଡିଆନ ସ୍କୁଲ୍ ସାର୍ଟିଫିକେଟ୍ ଏକ୍‌ଜାମିନେଶନ



କଟକ ନ୍ୟୁ ଷ୍ଟୁଆର୍ଟ ସ୍କୁଲର ନୋଟିସ୍ ବୋର୍ଡରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଫଳ ଦେଖୁଛନ୍ତି।

(ସିଆଇଏସ୍‌ସିଇ) ପକ୍ଷରୁ ଘୋଷଣା କରାଯାଇଛି। ଚଳିତବର୍ଷ ଦେଶରେ ଆଇସିଏସ୍‌ଇ ଦଶମ ପାସ୍ ହାର ୯୯.୯୮% ଥିବାବେଳେ ଆଇଏସ୍‌ସି ଦ୍ୱାଦଶ ପାସ୍‌ହାର ୯୯.୭୬% ରହିଛି। ଦଶମରେ ଝିଅ ଓ ପୁଅଙ୍କ ପାସ୍ ହାର ସମାନ ଭାବେ ୯୯.୯୮% ରହିଛି। ସେହିଭଳି ଦ୍ୱାଦଶରେ ଝିଅଙ୍କ ପାସ୍ ହାର ୯୯.୮୬% ଥିବାବେଳେ ପୁଅ ୯୯.୬୬% ପାସ୍ କରିଛନ୍ତି।

ଦେଶରେ ମୋଟ ୨,୧୯,୪୯୯ ଛାତ୍ରୀଛାତ୍ର ଦଶମ ଓ ୯୪,୦୧୧ଜଣ ଦ୍ୱାଦଶ ପରୀକ୍ଷା ଦେଇଥିଲେ। ଦଶମରେ ଦକ୍ଷିଣାଞ୍ଚଳ ରିଜିଅନ୍‌ରେ ପାସ୍ ହାର ସର୍ବାଧିକ ୧୦୦% ଥିବାବେଳେ ପଶ୍ଚିମାଞ୍ଚଳ ରିଜିଅନରେ ୯୯.୯୯% ରହିଛି। ସେହିପରି ଦ୍ୱାଦଶରେ ପଶ୍ଚିମାଞ୍ଚଳ ରିଜିଅନ୍‌ରେ ସର୍ବାଧିକ ପାସ୍ ହାର ୯୯.୯୧% ଥିବାବେଳେ ଉତ୍ତରାଞ୍ଚଳ ରିଜିଅନ୍‌ରେ ପାସ୍ ହାର ୯୯.୭୫% ରହିଛି। ତେବେ ଓଡ଼ିଶାରେ ଆଇସିଏସ୍‌ଇ ଦଶମ ପାସ୍ ହାର ୯୯.୯୮% ଓ ଆଇଏସ୍‌ସି ଦ୍ୱାଦଶ ପାସ୍ ହାର ୯୯.୮୩% ରହିଛି। ରାଜ୍ୟର ମୋଟ ୯୨ ସ୍କୁଲରେ ଆଇସିଏସ୍‌ଇ ଦଶମର ୮,୯୩୫ଜଣ ପରୀକ୍ଷା ଦେଇଥିବାବେଳେ ୮,୯୩୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଝିଅ ଓ ପୁଅଙ୍କ

☞ପୃଷ୍ଠା-୪






# ସୁରକ୍ଷା ଦେଉଛି ପେଗାସସ୍

**ଜେରୁଜେଲମ ୨୪।୭**

ଇସ୍ରାଏଲରେ ପ୍ରସ୍ତୁତ ସ୍ପାଏୱେର ପେଗାସସ୍‌କୁ ନେଇ ବିବାଦ ଥମୁ ନ ଥିବାବେଳେ ଏହାକୁ ତିଆରି କରିଥିବା ସାଇବର ସୁରକ୍ଷା କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ନିଜ ସପକ୍ଷରେ ଯୁକ୍ତି ରଖିଛି। କମ୍ପାନୀ କହିଛି, ପେଗାସସ୍ ଟେକ୍ନୋଲୋଜି ଯୋଗୁ ବିଶ୍ୱର କୋଟି କୋଟି ଲୋକ ରାତିରେ ଶାନ୍ତିରେ ଶୋଇପାରୁଛନ୍ତି ଏବଂ ରାସ୍ତାରେ ସୁରକ୍ଷିତ ଭାବେ ଚାଲିପାରୁଛନ୍ତି। ବିଭିନ୍ନ ଦେଶର ଗୋଇନ୍ଦା ସଂସ୍ଥା ଏହାକୁ ବ୍ୟବହାର କରି ଅନେକ ଅପରାଧ, ଆତଙ୍କବାଦୀ କାର୍ଯ୍ୟକଳାପ ଉପରେ ରୋକ ଲଗାଇପାରିଛନ୍ତି। ଏଣ୍ଡ୍-ଟୁ-ଏଣ୍ଡ୍ ଏନ୍‌କ୍ରିପ୍‌ଶନ ସହାୟତାରେ ଲୁଚି ରହିଥିବା ଅପରାଧୀଙ୍କୁ ଧରାଇବାରେ ଏହା ବେଶ୍ ସହାୟକ ହୋଇପାରିଛି। ତେବେ ଏହା ଦ୍ୱାରା ସଂଗୃହୀତ ତଥ୍ୟ ଏନ୍‌ଏସ୍‌ଓ ନିଜ ପାଖରେ ଉପଲବ୍ଧ କରାଇ ନ ଥାଏ କିମ୍ବା ସେହି ଟେକ୍ନୋଲୋଜିର ପରିଚାଳନା କରି ନ ଥାଏ ବୋଲି ଏନ୍‌ଏସ୍‌ଓର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି। ଏକ ସୁରକ୍ଷିତ ପୃଥିବୀ ଗଠନ ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି।

### ଶାନ୍ତିରେ ଶୋଇପାରୁଛନ୍ତି ଲୋକେ




ପେଗାସସ୍ ସ୍ପାଏୱେର ବ୍ୟବହାର କରାଯାଇ ବିଭିନ୍ନ ଦେଶରେ ଅନେକ ଜଣାଶୁଣା ବ୍ୟକ୍ତିତ୍ୱ, ରାଷ୍ଟ୍ରମୁଖ୍ୟ, ରାଜନେତା, ବିଚାର ବିଭାଗୀୟ କାର୍ଯ୍ୟକର୍ତ୍ତା, ସାମାଜିକକର୍ମୀ, ଖବରଦାତା ପ୍ରମୁଖଙ୍କ କାର୍ଯ୍ୟକଳାପ ତଥା ଗତିବିଧି ଉପରେ ନଜର ରଖାଯାଇଥିବା ନେଇ ନିକଟରେ 'ଦି ୱେର' ନ୍ୟୁଜ୍ ୱେବସାଇଟ୍ ରିପୋର୍ଟ ପ୍ରକାଶ

### ସ୍ପାଏୱେର ସପକ୍ଷରେ ଏନ୍‌ଏସ୍‌ଓର ଯୁକ୍ତି

କରିଥିଲା। ଭାରତରେ ୩ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୋବାଇଲ ନମ୍ବରକୁ ଏହା ଯୋଗେ ଟ୍ରାକ୍ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏପରିକି ୨ ଜଣ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପ୍ରହଲ୍ଲାଦ ପଟେଲ, କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ପ୍ରମୁଖଙ୍କ ନାମ ଆସିବା ପରେ ଏ ନେଇ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ପେଗାସସ୍ ଗୁପ୍ତଚରଗିରି ଯୋଗୁ ପ୍ରିଭେସି ପଲିସିର ଉଲ୍ଲଂଘନ ହୋଇଥିବା ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ଦାୟୀ କରି ଏହାର ଜେପିସି ତଦନ୍ତ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ପାର୍ଲାମେଣ୍ଟ ଅଧିବେଶନ ମଧ୍ୟ ସ୍ୱାଭାବିକ ହୋଇପାରୁନାହିଁ।

## ୩ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲାରେ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ସେନା ଯବାନ ଆହତ ହୋଇଛନ୍ତି। ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ସୂଚନା ପାଇ ସୁରକ୍ଷା ବଳ ଜିଲାର ଶୋକବାବା ଜଙ୍ଗଲ ମଧ୍ୟରେ ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଏଥିରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ଗୁଳି ବିନିମୟ ବେଳେ ଆହତ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଜମ୍ମୁକୁ ଡ୍ରୋନ୍ ପ୍ରେରଣ

## ପାକିସ୍ତାନକୁ ପ୍ରତିବାଦ ଜଣାଇଲା ଭାରତ

**ଜମ୍ମୁ, ୨୪।୭(ପି.ଟି.):** ଜମ୍ମୁ-କଶ୍ମୀର ଅଞ୍ଚଳରେ ପାକିସ୍ତାନ ଦ୍ୱାରା ଡ୍ରୋନ୍ କାର୍ଯ୍ୟକଳାପକୁ ନେଇ ଶନିବାର ଭାରତ ଇସ୍‌ଲାମାବାଦ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ବିଏସ୍‌ଏଫ୍ ଏବଂ ପାକିସ୍ତାନ ରେଞ୍ଜର୍ସ ମଧ୍ୟରେ କମାଣ୍ଡର ସ୍ତରୀୟ ବୈଠକ ବେଳେ ଭାରତ ପକ୍ଷରୁ ଡ୍ରୋନ୍ ଘଟଣାର ପ୍ରତିବାଦ କରାଯାଇଥିଲା। ଫେବୃୟାରୀରେ ଅସ୍ତ୍ରବିରତି ଚୁକ୍ତିନାମା ପରେ ଏହା ପ୍ରଥମ କମାଣ୍ଡର ସ୍ତରୀୟ ବୈଠକ ଥିଲା। ଅନ୍ତର୍ଜାତୀୟ ସୀମା (ଆଇବି)ରେ ନିୟୋଜିତ ପାକିସ୍ତାନ ରେଞ୍ଜର୍ସର ଅନୁରୋଧକ୍ରମେ ସୁଚେତଗଡ଼ ଅଞ୍ଚଳରେ ଏହି ବୈଠକ ବସିଥିଲା। ଉଭୟ ପକ୍ଷ ମଧ୍ୟରେ ଆତଙ୍କବାଦୀ କାର୍ଯ୍ୟ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଅନ୍ତର୍ଜାତୀୟ ସୀମାରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ।

## ଦିଲ୍ଲୀରେ ଖୋଲିବ ସିନେମା ହଲ୍

**ନୂଆଦିଲ୍ଲୀ, ୨୪।୭:** ଦିଲ୍ଲୀ ସରକାର ଶନିବାର ସାନି ଅନ୍‌ଲକ୍ ଗାଇଡଲାଇନ ଜାରି କରି ରାଜ୍ୟରେ କଟକଣାକୁ ସମ୍ପୂର୍ଣ୍ଣ କୋହଳ କରିଦେଇଛନ୍ତି। ସୋମବାରଠାରୁ ଦିଲ୍ଲୀ ମେଟ୍ରୋ ଏବଂ ବସ୍‌ଗୁଡ଼ିକ ସିଟ୍ ଅନୁଯାୟୀ ଯାତ୍ରୀ ପରିବହନ କରିବାକୁ ଅନୁମତି ଦିଆଯାଇଥିବାବେଳେ ସିନେମା ହଲ୍, ଥିଏଟର ଏବଂ ମଲ୍ଟିପ୍ଲେକ୍ସଗୁଡ଼ିକ ୫୦ ପ୍ରତିଶତ ଦର୍ଶକରେ ଚଳାଇବାକୁ କୁହାଯାଇଛି। ଏପ୍ରିଲ-ମେ’ରେ ଦିଲ୍ଲୀରେ କୋଭିଡ୍ ସଂକ୍ରମଣ ସର୍ବାଧିକ ହୋଇଥିଲା। ଏବେ ସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି। ଫଳରେ ଦିଲ୍ଲୀ ସରକାର ପର୍ଯ୍ୟାୟକ୍ରମେ ତାଲାଖୋଲା ପ୍ରକ୍ରିୟା ଜାରି ରଖିଛନ୍ତି।

## ୪୦ ସ୍ଥାନରେ ସିବିଆଇ ଚଢ଼ାଉ

### ଅସ୍ତ୍ର ଲାଇସେନ୍ସ ମାମଲା

**ନୂଆଦିଲ୍ଲୀ/ଶ୍ରୀନଗର, ୨୪।୭:** ବେଆଇନ ଅସ୍ତ୍ର ଲାଇସେନ୍ସ ମାମଲାର ତଦନ୍ତ କରୁଥିବା ସିବିଆଇ ଶନିବାର ୨ ଜଣ ଆଇଏଏସ୍ ଅଫିସରଙ୍କ ବାସଭବନ ସମେତ ଜମ୍ମୁ-କଶ୍ମୀର ଓ ଦିଲ୍ଲୀର ୪୦ଟି ସ୍ଥାନରେ ଚଢ଼ାଉ କରିଛି। ଅନ୍ୟମାନଙ୍କ ମଧ୍ୟରେ କଶ୍ମୀର ପ୍ରଶାସନିକ ଅଧିକାରୀ, ତତ୍କାଳୀନ ଜିଲା ମାଜିଷ୍ଟ୍ରେଟ ଏବଂ ଏଡିଏମ୍‌ଙ୍କ ଘର ଓ କାର୍ଯ୍ୟାଳୟକୁ ମଧ୍ୟ ଚଢ଼ାଉରେ ସାମିଲ କରାଯାଇଥିଲା। ଏହା ବ୍ୟତୀତ ୨୦ ଗନ୍ ହାଉସ ବା ଡିଲରଙ୍କ ଘର ଉପରେ ମଧ୍ୟ ଚଢ଼ାଉ ହୋଇଥିଲା। ଶ୍ରୀନଗରର ପୂର୍ବତନ ଡେପୁଟି କମିଶନର ଶାହିଦ ଇକ୍‌ବାଲ ଚୌଧରୀ ଏବଂ ଅନ୍ୟତମ ଆଇଏଏସ୍ ଅଫିସର ନୀରଜ କୁମାରଙ୍କ ଘର ଖାନ୍‌ତଲାସ କରାଯାଇଥିବା ସିବିଆଇ ସୂତ୍ରରୁ ଜଣାପଡ଼ିଛି। ଜମ୍ମୁ-କଶ୍ମୀର ସରକାରଙ୍କ ଅନୁରୋଧ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ ମେ’ ୧୭ରେ ସିବିଆଇ ବେଆଇନ ଅସ୍ତ୍ର ଲାଇସେନ୍ସ ଯୋଗାଣ ଘଟଣାରେ ଦୁଇଟି ମାମଲା ରୁଜୁ କରିଥିଲା। ୨୦୧୨ରୁ ୨୦୧୬ ମଧ୍ୟରେ ରାଜ୍ୟରେ ବହୁ ପରିମାଣରେ ଅସ୍ତ୍ର ଲାଇସେନ୍ସ ଇସ୍ୟୁ ହୋଇଥିଲା। ହକ୍‌ଦାର ନ ଥିବା ଲୋକଙ୍କୁ ୨.୭୮ ଲକ୍ଷରୁ ଊର୍ଦ୍ଧ୍ୱ ଲାଇସେନ୍ସ ଦିଆଯାଇଥିବା ଅଭିଯୋଗ ହୋଇଥିଲା।

## ‘କାମୋତ୍ତେଜକ ଫିଲ୍ମ କରନ୍ତି କୁନ୍ଦ୍ରା’

ଅଶ୍ଳୀଳ ଫିଲ୍ମ ନିର୍ମାଣ ଏବଂ ବିଭିନ୍ନ ଆପ୍ ଜରିଆରେ ଏହାକୁ ମୁକ୍ତିଲାଭ କରାଇବା ଅଭିଯୋଗରେ ଗିରଫ ହୋଇଥିବା ବିଶିଷ୍ଟ ବ୍ୟବସାୟୀ ରାଜ କୁନ୍ଦ୍ରାଙ୍କ ସମର୍ଥନରେ ବାହାରିଛନ୍ତି ସ୍ତ୍ରୀ ତଥା ଅଭିନେତ୍ରୀ ଶିଳ୍ପା ସେଟ୍ଟୀ। ଏଭଳି ଫିଲ୍ମ ରିଲିଜ୍ ହେଉଥିବା ମୋବାଇଲ ଆପ୍ ‘ହଟ୍‌ଶଟ୍’ ବାବଦରେ ସେ କିଛି ଜାଣି ନ ଥିବା ଶିଳ୍ପା କହିଛନ୍ତି। ଲଣ୍ଡନରେ ରହୁଥିବା କୁନ୍ଦ୍ରାଙ୍କ ସମ୍ପର୍କୀୟ ଭାଇ ପ୍ରଦୀପ ବକ୍ସି ଉକ୍ତ ଆପ୍ ଚଳାଉଥିବା ନେଇ ଶିଳ୍ପା ପ୍ରକାଶ କରିଥିବା ଜଣାପଡ଼ିଛି। ଏଥିସହ ଶିଳ୍ପା କହିଛନ୍ତି, କୁନ୍ଦ୍ରା କୌଣସି ପର୍ନ ବା ଅଶ୍ଳୀଳ ଫିଲ୍ମ ପ୍ରସ୍ତୁତ କରୁ ନ ଥିଲେ, ବରଂ ତାହା ଏରୋଟିକା ବା କାମୋତ୍ତେଜକ ବିଷୟ ଉପରେ ଆଧାରିତ ଥିଲା। ପର୍ନ ଓ ଏରୋଟିକା ଫିଲ୍ମ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ତାଙ୍କ ସ୍ୱାମୀ ନିର୍ଦ୍ଦୋଷ।



## ବୃହସ୍ପତି ଉପଗ୍ରହକୁ ଯିବ ସ୍ପେସ୍‌ଏକ୍ସ ରକେଟ୍

ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ପ୍ରଥମ ବୃହସ୍ପତି ମିଶନରେ ଏହାର ଥଣ୍ଡା ଉପଗ୍ରହ ୟୁରୋପାକୁ ମହାକାଶଯାନ ‘ୟୁରୋପା କ୍ଲିପର୍’ ପ୍ରେରଣ ପାଇଁ ସ୍ପେସ୍‌ଏକ୍ସ ରକେଟକୁ ବ୍ୟବହାର କରିବ। ଏଥିପାଇଁ ନାସା ଏଲନ୍ ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସ୍‌ଏକ୍ସକୁ ୧୭୮ ମିଲିୟନ ଡଲାର ଦେଇଛି। ଥଣ୍ଡା ଚନ୍ଦ୍ର କୁହାଯାଉଥିବା ୟୁରୋପାରେ ମଣିଷ ବାସୋପଯୋଗୀ ପରିବେଶ ଅଛି କି ନା ତାହା ଉପରେ ଏହି ମିଶନ ଜରିଆରେ ଗବେଷଣା କରାଯିବ। ୨୦୨୪ ଅକ୍ଟୋବରରେ ନାସା ଏହି ମିଶନ ଆରମ୍ଭ କରିବାକୁ ଯାଉଥିବାବେଳେ ଏଥିରେ ସ୍ପେସ୍‌ଏକ୍ସର ଫାଲକନ୍ ହେଭି ରକେଟ ବ୍ୟବହାର କରାଯିବ।



# ବିପଜ୍ଜନକ ସ୍ଥିତିରେ ଆଫଗାନିସ୍ତାନ

**କାବୁଲ, ୨୪।୭(ଆଇଏଏନ୍‌ଏସ୍)**

ଆମେରିକା ନେତୃତ୍ୱାଧୀନ ନାଟୋ ସେନା ପ୍ରତ୍ୟାହାର ସହିତ ଅଶାନ୍ତ ହେବାରେ ଲାଗିଛି ଆଫଗାନିସ୍ତାନ। ତାଲିବାନ ଆତଙ୍କବାଦୀମାନେ ସୀମାନ୍ତବର୍ତ୍ତୀ ଅଞ୍ଚଳର ୯୦ ପ୍ରତିଶତ ନିଜ ଦଖଲକୁ ନେଇସାରିଥିବା ଦାବି କରୁଛନ୍ତି। କେବଳ ତାଲିବାନ ନୁହେଁ, ସେଠାରେ ଡାଏଶ୍ ଏବଂ ଅଲ୍-କାଏଦା ଭଳି ଆତଙ୍କବାଦୀ ସଂଗଠନଗୁଡ଼ିକ ଏବେ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ବିଭିନ୍ନ ଅଞ୍ଚଳରେ ହିଂସାକାଣ୍ଡ ଘଟାଇବାରେ ଲାଗିଥିବାବେଳେ ତାଲିବାନ ସେମାନଙ୍କୁ ସୁରକ୍ଷା ଯୋଗାଉଥିବା ଜାତିସଂଘ ପକ୍ଷରୁ ଏକ ନୂଆ ରିପୋର୍ଟରେ ସତର୍କ କରିଦିଆଯାଇଛି। ଆଫଗାନିସ୍ତାନର ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ଶାନ୍ତି ପ୍ରକ୍ରିୟାକୁ ନେଇ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି।

ଜାତିସଂଘ ସୁରକ୍ଷା ପରିଷଦ ରିପୋର୍ଟ ଅନୁଯାୟୀ ୨୦୨୦ରେ କୁନର ଏବଂ ନଙ୍ଗରହାର ପ୍ରଦେଶରେ ବହୁ ସଦସ୍ୟଙ୍କୁ ହରାଇବା ସହ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥିବା ଡାଏଶ୍‌ର ଖୋରାସନ ଶାଖା (ଆଇଏସ୍‌ଆଇଏଲ୍-କେ) ଏବେ ନୁରିସ୍ତାନ, ବଡଘିସ୍, ସାର୍-ଇ-ପୁଲ୍, ବାଗ୍‌ଲାନ, କାବୁଲ୍ କୁନ୍ଦୁଜ୍ ଆଦି ପ୍ରଦେଶକୁ ନିଜର ସଂଗଠନ ବିସ୍ତାର କରୁଛି। ସେଠାରେ ଆତଙ୍କବାଦୀମାନେ ସ୍ଲିପର ସେଲ୍ ପ୍ରସ୍ତୁତ କରୁଛନ୍ତି। କାବୁଲ ଓ ଏହାର ଆଖପାଖରେ ସଂଗଠନ ତା’ର ସ୍ଥିତି ମଜଭୁତ କରିବା ସହ ସଂଖ୍ୟାଲଘୁ, ସାମାଜିକ କର୍ମୀ, ସରକାରୀ କର୍ମଚାରୀ ଏବଂ ସୁରକ୍ଷା ଯବାନଙ୍କୁ ଟାର୍ଗେଟ କରୁଛି। ଗତମାସରେ ବାଗଲାନ୍ ପ୍ରଦେଶରେ ହାଲୋ ଟ୍ରଷ୍ଟ ସହ କାର୍ଯ୍ୟ କରୁଥିବା ୧୦ ଜଣଙ୍କୁ ହତ୍ୟା କରାଯାଇଥିଲା। ଏଥିପାଇଁ ଡାଏଶ୍ ନିଜକୁ ଦାୟୀ କରିଥିଲା।

ସେହିପରି ଆମେରିକା ସେନା ପ୍ରତ୍ୟାହାର ପରେ ଆଫଗାନିସ୍ତାନର ୧୫ଟି ପ୍ରଦେଶରେ ଅଲ୍-କାଏଦା ଆତଙ୍କବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି। ତାଲିବାନ ସୁରକ୍ଷା ମଧ୍ୟରେ ଅଲ୍-କାଏଦାର ଇଣ୍ଡିଆନ ସବ୍‌କଣ୍ଟିନେଣ୍ଟ (ଏକ୍ୟୁଆଇଏସ୍) କାନ୍ଦାହାର, ହେଲମଣ୍ଡ ଏବଂ ନିମ୍ରୋଜ୍ ପ୍ରଦେଶରୁ ଆତଙ୍କରାଜ ଚଳାଇଛନ୍ତି। ଓସାମା ମହମ୍ମଦଙ୍କ ନେତୃତ୍ୱରେ ଚାଲୁଥିବା ଏକ୍ୟୁଆଇଏସ୍‌ରେ ମୁଖ୍ୟତଃ ଆଫଗାନ ଓ ପାକିସ୍ତାନୀ ଆତଙ୍କବାଦୀମାନେ ରହିଛନ୍ତି। ଏହା ବ୍ୟତୀତ ବାଂଲାଦେଶ, ଭାରତ ଏବଂ ମ୍ୟାନ୍‌ମାରରୁ ମଧ୍ୟ ଆତଙ୍କବାଦୀ ଏଥିରେ ସାମିଲ ହୋଇଛନ୍ତି।



- ସକ୍ରିୟ ହେଉଛନ୍ତି ଅଲ୍‌କାଏଦା, ଡାଏଶ୍
- ସୁରକ୍ଷା ଯୋଗାଉଛି ତାଲିବାନ
- ସତର୍କ କରାଇଲା ଜାତିସଂଘ

### ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

ତାଲିବାନ ଆତଙ୍କବାଦୀଙ୍କ ଶକ୍ତି ବୃଦ୍ଧି ସହ ଆଫଗାନିସ୍ତାନ ଏବେ ବିପଜ୍ଜନକ ସ୍ଥିତିରେ ରହିଥିବାରୁ ସେଠାରେ ଥିବା ଭାରତୀୟମାନଙ୍କ ପାଇଁ ଦୂତାବାସ ପକ୍ଷରୁ ସତର୍କ କରାଯାଇଛି। ଆତଙ୍କବାଦୀମାନେ ନିର୍ଦ୍ଦିଷ୍ଟ ବର୍ଗଙ୍କୁ ଟାର୍ଗେଟ କରି ଆକ୍ରମଣ କରିବା ସହ ରାସ୍ତାପାର୍ଶ୍ୱରେ ଆଇଇଡି ବିସ୍ଫୋରଣ ଘଟାଇପାରନ୍ତି। ସେଥିପାଇଁ ସେଠାରେ ଥିବା ଭାରତୀୟମାନେ ସବୁବେଳେ ସତର୍କ ରହିବାକୁ ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଅତି ଜରୁରୀ ନ ଥିଲେ ବାହାରକୁ ନ ବାହାରିବା ପାଇଁ ସେମାନଙ୍କୁ କୁହାଯାଇଛି। ଜୁନ୍ ୨୯ରେ ମଧ୍ୟ ଆଫଗାନିସ୍ତାନରେ ଥିବା ଭାରତୀୟ ଦୂତାବାସ ଏହାର ନାଗରିକମାନଙ୍କ ପାଇଁ ଆଡଭାଇଜରି ଜାରି କରିଥିଲା।

### ୩୩ ତାଲିବାନ ଆତଙ୍କବାଦୀ ନିହତ

**କାବୁଲ, ୨୪।୭(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନର ଦୁଇଟି ପ୍ରଦେଶରେ ବାୟୁସେନା ବିମାନରୁ ଆକ୍ରମଣ କରାଯିବା ଫଳରେ ୩୩ ତାଲିବାନ ଆତଙ୍କବାଦୀ ନିହତ ହେବା ସହ ୧୭ ଜଣ ଆହତ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଜଓ୍ୱଜାନ ପ୍ରଦେଶର ମୁରଘାବ ଏବଂ ହାସନ ତବିନ ଗ୍ରାମରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ସୂଚନା ପାଇ ଯୁଦ୍ଧବିମାନରୁ ଟାର୍ଗେଟ କରାଯାଇଥିଲା। ଏଥିରେ ୧୯ ଆତଙ୍କବାଦୀଙ୍କ ମୃତ୍ୟୁ ହେବା ସହ ୧୫ ଆହତ ହୋଇଛନ୍ତି। ସେହିପରି ହେଲମଣ୍ଡ ପ୍ରଦେଶ ରାଜଧାନୀ ଲଶ୍କର ଗାହ ଉପକଣ୍ଠରେ ବାୟୁସେନା ଆକ୍ରମଣରେ ୧୪ ଆତଙ୍କବାଦୀ ନିହତ ହେବା ସହ ୨ ଜଣ ଆହତ ହୋଇଛନ୍ତି। ଆକ୍ରମଣରେ ୩ ଗାଡ଼ି, ୬ ବାଇକ୍, ଦୁଇଟି ବଙ୍କର ଏବଂ ବିପୁଳ ପରିମାଣ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ନଷ୍ଟ ହୋଇଛି।

## ୧.୩୧% ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୨୪।୭**

ଦେଶରେ ଦିନକରେ ୩୯,୦୯୭ ଜଣ କରୋନାରେ ସଂକ୍ରମିତ ହୋଇଥିବାବେଳେ ୫୪୬ ଜଣଙ୍କ ଜୀବନ ଯାଇଛି। କେରଳରେ ୧୭,୫୧୮ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜୁନ୍ ୩ ପରଠାରୁ ଏହି ସଂଖ୍ୟା ସର୍ବାଧିକ। ମହାରାଷ୍ଟ୍ରରେ ୨୪ ଘଣ୍ଟାରେ ୬,୭୫୩ ଜଣ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ମୋଟ ସଂକ୍ରମଣ ୩,୧୩,୩୨,୧୫୯ ଓ ମୃତ୍ୟୁସଂଖ୍ୟା ୪,୨୦,୦୧୬ରେ ପହଞ୍ଚିଛି। ସକ୍ରିୟ ମାମଲା ୪,୦୮,୯୭୭ ରହିଛି ଯାହା କି ମୋଟ ସଂକ୍ରମଣର ୧.୩୧ ପ୍ରତିଶତ। ଆରୋଗ୍ୟ ହାର ୯୭.୩୫ ପ୍ରତିଶତ ଏବଂ ଦୈନିକ ପଜିଟିଭ୍ ହାର ୨.୪୦% ରହିଛି।

## ବିସ୍ଫୋରଣରେ ଯବାନ ଶହୀଦ

**ଜମ୍ମୁ/ହମିରପୁର, ୨୪।୭**

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ମାଇନ୍ ବିସ୍ଫୋରଣରେ ଜଣେ ସେନା ଯବାନ ଶହୀଦ ହୋଇଛନ୍ତି। ସିପାହି କମଲଦେବ ବୈଦ୍ୟ ଶୁକ୍ରବାର କ୍ରିଷ୍ଣା ଘାଟି ସେକ୍ଟରରେ ଡ୍ୟୁଟି କରୁଥିଲେ। ଭୁଲ୍‌ବଶତଃ ମାଇନ୍ ଉପରେ ତାଙ୍କ ଗୋଡ଼ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। କମଲଦେବଙ୍କ ଘର ହିମାଚଳପ୍ରଦେଶର ହମିରପୁର ଜିଲା ଅନ୍ତର୍ଗତ ଘୁମାରୱିନ୍ ଗ୍ରାମରେ। ସେ ଜଣେ ଦୁଃସାହସୀ ତଥା କର୍ତ୍ତବ୍ୟନିଷ୍ଠ ଯବାନ ଥିଲେ।

## ଜଳୁଛି କାଲିଫର୍ଣ୍ଣିଆ ଜଙ୍ଗଲ

### ୧୪ ହଜାର ସ୍ଥାନାନ୍ତର

**ସାନ୍ ଫ୍ରାନ୍ସିସ୍କୋ, ୨୪।୭**

କାଲିଫର୍ଣ୍ଣିଆ-ନେଭାଡା ସୀମାରେ ହଜାର ହଜାର ଏକର ଜଙ୍ଗଲ ଦୀର୍ଘ ଦୁଇ ସପ୍ତାହ ହେଲା ଜଳୁଛି। ପ୍ରାଥମିକ ଅବସ୍ଥାରେ ଆମେରିକା ଜଙ୍ଗଲ ସେବା ଅଧିକାରୀମାନେ ଏହାକୁ ବିଶେଷ ଗୁରୁତ୍ୱ ନ ଦେଇ ଜଳିବାକୁ ଛାଡ଼ିଦେବାରୁ ଏବେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବଜ୍ରପାତରୁ ଟାମାରାକ ଫାୟାର ସୃଷ୍ଟି ହୋଇଥିଲା। ଜୁଲାଇ ୪ରେ ପ୍ରଥମେ କାଲିଫର୍ଣ୍ଣିଆର ଆଲ୍‌ପାଇନ କାଉଣ୍ଟି ଅନ୍ତର୍ଗତ ହମ୍‌ବୋଲ୍ଡ-ଟୋୟାବେ ଜାତୀୟ ଜଙ୍ଗଲରେ ଏହି ନିଆଁ ଦେଖିବାକୁ ମିଳିଥିଲା। ଏବେ ଏହି ନିଆଁ ୫୮,୪୧୭ ଏକର ଅଞ୍ଚଳକୁ ବ୍ୟାପିଗଲାଣି। ଜାତୀୟ ରାଜପଥ ୩୯୫ର ଉଭୟ ପାର୍ଶ୍ୱକୁ ନିଆଁ ବ୍ୟାପିଥିବାବେଳେ ସେଠାରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ଲାଗି ଶୁକ୍ରବାର ସାନି ନିର୍ଦ୍ଦେଶନାମା ଜାରି ହୋଇଛି। ୧୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଗଲାଣି। ନିଆଁରେ ୧୦ ବିଲ୍ଡିଂ ଧ୍ୱଂସ ହୋଇଛି। ବାର୍ଷିକ ସାଇକେଲ୍ ରେସ୍ ‘ଡେଥ୍ ରାଇଡ୍’କୁ ବାତିଲ କରାଯାଇଛି। ନିଆଁଲିଭା କାର୍ଯ୍ୟରେ ୧୩୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଗ୍ରୀଷ୍ମ ଲହର ଲାଗି ରହିବା ସହ ବ୍ୟାପକ ଜଙ୍ଗଲ ଅଞ୍ଚଳ ଶୁଖିଲା ହୋଇଥିବାରୁ ନିଆଁ ଏତେ ଶୀଘ୍ର ଲିଭିବା ସମ୍ଭାବନା ନାହିଁ। ଅଗଷ୍ଟ ୩୧ ବେଳକୁ ଏହା ଆୟତ୍ତ ହୋଇପାରେ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି।



## ସେପ୍ଟେମ୍ବରରୁ ପିଲାଙ୍କୁ ଟିକା

**ନୂଆଦିଲ୍ଲୀ, ୨୪।୭**

ଭାରତ ବାୟୋଟେକ୍‌ର କରୋନା ଟିକା କୋଭାକ୍ସିନର ପିଲାଙ୍କ ଉପରେ ଟ୍ରାଏଲ ପ୍ରକ୍ରିୟା ଜାରି ରହିଛି। ସେପ୍ଟେମ୍ବର ସୁଦ୍ଧା ଫଳାଫଳ ଆସିଯିବ ଏବଂ ପିଲାଙ୍କ ଟିକାକରଣ ଆରମ୍ଭ ହୋଇପାରେ ବୋଲି ଏମ୍‌ସ ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ କହିଛନ୍ତି। ଆସନ୍ତା ସପ୍ତାହରେ କୋଭାକ୍ସିନର ଦ୍ୱିତୀୟ ଡୋଜ ୨-୬ ବର୍ଷର ପିଲାଙ୍କ ଉପରେ ପରୀକ୍ଷଣ କରାଯିବ। ସେହିପରି ଦିଲ୍ଲୀ ଏମସ୍‌ରେ ୬-୧୨ ବର୍ଷ ବୟସ ବର୍ଗଙ୍କୁ କୋଭାକ୍ସିନର ଦ୍ୱିତୀୟ ଡୋଜ ଦିଆଯାଇଛି। ସେପ୍ଟେମ୍ବର ସୁଦ୍ଧା ପିଲାଙ୍କ ପାଇଁ କରୋନା ଟିକା ଉପଲବ୍ଧ ହେବ ବୋଲି ପୂର୍ବରୁ ଗୁଲେରିଆ କହିଥିଲେ। କୋଭାକ୍ସିନ ବ୍ୟତୀତ ଜାଇଡସ୍ କାଡିଲା ପକ୍ଷରୁ ମଧ୍ୟ ପିଲାଙ୍କ ଉପରେ କରୋନା ଟିକା ପରୀକ୍ଷଣ ଚାଲିଛି। ମେ’ ୧୨ରେ ଭାରତ ବାୟୋଟେକ୍‌କୁ ୨ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ପିଲାଙ୍କ ଉପରେ କୋଭାକ୍ସିନର ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ଟ୍ରାଏଲ ପାଇଁ ଡିସିଜିଆଇ ଅନୁମତି ଦେଇଥିଲା। ଜୁନ୍ ୭ରେ ଦିଲ୍ଲୀ ଏମ୍‌ସ ଭାକ୍ସିନ୍ ଟ୍ରାଏଲ ପାଇଁ ୨-୧୭ ବର୍ଷର ପିଲାଙ୍କୁ ସ୍କ୍ରିନିଂ କରିଥିଲା। ବୟସ ଅନୁସାରେ ବିଭିନ୍ନ ଗ୍ରୁପ୍ କରାଯାଇଛି। ପ୍ରତି ବୟସ ବର୍ଗର ୧୭୫ ପିଲାଙ୍କୁ ଟ୍ରାଏଲ ପାଇଁ ସାମିଲ କରାଯାଇଛି।


ଡା. ରଣଦୀପ ଗୁଲେରିଆ

## ପାଣିରେ ବୁଡ଼ି ୨.୩୬ ଲକ୍ଷ ଜୀବନ ଯାଉଛି

**ଜେନେଭା, ୨୪।୭**

- ୧୦ ବର୍ଷରେ ୨୦ ଲକ୍ଷଙ୍କ ମୃତ୍ୟୁ
- ୱାର୍ଲ୍ଡ ଡ୍ରାଉନିଂ ପ୍ରିଭେନ୍ସନ ଡେ

ଗତ ଦଶନ୍ଧିରେ ପାଣିରେ ବୁଡ଼ି ବିଶ୍ୱର ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ଏଥିଯୋଗୁ ପ୍ରତିବର୍ଷ ଅତିକମ୍‌ରେ ୨,୩୬,୦୦୦ଜଣଙ୍କ ଜୀବନ ଯାଉଛି। ଏହି ସଂଖ୍ୟା ଅପପୁଷ୍ଟିଜନିତ ମୃତ୍ୟୁଠାରୁ ମଧ୍ୟ ଅଧିକ। ଜୁଲାଇ ୨୫ରେ ପ୍ରଥମ ୱାର୍ଲ୍ଡ ଡ୍ରାଉନିଂ ପ୍ରିଭେନ୍ସନ ଡେ’ ବା ପାଣିରେ ବୁଡ଼ି ମୃତ୍ୟୁ ପ୍ରତିରୋଧ ଦିବସ ଅବ୍ୟବହିତ ପୂର୍ବରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ଶୁକ୍ରବାର ଏହି ତଥ୍ୟ ପ୍ରକାଶ କରିଛି।

ରିପୋର୍ଟ ଅନୁସାରେ, ୧ରୁ ୨୪ ବର୍ଷ ବୟସ ବର୍ଗଙ୍କ ମୃତ୍ୟୁର ପ୍ରମୁଖ ୧୦ କାରଣ ମଧ୍ୟରୁ ପାଣିରେ ବୁଡ଼ି ମୃତ୍ୟୁ ରହିଛି। ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ଦେଶଗୁଡ଼ିକରେ ଏଭଳି ଘଟଣା ଅଧିକ। ସେଥିମଧ୍ୟରୁ ୯୦ ପ୍ରତିଶତ ନଦୀ, ହ୍ରଦ, କୂଅ ଆଦିରେ ବୁଡ଼ି ପ୍ରାଣ ହରାଉଛନ୍ତି। ମୋଟ ମୃତ୍ୟୁର ଅଧାରୁ ଅଧିକ ମାମଲା ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଏବଂ ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳରେ ରହିଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ପ୍ରତି ଲକ୍ଷେରେ ପଶ୍ଚିମ ପ୍ରଶାନ୍ତ ମହାସାରଗରୀୟ ଅଞ୍ଚଳରେ ମୃତ୍ୟୁସଂଖ୍ୟା ସର୍ବାଧିକ ଥିବାବେଳେ ଏହା ପଛକୁ ଆଫ୍ରିକୀୟ ଅଞ୍ଚଳ ରହିଛି। ଏପରିସ୍ଥିତିରେ ପ୍ରଥମ ୱାର୍ଲ୍ଡଡ୍ରାଉନିଂ ପ୍ରିଭେନ୍ସନ୍‌ଡେ’ ପାଳନ କରାଯିବା ସ୍ୱାଗତଯୋଗ୍ୟ ଯୋଜନା ବୋଲି ଡବ୍ଲ୍ୟୁଏଚ୍‌ଓର ସାମାଜିକ ସ୍ୱାସ୍ଥ୍ୟ ନିର୍ଣ୍ଣୟକାରୀ ବିଭାଗ ନିର୍ଦ୍ଦେଶକ ଏଟିଏନେ କର୍ଗ କହିଛନ୍ତି। ଫଳରେ ସରକାରୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଏହି ମୃତ୍ୟୁସଂଖ୍ୟା ହ୍ରାସ ଦିଗରେ ପଦକ୍ଷେପ ନିଆଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି।



# ମହାରାଷ୍ଟ୍ର ବନ୍ୟା, ଭୂସ୍ଖଳନ ମୃତ୍ୟୁସଂଖ୍ୟା ୧୩୮

**ମୁମ୍ବାଇ, ୨୪।୭**

ମହାରାଷ୍ଟ୍ରରେ ଲଗାଣ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧୩୮କୁ ବୃଦ୍ଧି ପାଇଛି। ବହୁ କୋଠାଘର ଏବଂ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଖାଲୁଆ ଅଞ୍ଚଳରୁ ପାଖାପାଖି ୯୦ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୭୬ ଜଣଙ୍କ ମୃତ୍ୟୁ ଘଟିଥିବା ରାଜ୍ୟ ସରକାର ସୂଚନା ଦେଉଥିବାବେଳେ ୧୩୮ ଜଣଙ୍କ ମୃତ୍ୟୁ ହେବା ସହ ୫୯ ନିଖୋଜ ଥିବା ରିଲିଫ୍ ଓ ପୁନର୍ବାସ ମନ୍ତ୍ରୀ ବିଜୟ ୱାଡେଟ୍ଟିୱାର କହିଛନ୍ତି।

ପ୍ରବଳ ବର୍ଷା ଯୋଗୁ ରାଇଗଡ଼, ରତ୍ନଗିରି, ପାଲଘର, ଠାଣେ, ସିନ୍ଧୁଦୁର୍ଗ, କୋହ୍ଲାପୁର, ସାଙ୍ଗଲି, ସତାରା ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ପାଗ ଖରାପ ଥିବାରୁ ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଛି। କୋହ୍ଲାପୁରରୁ ୪୦,୮୮୨ ଜଣ ଏବଂ ସାଙ୍ଗଲିରୁ ୪୨,୫୭୩ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। କେବଳ ରାଇଗଡ଼ ଜିଲାରେ ୪୭ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁବାର ଭୂସ୍ଖଳନରେ ତାଲିୟେ ଗ୍ରାମରେ ୩୭ ଜଣଙ୍କ ମୃତ୍ୟୁ ହେବା ସହ ବହୁସଂଖ୍ୟାରେ ଘର ଭାଙ୍ଗିଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ରାଇଗଡ଼ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ଘରଦ୍ୱାର ହରାଇଥିବା ଗ୍ରାମବାସୀମାନଙ୍କୁ ଅନ୍ୟତ୍ର ଥଇଥାନ କରିବା ସହ ସେମାନଙ୍କ ଘର ପୁନଃନିର୍ମାଣ ଲାଗି ସେ ପ୍ରତିଶ୍ରୁତି ଦେଇଛନ୍ତି। ବନ୍ୟା, ଭୂସ୍ଖଳନରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରାଯାଇଛି। ଏଥିସହିତ ଆହତମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



କୋହ୍ଲାପୁରରେ ଏନ୍‌ଡିଆର୍‌ଏଫ୍ ଯବାନମାନେ ବନ୍ୟାପାଣି ଘେରରୁ ଲୋକଙ୍କୁ ଉଦ୍ଧାର କରୁଛନ୍ତି।

- ୯୦ ହଜାର ଲୋକ ସ୍ଥାନାନ୍ତର
- ସ୍ଥିତି ସମୀକ୍ଷା କଲେ ଉଦ୍ଧବ

### ଉଦ୍ଧାର କାର୍ଯ୍ୟରେ ୩୪ ଏନ୍‌ଡିଆର୍‌ଏଫ୍ ଟିମ୍

ମହାରାଷ୍ଟ୍ରରେ ବନ୍ୟା ସ୍ଥିତି ସଙ୍ଗିନ୍ ରହିଥିବାବେଳେ ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୩୪ଟି ଟିମ୍‌କୁ ନିୟୋଜିତ କରାଯାଇଛି। ଏହି ଟିମ୍‌ଗୁଡ଼ିକ ମୁମ୍ବାଇ, ରତ୍ନଗିରି, ଠାଣେ, ପାଲଘର, ରାଇଗଡ଼, ସତାରା, ସାଙ୍ଗ୍‌ଲି, ସିନ୍ଧୁଦୁର୍ଗ, କୋହ୍ଲାପୁର, ପୁଣେ ଏବଂ ନାଗପୁରରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଚଳାଇଛନ୍ତି। ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି କୋଲକାତା ଏବଂ ବଡୋଦରାରୁ ଆଉ ୮ଟି ଟିମ୍‌କୁ ବିମାନରେ ଅଣାଯାଇଥିଲା। ସେମାନେ ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି। ଏନ୍‌ଡିଆର୍‌ଏଫ୍ ଟିମ୍ ଏପର୍ଯ୍ୟନ୍ତ ପାଣିଘେରରେ ଥିବା ୧,୮୦୦ ଲୋକଙ୍କୁ ଉଦ୍ଧାର କରିବା ସହ ୮୭ ଜଣଙ୍କୁ ନିରାପଦ ସ୍ଥାନକୁ ନେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୪୨,୭୦,୩୦୫ | ୪୧,୬୪,୦୮୩ | ୧୭,୬୩,୦୭,୭୪୧ |
| ଭାରତ | ୩,୧୩,୪୧,୫୦୭ | ୪,୨୦,୧୯୬ | ୩,୦୫,୦୪,୭୪୭ |
| ଓଡ଼ିଶା | ୯,୬୫,୭୧୫ | ୫୪୪୫(+୫୩) | ୯,୪୩,୦୬୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଚୂଡ଼ାନ୍ତ ଅପେକ୍ଷାରେ ସଂଶୋଧିତ ନଦୀ ନୀତି

## ୨୦୫୧ ବେଳକୁ ସୃଷ୍ଟି ହୋଇପାରେ ଜଳ ସଙ୍କଟ

- ସମୁଦ୍ରକୁ ବୋହିଯାଉଛି ଅଧା ପାଣି
- ୧୧ ବଡ଼ ନଦୀରୁ ଚାଲିଯାଉଛି ୫୦,୬୪୫.୯୧ ବିସିଏମ୍ ଜଳ



ଭୁବନେଶ୍ୱର,୨୪।୭(ବ୍ୟୁରୋ)

କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଅନେକ ସମୟରେ ଉତ୍କଟ ଜଳାଭାବ ଦେଖାଦେଉଛି। ନଦୀଗୁଡ଼ିକ ଉପରେ ପାନୀୟ ଜଳ ପାଇଁ ନିର୍ଭର କରୁଥିବା ସହରଗୁଡ଼ିକ ଆସନ୍ତା ୩୦ ବର୍ଷ ମଧ୍ୟରେ ଭୟଙ୍କର ଜଳ ସଙ୍କଟର ସମ୍ମୁଖୀନ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଯେଉଁ ହାରରେ ଜନସଂଖ୍ୟା ବଢ଼ିଚାଲିଛି କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ସହରକୁ ପାନୀୟ ଜଳ ଯୋଗାଇବା କାଠିକର ପାଠ ହୋଇଯିବ। ଜଳସମ୍ପଦ ବିଭାଗ ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ରାଜ୍ୟର ପ୍ରମୁଖ ନଦୀର ଜଳଧାରଣ କ୍ଷମତା ୧୨୦.୩୯୭ ବିଲିୟନ କ୍ୟୁବିକ ମିଟର (ବିସିଏମ୍) ଥିବା ବେଳେ ୨୦୫୧ ବେଳକୁ ଏହା ୧୦୮.୧୧୩ ବିସିଏମ୍‌କୁ ଖସିଆସିବ। ନଦୀ ଜଳ ପ୍ରବାହ ହ୍ରାସକୁ ନେଇ ସୁପ୍ରିମକୋର୍ଟ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି।

ରାଜ୍ୟରେ ବୋହି ଯାଉଥିବା ନଦୀଜଳକୁ ରୋକାଯାଇ ପାରୁନାହିଁ। ଅଧାରୁ ଅଧିକ ପାଣି ସମୁଦ୍ରକୁ ଚାଲିଯାଉଛି। ଜଳବାୟୁ ପରିବର୍ତ୍ତନ ଓ ଅନ୍ୟାନ୍ୟ କାରଣରୁ ଅଧିକାଂଶ ନଦୀରେ ଜଳ ପ୍ରବାହ ହ୍ରାସ ପାଇଗଲାଣି। ଏପରିକି ଅନେକ ନଦୀ ବର୍ଷାଦିନରେ ମଧ୍ୟ ଶୁଖିଲା ପଡୁଛି। ୨୦୫୧ ବେଳକୁ ରାଜ୍ୟରେ ଉତ୍କଟ ପାନୀୟ ଜଳ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ଜଳ ସଂରକ୍ଷଣ ନ କଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବା ନେଇ ପରିବେଶବିତ୍ ଚେତାବନୀ ଦେଲେଣି।

ଏଭଳି ସ୍ଥିତିରେ ପୋତି ହୋଇ ପଡୁଥିବା ନଦୀଗୁଡ଼ିକୁ ବଞ୍ଚାଇ ରଖିବା ସହ ପାନୀୟ ଜଳ ଓ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଜଳ ସଞ୍ଚୟ କରିବା ସକାଶେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂଆ ସଂଶୋଧିତ ନଦୀ ନୀତି(ରିଭର ପଲିସି) ଆଣିବାକୁ ଯାଉଛନ୍ତି। ଏ ନେଇ ୨୦୧୯ରେ ଏକ ଚିଠା ନୀତି ପ୍ରସ୍ତୁତ ମଧ୍ୟ ହୋଇ ସାରିଛି। ଏଥିରେ ରାଜ୍ୟର ନଦୀଗଡ଼ିକର ସ୍ଥିତିକୁ ପରଖା ଯିବା ସହ ଜଳ ପ୍ରବାହ ଓ ଏହାର ଜଳଧାରଣ କ୍ଷମତାକୁ ଆକଳନ କରାଯିବ। ଏଥିସହ ନଦୀର ଜୈବବିବିଧତା ଓ ଉଭୟ ପାର୍ଶ୍ୱରେ ଥିବା ଜନବସତିଗୁଡ଼ିକର ଜୀବିକାକୁ ମଧ୍ୟ ଧ୍ୟାନ ଦିଆଯିବ। ପରିବେଶ ଆଇନ ଅନୁଯାୟୀ ନଦୀରେ କେତେ ଜଳ ପ୍ରବାହ ହେଉଛି ଓ ଏହା ଉପରେ ନିର୍ଭର କରୁଥିବା ଜୀବଜନ୍ତୁ ଓ ବୃକ୍ଷଲତାଗୁଡ଼ିକ ଉପରେ ଜଳବାୟୁ ପରିବର୍ତ୍ତନର କି ପ୍ରଭାବ ପଡୁଛି, କେଉଁ ସମୟରେ କେତେ ଜଳ ପ୍ରବାହିତ ହେଉଛି ସେସବୁକୁ ନେଇ ରାଜ୍ୟ ସରକାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ ଏକ ଦୀର୍ଘମିଆଦୀ ଯୋଜନା କରିଥିଲେ। ତେବେ ତାହା ଏବେ ସରକାରୀ ନାଲିଫିତା ତଳେ ରହିଛି। ଅପରପକ୍ଷରେ ଏନେଇ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ ସାମଲ କହିଛନ୍ତି ଯେ ଭାର୍ଗବୀ, ଦୟା, କୁଶଭଦ୍ରା, ଋଷିକୁଲ୍ୟା, ତେଲ୍ ଇତ୍ୟାଦି ବିଭିନ୍ନ ନଦୀରେ ବନ୍ୟାଜଳକୁ ସଂରକ୍ଷଣ କରିବା ପାଇଁ ସର୍ଭେ ଚାଲିଛି। କେତେକ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ମଧ୍ୟ ଟେଣ୍ଡର ହୋଇ ସାରିଲାଣି। ବର୍ଷାଦିନ ପରେ ନଦୀରେ କିପରି ଜଳ ରହିପାରିବ ସେ ନେଇ ବ୍ୟାରେଜ ମାଧ୍ୟମରେ ଜଳ ସଂରକ୍ଷଣ କରାଯିବ।

ରାଜ୍ୟରେ ବଡ଼ ନଦୀ ସମେତ ଶାଖା ଓ ଉପନଦୀକୁ ମିଶାଇ ପ୍ରାୟ ୩୩ଟି ନଦୀ ବିଭିନ୍ନ ଜିଲା ଦେଇ ପ୍ରବାହିତ ହେଉଛି। ତେବେ ସେଥିରୁ ୧୧ଟି ବଡ଼ ନଦୀ ରହିଛି। ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ବଂଶଧାରା, ବୁଢ଼ାବଳଙ୍ଗ, କୋଲାବ, ଇନ୍ଦ୍ରାବତୀ, ବାହୁଦା, ନାଗାବଳୀ ଏବଂ ସୁବର୍ଣ୍ଣରେଖା ନଦୀର ୯୫,୫୪୦ ବିସିଏମ୍ ଜଳଧାରଣ କ୍ଷମତା ରହିଛି। ସେଥିରୁ ୨୧,୭୯୩.୧୯ ବିସିଏମ୍ ଜଳ ଚାଷ ପାଇଁ ବ୍ୟବହାର କରାଯାଉଥିବା ବେଳେ ପାନୀୟ ଓ ଦୈନନ୍ଦିନ ବ୍ୟବହାର ପାଇଁ ୨୮୩.୯୫, ଶିଳ୍ପ ପାଇଁ ୨୨୭୫.୮୫ ଏବଂ ପରିବେଶ ପାଇଁ ୨୦,୫୪୧.୧୦ ବିସିଏମ୍ ଜଳ ଉପଯୋଗ ହେଉଥିବା ସର୍ଭେରୁ ଜଣାପଡିଛି। ଏସବୁ ସତ୍ତ୍ୱେ ନଦୀର ଆହୁରି ୫୦,୬୪୫.୯୧ ବିଲିୟନ କ୍ୟୁବିକ୍ ମିଟର ଜଳ ବଳକା ରହୁଛି। ତେବେ ସେହି ଜଳକୁ ରୋକିବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ତାହା ସିଧାସଳଖ ସମୁଦ୍ରକୁ ଚାଲି ଯାଉଛି। ମହାନଦୀରୁ ୨୫,୯୪୦.୨୮, ବ୍ରାହ୍ମଣୀରୁ ୭୮୧୯.୭୧, ବୈତରଣୀରୁ ୨୨୧୫.୮୦, ବଂଶଧାରାରୁ ୨୪୬୮.୪୭, ବୁଢ଼ାବଳଙ୍ଗରୁ ୧୬୬୮.୦୪, କୋଲାବରୁ ୪୬୯୯.୮୧, ଇନ୍ଦ୍ରାବତୀରୁ ୨୦୩୮.୬୭, ନାଗାବଳୀରୁ ୧୬୧୪.୮୧ ଏବଂ ସୁବର୍ଣ୍ଣରେଖା ନଦୀରୁ ୧୪୫୧.୫୯ ବିସିଏମ୍ ଜଳ ସମୁଦ୍ରକୁ ଚାଲିଯାଉଛି।

# ବିଦେଶରେ ଟିକା ନେଇଥିବା ଭାରତୀୟ ନାଗରିକ ଓଡ଼ିଶାରେ ଦ୍ୱିତୀୟ ଡୋଜ୍ ନେଇପାରିବେ

ଭୁବନେଶ୍ୱର, ୨୪।୭(ବ୍ୟୁରୋ)

ଦେଶ ବାହାରେ କୋଭିଶିଲ୍ଡ କିମ୍ବା ଆଷ୍ଟ୍ରାଜେନିକା କରୋନା ଟିକାର ପ୍ରଥମ ଡୋଜ୍ ନେଇଥିବା ଯେ କୌଣସି ଭାରତୀୟ ନାଗରିକ ଓଡ଼ିଶାରେ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ନେଇପାରିବେ। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ପ୍ରଥମ ଡୋଜ୍ ଗ୍ରହଣ କରିବାର ୧୨-୧୬ ସପ୍ତାହ ମଧ୍ୟରେ ଉକ୍ତ ନାଗରିକଙ୍କୁ ଟିକା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତି ଓଡ଼ିଶାରେ ଟିକାକରଣର ଦ୍ୱିତୀୟ ଡୋଜ୍ ନେବା ପୂର୍ବରୁ କୋୱିନ୍ ଆପ୍‌ରେ ପଞ୍ଜୀକରଣ କରିବେ ଓ ସେହି ଆପ୍‌ରେ ପ୍ରଥମ ଡୋଜ୍‌ର ବିବରଣୀ ତଥ୍ୟ ଦାଖଲ କରାଯିବ।

# ଲାଗିଲା ପୋଷ୍ଟର, ପରିଚୟ ଦେଲେ ପୁରସ୍କାର

## କୁଆଖାଇ ପଠାରୁ ଯୁବକଙ୍କ ମୃତଦେହ ଜବତ ଘଟଣା




**ଭୁବନେଶ୍ୱର,୨୪।୭(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବରିମୁଣ୍ଡ ନିକଟ କୁଆଖାଇ ନଦୀପଠା ବାଲିରେ ପୋତା ହୋଇଥିବା ଯୁବକଙ୍କ ମୃତଦେହ ଜବତ ଘଟଣାକୁ ଇତିମଧ୍ୟରେ ୩ଦିନ ବିତିଛି। ପୋଲିସ ଏ ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ପାଇପାରି ନ ଥିବାରୁ ତଦନ୍ତରେ ସେଭଳି କିଛି ଅଗ୍ରଗତି ହୋଇପାରୁନାହିଁ। ଏପରିସ୍ଥଳେ ପରିଚୟ ପାଇବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି। ଶନିବାର ରାଜଧାନୀର ବିଭିନ୍ନ ବସ୍ତି ଅଞ୍ଚଳରେ ପଚରଉଚରା କରିଛି। ଏଥିସହିତ ମୃତଦେହ ଓ ଘଟଣାସ୍ଥଳରୁ ମିଳିଥିବା ପୋଷାକ, ଚପଲ ଆଦିର ଏକ ପୋଷ୍ଟର ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ଲଗାଇଛି। ସହରର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ଅଫିସ, ବସ୍ ଷ୍ଟାଣ୍ଡ, ଷ୍ଟେଶନ ଆଦି ୧୦୦ଟି ପୋଷ୍ଟର ଲଗାଯାଇଛି। ସେଥିରେ ମଧ୍ୟ ଫୋନ୍ ନମ୍ବର ଦିଆଯାଇଛି। କେହି ମୃତକଙ୍କ ସମ୍ପର୍କରେ ସୂଚନା ପାଇଲେ ଉକ୍ତ ନମ୍ବରରେ କଲ୍ କରି ଜଣାଇବାକୁ କମିଶନରେଟ୍ ପୋଲିସ ନିବେଦନ କରିଛି। ଏଥିସହିତ ପରିଚୟ ଦେଇଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯିବା ସହ ତାଙ୍କୁ ପୁରସ୍କାର ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଭିସେରା ରିପୋର୍ଟକୁ ଅପେକ୍ଷା କରିଛି। ଏହା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତ ୨୨ ତାରିଖରେ ନଦୀପଠାର ଏକ ସ୍ଥାନରେ ବାଲିରେ ପୋତା ହୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା।

# ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା



ଉତ୍ତ୍ୟକ୍ତ ଗ୍ରାମବାସୀ ଅନୁଗୋଳ-ଆଠଗଡ଼ ରାସ୍ତା ଅବରୋଧ କରିଛନ୍ତି।

- ଖଜୁରି ବୁଦାମୂଳରୁ ମୃତଦେହ ଜବତ, ୪ ଅଟକ
- ଉତ୍ତ୍ୟକ୍ତ ଲୋକଙ୍କ ୩ ଘଣ୍ଟା ରାସ୍ତା ଅବରୋଧ
- ଘଟଣାସ୍ଥଳରେ ଏସ୍‌ପି, ଅତିରିକ୍ତ ଏସ୍‌ପିଙ୍କ ତଦନ୍ତ

ଅନୁଗୋଳ ଅଫିସ, ୨୪।୭

ଅନୁଗୋଳ ଜିଲା ବଅଁରପାଳ ଥାନା ମହୀଧରପୁର ଫାଣ୍ଡି ଅଞ୍ଚଳର ଜଣେ ୨୧ ବର୍ଷୀୟା କଲେଜ ପଢୁଆ ଛାତ୍ରୀଙ୍କୁ ଶନିବାର ବଳାତ୍କାର ପରେ ଶ୍ୱାସରୁଦ୍ଧ କରି ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତ ଯୁବତୀଙ୍କ ବିବସ୍ତ୍ର ମୃତଦେହ ଗୋଡ଼ ବନ୍ଧାଯାଇଥିବା ଅବସ୍ଥାରେ ଖଜୁରି ବୁଦାମୂଳରୁ ଜବତ ହୋଇଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ୪ ଜଣଙ୍କୁ ଅଟକ ରଖିଛି। ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସେମାନେ ୩ଘଣ୍ଟା ଧରି ଅନୁଗୋଳ-ଆଠଗଡ଼ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏସ୍‌ପି, ଅତିରିକ୍ତ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଇବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଅଭିଯୋଗ ଅନୁଯାୟୀ, ଛାତ୍ରୀଜଣକ ଅନୁଗୋଳ କଲେଜରେ ଯୁକ୍ତ ୩ ଶେଷ ବର୍ଷରେ ପଢୁଥିଲେ। ଶନିବାର ପୂର୍ବାହ୍ନ ୮ଟାରେ ସେ ଘର ପାଖ ନାଳକୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପୂର୍ବାହ୍ନ ୧୦ଟାରେ ପରିବାର ଲୋକେ ତାଙ୍କୁ ଖୋଜିବା ଆରମ୍ଭ କରିଥିଲେ। ପ୍ରାୟ ଦୁଇ ଘଣ୍ଟା ପରେ ନାଳ ନିକଟରେ ଥିବା ଏକ ଖଜୁରି ବୁଦାମୂଳରୁ ତାଳପତ୍ର ଘୋଡ଼ାଯାଇଥିବା ଅବସ୍ଥାରେ ତାଙ୍କ ମୃତଦେହ ଠାବ କରାଯାଇଥିଲା। ତାଙ୍କ ଶରୀରରେ ବସ୍ତ୍ର ନ ଥିବାବେଳେ ଗୋଡ଼ ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାମବାସୀଙ୍କ ସନ୍ଦେହ ଆଧାରରେ ୪ ଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚୁରା ଚଳାଇଛି।

ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଗ୍ରାମବାସୀ ଅନୁଗୋଳ-ଆଠଗଡ଼ ରାଜ୍ୟ ରାଜପଥ ଅବରୋଧ କରିଥିଲେ। କେତେଜଣ ଗ୍ରାମବାସୀ କହିଛନ୍ତି, ଗ୍ରାମର କେତେଜଣ ଯୁବକ ଗାଧୁଆ ତୁଠରେ ମହିଳା, ଯୁବତୀମାନଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିଲେ। ସେମାନଙ୍କୁ ପୂର୍ବରୁ ତାଗିଦ୍ କରାଯାଇଥିଲା। ହେଲେ ଏଭଳି ଘଟଣା ଘଟିଯିବା କଳ୍ପନା ବାହାରେ ବୋଲି ସେମାନେ କହିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏସ୍‌ପି ଜଗମୋହନ ମୀନା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଏସ୍‌ପି ପ୍ରସନ୍ନ ବିଶ୍ୱାଳ, ବଅଁରପାଳ ଥାନାଧିକାରୀ ନରେଶ ସାହୁ, ଅନୁଗୋଳ ଥାନାଧିକାରୀ ରମେଶ ଚନ୍ଦ୍ର ବିଶୋଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଏସ୍‌ପି ବିଶ୍ୱାଳ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ମୃତ ଯୁବତୀଙ୍କ ବାପାଙ୍କ ଅଭିଯୋଗକ୍ରମେ ବଅଁରପାଳ ଥାନାରେ ଏକ ମାମଲା (ନଂ. ୨୪୨/୨୧) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କ ନିକଟତର ହୋଇଛି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡ ଉପରୁ ପରଦା ଉଠିବ।

### ଅଧୁରା ରହିଗଲା ସ୍ୱପ୍ନ

ପାଠ ପଢ଼ିବେ। ପୋଲିସ ବିଭାଗରେ ଚାକିରି କରିବେ। ଏଭଳି କିଛି ଲକ୍ଷ୍ୟ ନେଇ ଆଗକୁ ବଢୁଥିଲେ ମେଧାବୀ ଛାତ୍ରୀ ଜଣକ। ହେଲେ ସବୁ ସ୍ୱପ୍ନ ଧୂଳିସାତ୍ ହୋଇଗଲା ବୋଲି କୋହଭରା କଣ୍ଠରେ କହିଛନ୍ତି ପରିବାର ଲୋକେ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ମୃତ ଯୁବତୀଙ୍କ ବାପା ଦାବି କରିଛନ୍ତି।




ଟୋକିଓ ଅଲିମ୍ପିକ୍ସରେ ଶନିବାର ଭାରତର ମୀରାବାଇ ଚାନୁ ରୌପ୍ୟ ପଦକ ହାସଲ ପରେ ତାଙ୍କୁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ପୋଲିସ ଅଧିକାରୀଙ୍କ ତଥ୍ୟ ଦେବା ପାଇଁ ଗୃହ ବିଭାଗକୁ ନିର୍ଦ୍ଦେଶ

## ମାଓବାଦୀ ସନ୍ଦେହରେ ମହିଳା ଆଇନଜୀବୀଙ୍କୁ ଜେଲ ମାମଲା

**କଟକ ଅଫିସ,୨୪।୭:** ମାଓବାଦୀ ସନ୍ଦେହରେ ମହିଳା ଆଇନଜୀବୀଙ୍କୁ ଜେଲ୍ ମାମଲାରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ତଥ୍ୟ ଦେବାକୁ ଗୃହ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ମିଳିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ୨୦୦୮ ଅଗଷ୍ଟ ୧୨ରେ ମାଓବାଦୀ ସନ୍ଦେହରେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ପ୍ରତିମା ଦାସଙ୍କୁ ଜେଲ୍ ହୋଇଥିଲା। ତାଙ୍କୁ ଦୁଇଟି ମାମଲାରେ ସମ୍ପୃକ୍ତ କରାଇ ଜେଲ୍ ପଠାଇ ଦିଆଯାଇଥିଲା। ସେ ୨ବର୍ଷ ୩ ମାସ ୪ ଦିନ ସଜା କାଟିବା ପରେ ନିର୍ଦ୍ଦୋଶରେ ଖଲାସ ହୋଇଥିଲେ। ଏନେଇ ସେ ୨୦୧୧ରେ ହାଇକୋର୍ଟରେ ଏକ ପିଟିଶନ ଦାଏର କରି ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ।


BADRIPRASAD Group of Institutions
Affiliated to SCTE & VT and DTE & T, Odisha. Approved by AICTE(India), New Delhi
Approved by Govt of Odisha and affiliated to Sambalpur University
Admission Open -2021
Choose Your Career In
Diploma Engineering
Available Branches
Mechanical | ELECTRICAL | CIVIL | ELECTRONICS AND TELECOMMUNICATION
Sambalpur: Diploma Engineering, BBA, BCA, B.Sc, B.Com, BA
Bargarh: GNM, BSC(N)
ADMISSION OPEN
9238400140, 9853435210, 7008981857 Sambalpur — At-Debaipali, Majhipali Chowk, Po-Sason, Dist-Sambalpur, Pin-768200
9861599299, 8093798113, 9668822600 Bargarh — Badriprasad, Jaiprakash, Infront of Hotel Ganapathi, Bargarh


# ପଶ୍ଚିମ ଓଡ଼ିଶାକୁ ସାବତପୁଅ ଭଳି ବ୍ୟବହାର କରୁଛନ୍ତି ରାଜ୍ୟ ସରକାର: ଭାଜପା

## ଜୁଲାଇ ୨୮ରୁ ପଶ୍ଚିମ ଓଡ଼ିଶାର ସଦର ମହାକୁମାରେ ବିକ୍ଷୋଭ

ଭୁବନେଶ୍ୱର,୨୪।୭(ବ୍ୟୁରୋ)

ପଶ୍ଚିମ ଓଡ଼ିଶାକୁ ସବୁ କ୍ଷେତ୍ରରେ ରାଜ୍ୟ ସରକାର ବାରମ୍ବାର ଅବହେଳା କରି ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ଭାରତୀୟ ଜନତା ପାର୍ଟି ପଶ୍ଚିମ ଓଡ଼ିଶାରେ ମଧ୍ୟ ଆନ୍ଦୋଳନ କରିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଲୋକଙ୍କୁ ଘର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାରେ ପକ୍କା ଘର ମିଳିଲା ନାହିଁ ବୋଲି ଭାଜପା ବିଧାୟକ ନାଉରୀ ନାଏକ ଅଭିଯୋଗ କରିଛନ୍ତି। କରୋନାର ଦ୍ୱିତୀୟ ଲହରରେ ପଶ୍ଚିମ ଓଡ଼ିଶାର ସବୁଠାରୁ ବେଶି କ୍ଷତି ହୋଇଛି। ଗୋଟିଏ ପଟେ ତୃତୀୟ ଲହର ପାଇଁ ଆମେ ପ୍ରସ୍ତୁତ ଅଛୁ କହି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଯେଉଁ ତଥ୍ୟ ବାରମ୍ବାର କହୁଛନ୍ତି ସେଥିରେ କୌଣସି ବାସ୍ତବତା ନାହିଁ। ପଶ୍ଚିମ ଓଡ଼ିଶାକୁ ରାଜ୍ୟ ସରକାର ସାବତପୁଅ ଭଳି ବ୍ୟବହାର କରିଛନ୍ତି ବୋଲି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ସମ୍ପୂର୍ଣ୍ଣ ପଶ୍ଚିମ ଓଡ଼ିଶାର ଲୋକ ତଥା ପଶ୍ଚିମ ଓଡ଼ିଶାକୁ ଲାଗିଥିବା ଛତିଶଗଡ଼ର ଲୋକ ମଧ୍ୟ ସମ୍ବଲପୁରର ପ୍ରାଣକେନ୍ଦ୍ର ଭିମସାର୍ ମେଡିକାଲ କଲେଜ ଉପରେ ନିର୍ଭର କରନ୍ତି। କିନ୍ତୁ ଏଠାରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଏଣ୍ଡୋକ୍ରାଇନୋଲୋଜି, ଜିଆଇ ସର୍ଜରୀ,ନେଫ୍ରୋଲୋଜି ଡିପାର୍ଟମେଣ୍ଟରେ ବିଭାଗୀୟ ଡାକ୍ତର ନାହାନ୍ତି। ଯଦି କଟକ ବଡ଼ ମେଡିକାଲରେ ଏକ୍‌ମୋ ମେଶିନ୍ ଲାଗିବ ତେବେ ଭିମ୍‌ସାରରେ କାହିଁକି ଲାଗିବନାହିଁ ବୋଲି ତ୍ରିପାଠୀ ପ୍ରଶ୍ନ କରିଛନ୍ତି। ଏଭଳି ଚରମ ଅବହେଳା ପ୍ରଦର୍ଶନକୁ ପଶ୍ଚିମ ଓଡ଼ିଶାବାସୀ ଆଦୌ ବରଦାସ୍ତ କରିବେ ନାହିଁ ବୋଲି ସେ କହିଛନ୍ତି। ଭିମ୍‌ସାରରେ ଏକ୍‌ମୋ ମେଶିନ ଲଗାଇବା ଦାବିରେ ଆସନ୍ତା ଜୁଲାଇ ୨୮ ତାରିଖରେ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲା ସଦର ମହକୁମାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ସେହିପରି ଅଗଷ୍ଟ ୨ତାରିଖରେ ଜିଲା ତରଫରୁ ଆରଡିସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ଧାରଣା ପ୍ରଦର୍ଶନ କରାଯିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ମୁକେଶ ମହାଲିଙ୍ଗ, ଶଙ୍କର ଓରାମ, ନିତ୍ୟାନନ୍ଦ ଗଣ୍ଡ, ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


www.pmfby.gov.in

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

UIN - IRDAN126P0001201617

(ଭାରତ ସରକାର, ଓଡିଶା ସରକାର ଓ ଏଗ୍ରୀକଲଚର ଇନ୍ସ୍ୟୁରାନସ କମ୍ପାନୀର ମିଳିତ ସହଯୋଗରେ କାର୍ଯ୍ୟକାରୀ)

| ଏ.ଆଇ.ସି ର ଅଧିକୃତ ଜିଲ୍ଲା | ବିଜ୍ଞପିତ ବୀମାଏକକ | ବିଜ୍ଞପିତ ଫସଲ |
|---|---|---|
| ଗଞ୍ଜାମ, କଳାହାଣ୍ଡି, ପୁରୀ ସୁବର୍ଣ୍ଣପୁର, ବାଲେଶ୍ୱର, ବଲାଙ୍ଗୀର ଢେଙ୍କାନାଳ, ମାଲକାନଗିରି ଓ ନୟାଗଡ | ୧. ଧାନ ଫସଲ ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ଏନ୍.ଏ.ସି. ଓ ମ୍ୟୁନିସିପାଲିଟି । ୨. ଅନ୍ୟ ଫସଲ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ । | ଧାନ, ଚିନାବାଦାମ, ମକା ହରଡ, ମାଣ୍ଡିଆ, କପା ହଳଦୀ ଓ ଅଦା |

ଖାଦ୍ୟ, ତୈଳବୀଜ ଓ ଡାଲି ଜାତୀୟ ଫସଲର ବୀମା ପାଇଁ ନିର୍ଦ୍ଧାରିତ ବୀମିତ ରାଶି ନିମନ୍ତେ କୃଷକଙ୍କ ସର୍ବାଧିକ ପ୍ରିମିୟମ ଦର :- ଖରିଫ ଋତୁ :- ୨.୦୦%
କପା, ହଳଦୀ ଓ ଅଦା ଫସଲ ପାଇଁ ନିର୍ଦ୍ଧାରିତ ବୀମିତ ରାଶି ନିମନ୍ତେ କୃଷକଙ୍କ ସର୍ବାଧିକ ପ୍ରିମିୟମ ଦର :- ୫%

ଅଧିକ ଜାଣିବା ପାଇଁ ଯୋଜନା ପ୍ରପତ୍ର, ରାଜ୍ୟ ସରକାରଙ୍କ ଅଧିସୂଚନାର ସନ୍ଦର୍ଭ ନିଅନ୍ତୁ କିମ୍ବା ବୀମା ପ୍ରତିନିଧି, ବୀମା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ବୀମାଭୁକ୍ତ ହେବା ପାଇଁ ଜିଲ୍ଲା କୃଷି ଅଧିକାରୀ, ବ୍ୟାଙ୍କ ଶାଖା, ସମବାୟ ସମିତି, ଜନସେବା କେନ୍ଦ୍ର (CSC), ଅଧିକୃତ ବୀମା ଦଲାଲ (Broker), ଭାରତ ସରକାରଙ୍କ ପି.ଏମ୍.ଏଫ୍.ବି.ୱାଇ ପୋର୍ଟାଲ (www.pmfby.gov.in) କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ଖରିଫ ଫସଲ ପାଇଁ ବୀମା କରିବାର ଶେଷ ତାରିଖ ୩୧.୦୭.୨୦୨୧

HO/21-22/1A/12B

ବିଜ୍ଞାପନ ପାଇଁ ଭବିଷ୍ୟ ନିୟମ ଓ ସର୍ତ୍ତାବଳୀ ଲାଗୁ।

ଏଗ୍ରୀକଲଚର ଇନ୍ସ୍ୟୁରାନସ୍ କମ୍ପାନୀ ଅଫ ଇଣ୍ଡିଆ ଲିମିଟେଡ୍
एग्रीकल्चर इंश्योरेंस कम्पनी ऑफ इंडिया लिमिटेड
କ୍ଷେତ୍ରୀୟ କାର୍ଯ୍ୟାଳୟ :"ଦି ମଦର" (ପ୍ରଥମ ମହଲା) ପ୍ଲଟ୍ ନଂ-୮୭, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ ନଂ: ୦୬୭୪-୨୫୭୦୦୨୩, ଫ୍ୟାକ୍ସ ନଂ : ୦୬୭୪-୨୫୭୨୪୦୯, ଇ-ମେଲ : ro.bhubaneswar@aicofindia.com
ମୁଖ୍ୟ କାର୍ଯ୍ୟାଳୟ : ପ୍ଲେଟ-ବି ଓ ସି ପଞ୍ଚମ ମହଲା, ବ୍ଲକ-୧ । ପୂର୍ବ କିଦୱାଇ ନଗର, ନୂଆଦିଲ୍ଲୀ-୧୧୦୦୨୩ ଫୋନ୍-୯୧-୦୧୧-୨୪୬୦୪୪୪୪
ଇମେଲ୍ : aicho@aicofindia.com
aicofindialtd aicofindia aicofindia
कृषक यत्न रक्षणम् www.aicofindia.com
IRDAI Registration No. 126
ନିଃଶୁଳ୍କ ଫୋନ ନମ୍ବର ୧୮୦୦-୮୯୦-୪୧୮୧
CIN-U74999DL2002PLC118123
ସମ୍ପନ୍ନ ଭାରତର ପରିଚୟ, ବୀମିତ ଫସଲ ଖୁସି କୃଷକ

**ଆଜିର ମନ୍ତବ୍ୟ**

"ଲୋକଙ୍କ ଜୀବନ ବିପଦରେ ଥିବାବେଳେ ଟିକାକରଣ ଶେଷ ହେବାର ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ ହୋଇନି ବୋଲି କେନ୍ଦ୍ର ସରକାର କହିବା ଦୁର୍ଭାଗ୍ୟଜନକ। **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାରାଷ୍ଟ୍ରରେ ଜେଇଇ ପରୀକ୍ଷାର୍ଥୀଙ୍କୁ ମିଳିବ ଆଉ ଏକ ସୁଯୋଗ

**ନୂଆଦିଲ୍ଲୀ, ୨୪।୭**

ଜେଇଇ (ମେନ୍) ପରୀକ୍ଷା ଜୁଲାଇ ୨୦, ୨୨, ୨୫ ଏବଂ ୨୭ରେ ଦେଶ ତଥା ବିଦେଶରେ ୩୩୪ଟି ସହରରେ ହେଉଛି। ତେବେ ମହାରାଷ୍ଟ୍ରରେ ପ୍ରବଳ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଆଉ ଏକ ସୁଯୋଗ ଦେବାକୁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ନିଷ୍ପତ୍ତି ନେଇଛି। ରାଜ୍ୟର କୋହ୍ଲାପୁର, ପାଲଘର, ରତ୍ନଗିରି, ରାଇଗଡ଼, ସିନ୍ଧୁଦୁର୍ଗ, ସାଙ୍ଗ୍‌ଲି, ସତାରା ସହର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଯେଉଁମାନେ ପରୀକ୍ଷା ଦେବାର ଥିଲା ଓ ବର୍ଷା ଯୋଗୁ ପହଞ୍ଚି ପାରି ନାହାନ୍ତି, ଏଥିପାଇଁ ଚିନ୍ତା କରିବାର କାରଣ ନାହିଁ। ସେମାନଙ୍କୁ ଆଉ ଏକ ସୁଯୋଗ ମିଳିବ ଓ ପରୀକ୍ଷା ତାରିଖ ସମ୍ପର୍କରେ ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

# ଆର୍ଯ୍ୟ ଜ୍ଞାନେନ୍ଦ୍ର କଂଗ୍ରେସ ସେବାଦଳର ମୁଖ୍ୟ ନିଯୁକ୍ତ

ଭୁବନେଶ୍ୱର,୨୪।୭(ବ୍ୟୁରୋ)- ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ଉପ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବା ଦଳର ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ଅଖିଳ ଭାରତ କଂଗେସ କମିଟି(ଏଆଇସିସି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ସମିତି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସର ପ୍ରମୁଖ ଶାଖା ସଂଗଠନ କଂଗ୍ରେସ ସେବା ଦଳକୁ ସକ୍ରିୟ କରିବା ପାଇଁ କରିବା ପାଇଁ ଏହାର ମୁଖ୍ୟ ନିଯୁକ୍ତି କରିବାକୁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଜଣାଇଥିଲେ। ଏହି ସୁପାରିଶକୁ ଗ୍ରହଣ କରି ଜ୍ଞାନେନ୍ଦ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବା ଦଳର ମୁଖ୍ୟ ଭାବେ ନିଯୁକ୍ତି କରାଗଲା ବୋଲି ଏଆଇସିସି ସାଧାରଣ ସମ୍ପାଦକ ଭେନୁଗୋପାଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟ ପିସିସି ସଭାପତି ଥିବା ସମୟରେ ଆର୍ଯ୍ୟ ଜ୍ଞାନେନ୍ଦ୍ର ୧୧ବର୍ଷ ଧରି କଂଗ୍ରେସ ସେବା ଦଳ ସଂଗଠନର ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ।

# କାଶୀ ବିଶ୍ୱନାଥ ଟ୍ରଷ୍ଟକୁ ଜମି ଦେଲା ଗ୍ୟାନବାପି ମସ୍‌ଜିଦ

ବାରାଣସୀ, ୨୪।୭: ବାରାଣସୀର ଶ୍ରୀ କାଶୀ ବିଶ୍ୱନାଥ ଟେମ୍ପଲ୍ ଟ୍ରଷ୍ଟକୁ ମୁସଲମାନ ସମ୍ପ୍ରଦାୟ ୧,୭୦୦ ବର୍ଗଫୁଟ ଜମି ଯୋଗାଇଦେବାକୁ ଘୋଷଣା କରିଛି। ଗ୍ୟାନବାପି ମସ୍‌ଜିଦ ନିକଟରେ ଥିବା ଏହି ଜମିକୁ କାଶୀ ବିଶ୍ୱନାଥ ଧାମ୍ (କରିଡର)ର ବିକାଶ ପାଇଁ ବ୍ୟବହାର କରାଯିବ। ଏହା ବଦଳରେ ମନ୍ଦିର ଟ୍ରଷ୍ଟ ମୁସଲମାନ ସମ୍ପ୍ରଦାୟକୁ ୧,୦୦୦ ବର୍ଗଫୁଟ ଜମି ଯୋଗାଇ ଦେବ। ଏନେଇ ଜୁଲାଇ ୯ରେ ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା।



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଖଡା ବଡ଼ି ଥୋଡ଼,**
**ଥୋଡ଼ ବଡ଼ି ଖଡ଼ା।**

ଏକ ବିଷୟର ପୁନରାବୃତ୍ତି। ଥୋଡ଼ର ଅର୍ଥ କଦଳୀ ମଞ୍ଜା ହୋଇଥିବାବେଳେ ଗୋଟିଏ ପ୍ରକାର ତରକାରିକୁ ଏଠାରେ ଭିନ୍ନ ଭିନ୍ନ ପ୍ରକାରରେ ପ୍ରକାଶ କରାଯାଇଛି।

**ଖାଇଲା ବ୍ରାହ୍ମଣ, ତିନ୍ତିଲା ମୂଷା,**
**ଭୋଦିଆ ଗଉଡ଼, କାର୍ତ୍ତିକିଆ ଚଷା।**
**କହେ ଦନାଇ କେ ଦେଖ ଦଶା।**

ବ୍ରାହ୍ମଣଙ୍କ ପାଇଁ ଅଧିକ ଭୋଜନ କ୍ଷତିକାରକ। ମୂଷା ତିନ୍ତିଲେ ମରେ। ଭାଦ୍ରବ ମାସରେ ଚାରିଆଡ଼େ ପାଣି ଯୋଗୁ ଗାଈ ବଳଦଙ୍କ ପାଇଁ ଖାଦ୍ୟ ଯୋଗାଡିବା ଗଉଡ଼ ପକ୍ଷେ କଷ୍ଟକର ହୋଇଯାଏ। ସେହିପରି କାର୍ତ୍ତିକ ମାସରେ ଚାଷୀ ପାଖରେ ଧାନର ଅଭାବ ରହିଥାଏ, ଫଳସ୍ୱରୂପ ଚଳିବାରେ ସେ ବିଶେଷ ହଇରାଣ ହରକତ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ହାଇଦରଙ୍କୁ ଏନ୍‌କାଉଣ୍ଟର

ଟିମ୍‌କୁ କହିଥିଲେ। କିନ୍ତୁ ତାହା ବାହାନା ଥିଲା। ପରିସ୍ରା କରିବା ବେଳେ ସୁଯୋଗ ଦେଖି ସେ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସୁରକ୍ଷା କର୍ମୀଙ୍କ ସହିତ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ସେ ସୁରକ୍ଷା କର୍ମୀଙ୍କଠାରୁ ବନ୍ଧୁକ ଛଡ଼ାଇ ପଳାଇବାକୁ ଉଦ୍ୟମ କରିଥିଲା। ଏସ୍କର୍ଟ ଟିମ୍ ଚେତାବନୀ ଦେଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଫଳରେ ସବ୍‌ଇନ୍ସପେକ୍ଟର ବାଧ ହୋଇ ତାଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ଡିସିପି ସିଂ କହିଛନ୍ତି।

ସୂଚନାଯୋଗ୍ୟ, ୨୦୦୭ ମସିହାରେ ଖଣି ବ୍ୟବସାୟୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଅପହରଣ ଓ ହତ୍ୟା ମାମଲାରେ ହାଇଦର ସମ୍ବଲପୁର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ଶାରୀରିକ ଅସୁସ୍ଥତା ଆଳ ଦେଖାଇ ସେ ପ୍ରଥମେ ବୁର୍ଲା ଭିମ୍‌ସାର ମେଡିକାଲ ଏବଂ ଗତ ମାର୍ଚ୍ଚ ୨୩ରେ କଟକ ବଡ଼ ମେଡିକାଲ (ଏସ୍‌ସିବି)ରେ ଭର୍ତ୍ତି ହୋଇଥିଲେ। କିଛିଦିନ ପରେ ଅର୍ଥାତ୍ ଗତ ଏପ୍ରିଲ ୧୦ ତାରିଖ ଅପରାହ୍ନ ସାଢେ ୪ଟାରେ ହାଇଦର ଏସ୍‌ସିବି ସର୍ଜରି ବିଭାଗ କ୍ୟାବିନ ନମ୍ବର ୫ରୁ ଫେରାର ହୋଇଯାଇଥିଲେ। ପ୍ରାୟ ୩ ଘଣ୍ଟାପରେ ଜଣେ ମେଡିକାଲ କର୍ମଚାରୀଙ୍କ ସୂଚନା ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ହାଇଦରଙ୍କ ଟେର୍ ମିଳି ନ ଥିଲା। ୫ ଦିନ ପରେ ଅର୍ଥାତ୍ ଏପ୍ରିଲ ୧୫ ତାରିଖ ସନ୍ଧ୍ୟାରେ ତାଙ୍କୁ ତେଲେଙ୍ଗାନାର ସାଙ୍ଗାରେଡ୍ଡି ଜିଲାରୁ ଗିରଫ କରାଯାଇଥିଲା। ଏପ୍ରିଲ ୧୬ରେ ବିମାନରେ ତାଙ୍କୁ ଭୁବନେଶ୍ୱର ଅଣାଯିବାପରେ କଟକ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିଲା। ହାଇଦରଙ୍କୁ ରିମାଣ୍ଡରେ ଆଣି ତାଙ୍କ ମୁହଁରୁ ସବୁ ତଥ୍ୟ ଓକାଳିବା ଲାଗି ପୋଲିସକୁ ୭ ଦିନିଆ ରିମାଣ୍ଡ ଅନୁମତି ମିଳିଥିଲା। ମାତ୍ର ସେ ସମୟରେ ହାଇଦର କରୋନା ସଂକ୍ରମିତ ଥିବାରୁ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିପାରି ନ ଥିଲା। ଅନ୍ୟପକ୍ଷରେ ନିରାପତ୍ତା ଦୃଷ୍ଟିରୁ ଜେଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ହାଇଦରଙ୍କୁ ଚୌଦ୍ୱାର ଜେଲରୁ ବାରିପଦା ଜେଲକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା ହୋଇଥିଲା ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ସିମୁଳିଆ ପୋଲିସ ପାଖରେ ଖବର ନାହିଁ। ବାଲେଶ୍ୱର ଜିଲା ସିମୁଳିଆ ୧୬ ନଂ.ଜାତୀୟ ରାଜପଥରେ ଗ୍ୟାଙ୍ଗଷ୍ଟର ହାଇଦରଙ୍କୁ ଏନ୍‌କାଉଣ୍ଟର କରାଯାଇଥିବା ବେଳେ ଏ ସମ୍ପର୍କରେ ସିମୁଳିଆ ପୋଲିସ ଜାଣି ପାରି ନ ଥିଲା। ଏପରିକି କେଉଁ ସ୍ଥାନରେ ତାଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା ସେ ବିଷୟରେ ସ୍ଥାନୀୟ ପୋଲିସ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥିଲା। ସିମୁଳିଆ ଥାନା ଅଧିକାରୀ ଜୟନ୍ତ କୁମାର ବେହେରା କହିଛନ୍ତି, ସ୍ପେଶାଲ ଫୋର୍ସ ଦ୍ୱାରା ହାଇଦରଙ୍କ ସ୍ଥାନାନ୍ତର କରାଯାଇଥିବାରୁ ତାଙ୍କୁ କିଛି ସୂଚିତ କରାଯାଇ ନ ଥିଲା।

### ପୋଲିସ ହତ୍ୟା...

ଆବଶ୍ୟକ ପୋଲିସ ଫୋର୍ସ ଥିବାବେଳେ ସେ ଖସିଯିବାକୁ ଉଦ୍ୟମ କରିବା ଏବଂ ପୋଲିସ ଏନ୍‌କାଉଣ୍ଟର କରିବା ସନ୍ଦେହଜନକ। ଏହାଛଡ଼ା ଏନ୍‌କାଉଣ୍ଟର ବିଷୟ ସେ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲେ। ରାଜ୍ୟ ପୋଲିସ ପକ୍ଷରୁ ତାଙ୍କ ପରିବାରକୁ କୌଣସି ସୂଚନା ଦିଆଯାଇ ନ ଥିଲା ବୋଲି ହସିନା ଅଭିଯୋଗ କରିଛନ୍ତି। ଏଥିସହିତ ସେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁରେ ନ୍ୟାୟ ଭିକ୍ଷା କରିବା ସହ ସତ୍କାର ପାଇଁ ମୃତଦେହ କେନ୍ଦ୍ରାପଡ଼ା ଆସିବା ଦରକାର ବୋଲି ହସିନା ଦାବି କରିଛନ୍ତି।

### ଚାନୁଙ୍କୁ ରୌପ୍ୟ

ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ଭାରୋତ୍ତୋଳନ କରିଛନ୍ତି। ଶେଷଥର ପାଇଁ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ କର୍ନମ ମାଲେଶ୍ୱରୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମୀରାବାଈ ତାଙ୍କଠାରୁ ଗୋଟିଏ ପାଦ ଆଗକୁ ଯାଇ ରୌପ୍ୟ ପଦକ ଜିତିଛନ୍ତି। ମହିଳା ଭାରୋତ୍ତୋଳନ ୪୯ କେଜି ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଚାଇନାର ହୋ ଝିହୁଇ। ସେ ସ୍ନାଚ୍‌ରେ ୯୪ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୧୬ ଏହିପରି ମୋଟ ୨୧୦ କେଜି ଭାରୋତ୍ତୋଳନ କରିଛନ୍ତି। ତିନୋଟି ଯାକ ବିଭାଗରେ ଏହା ହେଉଛି ଅଲିମ୍ପିକ୍ ରେକର୍ଡ। ଇଣ୍ଡୋନେସିଆର ଆଇସା ୱିଣ୍ଡି କାନ୍ତିକା ୧୯୪(୮୪+୧୧୦) କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରୌପ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଥିବାରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୀରାବାଈଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଚାନୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, "୨୦୧୬ ରିଓ ଅଲିମ୍ପିକ୍ସରେ ଥରେ ହେଲେ ସଫଳତାର ସହ ଭାର ଉଠାଇ ପାରି ନ ଥିଲି। ଗତ ୫ ବର୍ଷ ଧରି ମୁଁ ଅଲିମ୍ପିକ୍ସରେ ପଦକ ଜିତିବା ସ୍ୱପ୍ନ ଦେଖି ଆସୁଥିଲି। ଏବେ ନିଜକୁ ଗର୍ବିତ ଅନୁଭବ କରୁଛି। ମୁଁ ସ୍ୱର୍ଣ୍ଣ ପଦକ ପାଇଁ ଚେଷ୍ଟା କରିଥିଲି, ମାତ୍ର ରୌପ୍ୟ ପଦକ ମଧ୍ୟ ମୋ ପାଇଁ ବହୁତ ବଡ଼ ସଫଳତା"। ଏହି ଅବସରରେ ଚାନୁ ନିଜ ପରିବାର ବିଶେଷକରି ତାଙ୍କ ମା'ଙ୍କୁ ବିଶେଷ ଧନ୍ୟବାଦ ଜଣାଇଛନ୍ତି। ମା' ତାଙ୍କ ଉପରେ ବିଶ୍ୱାସ ରଖିବା ସହ ଅନେକ କିଛି ତ୍ୟାଗ କରିଛନ୍ତି ବୋଲି କହିଛନ୍ତି। ଚାନୁ ସ୍ନାଚ୍‌ର ପ୍ରଥମ ଉଦ୍ୟମରେ ୮୪, ଦ୍ୱିତୀୟ ଉଦ୍ୟମରେ ୮୭ କେଜି ଭାର ଉଠାଇଥିବାବେଳେ ତୃତୀୟ ଉଦ୍ୟମରେ ୮୯ କେଜି ଉଠାଇବାରେ ଅସମର୍ଥ ହୋଇଥିଲେ। ଗତବର୍ଷ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୮୮ କେଜି ଭାରୋତ୍ତୋଳନ କରିଥିଲେ। ସେହିପରି କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମ ଉଦ୍ୟମରେ ୧୧୦, ଦ୍ୱିତୀୟ ଉଦ୍ୟମରେ ୧୧୫ କେଜି ଉଠାଇଥିଲେ। ତେବେ ତୃତୀୟ ଉଦ୍ୟମରେ ୧୧୭ କେଜି ଉଠାଇବାରେ ସଫଳ ହୋଇ ନ ଥିଲେ। ରୌପ୍ୟ ପଦକ ବିଜୟରେ ଚାନୁ ଏତେ ଖୁସି ହୋଇଯାଇଥିଲେ ଯେ ମୁହଁରେ ମାସ୍କ ପରିଧାନ କରିଥିଲେ ହେଁ ହସ ଲୁଚିପାରି ନ ଥିଲା। କୋଭିଡ୍-୧୯ ପ୍ରୋଟୋକଲ ଅନୁସାରେ ପଦକ ବିଜେତାମାନେ ନିଜେ ନିଜର ପଦକ ପିନ୍ଧିଥିଲେ। ସାମାଜିକ ଦୂରତା ରକ୍ଷା ସହ ଗ୍ରୁପ୍ ଫଟୋ ଉଠାଇବାକୁ ବାରଣ କରାଯାଇଥିଲା। ମାତ୍ର ଜଣେ ଅଫିସିଆଲ ଏହାକୁ ମନେ ପକାଇଦେବା ପୂର୍ବରୁ ୩ ପଦକ ବିଜେତା ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ଏକ ଗ୍ରୁପ୍ ଫଟୋ ଉଠାଇଥିଲେ।

### ୯୯.୯୮% ପାସ୍ ...

ପାସ୍ ହାର ସମାନ ୯୯.୯୮% ରହିଛି। ସେହିଭଳି ୨୫ ସ୍କୁଲରେ ଆଇଏସ୍‌ସି ଦ୍ୱାଦଶରେ ୧,୮୧୩ଜଣ ପରୀକ୍ଷା ଦେଇଥିଲେ ଓ ୧,୮୧୦ଜଣ ପାସ୍ ହୋଇଛନ୍ତି। ଝିଅଙ୍କ ପାସ୍‌ହାର ୯୯.୮୮% ଥିବାବେଳେ ପୁଅଙ୍କ ୯୯.୭୯% ରହିଛି। ତେବେ ଓଡ଼ିଶାରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନ୍ୟ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ପାସ୍ ହାର ଶତପ୍ରତିଶତ ଥିବାବେଳେ ଅନୁସୂଚିତ ଜନଜାତି (ଏସ୍‌ଟି)ର ୯୯.୭୦% ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଏପ୍ରିଲ ୧୬ରେ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା ସିଆଇଏସ୍‌ସିଇ। କିନ୍ତୁ ପରବର୍ତ୍ତୀ ସମୟରେ କୋଭିଡ୍ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ବଦଳାଇଥିଲା। ଏପ୍ରିଲ ୨୦ରେ ଆଇସିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା ବାତିଲ କରାଯାଇଥିଲା ଏବଂ ଦ୍ୱାଦଶ ପରୀକ୍ଷା ସ୍ଥଗିତ ନିଷ୍ପତ୍ତି କାଏମ ରହିଥିଲା। କିନ୍ତୁ ପରେ ଦ୍ୱାଦଶ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଥିଲା। ମୂଲ୍ୟାୟନ ପାଇଁ ବିକଳ୍ପ ପଦ୍ଧତି ଆପଣାଯାଇଥିଲା। ଦଶମ ପିଲାଙ୍କ ପାଇଁ ନବମ ଓ ଦଶମ ଇଣ୍ଟରନାଲ ପରୀକ୍ଷା ଏବଂ ଦ୍ୱାଦଶ ପାଇଁ ଏକାଦଶ ଓ ଦ୍ୱାଦଶ ଇଣ୍ଟରନାଲ ପରୀକ୍ଷା ଫଳକୁ ନେଇ ମୂଲ୍ୟାୟନ କରିବାକୁ କାଉନ୍‌ସିଲ ନିଷ୍ପତ୍ତି ନେଇଥିଲା। ସେହି ଆଧାରରେ କାଉନ୍‌ସିଲ ଚଳିତବର୍ଷ ବିନା ପରୀକ୍ଷାରେ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶ କରିଛି।

### ୫୦%ରୁ ଉର୍ଦ୍ଧ୍ୱ ପିଲାଙ୍କ ...

ଆକ୍ରାନ୍ତଙ୍କ ଶରୀରେ ଆଣ୍ଟିବଡ଼ି ସ୍ଥିତି ଜାଣିବା ପାଇଁ ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଆଦି ୩ ଜିଲାରେ ଏହି ସେରୋ ସର୍ଭେ ହୋଇଥିଲା। ଜୁନ୍ ୧୬ରୁ ୨୦ ତାରିଖ ମଧ୍ୟରେ ସର୍ବସାଧାରଣରୁ ୧,୨୩୦ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ୩୧୧ ନମୁନା ସଂଗ୍ରହ ହୋଇଥିଲ। ତେବେ ଗଞ୍ଜାମ ଜିଲାରେ ୭୦.୯%ଙ୍କ ମଧ୍ୟରେ ଆଣ୍ଟିବଡି ଥିବାବେଳେ ରାୟଗଡା ଓ କୋରାପୁଟ ଜିଲାରେ ୬୩ % ସେରୋ ପଜିଟିଭିଟି ବା ଆଣ୍ଟିବଡି ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସେରୋ ସର୍ଭିଲାନ୍ସରେ ଭଲ ରେଜଲ୍ଟ ମିଳିଛି। କୁହାଯାଇପାରିବ ଏହା ଟିକାର ପ୍ରଭାବ ଓ ଦୁଇଟି ଲହର ଦ୍ୱାରା ଗୋଷ୍ଠୀରେ ସଂକ୍ରମଣ ହୋଇଛି। ତେଣୁ ଲୋକଙ୍କ ଶରୀରରେ ଆଣ୍ଟିବଡି ସୃଷ୍ଟି ହେଉଛି। ଜାତୀୟ ହାର ତୁଳନାରେ ଆମର ସେରୋ ସର୍ଭେ ରିପୋର୍ଟ ଭଲ ଅଛି। ବୟସ୍କ ଲୋକଙ୍କ ଆଣ୍ଟିବଡି ଅଧିକ ଡେଭଲପ ହୋଇଛି, କାରଣ ସେମାନଙ୍କୁ ପ୍ରଥମେ ଟିକା ଦିଆଯାଇଛି। ଅପରପକ୍ଷେ ଏହି ସେରୋ ସର୍ଭେର ସୂଚନା ଆଗାମୀ ଦିନରେ ରାଜ୍ୟରେ କରୋନା ତୃତୀୟ ଲହରକୁ ପ୍ରତିହତ କରିପାରିବ ବୋଲି ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଦେଶର ଯେଉଁ ୭୦ଟି ଜିଲାରେ ପୂର୍ବରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାଉଣ୍ଡ ସେରୋ ସର୍ଭେ ହେଇଥିଲା, ଚତୁର୍ଥ ରାଉଣ୍ଡରେ ମଧ୍ୟ ସେହି ୭୦ଟି ଜିଲାରେ ସେରୋ ସର୍ଭେ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଦ୍ୱିଜା ନକ୍ଷତ୍ର ଦୂରଦର୍ଶିତା ବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇବେ। ଦୀର୍ଘ ଦିନରୁ ଆଶା କରିଥିବା ମୂଲ୍ୟବାନ୍ ଦ୍ରବ୍ୟଟି ବନ୍ଧୁଙ୍କ ଜରିଆରେ ପାଇପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ବ୍ୟବସାୟିକ, ପାରିବାରିକ ଓ ଆନୁଷ୍ଠାନିକ ସ୍ଥିତି ଠିକ୍ ରହିବ।

**ବୃଷ**



ବନ୍ଧୁମାନଙ୍କ ସହାୟତା ଲାଭ କରି କାର୍ଯ୍ୟ ହାସଲ କରିବେ। ବରାଦ ଅନୁସାରେ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ମୃଗଶିରା କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସ୍ୱାସ୍ଥ୍ୟରେ ସମସ୍ୟା ସୃଷ୍ଟି ହେବା ଓ ପାରିବାରିକ ସମସ୍ୟା ଆଜିର ଯାତ୍ରାକୁ ସ୍ଥଗିତ କରିବ।

**ମିଥୁନ**



ଆଜି ରାଶ୍ୟାଧିପ ସ୍ୱଗୃହୀ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଚେରି ମାମଲା କିମ୍ବା ପାରିବାରିକ ସମସ୍ୟା ବୃଦ୍ଧି ହେତୁ ବ୍ୟସ୍ତତା ବଢ଼ିଯାଇପାରେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ରାଜନୀତି କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ।

**କର୍କଟ**



ମାନସିକ ଅସ୍ଥିରତା କାରଣରୁ ବିଭିନ୍ନ ପ୍ରକାରର ଯୋଜନା କରି ମଧ୍ୟ ଉପକୃତ ହେବ ନାହିଁ। ସଭାସମିତି କିମ୍ବା ଅଫିସ୍ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ବହୁ ଦିନ ଧରି ଲାଗି ରହିଥିବା ରୋଗପୀଡ଼ାରେ କଷ୍ଟ ଅନୁଭବ କରିପାରନ୍ତି। ପୁଷ୍ୟା ଆପଣ ପ୍ରତିଶ୍ରୁତି ପାଳନ ନ କରିବା କାରଣରୁ ବନ୍ଧୁ ଅଭିମାନ କରିପାରନ୍ତି।

**ସିଂହ**



ଯେତେ ଭଲ କାମ କଲେ ମଧ୍ୟ ପରୋକ୍ଷ ଶତ୍ରୁତା ଯୋଗୁ କାର୍ଯ୍ୟହାନି କାରଣରୁ ବିଚଳିତବୋଧ କରିବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଗବେଷଣା, ରାଜନୀତିରେ ଚେଷ୍ଟା ସଫଳ ହେବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**କନ୍ୟା**



ଦୀର୍ଘ ଦିନର ଅପୂରଣୀୟ ଆଶା ମନକୁ ସାମୟିକ ଅଶାନ୍ତ କରିବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ଲାଗି ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିମାନେ ଯାନବାହନ, ବିବାଦୀୟ ସ୍ଥାନ, ଏକାକୀ ଯାତ୍ରାରୁ ଦୂରେଇ ରହିବା ଭଲ। କଳା, କାରିଗରି, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**



ଚିତ୍ରା ନକ୍ଷତ୍ର ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ନିର୍ଦ୍ଦେଶାନୁସାରେ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ସହକର୍ମୀଙ୍କ ସହଯୋଗ ଅଭାବରୁ ମନ ଭଲ ଲାଗି ନ ପାରେ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା**



ଆଲୋଚନା କାଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଅନୁରାଧା ନକ୍ଷତ୍ରର ବିଗତ ଦିନର କୌଣସି ଘଟଣା ସକାଶେ ଅପରାହ୍ନରେ ଟେନସନ୍ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା ନିର୍ମାଣ, ମାଙ୍ଗଳିକ କାମ ପାଇଁ ପ୍ରସ୍ତୁତି ଶେଷ କରିପାରନ୍ତି। ବହୁତ ଦିନର କାମ ହାସଲରେ ସହଯୋଗର ଅଭାବ ରହିବ ନାହିଁ।

**ଧନୁ**



ବହୁ ଦିନର ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**



ସକାଳୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶତ୍ରୁତା କାରଣରୁ ଖଳ ଲୋକମାନେ ଅପପ୍ରଚାର କରିପାରନ୍ତି। କୌଣସି ଅଭାବ ନ ଥାଇ ମଧ୍ୟ ଆତ୍ମୀୟଙ୍କ ହୀନମନ୍ୟତା କାରଣରୁ ମନଟା ଭଲ ଲାଗିବ ନାହିଁ। ସଭାସମିତି, ଆଲୋଚନାଚକ୍ର, ନିର୍ମାଣ, ପରିବହନ, ପ୍ରକାଶନ କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

**କୁମ୍ଭ**



ପ୍ରତ୍ୟେକ ସ୍ତରରେ ସମସ୍ୟା ଲାଗି ରହିବା ସାଙ୍ଗକୁ ଅଫିସରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ସହଜରେ କାମ ହାସଲ ହେବା କଷ୍ଟକର ହେବ। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମୀନ**



ପାରିବାରିକ ସମସ୍ୟା ସମାଧାନର ଚିନ୍ତା କରି ଦୁର୍ଭାବନା ବଢ଼ିଚାଲିବ ଏବଂ ଅନ୍ୟମାନଙ୍କୁ ମଧ୍ୟ ସହଜରେ ବିଶ୍ୱାସ କରିପାରିବେ ନାହିଁ। ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟହାନି କର୍ମକ୍ଷେତ୍ରରେ ବାଧକ ସାଜିପାରେ। ରାଜନୈତିକ କ୍ଷେତ୍ରରେ ନୀତିଗତ କାମକୁ ପ୍ରାଧାନ୍ୟ ଦେଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ଦ୍ୱିତୀୟା ରବିବାର, ବୋଲବମ୍ ଯାତ୍ରା ଆରମ୍ଭ, ଜୁଲାଇ ୨୫ ତାରିଖ, ରାଶି ନକ୍ଷତ୍ର-ଦିବା.ଘ.୧୧।୧୮ ପର୍ଯ୍ୟନ୍ତ, ଶ୍ରବଣା/ମକର, ତତ୍ପରେ ଧନିଷ୍ଠା, ମେଷ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୬।୧୫ ଗତେ ଘ.୦୯।୪୩ ମଧ୍ୟେ ଅମୃତବେଳା। ଘ. ୧୧।୩୫ ଗତେ ଘ.୦୧।୧୧ ମଧ୍ୟେ ଅମୃତବେଳା। ଦିବା ୦୫।୨୩ ଗତେ ଘ.୦୬।୧୫ ମଧ୍ୟେ, ଘ. ୦୧।୧୧ ଗତେ ଘ.୦୨।୦୨ ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪।୪୫ ଗତେ ଘ.୦୬।୨୨ ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**



MATRIMONIAL

### BRIDE WANTED

Searching both Kaibarta Groom in Bhubaneswar for very Fair Bride & also very Fair Bride (Caste No Bar) for Kaibarta Groom (IAS Faculty). Mob.: 9990161440. D-21162

Suitable Bride required for Brahmin Groom. Contact Mobile Number: 8895491804. D-70720

### GROOM WANTED

Govt.ର Irrigation Departmentରେ କାର୍ଯ୍ୟରତ ଥିବା ଛାଡ଼ପତ୍ର ମହିଳା ପାଇଁ ବରପାତ୍ର ଆବଶ୍ୟକ। ବୟସ: 46 ବର୍ଷ, ଘର: ଖୋର୍ଦ୍ଧା, 9776500136. D-70872

48 ବୟସ୍କା 5'2" Graduate ଗୁଡ଼ିଆ ଝିଅଙ୍କ ପାଇଁ ଯେ କୌଣସି ଜାତିର ବିବାହିତ/ଅବିବାହିତ ପୁଅ ଆବଶ୍ୟକ। ଯୋଗାଯୋଗ: 7326057574. D-21171

49 ବୟସ୍କା 10th Qualified ଅବିବାହିତା ଅନାଥ Govt. ଚାକିରିଆ ବାରିକ ଝିଅଙ୍କୁ Any Caste ପୁଅ ଦରକାର। 7381460017. D-21169

ଖଣ୍ଡାୟତ ଜାତିର 52 ବୟସ୍କା Widow ଏକାକୀ ରହି Private ଚାକିରି କରୁଥିବା ଝିଅଙ୍କୁ ବର ଦରକାର। Contact: 7606067313. D-21170



real estate

### SALE

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871

**Cuttack Highcourt ଠାରୁ 7.K.M. ଘରବାରି ପାଚେରି ପ୍ଲଟ୍ sqft.-750/-ରେ ବିକ୍ରିହେବ। 9438299931.** D-70870

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21043

ଘରବାରି ବାଉଣ୍ଡାରୀ ପ୍ଲଟ୍ ହଂସପାଳ ଛକଠାରୁ 4 k.m. ଦୂରରେ ୧୩୦୦/- sqft. ରେ ମିଳୁଛି। 893465134, 9668194157. D-70933

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact-9443101191".** D-21097

**ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456.** D-70868

Bhubaneswar Gouri Garden One 2BHK with Garage, 24 hour Water Supply, Security and Park available. Contact: 7008297488. D-71309

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159



construction

MPlanets - 7008550473. Expert in Building Construction (Simplex / Duplex / Apartment) and Interior Design (Modular Kitchen / TV Unit /Wardrobe). D-21172



to-let

Accommodation for Single Rooms attached at Sisupalgad near College Bhubaneswar. 2500/3500. Contact: 9437764734. D-70721

2BHK Flat, Ground Floor for rent at Ambedkar Enclave, Unit-6, near Rajbhavan, Call: 7847894542. Only for Official Staff, Family. D-21168

### AFFIDAVIT

By virtue of an affidavit sworn before the Notary Public, I Jayashiss Pattanaik, S/o. Satyaban Pattanaik, At: I.R.C. Village, Jayadev Vihar, Bhubaneswar, Dist.- Khordha, PIN - 751015, declare that I have changed my name from Jayashis Pattnaik to Jayashiss Pattanaik for all purposes. D-21173

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଦ୍ୟୁତ୍ ସଂସ୍ପର୍ଶରେ ଠିକା କର୍ମଚାରୀଙ୍କ ମୃତ୍ୟୁ

ସଜନାଗଡ଼, ୨୪।୭(ଡି.ଏନ୍.ଏ.): ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭାଲୁକାସୁଣୀ ଷ୍ଟକଚର ସଜନାଗଡ଼ ଲାଇନ୍‌ମ୍ୟାନ୍ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ସୋମନାଥପୁର ଅଞ୍ଚଳ ନହରପାଟଣା ଗ୍ରାମର ଭାଗୀରଥି ମାଝି। ସେ ବଡ଼ବିଲ ଗ୍ରାମକୁ ଏକ ଏଲ୍‌ଆଇ ପଏଣ୍ଟକୁ ମରାମତି କରିବାକୁ ଯାଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ୨୦୦୫ରୁ ସେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ।

# ପୂର୍ବାପେକ୍ଷା ଟ୍ରାକ୍ଟରର ଚାହିଦା ବଢ଼ୁଛି

**କୃଷି ପ୍ରଧାନ ଦେଶ ଭାରତରେ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରାଯାଉଥିବାରୁ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଉଛି। କୃଷି ଯନ୍ତ୍ରପାତି ଭାବେ ଟ୍ରାକ୍ଟରର ସବୁଠାରୁ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ବର୍ତ୍ତମାନ ଏ କ୍ଷେତ୍ରରେ ଟ୍ରାକ୍ଟରକୁ ପ୍ରାଥମିକତା ଦିଆଯାଉଛି ବୋଲି କହିଛନ୍ତି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର (ଫାର୍ମ ଡିଭିଜନ), ଓଡ଼ିଶା ଏରିଆ ମ୍ୟାନେଜର ସଞ୍ଜିତ କୁମାର। ଟ୍ରାକ୍ଟର ବ୍ୟବହାର ଫଳରେ ସମୟ ବଞ୍ଚିବା ସହ ସ୍ୱଳ୍ପ ମୂଲ୍ୟରେ ଚାଷୀର ଚାଷ କାର୍ଯ୍ୟ ଅନେକାଂଶରେ ହୋଇଯାଉଛି। ଟ୍ରାକ୍ଟର କମ୍ପାନୀଗୁଡ଼ିକ ନୂଆ ଜ୍ଞାନକୌଶଳରେ ନିର୍ମିତ ବିଭିନ୍ନ ବର୍ଗର ଟ୍ରାକ୍ଟର ବଜାରରେ ଉପଲବ୍ଧ କରାଉଛନ୍ତି। ଓଡ଼ିଶା ବଜାରରେ ମହିନ୍ଦ୍ରା ଟ୍ରାକ୍ଟରର ଚାହିଦା ଏବଂ ଅନ୍ୟ ଯୋଜନା ସମ୍ପର୍କରେ କୁମାରଙ୍କ ସହ ଧରିତ୍ରୀର ଆଳାପ।**

**ଧରିତ୍ରୀ ଆଳାପ**



ସଞ୍ଜିତ କୁମାର

**ଓଡ଼ିଶା ବଜାରକୁ କିପରି ଦେଖୁଛନ୍ତି। ଏ ନେଇ କେତେ ଆଶାବାଦୀ ?**

ଓଡ଼ିଶା ହେଉଛି ଆମ ପାଇଁ ଏକ ପ୍ରମୁଖ ବଜାର। ଦୀର୍ଘ ବର୍ଷ ହେବ ଏଠାରେ ଆମେ ୧ ନମ୍ବର ଟ୍ରାକ୍ଟର ବିକ୍ରେତା ଭାବେ ସୁନାମ ଅର୍ଜନ କରିଛୁ। ଓଡ଼ିଶାରେ ଖଣି ଓ ଶିଳ୍ପ ସଂଖ୍ୟା ବୃଦ୍ଧି ପାଉଛି। ଟ୍ରାକ୍ଟରର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। କୃଷି ପାଇଁ ବର୍ତ୍ତମାନ ଟ୍ରାକ୍ଟରର ଆବଶ୍ୟକତା ସର୍ବାଧିକ ରହିଛି। କୃଷି ବାଦ୍ ଟ୍ରାକ୍ଟରକୁ ମଧ୍ୟ ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଫଳରେ ପ୍ରତିବର୍ଷ ଓଡ଼ିଶା ବଜାରରେ ମହିନ୍ଦ୍ରା ଟ୍ରାକ୍ଟରର ଚାହିଦା ବଢ଼ୁଛି। ଆଗାମୀ ଦିନରେ ଏହା ଆହୁରି ବଢ଼ିବ ବୋଲି ଆମେ ଆଶାବାଦୀ।

**ଜିଏସ୍‌ଟି ଲାଗୁହେବା ପରେ ବଜାରକୁ କିପରି ଦେଖୁଛନ୍ତି। ଏହାଦ୍ୱାରା କ'ଣ ଲାଭ ମିଳିଛି?**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବାଠାରୁ ବଡ଼ ବଡ଼ ବ୍ୟବସାୟିକ ଅନୁଷ୍ଠାନ ପାଇଁ ଏହା ଏକ ବରଦାନ ହୋଇଛି। ଏହା ପୂର୍ବରୁ ଅନେକ ପ୍ରକାର ଟିକସ ଦେବାକୁ ପଡୁଥିଲା। ବର୍ତ୍ତମାନ ସେସବୁ ଆଉ ଦେବାକୁ ପଡୁନାହିଁ। ଆମଦାନୀ କ୍ଷେତ୍ରରେ ମଧ୍ୟ ଆଉ ସମସ୍ୟା ହେଉନାହିଁ। ବ୍ୟବସାୟ ଓ ବ୍ୟବସାୟୀଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଉଛି। ଆଗରୁ ସବୁ ପ୍ରକାର ଟିକସକୁ ମିଶାଇଲେ ବର୍ତ୍ତମାନଠାରୁ ଅଧିକ ରହୁଥିଲା। ଜିଏସ୍‌ଟି ହେବା ଦ୍ୱାରା ମାତ୍ର ୧୨% ଟିକସ ଦେବାକୁ ପଡୁଛି। ଏହାଦ୍ୱାରା ଉଭୟ ଉତ୍ପାଦନକାରୀ ଓ ଉପଭୋକ୍ତାଙ୍କ ମଧ୍ୟରେ ଚାହିଦା ଓ କାରବାର ବୃଦ୍ଧିରେ ସହାୟକ ହେଉଛି।

**ବ୍ୟବସାୟ ଉପରେ କରୋନା କିପରି ପ୍ରଭାବ ପକାଇଛି। ପ୍ରଥମ ଲହର ଅପେକ୍ଷା ୨ୟ ଲହରକୁ କିପରି ସାମ୍ନା କରୁଛନ୍ତି?**

୨୦୧୯-୨୦ ଆର୍ଥିକ ବର୍ଷ ଶେଷ ଆଡ଼କୁ କୋଭିଡ୍ ସଂକ୍ରମଣର ପ୍ରଭାବ ପରିଲକ୍ଷିତ ହୋଇଥିଲା। କରୋନା ନିୟନ୍ତ୍ରଣ ଲାଗି ସରକାର ସାରା ଦେଶରେ କଟକଣା ଜାରି କଲେ। କାରଖାନା ଓ ଶୋ'ରୁମ୍ ବନ୍ଦ ରହିବା ଯୋଗୁ କମ୍ପାନୀ ବ୍ୟାପକ କ୍ଷତି ସହିଛି। ମହାମାରୀ ଯୋଗୁ ସବୁ ବର୍ଗ ଆଶଙ୍କା ମଧ୍ୟରେ ରହିଛନ୍ତି। ପ୍ରଥମ ଲହର ପ୍ରାୟ ସବୁ କ୍ଷେତ୍ରକୁ କ୍ଷତି ପହଞ୍ଚାଇଛି। ପ୍ରଥମ ଅପେକ୍ଷା ୨ୟ ଲହରରେ ସରକାର ନିୟମରେ ବିଭିନ୍ନ ପରିବର୍ତ୍ତନ ସହ କୃଷି ଓ ଆନୁଷଙ୍ଗିକ ସମସ୍ତ କ୍ଷେତ୍ରକୁ ଖୋଲା ରଖିଥିଲେ। ଗାଡ଼ି ପଞ୍ଜୀକରଣ ବନ୍ଦ ଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ବିକ୍ରି ସୁଯୋଗ ଥିଲେ ମଧ୍ୟ ପଞ୍ଜୀକରଣ ହେଉ ନ ଥିବାରୁ ସ୍ଥିତି ବିଗିଡ଼ିଯାଇଥିଲା। ପ୍ରଥମ ଲହରକୁ ସାମ୍ନା କରିବା ପାଇଁ ସମୟ ନ ଥିବା ବେଳେ ପ୍ରସ୍ତୁତ ମଧ୍ୟ ନ ଥିଲୁ। କିନ୍ତୁ ୨ୟ ଲହର ପାଇଁ ଆମେ ପ୍ରସ୍ତୁତି ସହ ଗ୍ରାହକଙ୍କୁ ଆବଶ୍ୟକ ସେବା ଯୋଗାଇ ଦେଇ ଆସିଛୁ।

**ଆଗକୁ କ'ଣ ସବୁ ଯୋଜନା ଅଛି?**

ଓଡ଼ିଶାର ୩୦ ଜିଲାରେ କମ୍ପାନୀର କାରବାର ଭଲ ରହିଛି। ଏହାର ୨ଟି ଷ୍ଟକ୍‌ୟାର୍ଡ ସାଙ୍ଗକୁ ୩୫ଟି ସହଯୋଗୀ ଡିଲରଙ୍କ ଜରିଆରେ ବହୁ ଗ୍ରାହକଙ୍କୁ ଟ୍ରାକ୍ଟର ଯୋଗାଇ ଦିଆଯାଉଛି। ଓଡ଼ିଶାରେ ମହିନ୍ଦ୍ରା ଏସ୍‌ପି ପ୍ଲସ୍, ମହିନ୍ଦ୍ରା ଜିଭା ଓ ମହିନ୍ଦ୍ରା ଏକ୍ସପି ପ୍ଲସ୍‌ର ଚାହିଦା ଅଧିକ ରହିଛି। ବର୍ତ୍ତମାନ କୃଷି ପ୍ରତି ଲୋକଙ୍କର ଆଗ୍ରହ ବଢ଼ୁଥିବାରୁ ଟ୍ରାକ୍ଟର ବଜାରରେ ମଧ୍ୟ ଉତ୍ସାହ ଦେଖାଦେଇଛି। ଓଡ଼ିଶାରେ ୩୦% ରୁ ଊର୍ଦ୍ଧ୍ୱ ବଜାର ଅଂଶ ହାସଲ କରିଛୁ। ବାର୍ଷିକ ୩୦୦ କୋଟିର କାରବାର ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି।

**ଗ୍ରାହକଙ୍କୁ କ'ଣ ସୁବିଧା ଓ ସହାୟତା ଦିଆଯାଉଛି?**

ସରକାର ବିଭିନ୍ନ ପ୍ରକାର ସହାୟତା କୃଷକଙ୍କୁ ପ୍ରଦାନ କରୁଛନ୍ତି। ବିଭିନ୍ନ ସଂସ୍ଥା ଜରିଆରେ ଚାଷୀଙ୍କୁ ସବ୍‌ସିଡି ସହାୟତା ମଧ୍ୟ ମିଳୁଛି। ଗ୍ରାହକ ସରକାରୀ ସୁବିଧାର ଲାଭ କିଭଳି ନେଇ ପାରିବେ ସେ ନେଇ ସଚେତନତା ସୃଷ୍ଟି କରୁଛୁ। ବିକ୍ରି ପରବର୍ତ୍ତୀ ସେବା ମଧ୍ୟ ଯୋଗାଇ ଦେଉଛୁ। ଗ୍ରାହକଙ୍କୁ ସହାୟତା କଲେ କାରବାର ବୃଦ୍ଧି ପାଇବ ବୋଲି ଆମେ ବିଶ୍ୱାସ ରଖିଛୁ। କମ୍ପାନୀ ପକ୍ଷରୁ 'ଏମ୍ ସୁରକ୍ଷା' ସୁବିଧା ସବୁ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଗ୍ରାହକଙ୍କୁ ଅଗ୍ରାଧିକାର ଦେଇ କମ୍ପାନୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଏ।

**ସରକାରଙ୍କଠାରୁ କମ୍ପାନୀ କ'ଣ ଆଶା କରୁଛି?**

ଗୋଟିଏ ସଂସ୍ଥା ବା କମ୍ପାନୀ ସରକାରଙ୍କ ସହଯୋଗ ବିନା କିଛି କରିପାରିବ ନାହିଁ। ବର୍ତ୍ତମାନ ପୁରୁଣା ଦରରେ ସରକାରଙ୍କୁ ସହାୟତା ଯୋଗାଇ ଦେବା କଷ୍ଟକର। କେନ୍ଦ୍ର ସରକାର ତେଲ ଠାରୁ ଆରମ୍ଭକରି ଷ୍ଟିଲ୍ ଓ ବିଭିନ୍ନ ଯନ୍ତ୍ରପାତିର ଦର ବଢ଼ାଇଛନ୍ତି। ରାଜ୍ୟ ସରକାର ମଧ୍ୟ ସେମାନଙ୍କର ସବ୍‌ସିଡି ଓ ବକେୟା ଠିକ୍ ସମୟରେ ପୈଠ ନ କରିବା ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସରକାର ଏଭଳି ଘଟଣାକୁ ଗୁରୁତ୍ୱର ସହ ଗ୍ରହଣକରି ସହଯୋଗ ପ୍ରଦାନ କଲେ ଭଲ ହୁଅନ୍ତା।

**– ସାକ୍ଷାତ୍‌କାର: ଅଭୟ ଦାଶ**



ହୀରାକୁଦ ଡ୍ୟାମ୍‌ରୁ ୪ ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି।

# ହୀରାକୁଦ ଡ୍ୟାମ୍‌ର ୪ ଗେଟ୍ ଖୋଲିଲା

## ସେକେଣ୍ଡରେ ୮୧,୩୪୯ କ୍ୟୁସେକ ନିଷ୍କାସିତ

**ସମ୍ବଲପୁର,୨୪।୭(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ଶନିବାର ୪ ଗେଟ୍ ଖୋଲି ଦିଆଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୦୭.୯୩ଫୁଟ୍ ରହିଛି। ୪ ଗେଟ୍ ଦେଇ ୫୮ ହଜାର ୭୬୦ କ୍ୟୁସେକ ଜଳ ନିଷ୍କାସନ ହେଉଛି। ସେହିପରି ପାୱାର ଚ୍ୟାନେଲ ପାଇଁ ୧୮,୭୬୨, ଶିଳ୍ପ ଲାଗି ୨୭୨ ଓ ଚାଷ ପାଇଁ ୩୫୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧୮ ହଜାର ୫୦୬ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୮୧ ହଜାର ୩୪୯ କ୍ୟୁସେକ ଜଳ ନିଷ୍କାସନ ହେଉଛି। ସୂଚନଯୋଗ୍ୟ ଜୁଲାଇ ୧୧ରେ ଜଳଭଣ୍ଡାରରୁ ଚଳିତବର୍ଷ ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ପ୍ରଥମ ଦିନରେ ୨ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିଲା। ଉପରମୁଣ୍ଡରେ ନିଅଣ୍ଟ ବର୍ଷା ଯୋଗୁ ୧୬ରେ ଗୋଟିଏ ଓ ୧୮ରେ ଅନ୍ୟ ଗୋଟିଏ ଗେଟ୍ ବନ୍ଦ କରି ଦିଆଯାଇଥିଲା।

Government of India
Ministry of Skill Development & Entrepreneurship (DGT)
NATIONAL SKILL TRAINING INSTITUTE, BHUBANESWAR
5th & 6th Floor, NSIC & IMDC Building, IDCO Plot No.06, ManchESWAR Industrial Estate, Bhubaneswar– 751010
Skill India
Phone/Fax: (0674)2974498, E-Mail: nsti.bbs-msde@gov.in

ADMISSION NOTICE

NSTI, Bhubaneswar is offering admission into Instructor Training Courses under CRAFT INSTRUCTOR TRAINING SCHEME (CITS) one year duration and ITI course under CRAFTSMEN TRAINING SCHEME (CTS) in the following trades.

| Sl. No. | TRDAE | Entry Qualification | NSF | No. of units | Seats |
|---|---|---|---|---|---|
| 1 | CITS Electrician | NTC/NAC (NCVT certificate in elevant trade) or Diploma / Degree from recognized Board of Technical Education/ Univerity or equivalent. | Level-6 | One | 25 |
| 2 | CITS Fitter | | | Two | 50 |
| 3 | CITS Welder | | | One | 25 |
| 4 | CTS Solar Technician (Electrical) | Passed 10th class exam under 10+2 system with Math & Science or its equivalent | Level-4 | One | 20 |

CENTRALIZED ADMISSION NOTICE PUBLISHED IN DGT WEBSITE

Azadi Ka amrit Mahotsav
GOVERNMENT OF INDIA
DIRECTORATE GENERAL OF TRAINING
Ministry of Skill Development & Entrepreneurship
Directorate General of Training

ADMISSION NOTICE 2021-22

Admission to courses under **Craft Instructor Training Scheme (CITS) at NSTIs and ITOTs** will be made through All India Common Entrance Test which is scheduled to be held on **20th and 21st August, 2021**. Applications are invited for Computer Based Test (online) on www.nimionlineadmission.in from the eligible candidates w.e.f. from **19.07.2021 to 02.08.2021** to appear in the entrance test at various centers across the country. Online registration to courses under **Craftsmen Training Scheme (CTS) at NSTIs** will be made through merit basis on www.nimionlineadmission.in from the eligible candidates w.e.f. from **12.07.2021 to 02.08.2021**.

For detail information about admission log in: www.dgt.gov.in and www.nstibhubaneswar.dgt.gov.in
Contact: **NSTI Office, Bhubaneswar, Ph: 0674-2974498, S. N. Sahu (Trg Sec), M: 8594819990**

## ଅପହରଣ ମାମଲା
# ବ୍ରହ୍ମପୁରରୁ ଯୁବକଙ୍କୁ ଉଠାଇନେଲା ଗୁଜରାଟ ପୋଲିସ

**ବ୍ରହ୍ମପୁର ଅଫିସ,୨୪।୭:** ଅହମ୍ମଦାବାଦ୍‌ର ଜଣେ ବିବାହିତା ମହିଳାଙ୍କୁ ଅପହରଣ କରି ବ୍ରହ୍ମପୁର ନେଇ ଆସିଥିବା ଜଣେ ଯୁବକଙ୍କୁ ଶନିବାର ଗୁଜରାଟ ପୋଲିସ ଉଠାଇ ନେଇଛି। ଯୁବକ ଜଣକ ବିବାହିତା ମହିଳାଙ୍କ ସମେତ ୫ ବର୍ଷର ଝିଅ ଏବଂ ମହିଳାଙ୍କ ଭଉଣୀଙ୍କୁ ଧରି ବ୍ରହ୍ମପୁର ଚାଲି ଆସିଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ଗୁଜରାଟର ଏକ କୋର୍ଟରେ ପିଟିଶନ୍ ରୁଜୁ କରିଥିଲେ। ଏହାର ଶୁଣାଣି କରି ସେଠାକାର କୋର୍ଟ ତୁରନ୍ତ ପରିବାରବର୍ଗଙ୍କୁ ଖୋଜିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସେ ନେଇ ଗୁଜରାଟ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଯୁବକ ଜଣକ ବ୍ରହ୍ମପୁରରେ ଥିବା ନେଇ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ଗୁଜରାଟ ପୋଲିସ ବ୍ରହ୍ମପୁର ଆସି ଗୋସାଇଁ ନୂଆଗାଁ ପୋଲିସ ସହାୟତାରେ ବିଜିପୁର ତୋଟାସାହିର ଏକ ଭଡ଼ାଘରୁ ସମସ୍ତଙ୍କୁ ଠାବ କରିଥିଲା। ଗୁଜରାଟ ପୋଲିସ ସମ୍ପୃକ୍ତ ଯୁବକଙ୍କ ସମେତ ଅନ୍ୟମାନଙ୍କୁ ଅହମ୍ମଦାବାଦ୍ ନେଇଥିବା ସୂଚନା ମିଳିଛି।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

## ସନ୍ତାନ ସୁଖ ନ ମିଳିବାରୁ ଆତ୍ମହତ୍ୟା ସନ୍ଦେହ

**ଯାଜପୁର ଅଫିସ/କୋରେଇ/ ରଗଡ଼ି(ଡି.ଏନ୍.ଏ.),୨୪।୭**

ଯାଜପୁର ଜିଲା କୋରେଇ ଥାନା ଗୌରପୁର ପଞ୍ଚାୟତ ଯୁଗଳ ଗ୍ରାମରେ ଏକ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ଶନିବାର ପୃଥକ୍ ଭାବେ ଜବତ କରାଯାଇଛି। ସେମାନେ ହେଲେ ଶାନ୍ତନୁ ଜେନା ଏବଂ ତାଙ୍କ ସ୍ତ୍ରୀ ସବିତା। ଶ୍ରମିକ ଭାବେ କାମ କରୁଥିବା ଶାନ୍ତନୁ ୨୦୧୬ରେ ପତ୍ରକଣା ଗ୍ରାମର ସବିତା ଜେନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ୫ ବର୍ଷ ପରେ ବି ସେମାନଙ୍କ କୌଣସି ସନ୍ତାନ ଜନ୍ମ ହୋଇ ନ ଥିଲା। ଏହାକୁ ନେଇ ବିଭିନ୍ନ ସମୟରେ ସବିତାଙ୍କୁ ଟାହିଟାପରା ଶୁଣିବାକୁ ପଡୁଥିଲା। ଏହି ଘଟଣାକୁ ନେଇ ସବିତାଙ୍କ ବାପଘର ଲୋକେ ତାଙ୍କ ଝିଅକୁ ହତ୍ୟା କରାଯାଇଛି ଏବଂ ପରେ ଶାନ୍ତନୁ ଘର ବାହାରେ ଆତ୍ମହତ୍ୟା କରିଛନ୍ତି ବୋଲି କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପାରିବାରିକ କଳହ ଏବଂ ଆର୍ଥିକ ଅନଟନରୁ ଉଭୟେ ଆତ୍ମହତ୍ୟା କରିଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି। ଖବର ପାଇ କୋରେଇ ଥାନା ଅଧିକାରୀ ରଞ୍ଜିତ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ଏ ନେଇ ୧୪/୨୧ ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପଡ଼ୋଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବାହାଘରର ୫ ବର୍ଷ ପରେ ବି ସବିତାଙ୍କୁ ସନ୍ତାନ ସୁଖ ମିଳି ନ ଥିବାରୁ ସେ ମାନସିକ ଚାପରେ ରହୁଥିଲେ। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଏହାକୁ ନେଇ ବିଭିନ୍ନ ସମୟରେ କଳହ ହେଉଥିଲା। ଶୁକ୍ରବାର ମଧ୍ୟ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତିରେ ସେମାନେ ଖାଇ ଶୋଇଥିଲେ। କିଛି ସମୟ ପରେ ଅନ୍ୟ ଏକ କୋଠରୀରେ ସବିତାଙ୍କ ଝୁଲନ୍ତା ମୃତଦେହକୁ ଶାନ୍ତନୁ ଦେଖିବାକୁ ପାଇ ପରିବାର ଲୋକଙ୍କୁ ଡାକ ପକାଇଥିଲେ। ପାଖରେ ରହୁଥିବା ଶାନ୍ତନୁଙ୍କ ପରିବାର ଲୋକେ ଏବଂ ପଡ଼ୋଶୀମାନେ ସେଠାରେ ରୁଣ୍ଡ ହୋଇଥିଲେ। ଏହି ସମୟରେ ହଠାତ୍ ଶାନ୍ତନୁ କେଉଁଆଡ଼େ ଚାଲି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର ସକାଳୁ ଶାନ୍ତନୁଙ୍କ ଝୁଲନ୍ତା ଶରୀରକୁ ଘର ବାରିପଟ ଏକ କରଞ୍ଜ ଗଛରେ ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ କୋରେଇ ଥାନାଧିକାରୀ ମହାନ୍ତି କହିଛନ୍ତି ଯେ, ସ୍ୱାମୀସ୍ତ୍ରୀ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ଏନେଇ ତଦନ୍ତ ଚାଲିଛି।

# ୩ମାସ ମଧ୍ୟରେ ପଦକ୍ଷେପ ନିଅ: ହାଇକୋର୍ଟ

## ଗଜପତି ଜିଲାରେ ଆର୍‌ଆଇ, ସହକାରୀ ଆର୍‌ଆଇ, ଅମିନ ନିଯୁକ୍ତି ମାମଲା



**କଟକ ଅଫିସ, ୨୪।୭**

ଗଜପତି ଜିଲାରେ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ), ସହକାରୀ ଆର୍‌ଆଇ, ଅମିନ ପଦବୀନେଇ ନିଯୁକ୍ତି ମାମଲାରେ ହାଇକୋର୍ଟ ଶୁଣାଣି କରିଛନ୍ତି। ଆବେଦନକାରୀଙ୍କ ପିଟିଶନକୁ ଗ୍ରହଣକରି ଆସନ୍ତା ୩ମାସ ମଧ୍ୟରେ ପଦକ୍ଷେପ ନେବାକୁ ହାଇକୋର୍ଟ ବିଚାରପତି ବି.ଆର. ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଗଜପତି ଜିଲା ପାରଳାଖେମୁଣ୍ଡିର ଅମୂଲ୍ୟରତ୍ନ ସ୍ୱାଇଁସିଂହ ପିଟିଶନରେ ଦର୍ଶାଇଥିଲେ, ୨୦୧୧ ଡିସେମ୍ବର ୨୦ରେ ଗଜପତି ଜିଲାପାଳଙ୍କ ତରଫରୁ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ), ସହକାରୀ ଆର୍‌ଆଇ, ଅମିନ ପଦବୀ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ୨୦୧୨ ଜୁନ୍ ୭ରେ ଫଳ ପ୍ରକାଶ ପାଇଥିଲା। ଏଥିରେ ବହୁ ଅନିୟମିତତା ହୋଇଛି। ଗୋଟିଏ ବର୍ଗର ପ୍ରାର୍ଥୀଙ୍କୁ ଅନ୍ୟ ବର୍ଗରେ ନିଯୁକ୍ତି ଦିଆଯାଇଥିବା ସେ ପିଟିଶନରେ ଦର୍ଶାଇଥିଲେ। ଏହି ଚୟନ ପ୍ରକ୍ରିୟାକୁ ରଦ୍ଦ କରାଯାଉ ଓ ଖାଲି ପଦବୀରେ ନିଯୁକ୍ତି ଦିଆଯାଉ ବୋଲି ସେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

## ବିଦ୍ୟୁତ୍ ଫାଶରେ ହାତୀ ମୃତ



ମୃତ ହାତୀ

■ ୨ ଅଭିଯୁକ୍ତ ଗିରଫ, ୨ ଅଟକ

**ଢେଙ୍କାନାଳ ଅଫିସ, ୨୪।୭:** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ କନ୍ତାମିଲା ଗ୍ରାମ ନିକଟବର୍ତ୍ତୀ କୁଶପଦା ଜଙ୍ଗଲରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଫାଶରେ ଛନ୍ଦି ହୋଇ ଏକ ମାଈହାତୀର ମୃତ୍ୟୁ ଘଟିଛି। ହାତୀଟିର ଆନୁମାନିକ ବୟସ ୧୨ ବର୍ଷ ହେବ। ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀର ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାରେ ବନ ବିଭାଗ କନ୍ତାମିଲା ଗ୍ରାମର ରଞ୍ଜିତ ନାୟକ ଓରଫ୍ ବଟୁ (୩୦), ଦିଅରପଣି ଗ୍ରାମର ଜିତୁ ସାହୁ ଓରଫ୍ ସୁମନ (୩୫)ଙ୍କୁ ଗିରଫ କରିଛି। ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶ ଚାନ୍ଦ ଗୋଗିନେନି, ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ, ହିନ୍ଦୋଳ ରେଞ୍ଜର ଲୋହିତ ରଥ, ସାତକୋଶିଆ ଅଭୟାରଣ୍ୟର ବରିଷ୍ଠ ବନ୍ୟପ୍ରାଣୀ ଚିକିତ୍ସାଧିକାରୀ ଡ. କିଶୋର ଚନ୍ଦ୍ର ସାହୁ ପ୍ରମୁଖ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ହାତୀର ମୃତଦେହ ପୋତି ଦିଆଯାଇଛି।

# ଏମ୍‌ସିଏଲ୍ କୋଇଲା ଖଣି ସମ୍ପ୍ରସାରଣକୁ ବିରୋଧ

**ଝାରସୁଗୁଡ଼ା ଅଫିସ,୨୪।୭**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧୀନ ବେଲପାହାଡ ଖୋଲାମୁହଁ କୋଇଲାଖଣି ସମ୍ପ୍ରସାରଣକୁ ସ୍ଥାନୀୟ ଯୋରାବଗା ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଏହାସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ଉପସ୍ଥିତିରେ ପୋଲିସ ଫୋର୍ସ

## ପ୍ରତିଶ୍ରୁତି ପରେ କାମ ଆରମ୍ଭ

ନେଇ ଶନିବାର କାମ ଆରମ୍ଭ ଉଦ୍ୟମ କରିଥିଲେ। ଖବରପାଇ ଗ୍ରାମର ଶତାଧିକ ମହିଳାପୁରୁଷ ଏହାକୁ ବିରୋଧ କରିବା ପରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇବାରୁ ସମ୍ପ୍ରସାରଣ କାମ ହୋଇପାରି ନ ଥିଲା। ପରେ ସେଠାରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଏଥିରେ ଉପଜିଲାପାଳ ଶିବ ଟପ୍ପୋ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏସ୍‌ଡିପିଓ ଦିଲୀପ ଦାସ, ଏମ୍‌ସିଏଲ୍ ତରଫରୁ ଜିଏମ୍ ଅନିଲ କୁମାର ସିଂହ, ପ୍ରକଳ୍ପ ଅଧିକାରୀ ସତ୍ୟ ଭୂଷଣ ବାରିକ, ଗ୍ରାମବାସୀଙ୍କ ତରଫରୁ ସମୀର ମିଶ୍ର, ସବ୍ୟସାଚୀ ସାହୁ, ରାକେଶ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ଦାବି ରହିଥିଲା ପ୍ରଥମେ ସମସ୍ତ ସୁବିଧା ଦେଇ ଗ୍ରାମକୁ ବିସ୍ଥାପିତ କରି ଅନ୍ୟତ୍ର ଥଇଥାନ କରିବା ପରେ ଖଣି ସମ୍ପ୍ରସାରଣ କରିବ। କମ୍ପାନୀ କର୍ତ୍ତୃପକ୍ଷ ସହମତି ପ୍ରକାଶକରି ବିସ୍ଥାପିତ ପାଇଁ ସର୍ଭେ ହୋଇଥିବା ଗ୍ରାମର ୧୭ ଏକର ୭୩ଡେସିମିଲ୍ ଜମି ଚିହ୍ନଟ କରାଯାଇଛି। ୧ ସପ୍ତାହ ମଧ୍ୟରେ ଗ୍ରାମବାସୀଙ୍କୁ ନୋଟିସ୍ କରାଯିବା ସହ ଆସନ୍ତା ଡିସେମ୍ବର ୩୧ମଧ୍ୟରେ ଏହାର ସମାଧାନ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀ ଆନ୍ଦୋଳନରୁ ଓହରିବା ପରେ କମ୍ପାନୀ ତରଫରୁ ସନ୍ଧ୍ୟାରେ ଖଣି ସମ୍ପ୍ରସାରଣ କାମ ଆରମ୍ଭ ହୋଇଥିଲା।




ଖଣି ସମ୍ପ୍ରସାରଣକୁ ବିରୋଧ କରୁଥିବା ମହିଳାପୁରୁଷ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୦୦୩୮/IND-II-PH-872 ତାରିଖ 22.07.2021
CAD-684

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀମତୀ ଅନିତା ମହାକୁଡ଼ ଓଡ଼ିଶା**ର ଗଜପତି ଜିଲ୍ଲା, ରାୟଗଡ଼ା ତହସିଲ ଅନ୍ତର୍ଗତ ବୁରୁଜାଙ୍ଗୋ ଗ୍ରାମରେ ମହେନ୍ଦ୍ରତନୟା ନଦୀ ଶଯ୍ୟାରେ ୯.୨୨୭ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବୁରୁଜାଙ୍ଗୋ ବାଲୁକା ଖଣିରୁ ବାର୍ଷିକ ୨୦୮୦ ଘନ ମିଟର ବାଲୁକା ଉତ୍ତୋଳନ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୭।୦୮।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ ଗଜପତି ଜିଲ୍ଲା, ରାୟଗଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ବୁରୁଜାଙ୍ଗୋ** ଗ୍ରାମ ସ୍ଥିତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଜପତି**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଜପତି**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଜପତି**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OIPR-08012/11/0010/2122

ତୁମର ପଡ଼ୋଶୀ ଭିତରେ ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଭିତରେ ବି ଈଶ୍ୱରଙ୍କ ପାଇଁ ବଞ୍ଚ। ତୁମ ନିଜ ଦେଶରେ ଓ ତୁମର ଶତ୍ରୁର ଦେଶରେ ବି ଈଶ୍ୱରଙ୍କ ଲାଗି ବଞ୍ଚ ଓ ସମଗ୍ର ମାନବଜାତି ଭିତରେ– ବୃକ୍ଷଲତା ମାଟିପଥର ଓ ପଶୁପକ୍ଷୀଙ୍କ ଭିତରେ– ପୃଥିବୀ ଭିତରେ ଓ ପୃଥିବୀ ବାହାରେ ତୁମେ କେବଳ ଈଶ୍ୱରଙ୍କ ପାଇଁ ବଞ୍ଚ। ତେବେ ଯାଇ ତୁମେ ମୁକ୍ତିର ପଥରେ ପାଦ ଦେଇଛ। –ଶ୍ରୀଅରବିନ୍ଦ

# ଜୀବନ ଏମିତି ଚାଲିବ



ଆକାର ପଟେଲ

ପୂର୍ବରୁ କିଛି ସପ୍ତାହ ପର୍ଯ୍ୟନ୍ତ ଭାରତର ଗଣମାଧ୍ୟମରେ କୋଭିଡ୍ ପରିଚାଳନା ଘଟଣା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏପରିକି ତାହା କିଛିଦିନ ଧରି ବିଶ୍ୱ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏ ପର୍ଯ୍ୟନ୍ତ ଟିକାର ଅଭାବ ରହିଛି ବୋଲି ପ୍ରତିଦିନ ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଶୁଣୁଥିଲେ ବି ବର୍ତ୍ତମାନ ଏହି ଘଟଣାର ଗୁରୁତ୍ୱ ନ ଥିବା ଭଳି ମନେହେଉଛି। ଏହା ବଦଳରେ ଆଉ ଏକ ଘଟଣା ସାମ୍ନାକୁ ଆସିଛି ଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି, ତାହା ହେଉଛି ପେଗାସସ୍। ସାମ୍ବାଦିକ, ରାଜନୀତିଜ୍ଞ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଅଧିକାରୀମାନଙ୍କ ଉପରେ ଗୁପ୍ତଚରୀ ନଜର ରଖିବାକୁ ସରକାର ଏହି ଇସ୍ରାଏଲ ସ୍ପାଏୱେରକୁ କାହିଁକି କିଣିଲେ ତାହା ଆମେ ଜାଣିନାହୁଁ। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ପ୍ରତୀୟମାନ ହେଉନାହିଁ। ଏଠି ନିର୍ବାଚିତ ନେତାମାନେ କୌଣସି ପ୍ରଶ୍ନର ପ୍ରତିକ୍ରିୟା ରଖିବା କି ପ୍ରେସ୍ କନ୍‌ଫରେନ୍ସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ। ବରଂ ସତ୍ୟ ଉଦ୍‌ଘାଟିତ କରୁଥିବା ଗଣମାଧ୍ୟମକୁ ଆକ୍ରମଣ କରାଯାଏ। ତେବେ ଏହି ସ୍ତମ୍ଭ ସାମ୍ପ୍ରତିକ ଘଟଣା ଉପରେ ନୁହେଁ, ବରଂ ମୋଦିଙ୍କ ଶାସନ କାଳରେ ଲୋକଙ୍କୁ ଜଣା ନ ଯାଇଥିବା ବିଷୟଗୁଡ଼ିକ ଉପରେ ପର୍ଯ୍ୟବସିତ। ଆମର ସ୍ଥିତି ଏବେ କେଉଁଠି ଓ ଆମ ଭବିଷ୍ୟତ କ'ଣ ହେବ, ସେ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ପେଗାସସ୍, କୋଭିଡ୍ ଭଳି ସରକାର ଭାରତୀୟ ଅର୍ଥବ୍ୟବସ୍ଥା କେଉଁ ସ୍ଥିତିରେ ରହିଛି ଓ ଆଗକୁ କ'ଣ ହେବ ସେ ବିଷୟରେ କିଛି ଉତ୍ତର ଦେଉନାହାନ୍ତି। କିନ୍ତୁ କଥା ଲୁଚି ରହିନି। ତଥ୍ୟ ସାମ୍ନାରେ ରହିଛି। ଭାରତ ବର୍ତ୍ତମାନ କେଉଁଠି ଅଛି ଓ ତାହାକୁ କେଉଁଆଡେ ନିଆଯାଉଛି ତା' ଉପରେ ପ୍ରଶ୍ନ ଉଠାଇବାର ସମୟ ଉପନୀତ ହୋଇଛି।

ମହାମାରୀ ପୂର୍ବରୁ ଭାରତରେ ଗରିବ ଲୋକମାନଙ୍କର ଖର୍ଚ୍ଚ କମିଥିଲା। ଭାରତର ଉପଭୋକ୍ତା ଖର୍ଚ୍ଚ ୨୦୧୧-୧୨ ତୁଳନାରେ ୨୦୧୭-୧୮ରେ କମ୍ ଥିଲା। ଏହି ତଥ୍ୟ ସରକାରଙ୍କଠାରୁ ଅଣାଗଲା, କିନ୍ତୁ ସରକାର ତାହାକୁ ସର୍ବସାଧାରଣରେ ପ୍ରକାଶ କଲେ ନାହିଁ। ମୋଦିଙ୍କ ଶାସନ କାଳରେ ଚାକିରି ହରାଇବା ଲୋକଙ୍କ ସଂଖ୍ୟା ଲଗାତର ବଢ଼ିଚାଲିଲା। ଭାରତରେ ମୋଟ କର୍ମଜୀବୀଙ୍କ ସଂଖ୍ୟା କମିଲା। ୨୦୧୩ରେ କାମ କରୁଥିବା ଲୋକଙ୍କ ସଂଖ୍ୟା ୪୪ କୋଟିରୁ ୨୦୧୬ରେ ୪୧ କୋଟିରେ ପହଞ୍ଚିଲା। ଏହି ସଂଖ୍ୟା ୨୦୨୧ରେ ରହିଛି ୩୮ କୋଟି। ଯଦିଓ କାମ କରିବାକୁ ସକ୍ଷମଙ୍କ ସଂଖ୍ୟା ୭୯ କୋଟିରୁ ୧୦୬ କୋଟିକୁ ବୃଦ୍ଧି ପାଇଛି। ଅପରପକ୍ଷରେ ଭାରତର ମଧ୍ୟବିତ୍ତବର୍ଗଙ୍କ ଅଭିବୃଦ୍ଧି ବନ୍ଦ ହୋଇଗଲା। ଅହମ୍ମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ, ହାଇଦ୍ରାବାଦ, କୋଲକାତା, ମୁମ୍ବାଇ ଏବଂ ପୁଣେ ଏହି ୮ଟି ସହରରେ ବାସୋପଯୋଗୀ ଘର ବିକ୍ରି ଆଗକୁ ବଢିପାରିଲା ନାହିଁ। ୨୦୧୨ରେ ୩.୩ ଲକ୍ଷ ୟୁନିଟ୍ ଘର ବିକ୍ରି ହୋଇଥିବାବେଳେ ଏହି ସଂଖ୍ୟା ୨୦୧୯ରେ ରହିଲା ୩.୨ ଲକ୍ଷ। ପରେ ୨୦୨୦ରେ ଏହା ୧.୫ ଲକ୍ଷ ୟୁନିଟ୍‌କୁ ଖସିଆସିଲା। ଏକ ଦଶନ୍ଧି ଧରି ଯାତ୍ରୀବାହୀ ଯାନ ବିକ୍ରି ସ୍ଥିର ରହିଛି। ୨୦୧୨, ୨୦୧୯ ଏବଂ ୨୦୨୦ରେ ପ୍ରତ୍ୟେକ ବର୍ଷ ସମାନ ୨୭ ଲକ୍ଷ ୟୁନିଟ୍ ଗାଡି ବିକ୍ରି ହୋଇଛି। ସେହିଭଳି ଦୁଇଚକିଆ ଯାନ ବିକ୍ରି କ୍ଷେତ୍ରରେ ବି ମାନ୍ଦାବସ୍ଥା ଲାଗି ରହିଛି। ୨୦୧୪ରେ ୧.୬ କୋଟି ୟୁନିଟ ବିକ୍ରି ହୋଇଥିଲା ବେଳେ ଏହି ସଂଖ୍ୟା ୨୦୨୦ରେ ରହିଛି ୧.୫ କୋଟିରେ। ତିନିଚକିଆ ଯାନ ୨୦୧୨ରେ ୫ ଲକ୍ଷ ୟୁନିଟ୍ ବିକ୍ରି ହୋଇଥିବାବେଳେ ୨୦୨୦ରେ ସବୁଠୁ କମ୍ ୨ ଲକ୍ଷ ବିକ୍ରି ହୋଇଛି। ବ୍ୟବସାୟିକ ଯାନ କଥା ନ କହିବା ଭଲ। ଏହାବାଦ୍ ଘରେ ବ୍ୟବହାର କରାଯାଉଥିବା ଉତ୍ପାଦ ଯଥା ଏୟାରକଣ୍ଡିଶନର, ୱାଶିଂମେଶିନ, ଟେଲିଭିଜନ ଆଦି ଉପକରଣର ବଜାର ୨୦୨୦ ସୁଦ୍ଧା ୧୫୦,୦୦୦ କୋଟି ଟଙ୍କା ହେବ ବୋଲି ୨୦୧୪ରେ ଆକଳନ କରାଯାଇଥିଲା। କିନ୍ତୁ ଏହା ୨୦୧୯ରେ ୭୬,୪୦୦ କୋଟି ଏବଂ ୨୦୨୦ରେ ୫୦,୦୦୦ କୋଟି ଟଙ୍କାରେ ରହିଗଲା।

ମୋଟ ରେଳ ଏବଂ ବିମାନ ଯାତ୍ରୀଙ୍କ ସଂଖ୍ୟା ହ୍ରାସପାଇଛି। ୨୦୧୨ରେ ଯାତ୍ରୀଙ୍କ ସଂଖ୍ୟା ଥିଲା ୮୪୦ କୋଟି ଓ ୨୦୧୯ରେ ପହଞ୍ଚିଲା ୮୨୬ କୋଟିରେ। ଏହା ତ ମହାମାରୀ ପୂର୍ବରୁ ହୋଇଛି। ଚାଇନାର ପ୍ରିମିୟର ଲି କେକ୍ୱିଆଙ୍ଗ ରେଳରେ ପରିବହନ ହେଉଥିବା ମାଲ୍‌ର ପରିମାଣ, ବିଦ୍ୟୁତ ଉପଯୋଗ ଏବଂ ପ୍ରଦାନ କରାଯାଇଥିବା ଋଣ, ଏହି ତିନୋଟି ମାନକ ମାଧ୍ୟମରେ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ବାସ୍ତବ ସ୍ଥିତି ଆକଳନ କରୁଛି। ଜଣାପଡିଛି ଯେ, ୨୦୧୪ରେ ରେଳଯୋଗେ ୧.୧ ବିଲିୟନ ଟନ୍ ମାଲ ପରିବହନ ହୋଇଥିଲାବେଳେ ୨୦୨୦ରେ ଏହା ୧.୨ ବିଲିୟନ ଟନ୍ ରହିଥିଲା। ଏଣୁ ସେଭଳି କିଛି ଅଭିବୃଦ୍ଧି ଘଟିନାହିଁ। ଭାରତର ଜନସଂଖ୍ୟା ୭ କୋଟି ବଢ଼ିଥିବାବେଳେ ୨୦୧୭ରୁ ୨୦୨୦ ଯାଏ ୪ ବର୍ଷ ପାଇଁ ବିଦ୍ୟୁତ୍ ଉତ୍ପାଦନ ୧.୩ ବିଲିୟନ ୟୁନିଟ୍ ରହିଥିଲା। ଶିଳ୍ପ କ୍ଷେତ୍ରରେ ବ୍ୟାଙ୍କ ଦେଉଥିବା ଋଣ କ୍ଷେତ୍ରରେ ଅଭିବୃଦ୍ଧି ୨୦୧୩ରେ ୧୩% ଥିଲା ଓ ୨୦୧୯ରେ ଏହା ୬.୯%ରେ ପହଞ୍ଚିଛି। ମଧ୍ୟମ ଶିଳ୍ପ ପାଇଁ ବ୍ୟାଙ୍କ ଦେଉଥିବା ଋଣ କ୍ଷେତ୍ରରେ ଅଭିବୃଦ୍ଧି ୨୦୧୪ ମାର୍ଚ୍ଚରେ ମାଇନସ୍ ୦.୫% , ୨୦୧୮ରେ ମାଇନସ୍ ୧.୧% ଥିଲାବେଳେ ୨୦୧୯ରେ ୨.୬% ରହିଛି। ଏସବୁ ଯାହା ଘଟିଛି ମହାମାରୀ ପୂର୍ବରୁ। କ୍ଷୁଦ୍ର ଓ ଅଣୁ ଶିଳ୍ପ ପାଇଁ ବ୍ୟାଙ୍କ ପ୍ରଦାନ କରୁଥିବା ଋଣ ୨୦୧୬ ମାର୍ଚ୍ଚରେ ମାଇନସ ୨.୩% ଥିଲା ଓ ୨୦୧୯ରେ ଏହା ୦.୭%ରେ ରହିଛି। ଉଲ୍ଲେଖଯୋଗ୍ୟ, ମୋଦିଙ୍କ ପୂର୍ବରୁ ୨୦୦୯ରୁ ୨୦୧୩ ମଧ୍ୟରେ ଋଣ ପ୍ରଦାନ (ଅଣ ଖାଦ୍ୟ ଋଣ) ହାରାହାରି ୧୭% ହାରରେ ବୃଦ୍ଧି ଘଟିଥିଲା। କିନ୍ତୁ ମୋଦି ଶାସନକୁ ଆସିବା ପରେ ତାଙ୍କ କାର୍ଯ୍ୟର ପରିଣାମ ସାମ୍ନାକୁ ଆସିଛି।

କାହିଁକି ଏଭଳି ସ୍ଥିତିକୁ ଆସିଛି। ଆମର ଭବିଷ୍ୟତ କ'ଣ ହେବ। ଆମେ କିଭଳି ଅବଶିଷ୍ଟ ବିଶ୍ୱ ସହ ପ୍ରତିଯୋଗିତା କରିବା, ଏହି ପ୍ରଶ୍ନଗୁଡ଼ିକ ଉଙ୍କି ମାରୁଛି। ଯଦି ଆମେ ଏହି ସ୍ଥିତିରେ ରହିବା ତେବେ କିପରି କୋଟି କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ଉଦ୍ଧାର କରିବା। ସରକାର ଦେଶର ସ୍ଥିତି ଜଣାଇବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେବେ ସରକାର ଏବକାର ସ୍କାଣ୍ଡାଲକୁ ଭିନ୍ନ ମୋଡ଼ ଦେବାକୁ ଚାହିଁବେ ଏବଂ ବିଶ୍ୱାସ ହେଉଛି, ପୂର୍ବରୁ ଏଥିରେ ଯେମିତି ଭଙ୍ଗା ପଡ଼ିଛି ସେମିତି ହେବ। କିନ୍ତୁ ଆମ ଜୀବନ ଏମିତି ଚାଲିବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 4 | | | | | |
| | | 2 | | | | 3 | 7 | 8 |
| | 3 | 8 | | 6 | | 9 | | |
| | | 3 | 9 | | | 7 | 2 | 4 |
| | | | | 1 | | | 5 | |
| | | | | | | | | 6 |
| | 2 | | | | 7 | | | |
| 9 | | | | 8 | | | | |
| 6 | | | | | | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 3 | 8 | 1 | 4 | 7 | 2 | 5 |
| 2 | 4 | 7 | 3 | 6 | 5 | 1 | 9 | 8 |
| 1 | 8 | 5 | 7 | 9 | 2 | 3 | 6 | 4 |
| 6 | 3 | 9 | 2 | 5 | 7 | 8 | 4 | 1 |
| 7 | 1 | 2 | 6 | 4 | 8 | 5 | 3 | 9 |
| 8 | 5 | 4 | 1 | 3 | 9 | 2 | 7 | 6 |
| 3 | 9 | 1 | 5 | 2 | 6 | 4 | 8 | 7 |
| 4 | 2 | 8 | 9 | 7 | 1 | 6 | 5 | 3 |
| 5 | 7 | 6 | 4 | 8 | 3 | 9 | 1 | 2 |

ଗତକାଲିର ଉତ୍ତର

# ଦୁର୍ଦ୍ଦିନର ଜୟଗାନ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଦୁଃସମୟର ଆୟୁଷ ବେଶ୍ ଲମ୍ବା ଜଣାପଡ଼େ, ଯେତେବେଳେ ସୁସମୟ ବିଜୁଳି ଝଟକିଲା ଭଳି ଆସେ ଓ ନିମିଷକେ ପୁଣି ଉଭାନ୍ ହୋଇଯାଏ। କଥାଟି ମନସ୍ତାତ୍ତ୍ୱିକ ପର୍ଯ୍ୟାୟର ହେଲେ ବି ଏହାର ବାସ୍ତବତାକୁ ଅସ୍ୱୀକାର କରିହେବ ନାହିଁ। ଅତୀତର ଅତଳ ଗର୍ଭରେ ହଜି ଯାଇଥିବା ଉଭୟ ସୁଦିନ ଓ ଦୁର୍ଦ୍ଦିନ କାଳଚକ୍ରର ଆବର୍ତ୍ତରେ ଅହରହ ଘୁରୁଥିବା ମଣିଷ ପାଖକୁ ଫେରିଆସେନା ସିନା, ମଣିଷଟିଏ କିନ୍ତୁ ଅନାୟାସରେ ଫେରିଯାଇପାରେ ସେଇ ସବୁ ଗଲା କଥା ନିକଟକୁ। ବର୍ତ୍ତମାନ ମଧ୍ୟରୁ ନିଜ ମନଟିକୁ ଟିକେ ମୁକୁଳାଇ ନେଇ ପଛକୁ ଫେରି ଚାହିଁଲେ ଚଳଚ୍ଚିତ୍ରର ଭାସମାନ ଦୃଶ୍ୟରାଜି ପରି ମାନସପଟରେ ଭାସିଉଠେ ଗତାୟୁ ଅତୀତ। ବର୍ତ୍ତମାନର ଉଜ୍ଜ୍ୱଳ ଆଲୋକରେ ଆଲୋକିତ ନିଜ ଚିହ୍ନା ଚେହେରାଟି କେମିତି ଅଚିହ୍ନା ମନେହୁଏ ଅନ୍ଧାରି ଅତୀତର ଆଇନା ମଧ୍ୟରେ। ପରିଚୟର ଭିନ୍ନ ପ୍ରକାରଭେଦ ମଧ୍ୟରେ ମନରେ ପ୍ରଶ୍ନ ଉଠେ– "ମୁଁ ସେଇ ଲୋକ ତ ନା ଆଉ କେହି ଜଣେ ମୋତେ ମୋ ଭିତରୁ ନିକାଲି ଦେଇ ଆସ୍ଥାନ ଜମାଇ ଦେଇଛି!"

କିଏ ଜଣେ କହିଥିଲେ ପରା, 'ସୁଖର ଦିନସବୁ ସେୟା, ଯାହାକୁ ଏକାନ୍ତରେ ଝୁରି ନିରୋଳାରେ ବାହୁନି ହୁଏ'। ମାତ୍ର ଅଭିଶପ୍ତ ଅତୀତର ଦୁର୍ଦ୍ଦିନ ସବୁକୁ ଝୁରି ହେବାର ଦୃଷ୍ଟାନ୍ତ ପ୍ରାୟତଃ ବିରଳ। ତେବେ ତାହା ସୁଖର ଦିନ ହେଉ କି ଦୁଃଖର ଦୁର୍ଦ୍ଦିନ, ବିତି ଯାଇଥିବା ଦିନଗୁଡ଼ିକୁ ଅତୀତ କହି ଯେତେ ମୁହଁ ଫେରାଇନେଲେ ବି ବେଳେବେଳେ ଇତିହାସ ପାଲଟି ଯାଇଥିବା ନିଷ୍ପ୍ରଭ ଅତୀତ ସ୍ମୃତି ଦେହରେ ପିଟି ହୋଇଯା'ନ୍ତି। କେଇ ମୁହୂର୍ତ୍ତ ପାଇଁ କେମିତି ଏକ ଅନିର୍ବଚନୀୟ ଅନୁଭବରେ ଅସ୍ଥିର ହୋଇଉଠେ ମଣିଷର ମନ। ଧନଶାଳୀ ବାଦଶାହରୁ କାଙ୍ଗାଳ ବନି ଯାଇଥିବା ହତଭାଗ୍ୟ ଜଣେ ତା' ଗତାୟୁ ଗୌରବଗାଥାକୁ ଯେମିତି ଝୁରିହୁଏ, ସେମିତି ତା' ଅନ୍ଧାରି ଅତୀତର କରୁଣ ସ୍ମୃତିରେ ସଙ୍କୁଚିତ ହୁଏ ଧୂଳିରୁ ଉଠି ଆକାଶରେ ଉଡୁଥିବା ଭାଗ୍ୟବାନ୍ ଜଣେ। କେବଳ ପ୍ରଭେଦ ଏତିକି ଆକାଶରୁ ପଡ଼ି ଭୂଇଁରେ ଗଡୁଥିବା ହତଭାଗ୍ୟମାନେ ସେମାନଙ୍କ ବିଗତ ଦିନର ଉଜ୍ଜ୍ୱଳ ସ୍ମୃତିକୁ ଅନ୍ୟମାନଙ୍କ ସହ ବାଣ୍ଟି ପାରୁଥିଲା ବେଳେ ଭୂଇଁରୁ ଉଠି ଆକାଶରେ ଉଡୁଥିବା ଭାଗ୍ୟବାନ୍‌ମାନେ ଅନ୍ୟମାନଙ୍କଠୁଁ ଲୁଚାଇ ରଖନ୍ତି ନିଜ ନିଜର ଅନ୍ଧାରି ଅତୀତ।

ବଡ଼ ବିଚିତ୍ର ଆମ ଇତିହାସ। ବଡ଼ ବିଚିତ୍ର ବି କ୍ଷେତ୍ର ବିଶେଷରେ ଭିନ୍ନ ଭିନ୍ନ ଲୋକଙ୍କ ଭିନ୍ନ ଭିନ୍ନ ଚରିତ୍ର। ଏଠି ସିଂହାସନ ଆରୋହଣ କରି ପାଞ୍ଚାଳ ନରେଶ ବୋଲାଇଲା ପରେ ବାଲ୍ୟବନ୍ଧୁ ଦ୍ରୋଣଙ୍କୁ ଚିହ୍ନିବାକୁ ଅସ୍ୱୀକାର କରିଥିବା ଦ୍ରୁପଦ ଅଛନ୍ତି ତ ଦ୍ୱାରିକାଧିପତି ଭାବେ ବିଶ୍ୱବନ୍ଦିତ ହେଲା ପରେ ବି ସହପାଠୀ ସୁଦାମାଙ୍କୁ କୋଳେଇ ନେବାରେ ଅପୂର୍ବ ତୃପ୍ତି ଲାଭ କରିଥିବା କୃଷ୍ଣ ବି ଅଛନ୍ତି! ପୁଣି ଗୋଟିଏ ବିଭାଗର ଶାସନ ସଚିବ ହେଲା ପରେ ନିଜ ଗାଁସ୍କୁଲର ଶିକ୍ଷକଙ୍କୁ ଚିହ୍ନିବାରେ ଅସାମର୍ଥ୍ୟ ପ୍ରକାଶ କରିଥିବା ପ୍ରଶାସକ ଅଛନ୍ତି ତ ଭାରତର ରାଷ୍ଟ୍ରପତି ହେଲା ପରେ ବି ନିଜ ପ୍ରାଥମିକ ପାଠଶାଳାର ବୃଦ୍ଧ ଅବଧାନଙ୍କୁ ନତଜାନୁ ହୋଇ ପ୍ରଣାମ କରିଥିବା ଅବଦୁଲ କଲାମ ବି ଅଛନ୍ତି! ଇତିହାସର ଏହି ବିବିଧବର୍ଣ୍ଣ ବୈଚିତ୍ର୍ୟ ମଧ୍ୟରେ ସବୁଠୁ ବୋଧହୁଏ ବଡ଼ ବୈଚିତ୍ର୍ୟ ହେଉଛି ବର୍ତ୍ତମାନର ଆଲୋକ ମଧ୍ୟରେ ନିଜ ଅନ୍ଧାରି ଅତୀତକୁ ଅତି ଗୌରବର ସହ ସ୍ମରଣ କରିବା। କେବଳ ସ୍ମରଣ କରିବା ନୁହେଁ, ଅତ୍ୟନ୍ତ ଆବେଗର ସହ ତାହାକୁ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବା।

ଘରେ ବାସିପଖାଳ ଖାଇ ବାହାରେ ପଲାଉ ଖାଇଥିବାର ମିଥ୍ୟା ପ୍ରୌଢ଼ି ବଖାଣୁଥିବା ଲୋକମାନଙ୍କ ଦୁନିଆରେ ଗ୍ରୀନ୍‌ରୁମର ଚେହେରାଠାରୁ ମଞ୍ଚର ପାଉଡରମଖା ମୁହଁର ଯେଉଁଠି ବେଶି ଆଦର, ସେଠି ପ୍ରାଚୁର୍ଯ୍ୟ, ପ୍ରତିଷ୍ଠା ଓ ପତିଆରାର ଶୀର୍ଷତମ ସୋପାନରେ ଥାଇ ବି ନିଜ ଅତୀତ ଦୁର୍ଦ୍ଦିନର ଜୟଗାନ କରିବା ଏକ ବୈଚିତ୍ର୍ୟ ନୁହେଁ ତ ଆଉ କ'ଣ! ସେମାନଙ୍କ ସୁସ୍ଥ ଓ ସ୍ୱଚ୍ଛଳ ବର୍ତ୍ତମାନ ପଛରେ ଯେ ଦିନେ ଅତ୍ୟନ୍ତ ଅସୁସ୍ଥ ଅତୀତଟିଏ ଥିଲା, ଏକଥା ସର୍ବଜନ ସମ୍ମୁଖରେ ପ୍ରକାଶ କରିବା ପ୍ରକୃତରେ ଏକ ବିଚିତ୍ର ଆବେଦନ, ଏକ ଆଶ୍ଚର୍ଯ୍ୟ ଆତ୍ମକଥନ। କଳିଙ୍ଗର ରାଜଉଆସ ମଧ୍ୟରେ ଗଜଦନ୍ତ ପଲଙ୍କରେ ଶୋଇ ରହି ଗଜପତି କପିଳେନ୍ଦ୍ର ଦେବ ଟିକେ ପଛକୁ ଫେରିଚାହିଁ ଯେମିତି ଦେଖୁଥିଲେ ଗଲାକାଲିର ଗାଈଆଳ କପିଳାକୁ, ସେମିତି ମଧ୍ୟ ଦେଖିପାରୁଥିଲେ ଦୁର୍ଦ୍ଦିନର ଏକ ବାରବୁଲା ବ୍ରାହ୍ମଣ ବାଳକକୁ ମଗଧର ମହାମନ୍ତ୍ରୀ ଚାଣକ୍ୟ। ଏମିତି ପଛକୁ ଫେରିଚାହିଁ ଅତୀତର ଅନ୍ଧାର ଦେଖିବାରେ ସେମାନଙ୍କୁ କ'ଣ ମିଳୁଥିଲା କେଜାଣି, ଏଯାଏଁ ବି କିଛି ଲୋକ ଉଜ୍ଜ୍ୱଳ ରାଜମାର୍ଗରେ ଆଗକୁ ମାଡ଼ିଚାଲୁଥିଲା ବେଳେ ରହି ରହି ପଛକୁ ଫେରି ଚାହାନ୍ତି। ରୋମନ୍ଥନ କରନ୍ତି ଅତୀତର ଅଭିଶପ୍ତ ଅଧ୍ୟାୟକୁ। ଅପର୍ଯ୍ୟାପ୍ତ ଅଶ୍ରୁ, ଆବେଗ, ଆନନ୍ଦ ଓ ଆଶ୍ୱସ୍ତି ପ୍ରକାଶ କରି ସେମାନେ ସେହି ଅତୀତକୁ ସ୍ମରଣ କରନ୍ତି ଓ ସ୍ମରଣ କରିବା ମଧ୍ୟରେ ଜୀବନର ଜୟଗାନ କରନ୍ତି। ଏହି ଜୟଗାନର ଭିନ୍ନ ଭିନ୍ନ ରୂପ ହୋଇଥିଲେ ହେଁ ସ୍ୱର କିନ୍ତୁ ପ୍ରାୟତଃ ସମାନ। କେଉଁଠି ମୟୂରଭଞ୍ଜର ପୂର୍ବତନ ଜିଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ସ୍ୱର ପରି ତ ଅନ୍ୟ କେଉଁଠି ଗଞ୍ଜାମର ଏବେକାର ଜିଲା ମାଜିଷ୍ଟ୍ରେଟ ବିଜୟ ଅମୃତା କୁଲାଙ୍ଗେଙ୍କ ସ୍ୱର ପରି।

ଭାରତୀୟ ପ୍ରଶାସନିକ ସେବା ବା ଆଇ.ଏ.ଏସ୍. କୁହାଯାଉଥିବା ପରୀକ୍ଷାରେ ଥରେ ସଫଳ ହୋଇଗଲେ ମଣିଷର ଚେହେରା ଓ ଚରିତ୍ର ବଦଳିଯାଏ ବୋଲି କେତେକ ମତ ଦିଅନ୍ତି। କହନ୍ତି– ପଦବୀ, ପ୍ରତିଷ୍ଠା ଓ କ୍ଷମତା ହାତକୁ ଆସିଲେ ମଣିଷର ପରିଚୟ ବଦଳି 'ହାକିମ' ହୋଇଯାଏ। ଆକାଶରେ ଉଡ଼ିବାର ଏମିତି ଅଧିକାର ମିଳିଯାଏ ଯେ, ଆଖିକୁ ଭୂଇଁ ଦେଖାଯାଏନା। କଥାଟି କେତେକ କ୍ଷେତ୍ରରେ ଅସତ୍ୟ ନୁହେଁ ବୋଲି ବେଶ୍ କିଛି ଦୃଷ୍ଟାନ୍ତ ଆଖିରେ ପଡ଼େ। ମାତ୍ର ରାଜେଶ ପ୍ରଭାକର ପାଟିଲଙ୍କ ପରି ହାକିମଙ୍କ ଆତ୍ମଆଲେଖ୍ୟ ଯେଉଁମାନେ ପଢ଼ିଛନ୍ତି, ସେମାନଙ୍କୁ ସ୍ୱୀକାର କରିବାକୁ କଷ୍ଟହେବନି ଯେ ସବୁ ହାକିମ ଏକାପରି ନୁହନ୍ତି। ନିଜ ଶୀର୍ଣ୍ଣ ଶୈଶବର ଦାରିଦ୍ର୍ୟ ସହ ଲଢ଼ି ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଦୁର୍ବାର ଆତ୍ମପ୍ରତ୍ୟୟ ଓ ପ୍ରାଣମୟ ପ୍ରଚେଷ୍ଟାର ଜୀବନ୍ତ ପ୍ରତିବିମ୍ବ ପରିସ୍ଫୁଟିତ ହୋଇଛି ତାଙ୍କର ସେହି ଅଭିନବ ଆତ୍ମଆଲେଖ୍ୟରେ। ମୂଳ ମରାଠୀ ଭାଷାରେ ଲିଖିତ ତାଙ୍କର ଏହି ଅନବଦ୍ୟ ଆତ୍ମକାହାଣୀର ଓଡ଼ିଆ ରୂପାନ୍ତର ହେଉଛି, "ମା'! ମୁଁ କଲେକ୍ଟର ହେଲି"।

ଜନ୍ମଭୂମି ମହାରାଷ୍ଟ୍ର ହେଲେ ବି କର୍ମଭୂମି ଓଡ଼ିଶା ହୋଇଥିବାରୁ ପୁସ୍ତକଟିର ଓଡ଼ିଆ ରୂପାନ୍ତର ଓଡ଼ିଆ ପାଠକଙ୍କୁ ପ୍ରଭାକର ପାଟିଲଙ୍କ ହାକିମ ହେବାର ପୂର୍ବାବସ୍ଥା ସହ ପରିଚିତ କରାଇଥିଲା। ଜଣାଇଥିଲା ଯେ, ସୁଖର ଦୁନିଆ ଭିତରେ ଥାଇ ବି ଦୁଃଖର ଦୁର୍ଦ୍ଦିନକୁ ମଧ୍ୟ ସମ୍ମାନର ସହ ସ୍ମରଣ କରାଯାଇପାରେ। 'ଏକାନ୍ତ ବ୍ୟକ୍ତିଗତ' କହି ତାକୁ ନିଜ ଭିତରେ ଲୁଚାଇ ନ ରଖି ସମସ୍ତଙ୍କ ସହ ବାଣ୍ଟିବାରେ ବି ବଡ଼ପଣ ଥାଏ। ପୁସ୍ତକଟିରେ ଠାଏ ଲେଖକ କହିଛନ୍ତି– "କେମିତି ଭୁଲିବି ସେ କଥା। ବାପା ମା' କେତେ କଷ୍ଟରେ ପର କ୍ଷେତରେ ଚାଷ କରି ମୋତେ ପ୍ରତିପାଳିତ କରିଛନ୍ତି। ପାଠପଢ଼ାର ପାହାଚ ପରେ ପାହାଚ ଅତିକ୍ରମ କରି ଉପରକୁ ଉଠୁ ଉଠୁ କେତେଥର ଅଟକି ଯାଇଥିବା ମୋ' ପାଦଯୋଡ଼ିକୁ ଦମ୍ଭ ଦେଇ ଆଗକୁ ବଢ଼ାଇ ନେଇଛନ୍ତି। ଜନ୍ମବେଳେ ମଗଜରେ ମେଞ୍ଚାଏ ମେଧା ଖୁନ୍ଦିଖାନ୍ଦି ଭରି ରହିଥିଲେ ବି ପରିବାର ପାଇଁ ଖାଦ୍ୟ ସଂଗ୍ରହ କରିବା ହିଁ ଥିଲା ମୋ ଶୈଶବର ଆଖିଦେଖା ଆହ୍ୱାନ। ଆଜି ଆଇ.ଏ.ଏସ୍. ଅଫିସର ହୋଇ କଲେକ୍ଟର ବନିଗଲି ବୋଲି ସେଇ ସବୁ ଦୁର୍ଦ୍ଦିନକୁ ପାସୋରିଯିବି କେମିତି?"

ସମ୍ପ୍ରତି ଗଞ୍ଜାମର କଲେକ୍ଟର ଥିବା ଓ କରୋନା ସଙ୍କଟକୁ ବେଶ୍ ସଫଳ ଭାବେ ମୁକାବିଲା କରି ବେଶ୍ ନାଁ କମାଇଥିବା ଆଉ ଜଣେ ଆଇ.ଏ.ଏସ୍. ଅଧିକାରୀ ବିଜୟ ଅମୃତା କୁଲାଙ୍ଗେଙ୍କ କାହାଣୀ ଆହୁରି ରୋଚକ ଓ ମାର୍ମିକ। ଦିନମଜୁରିଆ ମାତାପିତାଙ୍କ ଦାରିଦ୍ର୍ୟ ଭିତରେ ପ୍ରତିପାଳିତ ହୋଇ ବି ସେ ଡାକ୍ତର ହେବାକୁ ସ୍ୱପ୍ନ ଦେଖୁଥିଲେ। ଏହି ବ୍ୟୟସାପେକ୍ଷ ବିଦ୍ୟା ପାଇଁ ନିଜର ସମ୍ବଳ ନାହିଁ ବୋଲି ବାପା ସ୍ପଷ୍ଟ ମନା କରିଦେଲା ପରେ ଶିକ୍ଷକଟିଏ ହୋଇ ନିଜକୁ ବୁଝାଇନେଲେ ପୁଅ। ମାତ୍ର ଆଇ.ଏ.ଏସ୍. ପାଇ କଲେକ୍ଟର ହେବା ଯାହାଙ୍କ କପାଳରେ ଲେଖା, ସେ ବା କାହୁଁ ଖାତା କଲମ ବା ଚକ୍ ଡଷ୍ଟର ସହ ଜୀବନ ବିତାଇଥା'ନ୍ତେ! ବିଜୟ ପଥରେ ଯାଇ ଅମୃତର ଆସ୍ୱାଦନ କରିବା ମଧ୍ୟରେ ସେ କିନ୍ତୁ ଭୁଲି ନ ଥିଲେ ନିଜ ଶୈଶବ ଓ ତାରୁଣ୍ୟର ଦାରିଦ୍ର୍ୟ କବଳିତ ବିଷାକ୍ତ ଅତୀତ! ସାର୍ଥକତା ପରେ ବି ଗୌରବ ଓ ଆନନ୍ଦର ସହ ପଛକୁ ଫେରିଚାହିଁବା ସମସ୍ତେ କରିପାରନ୍ତି ନାହିଁ। ଚିଙ୍ଗୁଡ଼ି ଚିକେନ୍‌ରେ ବୁଡ଼ି ରହିଲା ପରେ ବଡ଼ିପୋଡ଼ା ପଖାଳର ସ୍ମୃତି ଖୁବ୍ କମ୍ ଲୋକଙ୍କୁ ଉଚ୍ଚାଟ କରିଥାଏ। ଆଉ ଯେଉଁମାନଙ୍କୁ କରିଥାଏ, ସେମାନେ କେବଳ ନିଜ ମଧ୍ୟରେ ନିଜେ ଆପଣାର ଅନ୍ଧାରି ଅତୀତର ସ୍ମୃତିଚାରଣ କରନ୍ତି ନାହିଁ, ବରଂ ସେଇ ଦୁର୍ଦ୍ଦିନର ଜୟଗାନ କରି ବିଜୟ ଅମୃତାଙ୍କ ପରି ଲେଖନ୍ତି ନିଜର ଆତ୍ମଲେଖ– 'ଆଜି ଦିନଟି ମୋର'!

ସାଧୁତା ଓ ବୁଦ୍ଧିମତ୍ତାରେ ରାଜାଙ୍କର ମନ ଜିଣି ଦରିଦ୍ର ମେଷପାଳକ ଜଣେ ଦିନେ ରାଜ୍ୟର ମହାମନ୍ତ୍ରୀ ହୋଇଗଲା। ପ୍ରତିଦିନ ରାଜକୀୟ ବେଶପୋଷାକ ପିନ୍ଧି ରାଜଦରବାରକୁ ଯିବା ପୂର୍ବରୁ ସେ ନିଜ ସିନ୍ଦୁକ ଖୋଲି ଟିକେ ଚାହିଁବା ପରେ ଘରୁ ଗୋଡ଼ କାଢୁଥିଲେ। ତା' ସୌଭାଗ୍ୟରେ ଆତଙ୍କିତ ଈର୍ଷାଳୁ ପାରିଷଦବର୍ଗ ଦିନେ ରାଜାଙ୍କୁ କହିଲେ, "ମହାରାଜ! ସାଧୁ ବୋଲାଉଥିବା ଆପଣଙ୍କ ନୂଆମନ୍ତ୍ରୀ ରାଜକୋଷରୁ ଅର୍ଥ ତୋସରପାତ କରି ନିଜ ସିନ୍ଦୁକ ଭରୁଛନ୍ତି।" ଗୋଜା ରାଜା ପ୍ରତ୍ୟକ୍ଷ ପ୍ରମାଣ ପାଇଁ ଦିନେ ନୂଆମନ୍ତ୍ରୀଙ୍କ ଘରେ ପହଞ୍ଚିଗଲେ ଓ ସିନ୍ଦୁକ ଖୋଲିବାକୁ କହିଲେ। କୁଣ୍ଠିତ ମନ୍ତ୍ରୀ ସିନ୍ଦୁକ ଖୋଲି ଦେଖାଇଲେ ତାଙ୍କ ପୁରୁଣା ଦିନର ଛିନ୍ନ ପରିଧାନ ଓ ମେଣ୍ଢାପଲକୁ ଆକଟ କରୁଥିବା ବାଡ଼ିଟିଏ। କହିଲେ, "ଏଇ ଏତକ ସମ୍ପଦ ହିଁ ହେଉଛି ମୋର ଅସଲ ଅତୀତ। ରାଜକାର୍ଯ୍ୟ ସମ୍ପାଦନ କରିବା ମଧ୍ୟରେ କାଳେ କେତେବେଳେ ମନ୍ତ୍ରିତ୍ୱର ଏହି ମୁକୁଟ ମୋତେ ଅବାଟରେ ନେଇଯିବ, ସେଥିପାଇଁ ଘରୁ ଯିବା ପୂର୍ବରୁ ଓ ଆସିବା ପରେ ମୁଁ ଏତକ ସମ୍ପଦ ଉପରେ ଆଖି ପକାଇଦିଏ। ଜୀର୍ଣ୍ଣ ପୋଷାକ ମଧ୍ୟରେ ଲୁଚି ରହିଥିବା ମୋର ଶୀର୍ଣ୍ଣ ଅତୀତ ବାରମ୍ବାର ମୋତେ ସଂଯତ କରି ଦେଉଥାଏ ବର୍ତ୍ତମାନର ବଡ଼ିମା ଭିତରେ ବୁଡ଼ି ନ ଯିବା ପାଇଁ"। ରାଜା ଏକ ମୁଗ୍ଧ ଅନୁଭବରେ କାନ୍ଦି ପକାଇଲେ।

କାହାଣୀର ଏଇ ମନ୍ତ୍ରୀଙ୍କର ଅନୁଭବ ପରି ବୋଧହୁଏ ହୋଇଥିବ ଆମ ଦୁଇ ହାକିମଙ୍କ ଅନୁଭବ। ପ୍ରକୃତରେ କେଡ଼େ କଥା ନ ହୁଅନ୍ତା, ଯଦି ବର୍ତ୍ତମାନର ଝଲମଲ ପୋଷାକ ପିନ୍ଧି ସାମନ୍ତ ବୋଲାଉଥିବା ମହାମହିମଙ୍କ ସ୍ମୃତି ସିନ୍ଦୁକରେ ସଂଜୀବିତ ହୋଇ ରହନ୍ତା ମଲା ଅତୀତର ମଇଳା ପୋଷାକ। ପରିଧାନ ସହ ପରିବେଶ ବଦଳିଗଲେ ମଧ୍ୟ ମଣିଷର ପରିଚୟ ବଦଳିଯାଆନ୍ତା ନାହିଁ। ଅନ୍ଧ ଅହମିକାର ଅଗ୍ନିରେ ଜଳିଯାଆନ୍ତା ନାହିଁ ମଣିଷର ମଣିଷତ୍ୱ। ନ ହେଲେ କିଏ ଜାଣେ! ଫକିରରୁ ରାଜେନ୍ଦ୍ରାସନରେ ବସିଥିବା ଲୋକ ଦିନେ ପୁଣି ଫକିର ହୋଇ ନ ଯିବ। ଦୁଃଖ, ସୁଖ, ହସକାନ୍ଦ ଓ ଅଭାବ ଐଶ୍ୱର୍ଯ୍ୟକୁ ନେଇ ଅହରହ ଘୂରି ଚାଲିଥିବା ସମୟର ଚମତ୍କାରୀ ଚକ୍ର ପୁଣି ଦିନେ ସେଇ ଅନ୍ଧାରି ଅତୀତ ନିକଟରେ ଅଟକି ନ ଯିବ!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ମାନବବାଦୀ ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ଏରିଏଲ୍ ହେନ୍‌ରୀ

ହାଇତି ଉତ୍ତର ଆମେରିକା ମହାଦେଶରେ ଅବସ୍ଥିତ ଏକ ଦେଶ। ଏହାର ରାଜଧାନୀ ପୋର୍ଟ-ଆଉ-ପ୍ରିନ୍ସ। ୧.୧ କୋଟି ଜନସଂଖ୍ୟାବିଶିଷ୍ଟ ଏହି ଦେଶର ଅର୍ଥନୀତିକୁ ୨୦୧୦ର ଭୂକମ୍ପ, ୨୦୧୨ର ହଇଜା ଓ ୨୦୧୬ର ହରିକେନ୍ ମାଥ୍ୟୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଅସଂଖ୍ୟ ଲୋକ ନିଯୁକ୍ତି ନ ପାଇ ହନ୍ତସନ୍ତ ହେଉଛନ୍ତି। ଦେଶର ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକଙ୍କର ଦୈନିକ ରୋଜଗାର ଦୁଇ ଡଲାରରୁ କମ୍। ଖାଦ୍ୟସାମଗ୍ରୀ ଓ ଇନ୍ଧନ ଦର ବୃଦ୍ଧି ଏହି ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେଇଛି। ଏହିସବୁ ନକାରାତ୍ମକ କାରଣ ଦେଶରେ ଅଶାନ୍ତି ବଢ଼ାଇଦେଇଛି। ଏଭଳିସ୍ଥଳେ କ୍ଷମତା ହାସଲ ଲାଗି ନେତାମାନଙ୍କ ମଧ୍ୟରେ ଲଢ଼େଇ ହେବା ଦ୍ୱାରା ଦେଶକୁ ନିକଟରେ ନେତୃତ୍ୱବିହୀନ ହେବାକୁ ପଡ଼ିଥିଲା। ହାଇତି ରାଷ୍ଟ୍ରପତି ଜୋଭେନେଲ ମୋଇସ୍‌ଙ୍କୁ ଚଳିତ ମାସ ୭ ତାରିଖରେ ଦୁର୍ବୃତ୍ତମାନେ ଯେଉଁଭଳି ଭାବେ ହତ୍ୟା କଲେ, ତାହା ଦ୍ୱାରା ଦେଶର ନିରାପତ୍ତା ପ୍ରତି ପ୍ରଶ୍ନ ଉଠିଛି। ଶୁଣାଯାଉଛି ବିଦେଶୀ ଗୁଣ୍ଡାମାନଙ୍କ ସହାୟତାରେ ରାଷ୍ଟ୍ରପତିଙ୍କୁ ହତ୍ୟା କରାଯାଇଛି। ଏହାର ଦୁଇ ଦିନ ପୂର୍ବରୁ ରାଷ୍ଟ୍ରପତି ମୋଇସ ନୂତନ ଭାବେ ଏରିଏଲ୍ ହେନ୍‌ରୀଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଚୟନ କରିଥିଲେ। ତେବେ ରାଷ୍ଟ୍ରପତିଙ୍କୁ ହତ୍ୟା ସମୟରେ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଥିଲେ କ୍ଲାଉଡେ ଜୋସେଫ୍। ସେ ତାଙ୍କ ପଦବୀ ବଜାୟ ରଖିବା ପାଇଁ ଚାହୁଁଥିଲେ। କିନ୍ତୁ ହାଇତିର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ହେନ୍‌ରୀଙ୍କ ସପକ୍ଷରେ ମତ ଦେବା ପରେ ଜୋସେଫ୍ ଗାଦି ଛାଡ଼ିଛନ୍ତି। ଫଳରେ ୨୦ ଜୁଲାଇରେ ହେନ୍‌ରୀ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡାକ୍ତରରୁ ରାଜନେତା ପାଲଟିଥିବା ହେନ୍‌ରୀଙ୍କ କାର୍ଯ୍ୟଶୈଳୀ ଓ ଦକ୍ଷତା ଉପରେ କୂଟନୀତିଜ୍ଞମାନଙ୍କ ଆସ୍ଥା ବୃଦ୍ଧି ପାଇବା ଦେଶ ପାଇଁ ସୁଦିନ ଆଣିବ ବୋଲି ରାଜନୈତିକ ସମୀକ୍ଷକମାନେ ଆଶା ପୋଷଣ କରିଛନ୍ତି। ଗ୍ୟାଙ୍ଗ୍ ହିଂସା ଓ ମାନବତାବାଦୀ ସଙ୍କଟରେ ପଡ଼ି ଗରିବ ହୋଇଯାଇଥିବା ହାଇତିର ବିକାଶ ଦାୟିତ୍ୱ ହେନ୍‌ରୀଙ୍କ ଉପରେ ଛାଡ଼ି ଦିଆଯାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଖ୍ରୀଷ୍ଟିୟାନ୍ ଧର୍ମାବଲମ୍ବୀ ୭୧ ବର୍ଷୀୟ ହେନ୍‌ରୀ ପିଲାବେଳୁ ଅତ୍ୟନ୍ତ ମେଧାବୀ ଥିଲେ। ତାଙ୍କ ପିତା ଏଲି ଏସ୍. ହେନ୍‌ରୀ ଚର୍ଚ୍ଚର ପାଷ୍ଟର ଥିଲେ। ହାଇତିବାସୀ ଅତ୍ୟନ୍ତ ଧର୍ମବିଶ୍ୱାସୀ। କିନ୍ତୁ ହେନ୍‌ରୀ ସର୍ବଦା ବିଜ୍ଞାନଭିତ୍ତିକ କାର୍ଯ୍ୟକୁ ଅଗ୍ରାଧିକାର ଦେଉଥିଲେ। ଲୋକଙ୍କ ମଙ୍ଗଳ କରିବା ଲାଗି ସେ ଡାକ୍ତରୀ ପଢ଼ିଥିଲେ। ସମୟକ୍ରମେ ସେ ଉଚ୍ଚଶିକ୍ଷା ଲାଗି ଫ୍ରାନ୍ସ ଯାଇଥିଲେ। ୟୁନିଭର୍ସିଟି ଅଫ୍ ମୋଣ୍ଟପେଲିଅର୍ ଫାକଲ୍ଟି ଅଫ୍ ମେଡିସିନ୍‌ରେ ସେ ନ୍ୟୁରୋଫିଜୋଲଜି ଓ ନ୍ୟୁରୋପାଥୋଲଜି ପଢ଼ିଥିଲେ। ୧୯୮୨ରେ ସେ ଡକ୍ଟରାଲ ଥେସିସ୍ ଉପସ୍ଥାପନ କରି ସର୍ବୋଚ୍ଚ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ମୋଣ୍ଟପେଲିଅରର ଏକ ପ୍ରାଇଭେଟ୍ ନର୍ସିଂ ସ୍କୁଲରେ ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ସ୍ୱଦେଶ ଫେରି ସ୍ୱାସ୍ଥ୍ୟସେବାରେ ନିଜକୁ ନିୟୋଜିତ କରି ୧୯୮୭ରୁ ୧୯୯୬ ଯାଏ ଷ୍ଟେଟ୍ ୟୁନିଭର୍ସିଟି ଅଫ୍ ହାଇତି ହସ୍‌ପିଟାଲରେ ନ୍ୟୁରୋସର୍ଜନ ଭାବେ କାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ସେ ସରକାରଙ୍କ ବିଭିନ୍ନ ଡାକ୍ତରୀ ପରାମର୍ଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଦାୟିତ୍ୱରେ ଥିଲେ।

ଡାକ୍ତରୀ କ୍ଷେତ୍ରରେ ସଫଳତା ପାଇବା ପରେ ହେନ୍‌ରୀ ସିଧାସଳଖ ଜନକଲ୍ୟାଣ ଦିଗରେ ନିଜକୁ ନିୟୋଜିତ କରିବାକୁ ଯାଇ ରାଜନୀତିରେ ପ୍ରବେଶ କରିଥିଲେ। ୨୦୦୦ ମସିହାରେ ଜିନ୍-ବର୍ଟ୍ରାଣ୍ଡ ଏରିଷ୍ଟାଇଡ୍ ଦେଶରେ ବୁଥ୍ ରିଗିଂ କରି ରାଷ୍ଟ୍ରପତି ହୋଇଥିଲେ। ସଂସଦୀୟ ନିର୍ବାଚନରେ ଏଭଳି ଜୋରଜବରଦସ୍ତି କାର୍ଯ୍ୟକୁ ହେନ୍‌ରି ଓ ବିରୋଧୀ ଦଳ ନେତା ମିକା ଗେଲାର୍ଡ ପ୍ରତିବାଦ କରିଥିଲେ। ୨୦୦୪ରେ ଏରିଷ୍ଟାଇଡ୍‌ଙ୍କୁ ଗାଦିଚ୍ୟୁତ କରାଯିବା ପରେ ହେନ୍‌ରୀ ଓ ତାଙ୍କ ଦଳ ନୂତନ ଭାବେ ନିର୍ବାଚନ କରି ସରକାରରେ ପରିବର୍ତ୍ତନ ଦିଗରେ ସ୍ଲୋଗାନ ଦେଇଥିଲେ। ହେନ୍‌ରୀଙ୍କ ନେତୃତ୍ୱ 'କାଉନ୍‌ସିଲ୍ ଅଫ୍ ସେଜେସ୍'ର ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ସେ ଏହି କାଉନ୍‌ସିଲର ୭ ଜଣଙ୍କ ମଧ୍ୟରେ ଏକ ଅଂଶ ପାଲଟିଯାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଉକ୍ତ କାଉନ୍‌ସିଲକୁ ଆମେରିକା ଓ ନିର୍ବାଚିତ ଟ୍ରାଞ୍ଜିଶନାଲ୍ ସରକାର ସମର୍ଥନ କରୁଥିଲା। ଏହା ପରେ ରେନେ ପ୍ରେଭାଲ ରାଷ୍ଟ୍ରପତି ହୋଇଥିଲେ। ଫଳରେ ୨୦୦୬ରେ ହେନ୍‌ରୀ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ହେଲେ। ତା' ପରେ ସେ ମନ୍ତ୍ରଣାଳୟଗୁଡ଼ିକର ମୁଖ୍ୟ ଭାବେ ୨୦୦୮ରୁ ୨୦୧୧ ଯାଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିଲେ। ୨୦୧୦ରେ ଯେତେବେଳେ ହାଇତିରେ ବଡ଼ ଭୂମିକମ୍ପ ହୋଇଥିଲା ସେତେବେଳେ ହେନ୍‌ରୀ ଲୋକଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବାରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ତତ୍କାଳୀନ ରାଷ୍ଟ୍ରପତି ମାଇକେଲ ମାର୍ଟେଲେ ୨୦୧୫ରେ ହେନ୍‌ରୀଙ୍କୁ ଇଣ୍ଟେରିୟର ଆଣ୍ଡ ଟେରିଟୋରିଆଲ୍ ମନ୍ତ୍ରୀ କରାଇଥିଲେ। ସେ ସେହି ପଦବୀରେ ୨୮ ମାର୍ଚ୍ଚ ୨୦୧୬ ପର୍ଯ୍ୟନ୍ତ ରହିଥିଲେ। ଶାସନ, ପ୍ରଶାସନ ଓ ଡାକ୍ତରୀ ସେବାରେ ପର୍ଯ୍ୟାପ୍ତ ଅଭିଜ୍ଞତା ସାଉଁଟିଥିବା ହେନ୍‌ରୀଙ୍କୁ ଏବେ ହାଇତି ପ୍ରଧାନମନ୍ତ୍ରୀ ଭାବେ ପାଇବା ପରେ ଲୋକଙ୍କ ମଙ୍ଗଳ ହେବ ବୋଲି ଆଶା କରାଯାଉଛି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗାଁଗୁଡ଼ିକୁ ସ୍ମାର୍ଟ ସେବା ଓ ଇ-ବ୍ୟବସାୟ ସୁବିଧା ଯୋଗାଇ ଦେବା ଲାଗି ଦୁଇ ଛାତ୍ର ସୋଲାର ଇଲେକ୍ଟ୍ରିକ ଟ୍ରାଇସାଇକେଲ ବା ସୌର ବିଦ୍ୟୁତ୍ ଚାଳିତ ଟ୍ରଲି ନିର୍ମାଣ କରିଛନ୍ତି। ନିଖିଲ ମୁକ୍କାର ଏବଂ ହୋ ଜିଙ୍ଗ ଏନ୍ ଟ୍ରଲିରେ ସ୍ମାର୍ଟସିଷ୍ଟମର ସୁବିଧା ରଖିଛନ୍ତି। ନିଖିଲଙ୍କ ଘର ଆନ୍ଧ୍ରପ୍ରଦେଶରେ। ସେ ସିଙ୍ଗାପୁରର ନାୟଙ୍ଗ ଟେକ୍‌ନୋଲୋଜି ୟୁନିଭର୍ସିଟିରେ ପଢ଼ିବା ସମୟରେ ହୋ ଜିଙ୍ଗଙ୍କ ସହ ଏହି ଟେକ୍‌ନୋଲୋଜି ବିକାଶ କରିଥିଲେ। ସ୍ମାର୍ଟ ଟ୍ରଲିକୁ ସେ ତାଙ୍କ ଗାଁ ଅନୁମପଲ୍ଲୀରେ ରଖିଛନ୍ତି। ଏଥିପାଇଁ ସେମାନେ ୯୫,୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଥିରେ ଉଭୟ ପେଡାଲ ଓ ମୋଟର ବ୍ୟବସ୍ଥା ରହିଛି ଓ ଏହାକୁ ସହଜରେ ବିଭିନ୍ନ ଗାଁକୁ ନିଆଯାଇପାରୁଛି। ଥରେ ମୋଟର ଚାର୍ଜ ହେଲେ ଏହା ୩୫ କି.ମି. ଯାଇପାରୁଛି । ପ୍ରତିମାସରେ ଦୁର୍ଗମ ଗାଁଗୁଡ଼ିକରୁ ପାଖାପାଖି ୮୦୦ ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି। ସ୍ମାର୍ଟ ଟ୍ରଲିକୁ ସେମାନେ ବିଭିନ୍ନ ଗାଁକୁ ନେଉଛନ୍ତି। ଏଥିରୁ ଲୋକମାନେ ସରକାରୀ ଯୋଜନା ସମ୍ପର୍କରେ ଜାଣିପାରୁଛନ୍ତି। ସେମାନେ ଟଙ୍କା ଉଠାଇବା ଓ ଦେବା କାର୍ଯ୍ୟ ସୁରୁଖୁରୁରେ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଜୁଲାଇ ୧୯୯୬

- କଲମ୍ବୋର ସହରତଳି ଅଞ୍ଚଳ ଦେହିୱାଲ ଷ୍ଟେଶନଠାରେ ଏକ ଟ୍ରେନ୍‌ରେ ଦୁଇଟି ଶକ୍ତିଶାଳୀ ବିସ୍ଫୋରଣ ଘଟି ୭୦ ମୃତ।
- ଶ୍ରୀଲଙ୍କାର ଉତ୍ତର-ପଶ୍ଚିମ ଅଞ୍ଚଳରେ ତାମିଲ ଗେରିଲା ଓ ସିଂହଳୀ ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୨୮ ସୈନ୍ୟ ନିହତ।

## ଚିରନ୍ତନୀ

ସଂଖ୍ୟାର ଚରମ ତୁମେ
ଗଣକର ଗଣନାର ଶେଷ,
ଅଙ୍କର ଆଦିମ ଶୂନ୍ୟ
ଆଦିମୂଳ ବିଶ୍ୱର ବିଶେଷ।

(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସାମାଜିକ ଦୂରତା ମାନୁନାହାନ୍ତି

ମହାଶୟ,

ସତ୍ୟବାଦୀ ବ୍ଲକ ଶାସନ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଅଧିକାଂଶ କରୋନାରେ ଆକ୍ରାନ୍ତ ହେଉଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ବଜାର, ହାଟ ଓ ଗାଁରେ ବୁଲୁଛନ୍ତି। ଗ୍ରାମବାସୀ ପ୍ରତିବାଦ କଲେ ଆକ୍ରୋଶର ଶିକାର ହେଉଛନ୍ତି। ଗ୍ରାମର ଜଣେ ଜଣେ ବ୍ୟକ୍ତିଙ୍କଠାରେ ସମସ୍ତ ଲକ୍ଷଣ ଥିଲେ ମଧ୍ୟ ନିଜଆଡୁ କୋଭିଡ୍ ପରୀକ୍ଷା ପାଇଁ ଆଗ୍ରହ ପ୍ରକାଶ ନ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମର ସରପଞ୍ଚଙ୍କ ପକ୍ଷରୁ ମୁଠାଏ ବି ବ୍ଲିଚିଂ ପାଉଡର ପକାଯାଇ ନାହିଁ। କରୋନା ନିୟମକୁ ଠିକ୍ ଭାବେ ପାଳନ କରାଯାଉ ନାହିଁ। ଗାଡ଼ି ମୋଟରକୁ ଆଉ ଯାଞ୍ଚ କରାଯାଉ ନାହିଁ। ଗ୍ରାହକମାନେ ସାମାଜିକ ଦୂରତା ଆଉ ମାନୁନାହାନ୍ତି। ପୋଲିସ ଗାଡ଼ି ଚାଲିଯିବା ପରେ ଲୋକମାନେ ତୁଣ୍ଡି ବାନ୍ଧୁ ନାହାନ୍ତି କି ସାମାଜିକ ଦୂରତା ଆଦୌ ମାନୁନାହାନ୍ତି। ବାଇକ୍ ଯୋଗେ ଶହ ଶହ ଲୋକ ପରିବା ଓ ଅନ୍ୟ ସାମଗ୍ରୀ କିଣିବା ବାହାନା କରି ଆସୁଥିବା ଦେଖିବାକୁ ମିଳିଛି। ଗତବର୍ଷଠାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଥିଲେ ବି ଲୋକମାନେ ସତର୍କ ରହୁନାହାନ୍ତି।

– ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିଦେଶୀ ମଦ ଦୋକାନରେ ଅଗ୍ନିକାଣ୍ଡ



ବାଉଁଶୁଣୀ,(ଡି.ଏନ.ଏ): ବୌଦ୍ଧ ଜିଲା ମନମୁଣ୍ଡା ଇଣ୍ଡିଆନ ବ୍ୟାଙ୍କ ନିକଟରେ ଥିବା ବିଦେଶୀ ମଦ ଦୋକାନରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି । ପ୍ରକାଶ ଯେ, ଶନିବାର ସକାଳ ପ୍ରାୟ ୮ଟା ସମୟରେ ଲାଇସେନ୍ସପ୍ରାପ୍ତ ଏହି ମଦ ଦୋକାନ ମଧ୍ୟରୁ ଧୂଆଁ ବାହାରିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ସୋନପୁର ଦମକଳବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ।

## ସଂକ୍ଷେପରେ

### ମନ୍ତ୍ରୀ ଟୁକୁନୀ ସାହୁଙ୍କ ଘେରିଲେ ପଦଯାତ୍ରୀ, ୯ ଅଟକ

ବଲାଙ୍ଗୀର ଅଫିସ/ସଇଁତଲା,୨୪।୭ (ଡି.ଏନ୍.ଏ.): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଶଳାଞ୍ଚଳ ପ୍ରତି ଅନ୍ୟାୟ ପ୍ରତିବାଦରେ କୋଶଳ ଯୁବ ସମନ୍ୱୟ ସମିତି ପକ୍ଷରୁ ଚାଲିଥିବା କୋସଲ ସ୍ୱାଭିମାନ ଯାତ୍ରାର ପଦଯାତ୍ରୀମାନେ ଶନିବାର ସଇଁତଲା ନିକଟ ବରଗାଁଠାରେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଘେରିଥିଲେ। ରାତି ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ଭବାନୀପାଟଣାରୁ ବରଗଡ ଅଭିମୁଖେ ଆସୁଥିବା ପଦଯାତ୍ରୀମାନେ ୨୬ନମ୍ବର ଜାତୀୟ ରାଜପଥର ବରଗାଁ ଛକଠାରେ ମନ୍ତ୍ରୀ ସାହୁ ତାଙ୍କ ଗାଡିରେ ଯାଉଥିବା ଦେଖି ଅଟକାଇଥିଲେ। ତାଙ୍କ ଗାଡି ସାମ୍ନାକୁ ଆସି ନାରାବାଜି କରିଥିଲେ। ଏହାପରେ ମନ୍ତ୍ରୀ ସାହୁ ଗାଡିରୁ ଓହ୍ଲାଇ ପଦଯାତ୍ରୀଙ୍କ ସହ କଥା ହୋଇଥିଲେ। ପଦଯାତ୍ରୀମାନେ କୋଶଳାଞ୍ଚଳ ପ୍ରତି ରାଜ୍ୟ ସରକାରଙ୍କ ବୈଷମ୍ୟ ମନୋଭାବକୁ ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। କେଉଁ କାରଣରୁ ବଲାଙ୍ଗୀର ସମେତ କୋଶଳାଞ୍ଚଳର ଜିଲାଗୁଡିକୁ ପ୍ରଧାନମନ୍ତ୍ରୀ ଆବାସ ଦିଆଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାସହିତ ହାଇକୋର୍ଟ ବେଞ୍ଚ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ କାହିଁକି କୋଶଳାଞ୍ଚଳରେ ପ୍ରତିଷ୍ଠା କରାଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ପଦଯାତ୍ରୀଙ୍କ ସହ ବସି ଆଲୋଚନା କରିବାକୁ ମନ୍ତ୍ରୀ କହିଥିଲେ। ହେଲେ ସେମାନେ ବିଧାନସଭାରେ ଆମ ଅଞ୍ଚଳର ସମସ୍ୟା କଥା ଉଠାଉ ନାହାଁ ତେଣୁ କ'ଣ କଥା ହେବ କହି ପାଟିତୁଣ୍ଡ କରିଥିଲେ। ସେଠାରୁ ପୋଲିସ ୯ ପଦଯାତ୍ରୀଙ୍କୁ ଥାନାକୁ ଆଣି ଅଟକ ରଖିଛି।

### ବୌଦ୍ଧ ଜିଲା ଡ୍ରାଇଭର ମହାସଂଘର ବୈଠକ

ବାଉଁଶୁଣୀ,୨୪।୭(ଡି ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ମାହେଶ୍ୱରୀ ଗାଡ଼ି ଚାଳକ ସଂଘର ନିଜସ୍ୱ ଷ୍ଟାଣ୍ଡଠାରେ ଓଡିଶା ଡ୍ରାଇଭର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମେଣ୍ଡିଲୀ, ସମ୍ବଲପୁର ଜିଲା ଆଡ଼ମିନ ସନାତନ ପରିଡା, ସୁଜିତ ସ୍ୱାଇଁ, ବିପିନ ବିହାରୀ ବ୍ରହ୍ମ, କୈଳାଶ ଚନ୍ଦ୍ର ସାହୁ, ବ୍ଲକ ଆଡ଼ମିନ ଜିତେନ୍ଦ୍ର ପ୍ରଧାନ, ରାଜେଶ ଯତୀ, ଶେଷଦେବ ମହାକୁଳ, ବିନୋଦ ଲଉରିଆ, ବାଉଁଶୁଣୀ ମା' ମାହେଶ୍ୱରୀ ଗାଡ଼ି ଚାଳକ ସଂଘ ସଭାପତି ଆନନ୍ଦ ଖଟୁଆ, ସମ୍ପାଦକ ପଦ୍ମଲୋଚନ ମହଲା ଯୋଗଦେଇଥିଲେ। କରୋନା ମହାମାରୀ ସମୟରେ ଡ୍ରାଇଭରମାନେ ନିଜର ଜୀବିକା ହରାଇ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସରକାରୀ ଡ୍ରାଇଭରଙ୍କ ପରି ଘରୋଇ ଡ୍ରାଇଭରଙ୍କୁ କରୋନା ଯୋଦ୍ଧା ମାନ୍ୟତା ସହ ୧୦୦୦୦ ଟଙ୍କା ସରକାରୀ ସହାୟତା, ଦୁର୍ଘଟଣାରେ ମୃତ ଡ୍ରାଇଭରଙ୍କୁ କୋଡିଏ ଲକ୍ଷ ଟଙ୍କାର ବୀମା ଦେବାକୁ ବୈଠକରେ ଦାବି କରାଯାଇଥିଲା। ଏହି ବୈଠକରେ ଡ୍ରାଇଭରମାନେ ଗାଡି ଚଳାଇଲା ବେଳେ ମଦ୍ୟପାନ, ନିଶାଦ୍ରବ୍ୟ ସେବନ ନ କରିବା ଉପରେ ଆଲୋଚନା ହୋଇଥିଲା।

# ତଦନ୍ତ ପାଇଁ ବଲାଙ୍ଗୀର ଗଲେ ୫ ଜଣିଆ ଟିମ୍



ପାରଳାଖେମୁଣ୍ଡିରୁ ବଲାଙ୍ଗୀର ବାହାରିଥିବା ପୋଲିସ ଟିମ୍।

ପାରଳାଖେମୁଣ୍ଡି,୨୪।୭(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଶନିବାର ପାରଳାଖେମୁଣ୍ଡି ପୋଲିସର ୫ ଜଣିଆ ଟିମ୍ ସେଠାରେ ହୋଇଥିବା ବ୍ୟାଚେଲର ପାର୍ଟି ସମ୍ପର୍କିତ ସମସ୍ତ ତଥ୍ୟ ସଂଗ୍ରହ କରିବା ପାଇଁ ବଲାଙ୍ଗୀର ଯାଇଛନ୍ତି। ସ୍ଥାନୀୟ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଟିମ୍ ବଲାଙ୍ଗୀର ଯାଇ ସେଠାରେ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା ଲାଇଭ୍ ଷ୍ଟକ୍ ଇନ୍ସପେକ୍ଟର (ଏଲ୍ଆଇ) ସେଣ୍ଟରରେ ଟ୍ରେନିଂ ନେଉଥିଲେ, ସେଠାରେ ଦିଆଯାଇଥିବା ବ୍ୟାଚେଲର ପାର୍ଟି ଭୋଜି ନା ଅନ୍ୟ କ'ଣ ସେସବୁ ଦିଗକୁ ନେଇ ତଦନ୍ତ କରିବ। ଶନିବାର ବିଦ୍ୟାଭାରତୀ ଓ ଡିଏଫ୍ଓଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ନ ଥିବା ଏସ୍ପି ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ମାମଲାରେ ଶୁକ୍ରବାର ଗଜପତି ଏସ୍ପି ତପନ କୁମାର ପଟ୍ଟନାୟକ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କୁ କ୍ଲିନ୍‌ଚିଟ ଦେଇଥିଲେ। କିନ୍ତୁ ସୌମ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିବାରୁ ବିଦ୍ୟାଭାରତୀଙ୍କୁ ପୁଣିଥରେ ପାରଳାଖେମୁଣ୍ଡି ପୋଲିସ ଜେରା କରିପାରେ ବୋଲି ଜଣାପଡ଼ିଛି। ଏଥିସହ ସୌମ୍ୟଙ୍କ ମୃତ୍ୟୁର କାରଣ ଏଯାଏ ସ୍ପଷ୍ଟ ହୋଇ ପାରିନାହିଁ। ତେଣୁ ଆବଶ୍ୟକ ପଡ଼ିଲେ ପାରଳାଖେମୁଣ୍ଡି ପୋଲିସ ଡିଏଫ୍ଓଙ୍କୁ ପୁଣି ଥରେ ଜେରା କରିପାରେ ବୋଲି ଏସ୍ପି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୨ ତାରିଖ ରାତିରେ ସରକାରୀ କ୍ୱାର୍ଟର୍ସରେ ସୌମ୍ୟ ପୋଡ଼ି ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାରଳାଖେମୁଣ୍ଡି ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ମୃତ୍ୟୁ ଘଟିଥିଲା।

## 'ଅଭିଯୁକ୍ତଙ୍କୁ ଖସାଇବାକୁ ଚାଲିଛି ଉଦ୍ୟମ'

### ନ୍ୟାୟ ନ ମିଳିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବି: ସୌମ୍ୟଙ୍କ ବାପା

**ଏସିଏଫ୍ ମୃତ୍ୟୁ ଘଟଣା**

ଖଇରା, ୨୪।୭(ଡି.ଏନ.ଏ.)

ସମୟ ଯେତେ ଗଡୁଛି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଉପରୁ ପରଦା ହଟିବା ଆଶା କ୍ଷୀଣ ହେବାରେ ଲାଗିଛି। ବିଶେଷ କରି ଗଜପତି ଏସ୍ପି ତପନ କୁମାର ପଟ୍ଟନାୟକ ସିଡିଆର ଯାଞ୍ଚ ପରେ ଡିଏଫ୍ଓ ସଂଗ୍ରାମ କେଶରୀ ବେହେରାଙ୍କର ବିଦ୍ୟାଭାରତୀଙ୍କ ସହ କୌଣସି ସମ୍ପର୍କ ନ ଥିବା କଥା ଗଣମାଧ୍ୟମ ଆଗରେ ପ୍ରକାଶ କରିବା ପରେ ସୌମ୍ୟଙ୍କ ପରିବାର ପକ୍ଷରୁ ପୋଲିସ ତଦନ୍ତ ଉପରେ ସନ୍ଦେହ ପ୍ରକାଶ କରାଯାଇଛି। ବାପା ଅଭିରାମ ମହାପାତ୍ରଙ୍କ କହିବା ଅନୁଯାୟୀ ଘଟଣାର ୧୧ଦିନ ପରେ ପୋଲିସ ଡିଏଫ୍ଓଙ୍କୁ ଜେରା କରିଥିଲା। ଏତଲାରେ ସେ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ତାଙ୍କୁ ପ୍ରମାଣ ନଷ୍ଟ କରିବାକୁ ସମୟ ଦିଆଗଲା । ସେହିଭଳି ପୁଣି ଥରେ ବିଦ୍ୟାଭାରତୀଙ୍କୁ ପଚରାଉଚୁରା ପାଇଁ ତାଙ୍କ ଘର କପ୍ତିପଦା ଗୌଡଗାଁକୁ ଆସୁଥିବା କୁହାଯାଉଛି। ତାଙ୍କୁ ଖଲାସ ପାଇଁ ମଧ ଷଡଯନ୍ତ୍ର କରାଯାଉଛି। ଏହାଛଡା ଆମ୍ଭଲାନ୍ସ ଅଟକାଇଥିବା ଗୁରାଣ୍ଡି ଓଆଇସି ମମତା ପଣ୍ଡା, ରୋଷେୟା ମନ୍ମଥ କମ୍ଭଙ୍କୁ ମଧ ଠିକ୍ ଭାବେ ଜେରା କରାଗଲା ନାହିଁ । ସମସ୍ତ ଘଟଣାକୁ ଦେଖିଲେ ଅଭିଯୁକ୍ତଙ୍କୁ ଖସାଇବାକୁ ପୋଲିସ ସେମାନଙ୍କ ହାତ ମିଳାଇଥିବା ନେଇ ସେ ସିଧାସଳଖ ଅଭିଯୋଗ ଆଣିଛନ୍ତି । ଏମିତିକି କେତେଶୀଘ୍ର ବିଦ୍ୟାଭାରତୀଙ୍କୁ ଫ୍ୟାମିଲି ପେନସନ ମିଳିପାରିବ ତାର ବ୍ୟବସ୍ଥା ପୋଲିସ କରୁ ବୋଲି ସେ ଆରୋପ ଲଗାଇଛନ୍ତି। ଯଦି ନ୍ୟାୟ ନ ମିଳେ ତେବେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯିବେ ବୋଲି ସେ କହିଛନ୍ତି ।

## ଜଲିଉଡ୍ ସିଙ୍ଗର ଏବେ ଟ୍ୟାକ୍ସିଚାଳକ



ଟ୍ୟାକ୍ସି ଚଳାଉଛନ୍ତି ଶ୍ୱେତ କୁମାର ରଥ।

### କରୋନା ବଦଳାଇ ଦେଲା ବୃତ୍ତି

ଛତ୍ରପୁର,୨୪।୭(ଡି.ଏନ୍.ଏ.)

ମହାମାରୀ କରୋନା ଅନେକଙ୍କ ବୃତ୍ତି ବଦଳାଇ ଦେଇଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳରେ। ଦିନେ ସଙ୍ଗିତ ନିଶାକୁ ପେସା ଭାବି ଆଦରିଥିବା ଷ୍ଟାଇଲିଷ୍ଟ ସିଙ୍ଗର ରାଜ ଏବେ ପାଲଟି ଯାଇଛନ୍ତି ଟ୍ୟାକ୍ସି ଚାଳକ। ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଅଧୀନ ସାମନ୍ତରାପୁରରେ ଜନ୍ମିତ ଶ୍ୱେତ କୁମାର ରଥ ଓରଫ ରାଜ ଦୀର୍ଘ ୨୦ ବର୍ଷ ହେଲା ଜଲିଉଡରେ କଣ୍ଠଦାନ କରି ମନ ମୋହିଥିଲେ। ଏବେ କରୋନା ଯୋଗୁ ଯାତ୍ରା ମଞ୍ଚ ବନ୍ଦ ରହିଛି। ଫଳରେ ନିଜ ପେସା ଛାଡି ବାଧ ହୋଇ ସେ ଘରକୁ ଫେରିଥିଲେ। ଘରେ ୩ ରୁ ୪ ମାସ ବସିବା ପରେ ସମସ୍ତ ସମ୍ବଳ ଶେଷ ହୋଇଯିବାରୁ ଟ୍ୟାକ୍ସି ଚଳାଇ ପେଟ ପୋଷୁଛନ୍ତି । ଦିନ ଥିଲା ସକାଳ ହେଲା ମାତ୍ରେ ହାରମୋନିୟମ ଧରିବାକୁ ପଡୁଥିବା ବେଳେ ଏବେ ସକାଳ ହେଲେ ଗାଡି ଚଳାଇ ଦିନ କରୁଛି । ରାଜ କୁହନ୍ତି, ମୁଁ ଜଣେ ନୁହେଁ ଏହିଭଳି ୧୦ ହଜାର କଳାକାର ଏବେ ଘୋର ଅଭାବରୁ ନିଜ ପେସା ଛାଡି ପରିବାର ଚଳାଇବା ପାଇଁ ଅନ୍ୟ କାମ ଆପଣେଇବାକୁ ବାଧ ହେଉଛନ୍ତି । ପରିବାର କହିଲେ ସ୍ତ୍ରୀ ସୁନୀତା ରଥ, ଝିଅ ଶ୍ୱାଶ୍ୱତୀ ଓ ପୁଅ ସୁମିତ । କିନ୍ତୁ ମନରେ କଷ୍ଟ ଲାଗିଲେ ବି ପରିବାର ପାଇଁ ଏହି ସବୁ କରିବାକୁ ବାଧ ବୋଲି ସେ କହିଛନ୍ତି । ଲୋକଙ୍କ କରତାଳି, ସେହ୍ନ ଶ୍ରଦ୍ଧା ତାଙ୍କ ପାଇଁ ପୁରସ୍କାର । ସରକାର ଯଦି ମଞ୍ଚ ଖୋଲିବା ପାଇଁ ଗାଇଡ୍‌ଲାଇନ ଜାରି କରି ଅନୁମତି ଦିଅନ୍ତେ ସେ ଖୁସି ହେବେ ।

ଛତ୍ରପୁର ବ୍ଲକ ସାମନ୍ତରାପୁର ଗ୍ରାମର ଅନାମ ଚନ୍ଦ୍ର ରଥଙ୍କ ପୁଅ ରାଜ ୨୦୦୬ରେ ଯାତ୍ରାଜଗତରେ ପାଦ ଥାପିଥିଲେ। ପ୍ରଥମେ ସେ ତ୍ରିନାଥ ଗଣନାଟ୍ୟ ପରେ ପାର୍ବତୀ ଏବଂ ସେ ଦୀର୍ଘ ୧୪ ବର୍ଷରୁ ଊର୍ଦ୍ଧ୍ୱ ହେବ କୋଣାର୍କ ଗଣନାଟ୍ୟର ଜଣେ ଆଗ ଧାଡିର ଷ୍ଟାଇଲିଷ୍ଟ ସିଙ୍ଗର ଭାବେ ପରିଚିତ। ଛତ୍ରପୁର କଳାବିକାଶ କେନ୍ଦ୍ରରୁ ସଙ୍ଗୀତ ଶିକ୍ଷାଲାଭ ଓ ପରେ ଗଞ୍ଜାମ କଲେଜରେ ଯୁକ୍ତ ୨ ଅଧ୍ୟୟନ ସମୟରେ ସେ ବିଭିନ୍ନ ମେଲୋଡିରେ ସଙ୍ଗୀତର ଯାଦୁ ଦେଖାଇ ଲୋକଙ୍କ ମନ ଜିଣୁଥିଲେ। ସେ ବିଜୁ ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ, ପୂର୍ବତନ ଏମ୍ପି ରୁଦ୍ର ମାଧବ ରାୟ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ସିଦ୍ଧାନ୍ତ ମହାପାତ୍ର ପ୍ରମୁଖଙ୍କଠାରୁ ଆରମ୍ଭ କରି ଗୋପାଳପୁର ବେଳାଭୂମି, ଗଞ୍ଜାମ ଜ୍ୟୋତି ସମ୍ମାନ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି।



ଭୋଇ ସେବକମାନେ ଶନିବାର ତିନିରଥର ସାରଥିଙ୍କୁ ବାହାର କରି ଦୋଳବେଦିକୁ ବୋହି ନେଉଛନ୍ତି।

# ରଥରୁ ବାହାରିଲା ସାରଥି, ହଂସପଟା

ପୁରୀ ଅଫିସ,୨୪।୭

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ନୀତି ସହ ଚଳିତବର୍ଷ ଘୋଷଯାତ୍ରାର ସମସ୍ତ ନୀତି ସମ୍ପନ୍ନ ହୋଇଛି। ଏବେ ମହାପ୍ରଭୁ ଭଉଣୀ ଭାଇଙ୍କୁ ସାଥିରେ ଧରି ରତ୍ନସିଂହାସନ ଉପରେ ବିଜେ କରିଛନ୍ତି। ଶ୍ରୀମନ୍ଦିରକୁ ଦାରୁବିଗ୍ରହମାନେ ବିଜେ କରିବା ପରେ ସିଂହଦ୍ୱାର ସମ୍ମୁଖରେ ଏବେ ଦଣ୍ଡାୟମାନ ରହିଛନ୍ତି ଶୂନ୍ୟ ଥିବା ତିନିରଥ। ତେବେ ଶନିବାର ଭୋଇ ସେବକମାନେ ରଥରୁ ସାରଥିମାନଙ୍କୁ କାଢ଼ିଛନ୍ତି। ତିନି ରଥରେ ଥିବା ତିନି ସାରଥିଙ୍କ ସମେତ ସମସ୍ତ ଘୋଡ଼ା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଶିଖର ଡମ୍ବରୁ, ଠେକରାବାଡ଼ ଏବଂ ଚାରମାଳ ପ୍ରଭୃତିକୁ ଖୋଲାଯାଇଛି। ରଥରୁ ବାହାର କରାଯାଇଥିବା ସମସ୍ତ ପାର୍ଶ୍ୱଦେବଦେବୀ, ହଂସପଟା, ଠେକୋରାବାଡ଼ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ସେହିଭଳି ତିନି ରଥର ତିନି ସାରଥିଙ୍କୁ ଦୋଳବେଦି ପରିସରରେ ରଖାଯାଇଛି। ଅପରପକ୍ଷେ ତିନି ରଥର ଘୋଡ଼ା ଏବଂ ଚାରମାଳଗୁଡିକୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଛି। ତେବେ ଚଳିତ ବାହୁଡ଼ା ଯାତ୍ରା ସମୟରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କୁ କରୋନା ହୋଇଥିବା ଜଣାପଡିଥିଲା। ଫଳରେ ପୂର୍ବତନ ଭୋଇ ସର୍ଦ୍ଦାର ତଥା ନନ୍ଦିଘୋଷ ରଥର ମୁଖ୍ୟ ଭୋଇ ସେବକ କାର୍ତ୍ତିକ ଭୋଇଙ୍କ ନେତୃତ୍ୱରେ ୭୫ଜଣ ଭୋଇ ସେବକ ଏଥିରେ ନିୟୋଜିତ ହୋଇଥିଲେ। ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଏବେ ଦଣ୍ଡାୟମାନ ରହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥ ଭଙ୍ଗାକାମ ଆରମ୍ଭ ହେବ ବୋଲି ଭୋଇ ସେବକ କାର୍ତ୍ତିକ ଭୋଇ ସୂଚନା ଦେଇଛନ୍ତି।

## ସମାଜକୁ ସୁସଂଗଠିତ କରାଗଲେ ରାଷ୍ଟ୍ରର ବିକାଶ ସମ୍ଭବ

ବୌଦ୍ଧ,୨୪।୭(ସ୍ୱ.ପ୍ର.)

ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ଶ୍ରୀଚନ୍ଦ୍ରଚୂଡ ମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣ ସମାଜ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ସହିତ ବିଶ୍ୱଶାନ୍ତି ଯଜ୍ଞ ପଣ୍ଡିତ ରଞ୍ଜିତ ପ୍ରସାଦ ହୋତାଙ୍କ ଦ୍ୱାରା ହୋଇଥିଲା। ବ୍ରାହ୍ମଣ ସମାଜ ସଭାପତି ଗୁରୁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆଲୋଚନା ସଭା ହୋଇଥିଲା। ସମ୍ପାଦକ ଦେବାଶିଷ ପୁରୋହିତ ସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଭିନ୍ନ ସମାଜରୁ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ସାମ୍ପ୍ରତିକ ସମାଜକୁ ସୁସଙ୍ଗଠିତ କରି ପାରିଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ ବୋଲି କହିଥିଲେ। କରଣ ସମାଜ ପକ୍ଷରୁ ସଭାପତି ଫଣୀରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ପାଟରା ସମାଜ ପକ୍ଷରୁ ସଭାପତି ବିଶ୍ୱେଶ୍ୱର ପୃଷ୍ଟି ଓ ସମ୍ପାଦକ ଅରୁଣ କୁମାର ସାହୁ, ଗନ୍ଧମାଳି ସମାଜ ପକ୍ଷରୁ ନୀଳକଣ୍ଠ ବେହେରାମାଳି, ପଣ୍ଡରାମାଳି ସମାଜ ପକ୍ଷରୁ ସଭାପତି ହନୁମନ୍ତ ଭୋଇ, ସମ୍ପାଦକ ସୁଶିଲ କୁମାର ଭୋଇ, ତୈଳିକ ବୈଶ୍ୟ ସମାଜ ପକ୍ଷରୁ ଉପଦେଷ୍ଟା ବିଚିତ୍ର କୁମାର ସାହୁ, ସମ୍ପାଦକ ବିଜୟ କୁମାର ସାହୁ ଓ ପ୍ରବାସ ପୃଷ୍ଟି ଯୋଗ ଦେଇଥିଲେ। ସେହିପରି ମଧୁବୈଶ୍ୟ ଗୁଡିଆ ସମାଜ ପକ୍ଷରୁ ସଭାପତି ବୈକୁଣ୍ଠ କୁମାର ସାହୁ ଓ ସମ୍ପାଦକ ଗଜେନ୍ଦ୍ର କୁମାର ସାହୁ, ବୈଶ୍ୟ ସମାଜ ପକ୍ଷରୁ ସଭାପତି ଅରକ୍ଷିତ ପାତ୍ର, ସମ୍ପାଦକ ଇ. ନରେନ୍ଦ୍ର କୁମାର ପାତ୍ର ଏବଂ ଇ.କେଦାରନାଥ ପାତ୍ର, ଗୋପାଳ ଯାଦବ ସମାଜ ପକ୍ଷରୁ ଉପଦେଷ୍ଟା ରବୀନ୍ଦ୍ର କୁମାର ରାଉତ, କୁମ୍ଭାର ପରିଷଦ ପକ୍ଷରୁ ରାଜ୍ୟ ସଭାପତି ସୁଧି କୁମାର କର୍ଣ୍ଣ, କୁଳତା ସମାଜ ପକ୍ଷରୁ ସଂପାଦକ ସୁଧୀର କୁମାର ନାଏକ, ବାରିକ ସମାଜ ପକ୍ଷରୁ ସଭାପତି ବେଣୁଧର ସାମଲ, ସଂପାଦକ ତପନ କୁମାର ବାରିକ, ନିଆଳି କୈବର୍ତ୍ତ ସମାଜ ପକ୍ଷରୁ ସଭାପତି ଏକାଦଶୀ ବାଘ, ଉପଦେଷ୍ଟା ନିରୋଦ କୁମାର ସେଠୀ ଓ କୋଷାଧ୍ୟକ୍ଷ ବିଜୟ କୁମାର ବାରିକ ଉପସ୍ଥିତ ରହିଥିଲେ। ଆସନ୍ତା ଆଶ୍ୱିନ ମାସରେ କରଣ ସମାଜ ନେତୃତ୍ୱରେ ବୈଠକ ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

# ଚର୍ଚ୍ଚିତ ଏନ୍‌କାଉଣ୍ଟର

### ୩୦ ଯାଏ କେନ୍ଦ୍ରାପଡ଼ା ସହର ଓ ୪ ପଞ୍ଚାୟତରେ ୧୪୪ ଧାରା

କେନ୍ଦ୍ରାପଡା ଅଫିସ, ୨୪।୭

୯୦ ଦଶକରୁ ଆପରାଧିକ ଜଗତରେ ଚିହ୍ନିତ ହୋଇଥିବା ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ବାଲେଶ୍ୱର ଜିଲା ସିମୁଳିଆଠାରେ ଶନିବାର ପୋଲିସ ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଛି। ଏହି ଖବର ସାରା ରାଜ୍ୟ, ବିଶେଷକରି କେନ୍ଦ୍ରାପଡ଼ା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ପୋଲିସ ତାଙ୍କୁ ମାରି ଦେଇଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ହାଇଦରଙ୍କ ମୃତ୍ୟୁ ଏବେ ସହଯୋଗୀଙ୍କ ପାଇଁ ଆହ୍ୱାନ ହୋଇଛି। ସେମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ରହିଥିବାରୁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲା ପୋଲିସ ସଜାଗ ହୋଇଯାଇଛି। କେନ୍ଦ୍ରାପଡ଼ା ସହରର ସମସ୍ତ ସମ୍ବେଦନଶୀଳ ସ୍ଥାନରେ ମୋଟ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ପୋଲିସ ଅଧିକାରୀମାନଙ୍କ ଟିମ୍ କେତେକ ସ୍ଥାନ ଉପରେ ତୀକ୍ଷ୍ଣ ନଜର ରଖିଛି। ସେହିପରି ଜିଲାର ପ୍ରତ୍ୟେକ ଥାନାକୁ ଆଲର୍ଟ କରାଯାଇଥିବା ଏସ୍ପି ମଡକର ସନ୍ଦିପ ସମ୍ପଦ କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସହର ସମେତ ବାଗିମୂଳ, ଜମଧର, ଗୁଲ୍ନଗର ଓ କପାଳେଶ୍ୱର ପଞ୍ଚାୟତରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଥିବା ଜିଲାପାଳ ଅମୃତ ଋତୁରାଜ କହିଛନ୍ତି।



ରଣପଡ଼ାରେ ମୁତୟନ ପୋଲିସ ଫୋର୍ସ।

### ହାଇଦର-ସୁଲେମାନ-ଟିଟୋ

କେବଳ ହାଇଦର ନୁହନ୍ତି, କେନ୍ଦ୍ରାପଡ଼ା ଜିଲାର ଆଉ ୨ ଗ୍ୟାଙ୍ଗଷ୍ଟର ସୁଲେମାନ ଓ ଟିଟୋ ମଧ୍ୟ ଅପରାଧ ଜଗତରେ ପ୍ରଭାବ ବିସ୍ତାର କରି ବେଶ୍ ଚର୍ଚ୍ଚିତ। ସେମାନଙ୍କ ନାମରେ ହତ୍ୟା, ଅପହରଣ, ଦାଦାବଟି ଆଦାୟ ଭଳି ସଙ୍ଗିନ ଅପରାଧ ମାମଲା ବିଭିନ୍ନ ଥାନାରେ ରହିଛି। ପ୍ରଥମେ ଆଇସ୍‌କ୍ରିମ ବିକ୍ରି କରି ରୋଜଗାର କରୁଥିବା ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀ ୮୦ ଦଶକରୁ ଅପରାଧ ଜୀବନ ଆରମ୍ଭ କରିଥିଲେ। ଏଥିରେ ସୁଲେମାନ ମଧ ସାମିଲ ହୋଇଥିଲେ। ମିଳିମିଶି କ୍ୟାସେଟ ବେପାର କରୁଥିବାବେଳେ ପରବର୍ତ୍ତୀ ସମୟରେ ନିଜର ଗୋଷ୍ଠୀ ତିଆରି କରି ଆପରାଧିକ ଜଗତରେ ପାଦ ଥାପିଥିଲେ। ରବିନ ବେହେରା ହତ୍ୟାକାଣ୍ଡ ଏମାନଙ୍କୁ ଚର୍ଚ୍ଚାକୁ ଆଣିଥିଲା। ତେବେ ୧୯୯୦ରେ ଟିଟୋ ସହିତ ଇଦ୍‌ପର୍ବରେ ଝଗଡ଼ା କରିଥିବା ଗରାପୁରର ବୁଢ଼ାଭାଇଙ୍କ ମୃତ୍ୟୁ ପରେ ହାଇଦର ଚର୍ଚ୍ଚାକୁ ଆସିଥିଲେ। କୁହାଯାଉଛି ଯେ, ବୁଢ଼ା ଭାଇଙ୍କ ଭାଇ ରହେମତ କୁଆଡେ ଗ୍ୟାଙ୍ଗଷ୍ଟର ସୁଲେମାନଙ୍କୁ ହାତକରି ହାଇଦର ଓ ଅନ୍ୟ କେତେଜଣଙ୍କ ଜରିଆରେ ଟିଟୋଙ୍କ ସହଯୋଗୀ ବୁଲା ସେଠୀଙ୍କୁ ହତ୍ୟା କରିଥିଲେ। ପରେ ସୁଲେମାନେ ଓ ହାଇଦରଙ୍କ ମଧ୍ୟରେ ଅପଡ଼ ହୋଇଥିଲା। ଫଳରେ ସୁଲେମାନଙ୍କ ଭାଇ ଚୁନାଙ୍କୁ ହାଇଦର ଭୁବନେଶ୍ୱରରେ ହତ୍ୟା କରିଥିବା ନେଇ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ହେଲେ ଏହି ୩ ଗୋଷ୍ଠୀ ପରସ୍ପରବିରୋଧୀ ହେବା ପରେ ଗ୍ୟାଙ୍ଗୱାର ବଢ଼ି ଯାଇଥିଲା। ସୁଲେମାନଙ୍କ ମୃତ୍ୟୁ ପରେ ହାଇଦର ପ୍ରାୟ ୫୦ ସହଯୋଗୀଙ୍କୁ ଧରି ନିଜ ଆଧିପତ୍ୟ ଦେଖାଇ ଆସୁଥିଲେ।

## ରିକ୍ସା ଚାଳକରୁ ଗ୍ୟାଙ୍ଗଷ୍ଟର



କେନ୍ଦ୍ରାପଡ଼ା ପୌରାଞ୍ଚଳର ରଣପଡ଼ାରେ ୧୯୬୩ରେ ହାଇଦର ଜନ୍ମ ହୋଇଥିଲେ। ୮୦ ଦଶକରେ ସହରରେ ରିକ୍ସା ଚଲାଉଥିଲେ। ପରେ ଟ୍ରେକର ଡ୍ରାଇଭିଂ କରୁଥିଲେ। ଗରାପୁରର ଲୁଗା ଦୋକାନୀ ବୁଢ଼ା ଭାଇଙ୍କ ମୃତ୍ୟୁ ପରେ ହାଇଦର ଆପରାଧିକ ଜଗତକୁ ପ୍ରବେଶ କରିଥିବା କୁହାଯାଉଛି। ୧୯୯୧ରେ ତାଙ୍କ ନାମରେ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅପରାଧରେ ପ୍ରଥମ ଥର ପାଇଁ କେନ୍ଦ୍ରାପଡା ପୋଲିସ ମାମଲା (ନଂ.୧୯୮/୯୧) ରୁଜୁ କରିଥିଲା। ଏହାପରଠାରୁ ୨୦୦୨ ସୁଦ୍ଧା କେନ୍ଦ୍ରାପଡ଼ାର ବିଭିନ୍ନ ଥାନାରେ ୧୨ଟି ମାମଲା ତାଙ୍କ ନାମରେ ରୁଜୁ ହୋଇଥିଲା। ଜିଲା ବାହାରେ ମଧ ତାଙ୍କ ଅପରାଧ ସାମ୍ରାଜ୍ୟ ବ୍ୟାପିଥିଲା। ୨୦୦୫ ସୁଦ୍ଧା ହାଇଦରଙ୍କ ନାମରେ କେନ୍ଦ୍ରାପଡ଼ା ସମେତ ଯାଜପୁର, କଟକ, ପୁରୀ ଜିଲାରେ ୨୭ଟି ମାମଲା ରୁଜୁ ହୋଇଥିଲା। ତେବେ ଅଧିକାଂଶ ମାମଲାରେ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାବେଳେ କେନ୍ଦ୍ରାପଡ଼ା ଜିଲାରେ ୩ ମାମଲା ଗଡୁଛି। ଦାଦାବଟି, ଟେଣ୍ଡର ଫିକ୍ସିଂ, ବାଲିଘାଟ ନିଲାମ ପରି ଅନେକ ମାମଲା ତାଙ୍କ ନାମରେ ଅଛି। ହେଲେ ଗ୍ୟାଙ୍ଗଷ୍ଟର ସୁଲେମାନଙ୍କ ଭାଇ ମଲିକ ହନନ ଓରଫ ଚୁନା ହତ୍ୟାକାଣ୍ଡ ଏବଂ କେନ୍ଦୁଝରର ଖଣି ଠିକାଦାର ରଶ୍ମିରଞ୍ଜନ ମହାପାତ୍ରଙ୍କ ଅପହରଣ ଓ ହତ୍ୟା ତାଙ୍କୁ ମହଙ୍ଗା ପଡ଼ିଥିଲା। ଏହି ଦୁଇ ମାମଲାରେ ସେ ଆଜୀବନ କାରାଦଣ୍ଡ ପାଇ ସମ୍ବଲପୁର ଜେଲରେ ରହିଥିଲେ। କିନ୍ତୁ ଚିକିତ୍ସା ବାହାନାରେ ଆସି ସେ ଗତ ଏପ୍ରିଲ ୧୦ରେ କଟକ ବଡ଼ ମେଡିକାଲରୁ ଫେରାର ହୋଇଯାଇଥିଲେ। ୫ ଦିନ ପରେ ତେଲେଙ୍ଗାନାରୁ ଗିରଫ ହୋଇ ଚୌଦ୍ୱାର ଜେଲରେ ରହିଥିଲେ। ନିରାପତ୍ତା ଦୃଷ୍ଟିରୁ ତାଙ୍କୁ ଶନିବାର ବାରିପଦା ଜେଲକୁ ସ୍ଥାନାନ୍ତର ବେଳେ ସିମୁଳିଆ ନିକଟରେ ଘଟିଥିଲା ଏନ୍‌କାଉଣ୍ଟର।

### ପୋଲିସର ଅବହେଳା ରହିଛି



"ପୂର୍ବରୁ ଅନେକ ଘଟଣାରେ ନଜିର ରହିଛି ଯେ, ଅପରାଧୀ ତଥା ଅଭିଯୁକ୍ତଙ୍କୁ ଜେଲ ନିଆଯାଉଥିବାବେଳେ ପରିସ୍ରା, ଝାଡ଼ା ଯିବା ବାହାନା କରି ଖସିଯିବାକୁ ଉଦ୍ୟମ କରନ୍ତି। ସାଧାରଣତଃ ପୋଲିସ ସହଜରେ ଛାଡେନି। ଅପରାଧୀମାନେ ବିଭିନ୍ନ ଆଳରେ ବାରମ୍ବାର କହିବା ପରେ ପୋଲିସ ସ୍ଥିତି ଦେଖି ବାଧହୋଇ ଗାଡ଼ି ରଖିଥାଏ। ତେବେ ହାଇଦର ପରିସ୍ରା ବାହାନାରେ ଖସିଯିବା ଓ ପରେ ତାଙ୍କୁ ଏନ୍‌କାଉଣ୍ଟର କରାଯିବା ଘଟଣାରେ ନିହାତି ଭାବେ ପୋଲିସର ଅବହେଳା ରହିଛି। ହାଇଦର ଭଳି ଅପରାଧୀଙ୍କୁ ପରିସ୍ରା ପାଇଁ ଛଡାଯାଇଛି ମାନେ ପୋଲିସ ସୁରକ୍ଷା ସେଭଳି ହେବା ଉଚିତ୍, ଯେମିତି ସେ ଖସିଯିବାକୁ ଉଦ୍ୟମ କରିପାରିବେ ନାହିଁ। ହାଇଦର ଯାଇଥିବା ସ୍ଥାନର ୧୫ରୁ ୨୦ଫୁଟ୍ ପରିଧିରେ ୪ରୁ ୫ଜଣ ପୋଲିସ କର୍ମଚାରୀ ତାଙ୍କୁ ଜଗିରହିବା ଉଚିତ ଥିଲା। ଅନ୍ୟପକ୍ଷେ ସାଧାରଣତଃ ଆମ ମନରେ ରହିଛି ଯେ, ଅପରାଧୀ ଜଣକ ଖସିଯିବା ପରେ କିମ୍ବା ଆକ୍ରମଣ କଲେ ପୋଲିସ ପ୍ରଥମେ ଫାଙ୍କା ଗୁଳି ଚାଳନା କରିପାରିବ, ଗୋଡ଼କୁ ମାରିପାରିବ। କିନ୍ତୁ ଏହା ବାଧବାଧକତା ନୁହେଁ। ପୋଲିସର ନିୟମ ରହିଛି ଶୁଟ୍ ଟୁ କିଲ୍। ଗୁଳି ମାରିବା ପାଇଁ ଗୋଡ଼ ଏକ ଛୋଟ ଟାର୍ଗେଟ। ପେଟ ଏକ ବଡ଼ ଟାର୍ଗେଟ ହୋଇଥିବାରୁ ପୋଲିସ ମାରିପାରିଥାଇପାରେ।

-ବିପିନ୍ ବିହାରୀ ମିଶ୍ର, ଅବସରପ୍ରାପ୍ତ ପୋଲିସ ଡିଜି

### ଏନ୍‌କାଉଣ୍ଟରର ଆଇନଗତ ଦିଗଗୁଡ଼ିକୁ ସମୀକ୍ଷା କରିବା ଉଚିତ



"ହାଇଦରଙ୍କୁ ପୋଲିସର ଏନ୍‌କାଉଣ୍ଟର ଘଟଣାରେ ରହିଥିବା ଆଇନଗତ ଦିଗଗୁଡିକୁ ସମୀକ୍ଷା କରାଯିବା ଉଚିତ। ଘଟଣାଟି ଘଟିବା ସମୟରେ ଆପରାଧିକ ବାତାରଣ କ'ଣ ଥିଲା ସେ ସମ୍ପର୍କରେ ନିଶ୍ଚିତ ଭାବେ ଏକ ଅନୁଧ୍ୟାନର ଆବଶ୍ୟକତା ରହିଛି। କେଉଁ ପରିସ୍ଥିତିରେ ହାଇଦରଙ୍କୁ ପୋଲିସ ଏନ୍‌କାଉଣ୍ଟର କଲା, ଏହା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା, ହାଇଦର ପୋଲିସକୁ କିଭଳି ଭାବେ ଆକ୍ରମଣ କରିଥିଲା, ଯାହାଫଳରେ ପୋଲିସ ତାଙ୍କୁ ଏନ୍‌କାଉଣ୍ଟର କଲା, ଏସବୁର ସ୍ପଷ୍ଟୀକରଣ ନିହାତି ଭାବେ ପୋଲିସ ଦେଇପାରିବ।

-ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ

ଧରିତ୍ରୀ
DHARITRI
ରବିବାର, ୨୫ ଜୁଲାଇ,୨୦୨୧





# ନୂଆ ଗିଫ୍ଟ ଟ୍ରେଣ୍ଡ

**ଗିଫ୍ଟ ମିଳିଲେ କାହାକୁ ବା ଖୁସି ନ ଲାଗେ! ଆଉ ଗିଫ୍ଟଟି ଯଦି ସମ୍ପୂର୍ଣ୍ଣ ନିଆରା କିମ୍ବା ଭାବି ନ ଥିବା ଜିନିଷଟି ହୁଏ, ତେବେ ଖୁସିର ସୀମା କହିଲେ ନ ସରେ। ଠିକ୍ ଯେମିତି ବର୍ତ୍ତମାନ ଲାଟେଷ୍ଟ ଗିଫ୍ଟ ଟ୍ରେଣ୍ଡରେ ସାମିଲ ହୋଇଛି ଫଟୋ ପ୍ରିଣ୍ଟେଡ୍ ଭଳିକି ଭଳି ସାମଗ୍ରୀ...**



**ଟ୍ରେଣ୍ଡରେ ଅଛି ଫଟୋ ପ୍ରିଣ୍ଟ କଫି ମଗ୍:** ନିଜର, ପରିବାରର କିମ୍ବା ସାଙ୍ଗସାଥୀଙ୍କ ଫଟୋ ପ୍ରିଣ୍ଟ ହୋଇଥିବା କପ୍‌ଟିଏ ଧରି ଚା, କଫି ପିଇବା ବେଳେ ସତରେ କାହାକୁ ବା ଖୁସି ନ ଲାଗିବ! ଆଉ ଜଣଙ୍କୁ ଏହି ଖୁସି ଦେବା ଲାଗି ବର୍ତ୍ତମାନ ଫଟୋ ପ୍ରିଣ୍ଟ କପ୍ ଓ କଫି ମଗ୍ ଏବେ ଲାଟେଷ୍ଟ ଗିଫ୍ଟ ଟ୍ରେଣ୍ଡ ପାଲଟିଛି। ବାର୍ଥଡେ', ମ୍ୟାରେଜ୍, ଆନିଭର୍ସାରି, ଫାଦର୍ସ ଡେ, ମଦର୍ସ ଡେ', ଟିଚର୍ସ ଡେ', ଫ୍ରେଣ୍ଡଶିପ୍ ଡେ', ଭାଲେଣ୍ଟାଇନ୍ସ ଡେ' ଆଦିରେ ଅନେକେ ଏହି ଗିଫ୍ଟ ଦେବାକୁ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।






**ୱେଡିଂ ଗିଫ୍ଟ ପାଇଁ ବେଷ୍ଟ ଅପ୍ସନ ସାଜିଛି:** ଦିନକୁଦିନ ବଦଳୁଛି ଗିଫ୍ଟ ଆଇଡିଆ। ପୂର୍ବରୁ ସାଙ୍ଗସାଥୀଙ୍କ ବିବାହରେ ଭଳିକି ଭଳି ଗିଫ୍ଟ ଦିଆଯାଉଥିଲା। ବର୍ତ୍ତମାନ ଏହି ଲିଷ୍ଟରେ କପୁଲ୍ ଫଟୋ ପ୍ରିଣ୍ଟ ବେଡ୍‌ଶିଟ୍ ଏବଂ ତକିଆ କଭରର ଡିମାଣ୍ଡ ବଢୁଥିବାର ଦେଖିବାକୁ ମିଳୁଛି। ଏହା ଅପେକ୍ଷାକୃତ ମଡର୍ନ ଏବଂ ଆଇକ୍ୟାଚି ମଧ୍ୟ ଲାଗୁଛି। ତା'ଛଡ଼ା ଏହାକୁ ପ୍ରିଣ୍ଟ କରାଇବା ଲାଗି ପ୍ରାୟ ଅଧିକାଂଶ ସହରରେ ସୁବିଧା ମଧ୍ୟ ହୋଇଗଲାଣି। ଏମିତିକି ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୁବିଧା ଖୁବ୍ ସହଜରେ ଉପଲବ୍ଧ ହୋଇପାରୁଛି। ତେଣୁ ଏହାକୁ ବିଶେଷ କରି ୱେଡିଂ, ଆନିଭର୍ସାରି ଗିଫ୍ଟ ଲାଗି ଅନେକେ ପସନ୍ଦ କରୁଛନ୍ତି। କେହି କେହି ଏଥିରେ ଫ୍ୟାମିଲି ଫଟୋ ମଧ୍ୟ ପ୍ରିଣ୍ଟ କରାଇ ନିଜ ପ୍ରିୟଜନଙ୍କୁ ଉପହାର ସ୍ୱରୂପ ଦେଉଥିବା ଦେଖିବାକୁ ମିଳୁଛି।

**ବ୍ୟାକ୍ କଭରର ଡିମାଣ୍ଡ ବଢୁଛି:** ଆଜିର ଯୁବପିଢ଼ିଙ୍କଠାରେ ମାର୍କେଟ୍‌କୁ ଆସୁଥିବା ଲାଟେଷ୍ଟ ବ୍ରାଣ୍ଡ ଏବଂ ମଡେଲ୍‌ର ମୋବାଇଲ କିଣିବା ଏକ ନିଶା ପାଲଟିଯାଇଛି। ଖାଲି ଏତିକି ନୁହେଁ, ନିଜ ଫୋନ୍‌କୁ ଆଇକ୍ୟାଚି ଲୁକ୍ ଦେବା ଲାଗି ସେମାନେ ଭଳିକି ଭଳି ଡିଜାଇନ୍‌ର ବ୍ୟାକ୍ କଭର ମଧ୍ୟ ବ୍ୟବହାର କରୁଛନ୍ତି। ତେବେ ଏମିତିରେ ସେଲ୍ଫ ଫଟୋ ପ୍ରିଣ୍ଟ ହେଉ ଅବା ଫ୍ୟାମିଲି କିମ୍ବା ଫ୍ରେଣ୍ଡସଙ୍କ ଫଟୋ ପ୍ରିଣ୍ଟ ଥିବା ବ୍ୟାକ୍ କଭରର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି। ଏହାକୁ ପ୍ରିଣ୍ଟ କରାଇବା ସହଜ ଏବଂ ଦାମ୍ ମଧ୍ୟ ସୁହାଇଲା ଭଳି ହେଉଥିବାରୁ ନିଜେ ବ୍ୟବହାର କରିବା କିମ୍ବା ଗିଫ୍ଟ ଦେବା ଲାଗି ଏହା ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ପାଲଟୁଛି।

**ଆଇକ୍ୟାଚି ଲାଗୁଛି ଫଟୋପ୍ରିଣ୍ଟ ଟି-ଶାର୍ଟ:** ଏମିତିରେ ଅଧିକାଂଶ ଯୁବତୀଯୁବକଙ୍କୁ ପ୍ଲେନ୍ ଅପେକ୍ଷା ପ୍ରିଣ୍ଟେଡ୍ ଟି-ଶାର୍ଟ ପସନ୍ଦ। ହେଲେ ଏବେ ଫଟୋ ପ୍ରିଣ୍ଟ ବିଶେଷକରି ସେଲ୍ଫ କପୁଲ୍ କିମ୍ବା ଗ୍ରୁପ୍ ଫଟୋ ପ୍ରିଣ୍ଟ ଟି-ଶାର୍ଟର ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ଏହା ନା କେବଳ ଷ୍ଟାଇଲିସ୍ ବରଂ ବେଶ୍ ଆଇକ୍ୟାଚି ମଧ୍ୟ ଲାଗୁଥିବାରୁ ଅନେକେ ଏହାକୁ ଗିଫ୍ଟ ଦେବାକୁ ବି ପସନ୍ଦ କରୁଛନ୍ତି।

– ପୌର୍ଣ୍ଣମାସୀ





## ଗିଫ୍ଟ ପାଇଁ ବଢୁଛି ଡିମାଣ୍ଡ

ଯୁବପିଢ଼ିଙ୍କୁ ସବୁବେଳେ କିଛି ନୂଆ ତଥା ଲାଟେଷ୍ଟ ଜିନିଷ ପସନ୍ଦ, ଯେଉଁଥିରୁ ବାଦ୍‌ପଡ଼ିନି ସେମାନଙ୍କ ଗିଫ୍ଟ ସିଲେକ୍ସନ। କାରଣ ବର୍ତ୍ତମାନ ନିଜେ ବ୍ୟବହାର କରିବା ଲାଗି ହେଉ ଅବା ଆତ୍ମୀୟସ୍ୱଜନ ତଥା ସାଙ୍ଗସାଥୀଙ୍କୁ କୌଣସି ସ୍ପେଶାଲ୍ ଅକେଜନ୍‌ରେ ଗିଫ୍ଟ ଦେବା ଲାଗି ଅନେକେ ବିଭିନ୍ନ ଫଟୋ ପ୍ରିଣ୍ଟ ସାମଗ୍ରୀ ଯଥା ମୋବାଇଲ୍ ବ୍ୟାକ୍ କଭର, କଫି ମଗ୍, ବେଡ୍‌ଶିଟ୍ ଏବଂ ତକିଆ କଭର, ଟି-ଶାର୍ଟ ଆଦି ଅଧିକ ପସନ୍ଦ କରୁଛନ୍ତି। ବାର୍ଥ ଡେ' ଗିଫ୍ଟରେ କଫି ମଗ୍‌ର ଡିମାଣ୍ଡ ଅଧିକ ରହୁଥିବା ବେଳେ ୱେଡିଂ ଗିଫ୍ଟରେ କପୁଲ୍ ଫଟୋ ପ୍ରିଣ୍ଟ ବେଡ୍‌ଶିଟ୍ ଏବଂ ତକିଆ କଭରର ଚାହିଦା ବେଶି ରହୁଛି। ଗ୍ରାହକଙ୍କ ଚାହିଦା ଅନୁସାରେ ଦିନକୁ ଦିନ ଭଳିକି ଭଳି ଗିଫ୍ଟ ଆଇଡିଆ ମଧ୍ୟ ମାର୍କେଟ୍‌କୁ ଆସୁଛି। ଏମିତିକି ଅନେକେ ଟି-ଶାର୍ଟରେ ମଧ୍ୟ ଫଟୋ ପ୍ରିଣ୍ଟ କରାଇ ଗିଫ୍ଟ କରୁଛନ୍ତି, ଯାହାକି ଭାଲେଣ୍ଟାଇନ୍ସ ଡେ' ଏବଂ ଫ୍ରେଣ୍ଡଶିପ୍ ଡେ'ରେ ଅଧିକ ଡିମାଣ୍ଡରେ ରହୁଛି। କେବଳ ଏତିକି ନୁହେଁ, ଛୋଟ ପିଲାଙ୍କ ଜନ୍ମଦିନରେ ହେଉ ଅବା ନୂଆ ଗୃହ ଆରମ୍ଭରେ ଫଟୋ ପ୍ରିଣ୍ଟ ମାର୍ବଲ ମଧ୍ୟ ଗିଫ୍ଟ ଭାବେ ଦେବାକୁ ଅନେକେ ଆଗ୍ରହୀ ହେଉଛନ୍ତି। ତେବେ ମ୍ୟାଜିକ୍ କପ୍ (ଯେଉଁଥିରେ ଗରମ ପାଣି, ଚା, କଫି ଆଦି ଢାଳିବା ପରେ ଫଟୋ ଦେଖାଯାଇଥାଏ) ସବୁଠୁ ବେଶି ଡିମାଣ୍ଡରେ ରହିଛି। ସରପ୍ରାଇଜ୍ ଗିଫ୍ଟ ଦେବାକୁ ଏହା ବେଷ୍ଟ ଅପ୍ସନ ବୋଲି ଅଧିକାଂଶ ଗ୍ରାହକ ପ୍ରକାଶ କରୁଛନ୍ତି। ଏସବୁ ସାମଗ୍ରୀର ଦାମ୍ ମଧ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ରହିଛି। କପ୍ ପ୍ରିଣ୍ଟ ପାଇଁ ୧୫୦ ଟଙ୍କା ରହିଥିବା ବେଳେ ତକିଆ କଭର ୨୦୦ରୁ ୫୦୦ଟଙ୍କା ଏବଂ ମ୍ୟାଜିକ୍ କପ୍ ପାଇଁ ୪୦୦ ଟଙ୍କା ରହିଛି। ଅନ୍ୟ ସାମଗ୍ରୀଗୁଡ଼ିକରେ ରଙ୍ଗ ଖର୍ଚ୍ଚକୁ ନେଇ ଅଲଗା ଅଲଗା ଦାମ୍ ରହିଛି। ଦୀର୍ଘ ୭ ବର୍ଷ ହେବ ମୁଁ ଗ୍ରାହକଙ୍କ ଡିମାଣ୍ଡ ଅନୁଯାୟୀ ଏସବୁ ସାମଗ୍ରୀ ପ୍ରିଣ୍ଟ କରି ଯୋଗାଇ ଆସୁଛି। ତେବେ ପୂର୍ବରୁ ଏହା ଉପରେ ଅନେକଙ୍କର ଏତେଟା ଧାରଣା ନ ଥିବା ବେଳେ ଏବେ ଏହାର ଡିମାଣ୍ଡ ଖୁବ୍ ବଢ଼ିଯାଇଛି।



– **ଦିଲୀପ କୁମାର ଲେଙ୍କା**
(ପ୍ରୋପ୍ରାଇଟର, ବାବା ଆର୍ଟ୍ସ,
ସାମନ୍ତରାୟପୁର, ଖୋର୍ଦ୍ଧା)

## ଏ ସପ୍ତାହର ପ୍ରଶ୍ନ

୧– ଫାଦର ଅଫ୍ ଗ୍ରୀନ୍ ରିଭୋଲ୍ୟୁଶନ୍.................. ?
୨– ବାସିଲିକା ଅଫ୍ ବନ୍ ଜେସସ୍.......... ଠାରେ ଅବସ୍ଥିତ ?
୩– ଅକ୍ଷରଧାମ ମନ୍ଦିରରେ............... ପୂଜା ପାଆନ୍ତି ?
୪– ବାଂଲାଦେଶ ଜାତୀୟ ସଂଗୀତର ରଚୟିତା.................. ?
୫– ଗ୍ୟାଲସ୍ ଗ୍ୟାଲସ୍ ଡୋମେଷ୍ଟିକସ୍ .............ର ବୈଜ୍ଞାନିକଙ୍କ ନାମ ?

## ଗତ ଥରର ଉତ୍ତର

୧ ବିହାର
୨ ଅହମ୍ମଦାବାଦ
୩ ଜୁଲାଇ ୧୨
୪ ଚାଇନା
୫ ଫେଡେରାଲ୍ ବ୍ୟାଙ୍କ୍

## ଉତ୍ତରଦାତା



ନରେଶ କୁମାର କର, ହାଇଦ୍ରାବାଦ



ସୁନୀଲ୍ କୁମାର ବେହେରା, ବ୍ରହ୍ମପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଶକ୍ତିଶାଳୀ ନୌସେନା (୨୦୨୧)



୧– ୟୁନାଇଟେଡ୍ ଷ୍ଟେଟ୍ସ ନ୍ୟାଭି.................................. ଆମେରିକା
୨– ପିପୁଲ୍ସ ଲିବରେଶନ୍ ଆର୍ମି ନ୍ୟାଭି.................................. ଚାଇନା
୩– ରୁଷିଆନ୍ ନ୍ୟାଭି.................................. ରୁଷିଆ
୪– ରୟାଲ ନ୍ୟାଭି..................................ୟୁନାଇଟେଡ୍ କିଙ୍ଗଡମ୍
୫– ଜାପାନ ମେରିଟାଇମ୍ ସେଲ୍ଫ ଡିଫେନ୍ସ ଫୋର୍ସ.................. ଜାପାନ
୬– ଫ୍ରେଞ୍ଚ୍ ନ୍ୟାଭି.................................. ଫ୍ରାନ୍ସ
୭– ଇଣ୍ଡିଆନ୍ ନ୍ୟାଭି.................................. ଇଣ୍ଡିଆ
୮– ରିପବ୍ଲିକ୍ ଅଫ୍ କୋରିଆନ୍ ନ୍ୟାଭି.................. ଦକ୍ଷିଣ କୋରିଆ
୯– ଇଟାଲିଆନ୍ ନ୍ୟାଭି.................................. ଇଟାଲୀ
୧୦– ତାଇୱାନିଜ୍ ନ୍ୟାଭି.................................. ତାଇୱାନ୍

### ଯୁଥ୍ ଆଲର୍ଟ

# ପିଠି ଯନ୍ତ୍ରଣା ହେଉଥିଲେ

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ପିଠି ଯନ୍ତ୍ରଣା ସମସ୍ୟା ଦେଖିବାକୁ ମିଳୁଛି। ଯଦିଓ ଏଥିପାଇଁ ବିଭିନ୍ନ କାରଣ ରହିଛି, ତଥାପି ବିଶେଷକରି ଡେସ୍କ ଜବ୍ କରୁଥିବା ଯୁବତୀଯୁବକମାନେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସିରହିବା ଏଥିପାଇଁ ମୁଖ୍ୟତଃ ଦାୟୀ। ଯଦି ଆପଣ ଏହି ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ଏଥିରୁ ଦୂରେଇ ରହିବା ଲାଗି କେଉଁସବୁ ଉପାୟ ଲାଭଦାୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**



➤ପିଠି, ଅଣ୍ଟା, ବେକ ଆଦି ବିନ୍ଧା ହେବାର ସବୁଠାରୁ ବଡ଼ କାରଣ ହେଉଛି ଭୁଲ୍‌ରେ ବସିବା ଶୈଳୀ। ତେଣୁ ଅଫିସ୍‌ରେ ହେଉ ଅବା ଘରେ, କମ୍ପ୍ୟୁଟର୍‌ରେ କାମ କରିବା ବେଳେ ନିଜର ବସିବା ଶୈଳୀ ଠିକ୍ ରଖନ୍ତୁ। ଅନେକେ ବସିବା ସମୟରେ ଆରାମ ଲାଗିବା ଆଳରେ ଢାଳି ହୋଇ ବସନ୍ତି। ହେଲେ ଡେସ୍କ ଜବ୍‌ରେ ଦୀର୍ଘ ସମୟ ଏପରି ବସିବା ଫଳରେ ବେକ, ପିଠି, ଅଣ୍ଟା ଢାଳି ହୋଇ ରହିବା ଯୋଗୁ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। କେବଳ ଏତିକି ଅଧିକ ସମୟ ଏପରି ପୋଜିଶନ୍‌ରେ ରହିବା ଯୋଗୁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ। ତେଣୁ ପିଠିକୁ ସିଧା ରଖି ବସନ୍ତୁ ଏବଂ ଗୋଡ଼ ଯେପରି ତଳେ ସିଧା ଲାଗୁଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➤ଯଦି କାମ କରିବା ବେଳେ ପିଠି ଯନ୍ତ୍ରଣା ହେଉଛି, ତେବେ ଏଥିପାଇଁ ଚେୟାର ମଧ୍ୟ କେତେକାଂଶରେ ଦାୟୀ। ତେଣୁ ଏପରି ଚେୟାର ବାଛନ୍ତୁ, ଯେଉଁଥିରେ ବସିଲେ ନା କେବଳ ଆରାମ ଲାଗିବ ବରଂ ବେକ, ପିଠି, ଅଣ୍ଟା ଢାଳି ନ ହୋଇ ସିଧା ରହୁଥିବ। ଯଦି ଅଫିସ୍‌ରେ ଏପରି ଚେୟାର ନାହିଁ, ତେବେ ଆପଣ ପିଠିକୁ ସପୋର୍ଟ ଦେବା ଲାଗି ଚେୟାର୍‌ରେ ଏକ ତକିଆ ରଖି ବସିପାରିବେ।

➤କାମ କରୁଥିବା ଡେସ୍କଟପ୍ ହେଉ ଅବା ଲ୍ୟାପ୍‌ଟପ୍‌କୁ ଟେବୁଲ୍ ଉପରେ ଏପରି ରଖନ୍ତୁ, ଯେପରି ଏହାର ସ୍କ୍ରିନ୍ ଆପଣଙ୍କ ଆଖି ସହ ସମାନ୍ତରାଳ ଭାବେ ରହିବ। ନଚେତ୍ ତଳୁଆ କିମ୍ବା ଅଧିକ ଉଚ୍ଚାରେ ଥିଲେ ମୁଣ୍ଡ ନୁଆଁଇବା ଅବା ଉଠାଇ ଦୀର୍ଘ ସମୟ କାମ କରିବା ଦ୍ୱାରା ବେକରେ ଚାପ ପଡ଼ି ଖୁବ୍ ଯନ୍ତ୍ରଣା ହୋଇଥାଏ।



➤ପିଠି ଯନ୍ତ୍ରଣା ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ଅଳ୍ପ ଚାଲନ୍ତୁ ଏବଂ ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମାଂସପେଶୀ ମଧ୍ୟ ରିଲାକ୍ସ ହେବ ଏବଂ ଯନ୍ତ୍ରଣା ଦୂର ହେବ।

➤ଡେସ୍କ ଜବ୍ କରୁଥିଲେ ଅଫିସ୍ ସମୟ ପରେ ଘରେ ଥିବା ବେଳେ ପ୍ରତିଦିନ କିଛିସମୟ ଯୋଗ, ବ୍ୟାୟାମ ଆଦି କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାହିଁ ଆପଣଙ୍କୁ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇବାରେ ସାହାଯ୍ୟ କରିବ।

➤ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ମନେରଖନ୍ତୁ। ଯଦି ପିଠି ଯନ୍ତ୍ରଣା ଅଧିକ ହେଉଛି, ତେବେ ବାରମ୍ବାର ପେନ୍‌କିଲର ଖାଇ ଏହାକୁ କମାଇବାକୁ ଚେଷ୍ଟା ନ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରନ୍ତୁ। ନଚେତ୍ ସାମାନ୍ୟ ଅବହେଳାରୁ ଆପଣଙ୍କୁ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

### ଜାଣନ୍ତୁ ଦୁନିଆ

# କୁକୁର

**ପଶୁଟିଏ ସତ, ହେଲେ ମଣିଷର ବେଶ୍ ବିଶ୍ୱସ୍ତ ହେଉଛି କୁକୁର। ସେ କେତେବେଳେ ଜଗୁଆଳିର କାମ କରେ ତ ଆଉ କେବେ ଅପରାଧୀଙ୍କୁ ଧରିବାରେ ସାହାଯ୍ୟ କରେ। ତେବେ ଘରେ ପୋଷା ଭାବେ ହେଉ ଅବା ରାସ୍ତାଘାଟରେ ଅନେକ ବୁଲା କୁକୁରଙ୍କୁ ଆପଣମାନେ ସର୍ବଦା ଦେଖୁଥିବେ। ହେଲେ ଏହି କୁକୁରମାନଙ୍କ ସମ୍ପର୍କରେ ଏମିତି କିଛି ରୋଚକ କଥା ରହିଛି, ଯାହା ସମ୍ପର୍କରେ ସମସ୍ତେ ଅବଗତ ନ ଥିବେ। ଜାଣିବା ଏଭଳି କିଛି ତଥ୍ୟ ସମ୍ପର୍କରେ...**

➤କୁକୁର ଛୁଆଟିଏ ଜନ୍ମ ହେବା ବେଳେ ଦୃଷ୍ଟିହୀନ ଏବଂ ବଧିର ହୋଇଥାଏ। ଜନ୍ମ ସମୟରେ ସେମାନଙ୍କ ଦାନ୍ତ ମଧ୍ୟ ଉଠି ନ ଥାଏ।

➤କୁକୁର ଭୁକେ ଏକଥା କିଏ ବା ନ ଜାଣେ! ହେଲେ ଏଭଳି ଏକ ପ୍ରଜାତିର କୁକୁର ଅଛନ୍ତି, ଯିଏ ଆଦୌ ଭୁକି ନ ଥା'ନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏକଥା ସତ। ବାସେଞ୍ଜି ନାମକ ଏହି କୁକୁର ପ୍ରଜାତି ଖୁବ୍ ବୁଦ୍ଧିଆ।

➤ସାଧାରଣତଃ ପ୍ରାୟ ସବୁ ପ୍ରଜାତିର କୁକୁରଙ୍କ ଜିଭର ରଙ୍ଗ ଗୋଲାପି ହୋଇଥିବା ବେଳେ ଚାଉଚାଉ ଏବଂ ଶାର୍ ପାଇ ନାମକ ଦୁଇ ପ୍ରଜାତିର କୁକୁରଙ୍କ ଜିଭ ଉପରେ କଳାକଳା ଦାଗ ରହିଛି।

➤ପୃଥିବୀରେ ଥିବା ବିଭିନ୍ନ କୁକୁର ପ୍ରଜାତି ମଧ୍ୟରେ ଗ୍ରେଟ୍ ଡେନ୍ ପ୍ରଜାତି ସବୁଠୁ ଡେଙ୍ଗା, ଯାହାର ସାଧାରଣ ଉଚ୍ଚତା ହେଉଛି ୩ ଫୁଟ୍ ବା ୩୬ ଇଞ୍ଚ ଏବଂ ଓଜନ ୫୦-୯୦ କେଜି। ତେବେ ଏହି ପ୍ରଜାତିର ଜେଅସ୍ ନାମକ ୪୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ଏକ କୁକୁର ପୃଥିବୀର ସବୁଠୁ ବଡ଼ କୁକୁର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି। ସେହିପରି ଚିହୁଆହୁଆ ହେଉଛି ପୃଥିବୀର ସବୁଠୁ ଛୋଟ କୁକୁର ପ୍ରଜାତି, ଯାହାର ଓଜନ ମାତ୍ର ୨.୭ କେଜି.।

➤ଛୋଟ କୁକୁରଙ୍କର ପ୍ରଥମେ ମାତ୍ର ୨୮ଟି ଦାନ୍ତ ଉଠିଥାଏ ଏବଂ ଏହା ଝଡ଼ିଯିବା ପରେ ୪୨ଟି ଦାନ୍ତ ଉଠିଥାଏ।

➤ସମସ୍ତ କୁକୁର ପ୍ରଜାତି ମଧ୍ୟରେ ଲାବ୍ରାଡର୍ ପ୍ରଜାତି ସବୁଠୁ ଲୋକପ୍ରିୟ। ଆମେରିକାରେ ସର୍ବାଧିକ ଏହାକୁ ପୋଷା କୁକୁର ଭାବେ ରଖିଥିବା ଦେଖିବାକୁ ମିଳିଥାଏ।

➤ କୁକୁରଙ୍କ ଘ୍ରାଣଶକ୍ତି ମଣିଷଠାରୁ ପ୍ରାୟ ୪୦ ଗୁଣ ଅଧିକ।



## ବେକରେ ଶାଢ଼ି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ରେଢ଼ାଖୋଲ,(ଡି.ଏନ.ଏ.): ରେଢ଼ାଖୋଲ ଥାନା ୧୧ନଂ ୱାର୍ଡ କେନ୍ଦୁକଟା ଗ୍ରାମର ପ୍ରତିମା ବୈଠାରୁ (୪୫) ନାମ୍ନୀ ମହିଳା ଶନିବାର ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୂର୍ବାହ୍ନ ସାଢ଼େ ୯ଟାରେ ବନ୍ଦ ଘରୁ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧୨/୨୧) ରୁଜୁ ହୋଇଛି। ପାରିବାରିକ କଳହ ଯୋଗୁ ମହିଳା ଜଣକ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ମୃତା ମହିଳାଙ୍କ ସ୍ୱାମୀ, ୩ ପୁଅ ଓ ଜଣେ ବିବାହିତା ଝିଅ ଅଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ୨ ଆହତ

**ନାକଟିଦେଉଳ,୨୪।୭(ଡ଼ି.ଏନ.ଏ.):** ନାକଟିଦେଉଳ ଥାନା ଗଦାଧରପୁର ଗ୍ରାମରେ ଶନିବାର ଭାଲୁ ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗଦାଧରପୁର ଗ୍ରାମର ରବି ବେହେରା (୫୦) ଓ ସର ବେହେରା (୪୫)। ସୂଚନା ଅନୁସାରେ ରବି ଓ ସର ସକାଳ ପ୍ରାୟ ୬ଟା ବେଳେ ଗାଁ ମୁଣ୍ଡ ଚାଷ ଜମିକୁ ଯାଇଥିଲେ। ସେଠାରେ ଚାଷ କାମ କରୁଥିବା ବେଳେ ନିକଟ ବୁଦା ମୂଳରୁ ଏକ ଭାଲୁ ବାହାରି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ଉଭୟଙ୍କ ଗୋଡ଼ ଓ ହାତରେ ଗୁରୁତର ଆଘାତ ଲାଗିଛି। ପାଟି ଶୁଣି ପାଖରେ ହଳ କରୁଥିବା ଲୋକ ଦୌଡ଼ି ଆସିବାରୁ ଭାଲୁଟି ପଳାଇ ଯାଇଥିଲା। ଆହତ ରବି ଓ ସରଙ୍କୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ନାକଟିଦେଉଳ ଡାକ୍ତରଖାନାକୁ ଆଣିଥିଲେ।ସେଠାରେ ପ୍ରାଥମିକ ଚିକିତ୍ସା ପରେ ରବିଙ୍କୁ ବୁର୍ଲା ମେଡିକାଲ ପଠାଇ ଦିଆଯାଇଛି।

# ପୋଲିସ ସ୍କ୍ୱାଡ୍‌କୁ ପିଟିଲେ, ନିୟମ ପଢ଼ାଇଲେ

**ସମ୍ବଲପୁର,୨୪।୭(ବ୍ୟୁରୋ)**

### ନିଶା କାରବାର ଅଭିଯୋଗରେ ଚଢ଼ାଉ ବେଳେ ଅଘଟଣ

ସମ୍ବଲପୁର ଜିଲାରେ ଅପରାଧ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇଛି। ସେମାନେ ଅପରାଧିକ କାର୍ଯ୍ୟ ରୋକିବାରେ କେତେକ ସ୍ଥାନରେ ସଫଳ ହୋଇଥିବା ବେଳେ କେତେକ ଅଭିଯୁକ୍ତଙ୍କୁ ସଲାସୁତୁରା କରି ଛାଡିଦେଉଥିବା ଅଭିଯୋଗ ହୋଇଛି। ଏବେ ସ୍ୱତନ୍ତ୍ର ସ୍କ୍ୱାଡ୍ କର୍ମଚାରୀଙ୍କୁ ମାରପିଟ ହୋଇଥିବା ଭଳି ଅଘଟଣ ଘଟିଛି। ନିଶା କାରବାର ନେଇ ଧମା ଥାନା ଅଞ୍ଚଳରେ ସାଦା ପୋଷାକରେ ଚଢାଉ କରିବାକୁ ଯାଇଥିବା ସମୟରେ ଏଭଳି ଘଟଣା ଘଟିଛି। ପୋଲିସ ଘଟଣାକୁ ନେଇ କିଛି କହୁ ନ ଥିବା ବେଳେ ସମ୍ପୃକ୍ତ ଥିବା ଅଭିଯୋଗରେ ୮ ଅଭିଯୁକ୍ତଙ୍କୁ ଅଟକ ରଖିଥିବା ଜଣାପଡିଛି। ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଜଣେ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ଉକ୍ତ ଘଟଣା ବିଷୟରେ ପଚରାଉଚୁରା କରୁଥିବାର ଅଡିଓ ଭାଇରାଲ ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଜୁଲାଇ ୧୬ ତାରିଖ ରାତିରେ ପୋଲିସ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଅଧିକାରୀ ଓ କର୍ମଚାରୀ ଧମା ଥାନା ଅଞ୍ଚଳକୁ ଚଢାଉ ପାଇଁ ଯାଇଥିଲେ। ସେଠାରେ ଜଣେ ବ୍ୟକ୍ତି କଫ୍ ସିରଫ ଓ ଅନ୍ୟ ନିଶା କାରବାର କରୁଥିବା ଅଭିଯୋଗ ହୋଇଥିଲା। ପୋଲିସ ଚଢାଉ ସମୟରେ କନବାଏର ଛକରେ କେତେଜଣ ଯୁବକ ଉପସ୍ଥିତ ଥିଲେ। ପ୍ରାୟ ୧୫ ଜଣ ସାଦା ପୋଷାକଧାରୀଙ୍କୁ ଦେଖି ସେମାନେ ଚକିତ ହୋଇଥିଲେ। ପୋଲିସ ବୋଲି ବିଶ୍ୱାସ ନ କରି ତମେ କିଏ, କାହିଁକି ରାତିରେ ଜଣକ ଘରକୁ ଯାଞ୍ଚ କରିବାକୁ ଆସିଛ। ପରିଚୟ ପତ୍ର ଓ ଘର ସର୍ଚ୍ଚ କରିବା ପାଇଁ କୋର୍ଟର ଅନୁମତି ଦେଖାଅ ବୋଲି ନିୟମ ପଢାଇଥିଲେ। ପୋଲିସ ଅଧିକାରୀ ନିଜ ପରିଚୟ ଦେଇ ଆମ ପାଖରେ ସରକାରୀ ବନ୍ଧୁକ ଅଛି, ଆମେ ପୋଲିସ ବୋଲି କହିଥିଲେ। ହେଲେ ସେମାନେ ବନ୍ଧୁକ ତ ଚୋରମାନଙ୍କ ପାଖରେ ଥାଏ ବୋଲି ଓଲଟା ପ୍ରଶ୍ନ କରିଥିଲେ। କିଛି ସମୟ ଯୁକ୍ତି ପରେ ପ୍ରଥମେ ଠେଲାପେଲା ଓ ପରେ ଯୁବକମାନେ ମାରପିଟ କରିବା ଆରମ୍ଭ କରିଥିଲେ। କାଠ ଫାଳିଆ, ବାଡିରେ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଅଧିକାରୀ ଓ କର୍ମଚାରୀ ପଳାୟନ କରିଥିଲେ। ଏହି ସମୟରେ ସ୍ଥାନୀୟ ଧମା ପୋଲିସ ପାଟ୍ରୋଲିଂ ଗାଡି ପହଞ୍ଚିଥିଲା। ପରେ ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସେମାନଙ୍କ ପାଖରୁ ବନ୍ଧୁକ ଓ ମାରଣାସ୍ତ୍ର ମଧ୍ୟ ଜବତ କରିଛି। ସ୍ୱତନ୍ତ୍ର ସ୍କ୍ୱାଡ୍ ନାମରେ ଧମା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହା ରଖିବାକୁ ପୋଲିସ ମନା କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, କଫ୍ ସିରଫ୍ କାରବାର ଅଭିଯୋଗରେ ସ୍ଥାନୀୟ ପୋଲିସ ରେଡ୍ ପାଇଁ ଯାଇଥିବେ। ସ୍କ୍ୱାଡ୍ ଟିମ୍ ଯାଇଥିବା ନେଇ ତାଙ୍କୁ ସୂଚନା ଦିଆଯାଇ ନ ଥିବା ସେ କହିଥିଲେ।

# ପାଣି ପଶି ଘର ଭାଙ୍ଗିଲା



ପାଣିଘେରରେ ଜୟନ୍ତପୁର ଗ୍ରାମ।

**ସମ୍ବଲପୁର,୨୪।୭(ବ୍ୟୁରୋ)**

### ଡ୍ରେନ ନିର୍ମାଣ, ସହାୟତା ଦାବି

ସମ୍ବଲପୁର-ତିଲେଇବଣି ୫୫ନଂ. ଜାତୀୟ ରାଜପଥ ନିର୍ମାଣ କାମ ଚାଲୁରହିଛି। ଠିକା ସଂସ୍ଥା ରାଜପଥ କଡରେ ଥିବା ପୁରୁଣା ଡ୍ରେନ ପୋତିଦେଇଛି। ଫଳରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ଯୋଗୁ ସଦର ଥାନା ଜୟନ୍ତପୁରର ଲୋକଙ୍କ ଘରେ ପାଣି ପଶିଥିଲା। ଗ୍ରାମର ପ୍ରାୟ ୨୦ ପରିବାର ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏଥିରେ ଭୋଲା କୁର୍ମୀ, ଉଦ୍ଧବ ସାହୁ, ସୁମିତ୍ରା ପୃଷ୍ଟି, ବିଲାସିନୀ ସୁନା, ଅରୁଣ ବଡ ସୁନାନୀ ପ୍ରମୁଖଙ୍କ ଘର ଭାଙ୍ଗିଯାଇଛି। ରାତି ପ୍ରାୟ ୨ଟା ସମୟରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ଲୋକମାନେ ଅନ୍ୟ ସ୍ଥାନରେ ଆଶ୍ରୟ ନେଇଥିଲେ। ଶନିବାର ସକାଳେ ଜେସିବି ଲଗାଇ ମାଟି ଖୋଳିବା ପରେ କିଛି ମାତ୍ରାରେ ପାଣି ଚାଲିଯାଇଥିଲା। ହେଲେ ଏବେ ମଧ୍ୟ ଘର ଭିତରେ ପାଣି ରହିଛି। କାନ୍ଥଗୁଡିକ ଭିଜିଯାଇ ଭୁଶୁଡିବା ଅବସ୍ଥାରେ ରହିଛି। କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ଦେବା ସହ ଡ୍ରେନ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସ୍ଥାନୀୟ ଯୁବକଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା ନିର୍ମାଣ ସମୟରେ ଏଠାରେ ଡ୍ରେନ ନିର୍ମାଣ କରିବାକୁ ଦାବି କରାଯାଇଥିଲା। ଠିକା ସଂସ୍ଥା ଓ ଏନ୍‌ଏଚ୍‌ଏଆଇ ଅଧିକାରୀମାନଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ଠିକାଦାର ପୁରୁଣା ଡ୍ରେନ ପୋତିଦେବାରୁ ବର୍ଷା ପାଣି ଘର ଭିତରକୁ ପ୍ରବେଶ କରୁଛି। ଏବେ ବର୍ଷା ମାସ ଚାଲିଥିବାରୁ ଆଗାମୀ ଦିନରେ କେବଳ ଜୟନ୍ତପୁର ନୁହେଁ ରାସ୍ତାକଡରେ ଥିବା କବରାପାଲି, ସିନ୍ଦୁରପଙ୍କ ଆଦି ଗ୍ରାମଗୁଡିକ ସମସ୍ୟାର ସମ୍ମୁଖୀନ ହେବେ। ଏହାର ସମାଧାନ ନ କଲେ ଆଗାମୀ ଦିନରେ ରାସ୍ତାରୋକୋ କରାଯିବ। ଏହା ସହ ଠିକା ସଂସ୍ଥା ଅଫିସକୁ ଯାଇ ପ୍ରଭାବିତ ପରିବାର ଆଶ୍ରୟ ନେବେ। ମନା କଲେ ଅଫିସ ଭଙ୍ଗାରୁଜା କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ସମସ୍ୟା ସମାଧାନ ପାଇଁ ଧ୍ୟାନ ଦିଆଯିବ ବୋଲି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ସମ୍ବଲପୁର-ତିଲେଇବଣି ରାସ୍ତା କାମ ୫ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ପୁଞ୍ଜିଲେଡ କମ୍ପାନୀ କାମ ପାଇଥିବା ବେଳେ କୌଣସି କାରଣରୁ କାମ କରି ପାରି ନ ଥିଲା। ଏବେ ଆପୋସ ବୁଝାମଣାରେ ଡିଭି କମ୍ପାନୀ କାମ କରୁଛି। ଏଥିପାଇଁ ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି।

# ୪ମାସ ପରେ ନିଜଘର ପଣ୍ଡିଚେରୀ ଫେରିଲେ

**ଝାରସୁଗୁଡ଼ା ଅଫିସ,୨୪।୭**



ନିଖୋଜ ବୃଦ୍ଧଙ୍କୁ ବୃଦ୍ଧାଶ୍ରମ ମୁଖ୍ୟ ସଞ୍ଜୟ ଜେଠୀ ସମ୍ବର୍ଦ୍ଧିତ କରୁଛନ୍ତି।

### ନିଖୋଜ ବୃଦ୍ଧଙ୍କୁ ଚିହ୍ନଟ କଲା ସାମାଜିକ ଗଣମାଧ୍ୟମ

୪ମାସ ପରେ ନିଖୋଜ ବୃଦ୍ଧ ପୋଲିସ ସହାୟତାରେ ପରିବାର ସହିତ ଓଡ଼ିଶାରୁ ଶନିବାର ନିଜ ଘର ପଣ୍ଡିଚେରୀ ଫେରିଛନ୍ତି। ସେ ହେଲେ ପଣ୍ଡିଚେରୀ ବାହୋର ଥାନା ସୋରିୟା ପୁକ୍କମ୍ ଅଞ୍ଚଳର ଶିବ କୁଣ୍ଡୁଜୁ(୮୦)। ଶିବଙ୍କୁ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଗୋବିନ୍ଦପୁର ବୃଦ୍ଧାଶ୍ରମ ଭରସା କେନ୍ଦ୍ରରେ ଥଇଥାନ କରାଯାଇଥିଲା। ସାମାଜିକ ଗଣମାଧ୍ୟମରୁ ସୂଚନା ପାଇ ବୃଦ୍ଧଙ୍କ ପୁଅ ସୁଗନ ପଣ୍ଡିଚେରୀ ପୋଲିସ ଓ ସ୍ଥାନୀୟ ରେଙ୍ଗାଲି ଥାନା ପୋଲିସକୁ ସାଙ୍ଗରେ ଧରି ବୃଦ୍ଧାଶ୍ରମରେ ପହଞ୍ଚିଥିଲେ। ବୃଦ୍ଧାଶ୍ରମ ପରିଚାଳନା କରୁଥିବା ପିପୁଲ୍ସ ଫୋରମ୍‌ର ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀଙ୍କ ସହ ଆଲୋଚନା କରି ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ପରେ ଆଶ୍ରମ ତରଫରୁ ଶିବଙ୍କୁ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯାଇଥିଲା।

ସୂଚନାଯୋଗ୍ୟ ଗତ ଏପ୍ରିଲ ୪ତାରିଖରେ ଶିବ ଘରୁ କେଉଁଆଡେ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ସ୍ଥାନୀୟ ବାହୋର୍ ଥାନାରେ ଜଣାଇଥିଲେ। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏଭଳି ସ୍ଥିତିରେ ଶିବ ଟ୍ରେନ୍‌ରେ ଆସି ବେଲପାହାଡ ଷ୍ଟେଶନ୍‌ରେ ଓହ୍ଲାଇ ସହରରେ ମାଗିଯାଚି ଚଳୁଥିଲେ। ବେଲପାହାଡର ଜଣେ ସହୃଦୟ ମହିଳା ଶିବଙ୍କୁ ଖାଇବାକୁ ଦେଇ ନିଜଘରେ ଆଶ୍ରୟ ଦେଇଥିଲେ। ଏ ସମ୍ପର୍କରେ ଖବରଦାତା ଆଲୋକ ତ୍ରିପାଠୀ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ୍ କରିଥିଲେ। ଏହି ଭିଡିଓକୁ ପଣ୍ଡିଚେରୀରେ ରହୁଥିବା ଓଡ଼ିଶାର ଲିପ୍‌ସା ମହାପାତ୍ର ଦେଖି ଖବରଦାତା ତ୍ରିପାଠୀଙ୍କ ସହିତ ଯୋଗାଯୋଗ କରି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। କରୋନା କଟକଣା ଯୋଗୁ ସମସ୍ତ ଟ୍ରେନ୍ ଓ ବସ୍ ଚଳାଚଳ ବନ୍ଦ ଥିବାରୁ ପରିବାର ଲୋକେ ବେଲପାହାଡରେ ପହଞ୍ଚିପାରି ନ ଥିଲେ। ବେଲପାହାଡ ପୌର ପରିଷଦ ତରଫରୁ ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ଗତ ୬ତାରିଖରେ ଗୋବିନ୍ଦପୁର ବୃଦ୍ଧାଶ୍ରମରେ ଥଇଥାନ କରାଯାଇଥିଲା। ଏ ସମ୍ପର୍କରେ ପଣ୍ଡିଚେରୀ ପୋଲିସ ଝାରସୁଗୁଡା ଏସ୍‌ପିଙ୍କ ସହିତ ଯୋଗାଯୋଗ କରି ନିଖୋଜ ବୃଦ୍ଧଙ୍କ ସମ୍ପର୍କରେ ଆଲୋଚନା କରିଥିଲା।

# ବିଜେଡିରେ ଯୋଗଦେଲେ ଶତାଧିକ ମହିଳା, ଯୁବକ

**ବ୍ରଜରାଜନଗର,(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବିଜେଡି କାର୍ଯ୍ୟାଳୟରେ ଶନିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ସଭପତି ତଥା ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଶତାଧିକ ମହିଳା ଓ ଯୁବକ ଅନ୍ୟ ଦଳ ଛାଡି ବିଜେଡିରେ ଯୋଗଦେଇଥିଲେ। ବ୍ରଜରାଜନଗର ବିଜେଡି ଟାଉନ ସଭାପତି ରାଧାକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କର୍ଯ୍ୟକ୍ରମକୁ ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ପରିଚାଳନା କରିଥିଲେ। ବ୍ରଜରାଜନଗର ନିର୍ବାଚନୀ କ୍ଷେତ୍ର ନୂଆଡିହିର ଶେଷଦେବ ସାହୁଙ୍କ ନେତୃତ୍ୱରେ ୮୬ ଯୁବକ ଓ ମହିଳା ଭାଜପା ଓ କଂଗ୍ରେସ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ଶେଖର ବେହେରାଙ୍କ ନେତୃତ୍ୱରେ ଲଖନପୁର ବ୍ଲକ କର୍ଣ୍ଣେଇକେଲା ଗ୍ରାମପଞ୍ଚାୟତର ୪୦ରୁ ଉର୍ଦ୍ଧ୍ୱ ଯୁବକ ବିଜେଡ଼ିରେ ମିଶିଥିଲେ। ଜିଲା ସାଧାରଣ ସମ୍ପାଦକ ବିଶନାଥ ନାୟକ, ଜିଲା ସମ୍ପାଦକ ଜୟନ୍ତ ଦିକ୍ଷୀତ, ବ୍ରଜରାଜନଗର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ଜିଲା ଉପସଭାପତି ଶମ୍ଭୁ ମହାନ୍ତି, ରାଜ୍ୟ ବିଜୁ ମହିଳା ଉପସଭାପତି ସୁଶ୍ରୀ ସାଧନା ସାମନ୍ତରାୟ, ରାଜ୍ୟ ବିଜୁ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ସୁଜାତା ଦିଗଲ, ଜିଲା ଉପସଭାପତି କୁଳମଣି ଦାଶ, ଲଖନପୁର ବ୍ଲକ ସଭାପତି ରବିରତ୍ନ ପ୍ରଧାନ, ଜିଲା ସମ୍ପାଦକ ପ୍ରମୋଦ ଗଡତିଆ ଅତିଥି ଭାବେ ଯୋଗଦେଇଥିଲେ।

# ବିଜ୍ଞାନ ମେଳାରେ ୧୫ ପ୍ରକଳ୍ପ

**ଦେବଗଡ,୨୪।୭(ଡି.ଏନ.ଏ)**

ଜିଲା ଶିକ୍ଷା ବିଭାଗ ପକ୍ଷରୁ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ସୁଶୀଳ କୁମାର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାକୁ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଓ ବିନୋଦ ସିଂ ଯୋଗଦେଇଥିଲେ। ଏହି ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଜିଲାର ତିନୋଟି ଯାକ ବ୍ଲକରୁ ମନୋନୀତ ହୋଇ ଆସିଥିବା ମୋଟ ୧୫ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ତିଲେଇବଣି ବ୍ଲକସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଅଭିଜିତ ରଣା, ଦେବଗଡସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସନ୍ତୋଷିନୀ ସିଂ, ବାରକୋଟ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ମେଘନାଦ ପ୍ରଧାନ, ବାରକୋଟ ବ୍ଲକର ନଇକୁଳ ଆଦିବାସୀ ହାଇସ୍କୁଲର ଛାତ୍ରୀ ପୂଜା ଗରିଆ ଏବଂ ତିଲେଇବଣି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ସ୍ମରଣିକା ସାହୁଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଥିଲା। ଏହି ବିଜ୍ଞାନ ମେଳାରେ ବିଚାରକ ଭାବେ ବଣାଇଁ ମହାବିଦ୍ୟାଳୟର ଅଧକ୍ଷ ଜେନାମଣି ସାହୁ ଓ ସିରିଗିଡା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ନରେନ୍ଦ୍ର କୁମାର ଶତପଥି ଯୋଗଦେଇ ଉପରୋକ୍ତ ପ୍ରକଳ୍ପଗୁଡିକୁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ପାଇଁ ଚୟନ କରିଥିଲେ।

### ସାପ କାମୁଡାରେ ନାବାଳିକା ମୃତ

**ଲହୁଣୀପଡା,୨୪।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ କରିଆଡିହି ଗ୍ରାମରେ ଶନିବାର ବିଷାକ୍ତ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। କରିଆଡ଼ିହି ଗ୍ରାମର ପ୍ରଧାନ ମୁଣ୍ଡାଙ୍କ ନାବାଳିକା ଝିଅ, ମଙ୍ଗୁଳି (୧୪) ଶନିବାର ଘରେ ଶୋଇଥିବା ବେଳେ ସକାଳ ପ୍ରାୟ ଆଠଟା ସମୟରେ ଏକ ବିଷାକ୍ତ ପାହାଡି ଚିତି ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ଫଳରେ ମଙ୍ଗୁଳି ଚିତ୍କାର କରି ପରିବାର ଲୋକଙ୍କୁ ଡାକି ଥିଲେ। ଝିଅର ଚିତ୍କାର ଶୁଣି ପରିବାର ଲୋକ ଘର ଭିତରକୁ ଯାଇ ସାପକୁ ଦେଖିବା ପରେ ମଙ୍ଗୁଳିକୁ ଚିକିତ୍ସା ପାଇଁ ତୁରନ୍ତ ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଡାକ୍ତଖାନାରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ବିସ୍ଥାପିତଙ୍କୁ ଜମିପଟ୍ଟା ବଣ୍ଟନ

**ସୁନ୍ଦରଗଡ଼, ୨୪।୭ (ଡି.ଏନ୍.ଏ.)**





ବିସ୍ଥାପିତଙ୍କୁ ଜମିପଟ୍ଟା ବଣ୍ଟନ କରାଯାଉଛି।

### ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ପରିଦର୍ଶନ କଲେ ଜିଲାପାଳ

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପକୁ ଶନିବାର ଜିଲାପାଳ ନିଖିଲ ପବନ କଲ୍ୟାଣ ଗସ୍ତ କରି ବିସ୍ଥାପିତଙ୍କୁ ଜମିପଟ୍ଟା ବଣ୍ଟନ, ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଖଣି ପ୍ରକଳ୍ପ ଦ୍ୱାରା ବିସ୍ଥାପିତମାନଙ୍କ ସକାଶେ ମଝାପଡାଠାରେ ନିର୍ମିତ ପୁନର୍ବାସ ଓ ଥଇଥାନ କଲୋନୀରେ ନୂତନ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ ସହ ସେଠାରେ ଥଇଥାନ ହୋଇଥିବା ବିସ୍ଥାପିତମାନଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। ଏଥିସହ ବିସ୍ଥାପିତ ଗ୍ରାମବାସୀଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇ ଦେବା ନିମନ୍ତେ ଡୁଲଙ୍ଗା କୋଇଲାଖଣି ପ୍ରକଳ୍ପ ସହାୟତାରେ ଆଇସିସି ବ୍ୟାଙ୍କ ଓ ଏଟିଏମ୍ କାଉଣ୍ଟରକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏହା ସହ ମାର୍କେଟ କମ୍ପ୍ଲେକ୍ସକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ଓ ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପର ଅଧିକାରୀ ଓ ବିସ୍ଥାପିତ ଗ୍ରାମବାସୀଙ୍କ ସହ କମ୍ୟୁନିଟି ସେଣ୍ଟର ପରିସରରେ ବୃକ୍ଷରୋପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଟିପିସି କୋଇଲା ଖଣି ରାଞ୍ଚିର ଆଞ୍ଚଳିକ ନିର୍ବାହୀ ନିର୍ଦ୍ଦେଶକ ପାର୍ଥ ମଜୁମଦାର, ଡୁଲୁଙ୍ଗା କୋଇଲାଖଣି ପ୍ରକଳ୍ପର ମୁଖ୍ୟ ଚିତ୍ତରଞ୍ଜନ ବାରିକ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଏମ (ପ୍ରୋଜେକ୍ଟ) ଏସ.କେ ରାୟଙ୍କ ସମେତ ପ୍ରକଳ୍ପର ଅନ୍ୟପଦାଧିକାରୀ ଓ ବିସ୍ଥାପିତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏନ୍‌ଟିପିସି ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପ ତରଫରୁ ତଥା ପ୍ରକଳ୍ପର ମୁଖ୍ୟ ବାରିକଙ୍କ ତତ୍ତ୍ୱାବଧାନରେ ବିସ୍ଥାପିତଙ୍କ ସୁବିଧା, ପୁନର୍ବାସ ଓ ଥଇଥାନ ତଥା ଅନ୍ୟାନ୍ୟ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟରେ ପ୍ରମୁଖ ଭୂମିକାକୁ ନେଇ ଜିଲାପାଳ ପ୍ରଶଂସା କରିଥିଲେ।

# ୨୨୦ କିଲୋ ମହୁଲ ପୋଚ, ମଦ ଜବତ

**ଦେବଗଡ଼,୨୪।୭(ଡି.ଏନ୍.ଏ.)**

ଦେବଗଡ଼ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଇନ୍ସପେକ୍ଟର ମଧୁସୂଦନ ସାହୁଙ୍କ ନେତୃତ୍ୱରେ ଦେବଗଡ ଥାନା ଗୌଡନାଳି ଗ୍ରାମର ରୀନା କିଷାନ ଘରେ ଚଢାଉ କରାଯାଇ ୬୦ କିଲୋ ମହୁଲ ପୋଚ ଓ ୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ପୁରୁକୁଣ୍ଡା ଗ୍ରାମର ଲିପିକା ଛଞ୍ଚାଣ ଘରୁ ୩୦ କିଲୋ ମହୁଲ ପୋଚ,ଉକ୍ତ ଗ୍ରାମର କାର୍ନାଲିୟୁସ ତିର୍କୀଙ୍କ ଘରୁ ୫୦ କିଲୋ ମହୁଲ ପୋଚ ଓ କମଳା ପାତ୍ର ଘରୁ ୬୦ କିଲୋ ମହୁଲ ପୋଚ, ବାରକୋଟ ଥାନା ନଡିଆଝରଣ ଗ୍ରାମର ରଶ୍ମିତା ଖୁଣ୍ଟିଆ ଘରୁ ୨୦ କିଲୋ ମହୁଲ ପୋଚ ଓ ବାଣୀ ଭଦ୍ରା ଘରୁ ୧୦ ଲିଟର ଦେଶୀମଦ ଜବତ କରାଯିବା ସହ ୬ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

### ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ଭିକ୍ଷା କଲେ କୁସୁମ

**ସୁନ୍ଦରଗଡ଼,୨୪।୭(ଡି.ଏନ୍.ଏ.):** ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ଶନିବାର ପୁରୀଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଆର୍ଶୀବାଦ ଭିକ୍ଷା କରିଛନ୍ତି ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ। ପୁରାଧାମ ସ୍ଥିତ ଗୋବର୍ଦ୍ଧନ ପୀଠରେ ପହଞ୍ଚି ବିଧାୟିକା ସମସ୍ତ ରୀତିନୀତି ଅନୁଯାୟୀ ସନାତନ ଧର୍ମର ଶ୍ରେଷ୍ଠଗୁରୁ ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇବା ସହ ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ବିଧାୟିକା କୁସୁମ ଟେଟେଙ୍କ ସହ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମଧ ଯୋଗଦେଇ ବିଭିନ୍ନ ମହାନ ସନ୍ଥଙ୍କୁ ପରିଚୟ କରାଇଥିଲେ।

### ସର୍ପାଘାତରେ ମହିଳା ମୃତ

**ଦେବଗଡ଼,୨୪।୭(ଡି.ଏନ୍.ଏ.):** ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବାଲିରୋଇ ଗ୍ରାମର ଜଣେ ମହିଳାଙ୍କର ଶନିବାର ସର୍ପାଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଶୁକ୍ରବାର ରାତିରେ ବାଲିରୋଇ ଗ୍ରାମର ରାମିଆ ପେଣ୍ଟେଇଙ୍କ ସ୍ତ୍ରୀ ବୁଧେଇ (୫୨) ଘର ଚଟାଣରେ ଶୋଇଥିବାବେଳେ କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଡାକ୍ତରଖାନାକୁ ନ ଆଣି ଗୁଣିଆଁ ଦ୍ୱାରା ଝଡାଫୁଙ୍କା ଓ ଦେଶୀ ଚିକିତ୍ସାର ଆଶ୍ରୟ ନେଇଥିଲେ। ସ୍ୱାସ୍ଥ୍ୟର ଅବନତି ଘଟିବାରୁ ଶନିବାର ସକାଳେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜିଲା କଂଗ୍ରେସର ପୂର୍ଣ୍ଣାଙ୍ଗ କମିଟି ଘୋଷିତ

**ସୁନ୍ଦରଗଡ଼,୨୪।୭ (ଡି.ଏନ୍.ଏ)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସୁନ୍ଦରଗଡ଼ ଜିଲାର ପୂର୍ଣ୍ଣାଙ୍ଗ କମିଟି ଘୋଷିତ ହୋଇଛି। ଏ ନେଇ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ ଗୁରୁବାର ସନ୍ଧ୍ୟାରେ ଏକ ପ୍ରେସବିଜ୍ଞପ୍ତି ମାଧ୍ୟମରେ ସୂଚିତ କରିଛନ୍ତି। ଏହି ପୂର୍ଣ୍ଣାଙ୍ଗ କମିଟିରେ ଜିଲା ପରିଷଦର ଉପାଧ୍ୟକ୍ଷ କାଶୀନାଥ ରାଉତ, ଅଜିତ କୁମାର ପ୍ରସାଦ, ପ୍ରଶାନ୍ତ କୁମାର ସେଠୀଙ୍କୁ ଉପସଭାପତି ଭାବେ ନିଯୁକ୍ତି ମିଳିଛି। କାଳୀପଦ ସାମଲ, ଆଡଭୋକେଟ ପ୍ରଣବ କୁମାର ସିଂ, ଯୋଶେଫ୍ ଖେସ, ପର୍ଶୁରାମ ସରାଫ ଓ ସଞ୍ଜୟ ସାହୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ସମ୍ପାଦକ ଭାବେ ସୁରେଶ ଚନ୍ଦ୍ର ବାରିକ, ବିକ୍ରମ କୁମାର ପଟ୍ଟନାୟକ, ସମୀର ଚକ୍ରବର୍ତ୍ତୀ, ରାମଚନ୍ଦ୍ର କୁମ୍ଭାର, କମଲେଶ କୁମାର ବେନିୱାଲ ଏବଂ ପବନ ଗାଡୋଡିଆଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀଙ୍କ ସମେତ ୨୨ଜଣଙ୍କୁ ନିଆଯାଇଛି। ଏତଦ୍ ବ୍ୟତୀତ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ରାଜ୍ୟସଭା ସଦସ୍ୟ ଗଣେଶ୍ୱର କୁସୁମ, ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି, ରାଜଗାଙ୍ଗପୁର ବିଧାୟକ ଡା. ସିଏଚ୍ ରାଜେନ୍ ଏକ୍କା, ବୀରମିତ୍ରପୁର ପୂର୍ବତନ ବିଧାୟକ ରେମିଜ୍ସ କେରକେଟା, ମୁଖରାମ ନାଏକ, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପୂର୍ବତନ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନାନୀ, ପିସିସି ମହିଳା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦିକା ବିନିତା ନାଏକ, ଧନମତୀ ପଟେଲ, ପୂର୍ବତନ ଜିଲା ସଭାପତି ଦୁଷ୍ମନ୍ତ ନାଏକ, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝି, ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ଉପସଭାନେତ୍ରୀ ଦେବସ୍ମିତା ସାମଲ ଓ ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନ୍ନୁ ସରାଫଙ୍କ ସମେତ ୧୮ଜଣଙ୍କୁ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ରଖାଯାଇଛି। ୧୧ଜଣଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ରଖାଯାଇଛି।

# ୧୦୩ ଶିଶୁଙ୍କୁ ଆଶୀର୍ବାଦ ଯୋଜନାରେ ସହାୟତା

**ଦେବଗଡ଼,୨୪।୭ (ଡି.ଏନ.ଏ)**



ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ କରାଯାଉଛି।

ଗତ ୨୦୨୦ ଏପ୍ରିଲ ପହିଲାଠାରୁ ଉଭୟ ବାପା, ମା' ବା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇ ଥିବା ପିଲାମାନଙ୍କ ଶିକ୍ଷା ଦୀକ୍ଷା ଭରଣପୋଷଣ ତଥା ଯତ୍ନ ପାଇଁ ଓଡିଶା ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ଆଶୀର୍ବାଦ ଯୋଜନାରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅନୁମୋଦନ କ୍ରମେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବା ୧୦୩ ଜଣ ପିଲାଙ୍କୁ ପ୍ରଥମ ପର୍ଯ୍ୟାୟରେ ସହାୟତା ରାଶି ପ୍ରଦାନ କରାଯାଇ ଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏଠାରେ ସୂଚନାଯୋଗ୍ୟ କି ଗତ ମାସରେ ଜିଲାପାଳ ସାମଲ ଉଭୟ ବାପା, ମା ବା ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କୁ ହରାଇ ଥିବା ପିଲାମାନଙ୍କ ଚିହ୍ନଟକରଣ ପାଇଁ ସମସ୍ତ ସରପଞ୍ଚ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସିଡିପିଓ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ମୋଟ ୪୯୫ ଶିଶୁ ଚିହ୍ନଟ ହୋଇଥିଲେ ମଧ ମାତ୍ର ୧୦୩ ଶିଶୁଙ୍କ ଆବେଦନପତ୍ର ଆବଶ୍ୟକୀୟ କାଗଜପତ୍ର ସହ ଜିଲା ଶିଶୁ ସୁରକ୍ଷା ବିଭାଗ ପାଖରେ ପହଞ୍ଚି ପାରିଥିଲା। କେତେଜଣ ହିତାଧିକାରୀଙ୍କ ପାଖରେ ପିତା ଓ ମାତାଙ୍କ ମୃତ୍ୟୁ ପ୍ରମାଣପତ୍ର ନ ଥିବାରୁ ସେମାନେ ଆବେଦନ କରିବାକୁ ବଞ୍ଚିତ ହୋଇଥିଲେ। ତେବେ ଯେଉଁ ହିତାଧିକାରୀଙ୍କ ପାଖରେ ପିତା ଓ ମାତାଙ୍କ ମୃତ୍ୟୁ ପ୍ରମାଣପତ୍ର ନାହିଁ, ସେମାନେ ପ୍ରଥମେ ଏହି ମୃତ୍ୟୁ ପ୍ରମାଣପତ୍ର ପାଇଁ ଆବେଦନ କରିବେ। ପରବର୍ତ୍ତୀ ପର୍ଯ୍ୟାୟରେ ଆଶୀର୍ବାଦ ଯୋଜନାରେ ସହାୟତା ପାଇଁ ସେମାନଙ୍କ ଆବେଦନକୁ ଗ୍ରହଣ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜୁଲାଇ ମାସ ପାଇଁ ୧୦୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୦ ପିତୃମାତୃ ହୀନ ଶିଶୁଙ୍କୁ ମିଳିଛି ୨୫୦୦ ଟଙ୍କା ଓ ରୋଜଗାର କ୍ଷମ ପିତାଙ୍କୁ ହରାଇ ଥିବା ୯୩ ଶିଶୁଙ୍କୁ ୧୫୦୦ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସହାୟତା ସେମାନେ ୧୮ବର୍ଷ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ପାଇବେ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଏହି ୧୦ ଜଣ ପିତୃମାତୃ ହୀନ ଶିଶୁକୁ ମାସିକ ୫୦୦ ଟଙ୍କା ଲେଖାଏଁ ମଧୁବାବୁ ପେନସନ ଯୋଜନାରେ ପ୍ରଦାନ କରିବାକୁ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲା ସାମାଜିକ ସୁରକ୍ଷା ବିଭାଗକୁ ଅନୁରୋଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସହାୟତା ପ୍ରଦାନ କରାଯାଇଥିବା ଶିଶୁମାନଙ୍କ ମଧ୍ୟରୁ ଦେବଗଡ ମ୍ୟୁନିସିପାଲିଟିର ୧୭, ରିଆମାଳର ୪୦, ବାରକୋଟର ୩୫ ଓ ତିଲେଇବଣୀ ବ୍ଲକର ୧୧ଜଣ ଶିଶୁ ରହିଛନ୍ତି। ଯାହା ମଧ୍ୟରୁ ୫୭ ପୁଅ ଓ ୪୬ ଝିଅ ଅଛନ୍ତି। ପରବର୍ତ୍ତୀ ନୂତନ ହିତାଧିକାରୀଙ୍କୁ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଆଶୀର୍ବାଦ ଯୋଜନାରେ ସହାୟତା ପ୍ରଦାନ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି।

**ଭାରତରେ ହୋଇପାରେ ଟେସଲା ପ୍ଲାଣ୍ଟ**

ଭୁବନେଶ୍ୱର : ଆମେରିକୀୟ କମ୍ପାନୀ ଟେସ୍‌ଲା ଭାରତରେ ତା'ର ମ୍ୟାନୁଫ୍ୟାକ୍ଚରିଂ (ଉତ୍ପାଦନ) ପ୍ଲାଣ୍ଟ ନିର୍ମାଣ କରିବା ନେଇ ସଙ୍କେତ ଦେଇଛନ୍ତି ଟେସ୍‌ଲା ସିଇଓ ଏଲନ୍ ମସ୍କ। ଏହା ପୂର୍ବରୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଭାରତରେ ଟେସ୍‌ଲା ପ୍ଲାଣ୍ଟ ନିର୍ମାଣ କରିବାକୁ ମସ୍କଙ୍କୁ ପରାମର୍ଶ ଦେଇଥିଲେ। ପ୍ରମୁଖ ଇଲେକଟ୍ରିକ୍ କାର ନିର୍ମାତା ଟେସ୍‌ଲାର ସିଇଓ ମସ୍କଙ୍କୁ ଟୁଇଟର ଜରିଆରେ ଅନୁରୋଧ କରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ମସ୍କ କହିଛନ୍ତି, ଯଦି ଭାରତରେ ଆମଦାନୀ ଗାଡ଼ି ଦ୍ୱାରା ସଫଳତା ମିଳେ ତେବେ ପରବର୍ତ୍ତୀ ସମୟରେ ଭାରତରେ ଉତ୍ପାଦନ ପ୍ଲାଣ୍ଟ ନିର୍ମାଣ ଉପରେ ବିଚାର କରାଯାଇପାରେ।

# ବଢୁଛି ଭାରତୀୟଙ୍କ ଖର୍ଚ୍ଚ ଆଗ୍ରହ

ନୂଆଦିଲ୍ଲୀ,୨୪।୭



୨୦୨୦ କୋଭିଡ୍ ସଂକ୍ରମଣଠାରୁ ଭାରତୀୟଙ୍କ ମଧ୍ୟରେ ରହିଥିବା ଆଶଙ୍କାକୁ ନେଇ ଡେଲୋଏଟ୍ ପକ୍ଷରୁ ଶନିବାର କରାଯାଇଥିବା ସର୍ଭେ 'ଗ୍ଲୋବାଲ ଷ୍ଟେଟ୍ ଅଫ୍ କଞ୍ଜ୍ୟୁମର ଟ୍ରାକର'ର ରିପୋର୍ଟ ଜାରି କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ, ବଢୁଛି ଭାରତୀୟଙ୍କ ଖର୍ଚ୍ଚ ଆଗ୍ରହ ସହ ଅନ୍ୟାନ୍ୟ ସୁବିଧାସୁଯୋଗ। କୋଭିଡ୍‌ର ପ୍ରଥମ ଲହର ଯୋଗୁ ମାନ୍ଦା ପଡ଼ିଯାଇଥିବା ଭାରତୀୟ ଦ୍ୱିତୀୟ ଲହରରେ କିପରି ଆର୍ଥିକ ଗତିବିଧି ଓ ଅନ୍ୟାନ୍ୟା କାର୍ଯ୍ୟ କରୁଛନ୍ତି ସେସବୁ ବିଷୟକୁ ନେଇ ଏହି ସର୍ବେକ୍ଷଣ କରାଯାଇଥିବା ଜଣାପଡ଼ିଛି। ସର୍ଭେ ସମୟରେ ଆଗାମୀ ଉତ୍ସବ ଓ ପାର୍ବଣକୁ କିପରି ପାଳନ କରାଯିବ ଯେପରି ରକ୍ଷାବନ୍ଧନ, ଜନ୍ମାଷ୍ଟମୀ, ଗଣେଶ ଚତୁର୍ଥୀ, ଦଶହରା ଓ କାଳୀପୂଜା ସମେତ ବିଭାଘର ଆଦିରେ ଲୋକମାନେ କିପରି କିଣାକିଣି ଓ ଖର୍ଚ୍ଚ କରିବେ ସେ ନେଇ ମଧ୍ୟ ତଥ୍ୟ ଓ ଲୋକଙ୍କର ମାନସିକତାକୁ ବିଚାରକୁ ନିଆଯାଇଥିଲା। ଏଥିରେ ଅନେକ ଭାରତୀୟ ପରିବାର ବୁଝିବିଚାରି ଖର୍ଚ୍ଚ କରିବେ ବୋଲି ସର୍ଭେରୁ ଜଣାପଡ଼ିଛି। ତେବେ ଲୋକେ ଏଥିରେ ସେମାନଙ୍କ ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିବା ଜଣାପଡ଼ିଥିବା ବେଳେ ଅଯଥା ଖର୍ଚ୍ଚକୁ ନିୟନ୍ତ୍ରଣ କରିବେ ବୋଲି ସୂଚନା ମିଳୁଛି।

ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ୬୧% ଉପଭୋକ୍ତା ହାଟକୁ ଯାଇ କିଣାକିଣି ଲାଗି ଆଗ୍ରହୀ ଅଛନ୍ତି। ହେଲେ କରୋନା ଯୋଗୁ ଦୋକାନ ବଜାର ବନ୍ଦ ରହିବା ସାଙ୍ଗକୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଏହି ସମୟରେ ଲୋକେ ସ୍ଥାନୀୟ ଦୋକାନରୁ କେବଳ ଅତ୍ୟାବଶ୍ୟକ ସାମଗ୍ରୀ କିଣୁଥିଲେ। କୋଭିଡ୍ ଟିକାକରଣଠାରୁ ସେମାନେ ଦୂର ଓ ଖୋଲାସ୍ଥାନରୁ ପୂର୍ବଭଳି କିଣାକିଣି କରିବାକୁ ଚାହୁଁଥିବାର ସର୍ଭେରୁ ଜଣାପଡ଼ିଛି। ସେହିପରି ୫୧% ଲୋକ ବିଭିନ୍ନ ଆୟୋଜନରେ ସାମିଲହେବାକୁ ଉତ୍ସାହିଥିବାର ସୂଚନା ରହିଛି। ଦୀର୍ଘ ଦିନ ହେବ ଘରେ ରହି ରହି ପର୍ବପର୍ବାଣି, ବିବାହ ବ୍ରତରେ ସାମିଲ ହୋଇପାରି ନ ଥିବା ଲୋକେ ବର୍ତ୍ତମାନ ସାମାଜିକ କାର୍ଯ୍ୟକ୍ରମରେ ବ୍ୟକ୍ତିଗତ ଭାବେ ଭାଗନେବାକୁ ଆଗ୍ରହୀ ଥିବା ଜଣାପଡିଛି। ଦେଶରେ କରୋନା ସଂକ୍ରମଣ ହ୍ରାସ ହୋଇ ଚାଲିଥିବା ବେଳେ ଟିକାକରଣ ମଧ୍ୟ ବଢ଼ିବଢ଼ି ଚାଲିଛି। ଫଳରେ ମହାମାରୀକୁ ନେଇ ଲୋକଙ୍କ ମନରୁ କିଛି ମାତ୍ରାରେ ମାନସିକ ଅଶାନ୍ତି ମଧ୍ୟ ହ୍ରାସ ପାଇଛି। ମେ ମାସରେ ୪୫ % ଲୋକଙ୍କ ମଧ୍ୟରେ ଅଶାନ୍ତି ଓ ମାନସିକ ଚିନ୍ତାରେ କଟୁଥିବା ବେଳେ ବର୍ତ୍ତମାନ ତାହା ୩୯% କୁ ହ୍ରାସ ହୋଇଛି। ତେବେ ୭୯% ଭାରତୀୟ ନିଜ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ଥିବାବେଳେ ୮୫% ଲୋକ ପାରିବାରିକ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିଥିବା ଜଣାପଡ଼ିଛି। ଏହି ସର୍ବେକ୍ଷଣରେ ୨୦% ଭାରତୀୟ ଉପଭୋକ୍ତା ପୁଣି କାର୍ଯ୍ୟସ୍ଥଳକୁ ଫେରିବା ନେଇ ଚିନ୍ତିତ ଥିବା ବେଳେ ୬୫% ବୃତ୍ତି ହରାଇବା ଆଶଙ୍କାରେ ଦିନ କାଟୁଥିବା ଜଣାପଡ଼ିଛି। ଏସବୁ ସତ୍ତ୍ୱେ ୩୫ବର୍ଷରୁ ଅଧିକ ଆୟୁବର୍ଗରେ ଲୋକେ ଆଗାମୀ ୩ ମାସରେ ଛୁଟିରେ ଯିବାକୁ ଚାହୁଁଛନ୍ତି।

## ହିରୋ ମୋଟୋକର୍ପର ନୂତନ ମାଷ୍ଟ୍ରୋ ଏକ୍ସ୍୧୨୫

ଭୁବନେଶ୍ୱର,୨୪।୭



ଅଗ୍ରଣୀ ଦୁଇଚକିଆ ଯାନ ନିର୍ମାଣକାରୀ ସଂସ୍ଥା ହିରୋ ମୋଟୋକର୍ପ ପକ୍ଷରୁ ନିକଟରେ ଏକ ଉନ୍ନତ, ସଂଯୁକ୍ତ ଏବଂ ବୈଶିଷ୍ଟ୍ୟ ସମୃଦ୍ଧ ନୂତନ ମାଷ୍ଟ୍ରୋ ଏକ୍ସ୍ ୧୨୫ ମଡେଲକୁ ବଜାର ପ୍ରବେଶ କରାଯାଇଛି। ଯୁବବର୍ଗଙ୍କୁ ଆଖି ଆଗରେ ଏକ ଭିନ୍ନ ଶୈଳୀ ଏବଂ ପ୍ରଯୁକ୍ତିବିଦ୍ୟାର ସମିଶ୍ରଣ ପ୍ରଦାନ କରୁଥିବା ନୂତନ ମାଷ୍ଟ୍ରୋ ଏକ୍ସ ୧୨୫ ଏହାର ମାଷ୍ଟ୍ରୋ ଗ୍ରୁପ୍‌ରେ ଯୋଡ଼ି ହୋଇଛି। ଏହାର ବର୍ଦ୍ଧିତ ସୌନ୍ଦର୍ଯ୍ୟ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଏଜି ଡିଜାଇନ ସହିତ ଏକ ସଂଯୁକ୍ତ ଏବଂ ବିଶିଷ୍ଟ ଅନୁଭୂତିରେ ନୂତନ ସ୍କୁଟର ପ୍ରଦାନ କରୁଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ରଣନୀତି ଏବଂ ବୈଶ୍ୱିକ ଉତ୍ପାଦ ଯୋଜନାର ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି, ୧୨୫ ସିସି ସ୍କୁଟର ସେଗ୍‌ମେଣ୍ଟରେ ମାଷ୍ଟ୍ରୋ ଏକ୍ସ୍ ୧୨୫ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ଆମ ଗ୍ରାହକଙ୍କୁ ଅଧିକ ପ୍ରାଦ୍ୟୋଗିକୀ ଏବଂ ବୈଶିଷ୍ଟ୍ୟ ଯୋଗାଇବା ପାଇଁ ସାମଗ୍ରିକ ପୋର୍ଟଫୋଲିଓ ପୁସ୍‌ର ଏକ ଅଂଶ ବିଶେଷ। ସେହିଭଳି ହିରୋ ମୋଟୋକର୍ପର ବିକ୍ରି ଏବଂ ବିକ୍ରି ପରବର୍ତ୍ତୀ ମୁଖ୍ୟ ନବୀନ ଚୌହାନ କହିଛନ୍ତି, ଆମେ ଆମର ସ୍କୁଟର ପାଇଁ ନିକଟରେ ବଢୁଥିବା ଚାହିଦା ଦେଖୁଛୁ ଏବଂ ନୂତନ ମାଷ୍ଟ୍ରୋ ଏକ୍ସ୍ ୧୨୫ ସହିତ ଏହି ଧାରା ଜାରି ରହିବ ବୋଲି ଆମେ ଆଶା କରୁଛୁ।

ଏହି ନୂତନ ମାଷ୍ଟ୍ରୋ ଏକ୍ସ ୧୨୫ 'ଏକ୍ସ ସେନ୍ସ ଟେକ୍ନୋଲୋଜି' ସହିତ ଏକ ୧୨୪.୬ ସିସି ବିଏସ୍-ଭିଆଇ ଅନୁରୂପ ପ୍ରୋଗ୍ରାମ ହୋଇଥିବା ଇନ୍ଧନ ଇଞ୍ଜେକ୍ସନ ଦ୍ୱାରା ଚାଳିତ-୯ ବିଏଚ୍‌ପି @ ୭୦୦୦ ଆର୍‌ପିଏମ୍ ପାୱାର ଆଉଟପୁଟ ଏବଂ ୧୦.୪ ଏନ୍‌ଏମ୍ @ ୫୫୦୦ଆର୍‌ପିଏମ୍‌ର ଟର୍କ-ଅନ୍-ଡିମାଣ୍ଡ ପ୍ରଦାନ କରିଥାଏ। ସାରା ଦେଶରେ ହିରୋ ମୋଟୋକର୍ପର ଗ୍ରାହକ ଟଚ୍-ପଏଣ୍ଟରେ ରୋମାଞ୍ଚକର ନୂତନ ରଙ୍ଗରେ ଉପଲବ୍ଧ ମାଷ୍ଟ୍ରୋ ଏକ୍ସ ୧୨୫ ଆକର୍ଷଣୀୟ ସୁବିଧା ସୁଯୋଗ ସହ ଏହାର ଭିନ୍ନ ଭିନ୍ନ ମଡେଲ ଯଥାକ୍ରମେ ୭୨,୨୫୦ ରୁ ୭୬,୫୦୦ ଟଙ୍କା ଶୋ'ରୁମ୍ ମୂଲ୍ୟ ରହିଛି।

## ଅଧା ଦାମ୍‌ରେ ଆଲର୍ଜି ପରୀକ୍ଷା କରୁଛି ଜେରଥ

ଭୁବନେଶ୍ୱର,୨୪।୭



ବିଭିନ୍ନ କାରଣରୁ ଲୋକଙ୍କର ଆଲର୍ଜି ସମସ୍ୟା ହୋଇଥାଏ। ଏହାର ସମାଧାନ ପାଇଁ ଜେରଥ ପାଥ୍ ଲାବ୍‌ରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଅଧା ଦାମ୍‌ରେ ଭିନ୍ନ ଭିନ୍ନ ଆଲର୍ଜି ପରୀକ୍ଷାର ସୁବିଧା ପ୍ରଦାନ କରାଯାଉଛି। ରୋଗୀମାନେ ନିକଟସ୍ଥ ଜେରଥ୍ ଲାବ୍ସ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟର(କଲେକ୍ସନ ସେଣ୍ଟର) ଯଥା ବାଲେଶ୍ୱର, ବାରିପଦା, ଭଦ୍ରକ, ବ୍ରହ୍ମପୁର, ଗଜପତି, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ଖଣ୍ଡଗିରି, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, କୋରାପୁଟ, ରାୟଗଡ଼ା, ଯାଜପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ଭବାନୀପାଟଣା, ସୋହେଲା, ଝାରସୁଗୁଡ଼ା, ବୁର୍ଲା, ବରଗଡ଼ ଆଦି ସ୍ଥାନରେ ଚଳିତ ମାସ ୨୩ ରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୯ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଲର୍ଜି ପରୀକ୍ଷାର ନମୁନା ସଂଗ୍ରହ କରାଯାଉଛି।

ଏ ସମ୍ପର୍କରେ କମ୍ପାନୀର ଏମ୍‌ଡି ଡା. ପ୍ରଶାନ୍ତ ଜେରଥ୍ କହିଛନ୍ତି, ଆଜିର ସହରୀକରଣ ଫଳରେ ସବୁକିଛି ପ୍ରଦୂଷିତ ହେଉଛି। ଫଳରେ ଲୋକଙ୍କ ନିକଟରେ ବିଭିନ୍ନ ପ୍ରକାର ଆଲର୍ଜି ଦେଖାଯାଉଛି। ଏହାକୁ ଯେତେ ଶୀଘ୍ର ଚିହ୍ନଟ କରାଯାଇ ତା'ର ସଫଳ ଚିକିତ୍ସା କରାଯାଇ ପାରିଲେ ରୋଗୀ ସୁସ୍ଥ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଉପରୋକ୍ତ ସେଣ୍ଟରଗୁଡ଼ିକରେ ମଧ୍ୟ ଭିଟାମିନ ବି ୧୨, ଭିଟାମିନ ଡି ଏବଂ ଇମ୍ୟୁନିଟି ପ୍ରୋଫାଇଲ ଆଦି ଯାଞ୍ଚ ହେଉଛି। ଆଗ୍ରହୀ ବ୍ୟକ୍ତିମାନେ ୯୮୭୫୯୩୦୮୩୧ ଏବଂ ୯୮୭୫୯୩୦୮୩୨ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ରିଲାଏନ୍ସ ଡିଜିଟାଲ ପକ୍ଷରୁ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୪।୭




ରିଲାଏନ୍ସ ଡିଜିଟାଲ ପକ୍ଷରୁ ୨୬ ଜୁଲାଇରୁ ଭାରତର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ସ ସେଲ୍ 'ଡିଜିଟାଲ ଇଣ୍ଡିଆ ସେଲ'ର ଶୁଭାରମ୍ଭ କରିବାକୁ ଯାଉଛି। ଏହି ସେଲ୍ ଜରିଆରେ କମ୍ପାନୀ ଗ୍ରାହକମାନଙ୍କୁ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ପ୍ରଡକ୍ଟ ଉପରେ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଅନେକ କିଛି ସୁବିଧା ତା'ର ରିଲାଏନ୍ସ ଡିଜିଟାଲ ଓ ମାଇଁ ଜିଓ ଷ୍ଟୋର ଜରିଆରେ ଯୋଗାଇଦେବ। ସେହିଭଳି ୨୨ ଜୁଲାଇରୁ ୫ ଅଗଷ୍ଟ ମଧ୍ୟରେ ଏସ୍‌ବିଆଇ କ୍ରେଡିଟ୍ କାର୍ଡରେ ସର୍ବନିମ୍ନ ୧୦ ହଜାର ଟଙ୍କା କାରବାରରେ ମଧ୍ୟ ୧୦% କ୍ୟାଶବ୍ୟାକ୍ ସୁବିଧା ପାଇପାରିବେ। ଅପରପକ୍ଷରେ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଜରିଆରେ କାରବାର କଲେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଏହି ଅଫର ମଧ୍ୟ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଇଏମ୍‌ଆଇ କାରବାରରେ ଉପଲବ୍ଧ ରହିଛି। ସେହିପରି ଏହାର ଟେଲିଭିଜନ, ହୋମ୍ ଆପ୍ଲିଆନ୍‌ସେସ୍, ମୋବାଇଲ ଫୋନ୍, ଲାପ୍‌ଟପ୍ ଓ ଆସେସୋରି ଉପରେ ମଧ୍ୟ ସ୍ୱତନ୍ତ୍ର ଅଫରର ସୁବିଧା ଉପଲବ୍ଧ ରହିଛି। ସ୍ମାର୍ଟଫୋନ୍ ବର୍ଗରେ ଗ୍ରାହକମାନେ ଡିସ୍‌କାଉଣ୍ଟ ସାଙ୍ଗକୁ ଆକର୍ଷଣୀୟ କ୍ୟାଶବ୍ୟାକ୍ ସୁବିଧା ମଧ୍ୟ ପାଇପାରିବେ। ଏହି ଅଫର ୩୧ ଜୁଲାଇ ପର୍ଯ୍ୟନ୍ତ ପ୍ରମୁଖ ଫୋନ୍‌କ୍ରୟ ଉପରେ ରହିଛି। ଦୁର୍ଘଟଣାଜନିତ କ୍ଷତି ସହ ଅନ୍ୟାନ୍ୟ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଲାପ୍‌ଟପ୍ ବର୍ଗରେ ମଧ୍ୟ ଗ୍ରାହକମାନେ ୧୪,୯୯୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ। ଏହା ସହ ବ୍ୟାଙ୍କ କ୍ୟାଶବ୍ୟାକ୍ ଓ ବ୍ରାଣ୍ଡ ୱାରେଣ୍ଟି ଅଫର ମଧ୍ୟ ରହିଛି। ଏହିଭଳି ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଉପରେ ଆକର୍ଷଣୀୟ ରିହାତି ଓ ସୁବିଧା ପ୍ରଦାନ କରାଯାଉଛି। ଡିଜିଟାଲ ଇଣ୍ଡିଆ ସେଲ୍‌ର ଅନୁଭୂତିକୁ ବ୍ୟାପକ କରିବା ପାଇଁ କମ୍ପାନୀ ତତ୍କାଳ ଫାଇନାନ୍ସ ଓ ଇଏମ୍‌ଆଇ ବିକଳ୍ପ ସୁବିଧା ଯୋଗାଇ ଦେଉଛି। ସେହିପରି ଗ୍ରାହକମାନଙ୍କୁ ମଧ୍ୟ ଇନ୍‌ଷ୍ଟାଣ୍ଟ ଡେଲିଭରି ଓ ନିକଟତମ ଷ୍ଟୋରରୁ ଷ୍ଟୋର ପିକ୍ ଅପ୍ ଭଳି ବିକଳ୍ପ ପ୍ରଦାନ କରୁଛି। ଜୁଲାଇ ୨୮ରେ ଶୁଭାରମ୍ଭ ପରେ ବହୁ ପ୍ରତୀକ୍ଷିତ ୱାନ୍‌ପ୍ଲସ୍ ନର୍ଡ ୨ ସ୍ମାର୍ଟଫୋନ୍ ବିକ୍ରି ପାଇଁ ଉପଲବ୍ଧ ହେବ।

## ବିଜିୟୁ-ବିସିକେଆଇସି ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୨୪।୭

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି) ମଧ୍ୟରେ ଇନୋଭେଶନ ଆଣ୍ଡ ନଲେଜ କ୍ରିଏଶନ ବିଷୟବସ୍ତୁ ଉପରେ ଏକ ଏମ୍‌ଓୟୁ ବିଜିୟୁ ପରିସରରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ଅବସରରେ ବିଜିୟୁ କୁଳପତି ପ୍ରଫେସର ଡ. ପି.ପି. ମାଥୁର, ବିଜିୟୁ ରେଜିଷ୍ଟ୍ରାର ପ୍ରଫେସର ଡ.ବି.କେ. ଦାସ, ବିସିକେଆଇସିର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ସୁଆର, ବିସିକେଆଇସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ସିଂ, ବିର୍ଲା ସ୍କୁଲ ଅଫ୍ କମର୍ସର ଡିନ୍ ପ୍ରଫେସର ଡ. ସାମସାନ ମହାରଣା ଏବଂ ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ଡ. ପରମେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବି.କେ. ଦାସ ବିସିକେଆଇସି ସହିତ ହୋଇଥିବା ଚୁକ୍ତିପତ୍ରର ଉଦ୍ଦେଶ୍ୟ ଏବଂ ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ମାଥୁର ବିଜିୟୁର ସମସ୍ତ ସ୍କୁଲର ଫାକଲ୍ଟିମାନଙ୍କୁ ସମ୍ବୋଧନ କରିବା ସହ ସମାଜ ଏବଂ ରାଷ୍ଟ୍ର ନିର୍ମାଣର ନବସୃଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ବିର୍ଲା ସ୍କୁଲ ଅଫ୍ କମର୍ସର ଆସିଷ୍ଟାଣ୍ଟ ପ୍ରଫେସର ଲୋପାମୁଦ୍ରା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଫୁରସତ

## ଟେବୁଲ ଟେନିସ୍ ଖେଳିଲେ ଆମିର



**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ୍ ନିକଟରେ କିରନ ରାଓଙ୍କ ସହ ବିବାହ ବିଚ୍ଛେଦ ଖବରକୁ ନେଇ ଚର୍ଚ୍ଚାରେ ରହିଥିଲେ। ପର୍ସନାଲ୍ ଲାଇଫ୍ ବ୍ୟତୀତ ଆମିର ପ୍ରଫେସନାଲ ଲାଇଫ୍‌କୁ ନେଇ ମଧ୍ୟ ଲାଇମ୍ ଲାଇଟ୍‌ରେ ରହିଥାନ୍ତି। ଏବେ ସେ ତାଙ୍କ ଅପ୍‌କମିଂ ଫିଲ୍ମ 'ଲାଲ୍ ସିଂ ଚଡ୍ଡା'କୁ ନେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଫିଲ୍ମର ସୁଟିଂ ବର୍ତ୍ତମାନ ଲଦାଖରେ ଚାଲିଥିବା ବେଳେ ସେଟ୍‌ର କିଛି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ଆମିର ଟିମ୍ ସହ ଟେବୁଲ ଟେନିସ ଖେଳୁଥିବାର ଦେଖିବାକୁ ମିଳିଛି। ଏହି ଖେଳରେ ଆମିରଙ୍କ ଠାରୁ ଆରମ୍ଭ କରି ସେଟ୍‌ରେ ଥିବା ଶିଶୁ କଳାକାର ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ। ଏହା ବେଶ ମଜାଦାର ପ୍ରତିଯୋଗିତା ରହିଥିଲା। ସୂଚନା ମୁତାବକ, ଆମିରଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଲାଲ ସିଂ ଚଡ୍ଡା'ରେ ପୁଣିଥରେ ଆମିର ଓ କରୀନାଙ୍କ ଯୋଡ଼ିକୁ ଦର୍ଶକେ ଦେଖିବାକୁ ପାଇବେ।

# ମାତାପିତା ମାର୍ଗଦର୍ଶକ



**ଆଜି ଜାତୀୟ ମାତୃପିତୃ ଦିବସ**

ସନ୍ତାନ ପାଇଁ ଦେବତାତୁଲ୍ୟ ମାତାପିତା। ସେମାନଙ୍କ ସୁଚିନ୍ତିତ ଲାଳନପାଳନରେ ଶିଶୁ ହୁଏ ସୁନାଗରିକ। ସୁନାଗରିକ ଦ୍ୱାରା ହିଁ ଦେଶ ହୁଏ ସମୃଦ୍ଧ। ମାତାପିତାଙ୍କ ଅଭିଜ୍ଞତା ଆଧାରରେ ଶିଶୁର ପାରସ୍ପରିକ ବହୁବିଧ ବିକାଶ ସମ୍ଭବ ହୋଇଥାଏ। ଭାରତୀୟ ସଂସ୍କୃତିରେ ଅତି ପ୍ରାଚୀନ କାଳରୁ ମାତାପିତାମାନେ ସନ୍ତାନଙ୍କ ମାଧ୍ୟମରେ ରାଷ୍ଟ୍ରଗଠନର ଚିନ୍ତା କରିଆସୁଛନ୍ତି। ପ୍ରକୃତ ପକ୍ଷେ ସନ୍ତାନଙ୍କ କ୍ଷେତ୍ରରେ ମାତାପିତାଙ୍କ ସ୍ଥାନ କେହି ଗ୍ରହଣ କରିପାରିବେ ନାହିଁ। ସନ୍ତାନର ବିକାଶ ମାଧ୍ୟମରେ ଉନ୍ନତ ରାଷ୍ଟ୍ରଗଠନର ସ୍ୱପ୍ନକୁ ସତ୍ୟରେ ପରିଣତ କରୁଥିବା ମାତାପିତାଙ୍କ ପ୍ରତି ଦାୟିତ୍ୱବୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ମାସର ଚତୁର୍ଥ ରବିବାରକୁ ଜାତୀୟ ମାତୃପିତୃ ଦିବସ ଭାବେ ପାଳନ କରାଯାଇଥାଏ। ୧୯୯୪ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଏନେଇ ଆଇନ ପ୍ରଣୟନ କରିବା ସହିତ ଏକ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ସେବେଠାରୁ ପ୍ରତିବର୍ଷ ଜାତୀୟ ମାତୃପିତୃ ଦିବସ ପାଳିତ ହୋଇ ଆସୁଛି। ଅନାବିଳ ସ୍ନେହ, ଅସୀମ ତ୍ୟାଗ ଦ୍ୱାରା ସନ୍ତାନକୁ ଗଢିତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମାତାପିତାଙ୍କୁ ପରିଣତ ବୟସରେ ସେବା ଓ ସୁରକ୍ଷା ଯୋଗାଇଦେବା ଆମର କର୍ତ୍ତବ୍ୟ।

## ବହି ଲେଖିଲେ ୧୦ ବର୍ଷର ବାଳକ




**କୋଲକାତା:** ବୟସ ମାତ୍ର ୧୦ ବର୍ଷ, କିନ୍ତୁ ଆଷ୍ଟ୍ରୋ ଫିଜିକ୍ସରେ ସେ ଲେଖିଛନ୍ତି ଏକ ପୁସ୍ତକ। ଏତେ କମ୍ ବୟସରେ ଏଭଳି ଏକ କଠିନ ବିଷୟରେ ତଥ୍ୟ ଏକତ୍ର କରି ବହିଟିଏ ଲେଖି ଏବେ ସେ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଏଭଳି ଏକ ଭିନ୍ନ ପ୍ରତିଭାସମ୍ପନ୍ନ ବାଳକ ହେଉଛନ୍ତି କୋଲକାତାର ରେୟାନ୍ସ।

କୋଲକାତାର ୧୦ ବର୍ଷର ବାଳକ ରେୟାନ୍ସ ରାଓତଙ୍କ ପୁସ୍ତକର ନାଁ ହେଉଛି 'ଦି ୟୁନିଭର୍ସ-ଦି ପାଷ୍ଟ, ଦି ପ୍ରେଜେଣ୍ଟ ଆଣ୍ଡ ଦି ଫ୍ୟୁଚର'। ମହାକାଶ ସମ୍ପର୍କରେ ଜାଣିବା ପାଇଁ ପ୍ରବଳ ଆଗ୍ରହ ଥିବାରୁ ରେୟାନ୍ସ ତଥ୍ୟ ସଂଗ୍ରହ କରି ଏହି ପୁସ୍ତକ ଲେଖିଛନ୍ତି। ବିଭିନ୍ନ ପୁସ୍ତକ ଏବଂ ଭିଡିଓ ମାଧ୍ୟମରେ ମହାକାଶ ସମ୍ପର୍କରେ ଆହରଣ କରିଥିବା ଜ୍ଞାନକୁ ନେଇ ଏକ ପୁସ୍ତକ ଲେଖିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ମାଆ ସୋହିନି ତାଙ୍କୁ ବିଶେଷଜ୍ଞଙ୍କ ପାଖକୁ ନେଇଥିଲେ। ଗୋଟିଏ ବହି ଲେଖିସାରିବା ପରେ ଏବେ ରେୟାନ୍ସ ଗଣିତକୁ ନେଇ ପୁଣି ଏକ ବହି ଲେଖିବା ପାଇଁ ଯୋଜନା କରୁଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଭଗବତୀ ସାହୁ
ସ୍ୱାମୀ: ସ୍ୱର୍ଗତ କସ୍ତୁରି ଚରଣ ସାହୁ
(ଅନନ୍ତସୁଧା) ରାଏସରପୁର, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୧୫।୦୭।୨୦୨୧
ବୋଉଲୋ !! ତୋର ଅବର୍ତ୍ତମାନରେ ପରିବାର ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତୋର ସେହି ଅନାବିଳ ସ୍ନେହ, ତ୍ୟାଗ, ଭଲପାଇବା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିଗଲା। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଶ୍ରୀଠାକୁରଙ୍କ ଆତୁଳ ଚରଣରେ ଆମର ପ୍ରାର୍ଥନା।
ଚତୁର୍ଦ୍ଦଶ ଦିବସରେ ନାମ ସଂକୀର୍ତ୍ତନ: ପୂର୍ବାହ୍ନ ୧୦ ଘଟିକା (Online)
ସତ୍ସଙ୍ଗ ଓ ସଦାଲୋଚନା: ପୂର୍ବାହ୍ନ ୧୧ ଘଟିକା (Online)
ଶୋକସନ୍ତପ୍ତ:
ପୁତ୍ର: ଇଂ ଦିଲ୍ଲୀପ କୁମାର ସାହୁ (ସପ୍ରର), ପ୍ରଦୀପ କୁମାର ସାହୁ, ଗୋଲକ ବିହାରୀ ସାହୁ (ଯାଜକ), ବାବୁରଞ୍ଜନ ସାହୁ, ଜାମାତା: ଚିତ୍ତରଞ୍ଜନ ବେହେରା, ମାନସ କୁମାର ବେହେରା, ପୁତ୍ରବଧୂ: ଶାନ୍ତିଲତା, ଅନୁସୟା, କ୍ଷଣପ୍ରଭା, ପ୍ରଭାତୀ, ଝିଅ: ସାବିତ୍ରୀ, ସନ୍ଧ୍ୟା, ନାତି ଓ ନାତୁଣୀ: ହାପି, ଲାଫି, ପପୁ, ମନି, ଗୁଡ଼ିଆ, ଗୁନୁ, ଗୁନୁଗୁନ।
ଧ-୨୧୧୫୭

**ଏକାଦଶାହ ଉପଲକ୍ଷେ**



୬ ଜଗନ୍ନାଥ କର
ଭୁରୁଙ୍ଗା, ଯାଜପୁର
ଆବିର୍ଭାବ: ୨୮।୦୫।୧୯୨୮
ତିରୋଧାନ: ୧୫।୦୭।୨୦୨୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ପାଦ ପଦ୍ମରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୨୧୧୫୮

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରଜନୀକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୨.୦୪.୧୯୬୩
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୨୧୧୬୭

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ରମାକାନ୍ତ ସାହୁ
ଜଗନ୍ନାଥପ୍ରସାଦ, ସମ୍ବଲପୁର
ଆବିର୍ଭାବ- ୦୧.୧୦.୧୯୫୧
ତିରୋଭାବ- ୧୪.୦୭.୨୦୧୪
(ଶ୍ରାବଣ, ଦ୍ୱିତୀୟା)
ତୁମର ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ, ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧାଭାବ, ଆମ ପ୍ରେରଣାର ଉତ୍ସହେଉ। ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାସହ ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ।
ଧ-୨୧୧୬୬

## ବିଗ୍‌ବସ୍ ହୋଷ୍ଟ କରିବେ କରନ ଜୋହର



**ବମ୍ବେ:** ବିବାଦୀୟ ତଥା ଲୋକପ୍ରିୟ ରିଆଲିଟି ଶୋ' ବିଗ୍‌ବସ୍ ୧୫'କୁ କିଏ ହୋଷ୍ଟ କରିବ ସେ ନେଇ ନାନାଦି କଳ୍ପନାଜଳ୍ପନା ଲାଗି ରହିଥିଲା। ଟେଲିଭିଜନ ବଦଳରେ ଏହି ଶୋ' ଏବେ ଓଟିଟି ପ୍ଲାଟଫର୍ମରେ ଆସିବାକୁ ଯାଉଛି। ଦବଙ୍ଗ ଖାନ ସଲମାନ ଏହାକୁ ଆୟୋଜନ କରିବେ ନାହିଁ ବୋଲି ଖବର ଆସିଥିଲା। ପରେ ଅଭିନେତା ତଥା ପ୍ରତିଯୋଗୀ ଥିବା ସିଦ୍ଧାର୍ଥ ଶୁକ୍ଲାଙ୍କ ନାମ ଚର୍ଚ୍ଚାରେ ରହିଥିଲା। ହେଲେ ଏବେ ସମସ୍ତ ଚର୍ଚ୍ଚା ଉପରେ ବିରାମ ଲାଗିଛି। ସଲମାନ କିମ୍ବା ସିଦ୍ଧାର୍ଥ ନୁହଁନ୍ତି, ନିର୍ଦ୍ଦେଶକ କରନ ଜୋହର ବିଗ୍‌ବସ୍-୧୫ ହୋଷ୍ଟ କରିବା ସ୍ପଷ୍ଟ ହୋଇଛି। 'ଭୁଟ୍' ଅଫିସିଆଲ ସୋସିଆଲ ମିଡିଆ ଆକାଉଣ୍ଟରୁ ଏହି ସୂଚନା ଦିଆଯାଇଛି। ଅଗଷ୍ଟ ୮ରୁ ଭୁଟ୍‌ରେ ଶୋ'ର ପ୍ରସାରଣ କରାଯିବ। ଶୋ'ଟି ଟେଲିଭିଜନରେ ପ୍ରସାରିତ ହେବା ପରେ ସେ ଏହାର ଅଂଶ ହେବେ ବୋଲି ସଲମାନ କହିଛନ୍ତି। ଏଣୁ ଶୋ' ପ୍ରଥମ ୬ ସପ୍ତାହ ଓଟିଟି ପ୍ଲାଟଫର୍ମରେ ପ୍ରଦର୍ଶିତ ହେବା ପରେ ଟେଲିଭିଜନରେ ପ୍ରଦର୍ଶିତ ହେବ। ବିଗ ବସ୍‌ର ନୂଆ ସିଜନ ୬ ମାସ ଅବଧି ବିଶିଷ୍ଟ ରହିବ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER COMPANY**
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡ଼ା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
8004034927

**DHANLAXMI FINANCE**
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**BANSAL TOWER COMPANY**
GOVT APPROVED COMPANY ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact-
7376459854 / 9518817448

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୨୧ ବର୍ଷ ପ୍ରତୀକ୍ଷାର ଅନ୍ତ



ମୀରାବାଈ ଚାନୁ

ମହିଳା ତାରକା ଭାରୋତ୍ତୋଳିକା ମୀରାବାଈ ଚାନୁ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ପଦକ ହାସଲ କରି ଖାତା ଖୋଲିଛନ୍ତି। ୪୯ କେ.ଜି. ଇଭେଣ୍ଟରେ ସେ ମୋଟ ୨୦୨ କେ.ଜି. ଉଠାଇ ରୌପ୍ୟ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଏଥିସହ ସେ ୨୧ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି। ୱେଟ୍‌ଲିଫ୍ଟିଙ୍ଗ୍‌ରେ କୌଣସି ଭାରତୀୟ ଖେଳାଳି ୨୧ ବର୍ଷ ପରେ ଅଲିମ୍ପିକ୍ ପଦକ ହାସଲ କରିଛନ୍ତି। ଏହାପୂର୍ବରୁ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ କର୍ଣ୍ଣମ ମାଲେଶ୍ୱରୀ ବ୍ରୋଞ୍ଜ୍ ପଦକ ଜିତିଥିଲେ। ମୀରାବାଈଙ୍କ ସଫଳତା ତାଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖୁଛି। କାରଣ ୨୦୧୬ ରିଓ ଅଲିମ୍ପିକ୍ସରେ ସେ କୌଣସି ପ୍ରକାର ଠିକ୍ ଭାବେ ଓଜନ ଉଠାଇପାରି ନ ଥିଲେ। ସେତେବେଳେ ତାଙ୍କର ସବୁ ପ୍ରୟାସ ଫେଲ୍ ମାରିଥିଲା। ତାଙ୍କର ସବୁ ପ୍ରୟାସକୁ ଡିସ୍‌କ୍ୱାଲିଫାଏ କରାଯାଇଥିଲା। ରିଓ ଅଲିମ୍ପିକ୍ସର ବିଫଳତା ତାଙ୍କୁ ଡିପ୍ରେସନକୁ ନେଇଯାଇଥିଲା। ଫଳରେ ସେ ସାଇକାଟ୍ରିଷ୍ଟଙ୍କ ସାହାଯ୍ୟ ନେଇଥିଲେ। ସେ ଏକ ସାଧାରଣ ଆଥ୍‌ଲେଟ ଭାବେ ବଞ୍ଚିବାକୁ ନିଷ୍ପତ୍ତି ନେଇଥିଲେ। ୱେଟ୍‌ଲିଫ୍ଟିଙ୍ଗ୍‌କୁ ଅଲ୍‌ବିଦା କରିବାକୁ ସେ ଏକପ୍ରକାର ନିଷ୍ପତ୍ତି ନେଇସାରିଥିଲେ। କିନ୍ତୁ ସେ ଏହି ନିଷ୍ପତ୍ତିରୁ ଓହରି ଯାଇଥିଲେ ଓ ନିଜର ପ୍ରତିଭାକୁ ପୁଣି ଥରେ ପ୍ରମାଣ କରିବାକୁ ନିଷ୍ପତ୍ତି ନେଇ ଲଢେଇ ଜାରି ରଖିଥିଲେ। ହାର ନ ମାନିବାର ପ୍ରବୃତ୍ତି କାରଣରୁ ସେ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପରେ ସେ ଅଲିମ୍ପିକ ପଦକ ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ୱେଟ୍‌ଲିଫ୍ଟିଙ୍ଗରେ ଏକମାତ୍ର ଭାରତୀୟ ଭାବେ ଚାନୁ ଏଥର ଅଲିମ୍ପିକ୍ସରେ ଭାଗ ନେଇଥିଲେ। ଟୋକିଓ ଯିବା ପୂର୍ବରୁ ମୀରାବାଈ ଅଲିମ୍ପିକ ପଦକ ଜିତିବେ ବୋଲି ଜୋର ଦେଇ କହିଥିଲେ। ମୋ ପାଖରେ ଅଲିମ୍ପିକ ଖେଳିବାର ଅନୁଭବ ରହିଛି। ପ୍ରଥମ ପ୍ରୟାସରେ ଅନୁଭବ ନ ଥିବାରୁ ଫେଲ୍ ମାରିଥିଲି। କିନ୍ତୁ ଏଥର ପଦକ ନିଶ୍ଚିତ ଜିତିବି ବୋଲି ସେ କହିଥିଲେ। ଅଲିମ୍ପିକ ପଦକ ହାସଲ କରିବା ପୂର୍ବରୁ ସେ ଏକାଧିକ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରି ନିଜ ଦକ୍ଷତା ଓ ପ୍ରତିଭାର ପରିଚୟ ଦେଇଥିଲେ। ରିଓ ଅଲିମ୍ପିକ୍ସର ବିଫଳତା ପରେ ଚାନୁ ୨୦୧୭ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୨ ବର୍ଷରେ ସେ ଏହି ସଫଳତା ହାସଲ କରିବାରେ ପ୍ରଥମ ଭାରତୀୟ ସାବ୍ୟସ୍ତ ହୋଇଥିଲେ। ଏହି ଇଭେଣ୍ଟ ପାଇଁ ସେ ଖାଦ୍ୟ ମଧ୍ୟ ଖାଇ ନ ଥିଲେ। ଏପରିକି ନିଜ ଭଉଣୀ ବାହାଘରେ ମଧ୍ୟ ସେ ଯୋଗ ଦେଇପାରି ନ ଥିଲେ। ସ୍ୱର୍ଣ୍ଣ ଜିତିବା ପରେ ତାଙ୍କ ଆଖିରେ ଲୁହ ଆସିଥିଲା। ବିଶ୍ୱ ୱେଟ୍‌ଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ସାବ୍ୟସ୍ତ ହୋଇଥିଲେ। ସେହିପରି ସେ ୨୦୧୮ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪୯ କେ.ଜି.ରେ ରୌପ୍ୟ ପଦକ ହାସଲ କରିଥିଲେ। ଏହାପରେ ସେ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ସଫଳତା ତାଙ୍କୁ ଅଲିମ୍ପିକ୍ସ ରୌପ୍ୟ ପଦକ ଜିତିବା ପାଇଁ ରାସ୍ତା ଦେଖାଇବା ସହ ପ୍ରେରଣା ଦେଇଥିଲା। ୨୦୧୮ରେ ପିଠିରେ ଆଘାତ ସମସ୍ୟା। କାରଣରୁ ସେ ୱେଟ୍‌ଲିଫ୍ଟିଙ୍ଗ୍‌ରୁ ଦୂରେଇ ରହିଥିଲେ ମଧ୍ୟ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ।

ସ୍ୱଳ୍ପ ବୟସରୁ ସେ ୱେଟ୍‌ଲିଫ୍ଟିଙ୍ଗ ପ୍ରତି ଆକର୍ଷିତ ହୋଇଥିଲେ। ମଣିପୁର ଇମ୍ଫାଲରେ ରହୁଥିବା ଚାନୁ ଏକ ସ୍ଥାନୀୟ ପ୍ରତିଯୋଗିତାରେ ମାତ୍ର ୧୧ ବର୍ଷରେ ପଦକ ଜିତିଥିଲେ। ଏହା ପରେ ସେ ୱାର୍ଲ୍ଡ ଓ ଏସିଆନ ଜୁନିୟର ଚାମ୍ପିୟନଶିପ୍‌ରୁ କ୍ୟାରିୟର ଆରମ୍ଭ କରିଥିଲେ। ସେ ପୂର୍ବତନ ମହିଳା ୱେଟ୍‌ଲିଫ୍ଟର କୁଞ୍ଜରାଣୀ ଦେବୀଙ୍କୁ ନିଜର ଆଦର୍ଶ ମାନିଥିଲେ। ପିଲାଟି ବେଳୁ ତାଙ୍କ ପରିବାର ଚାନୁଙ୍କ ପ୍ରତିଭା ଚିହ୍ନିବାରେ ସଫଳ ହୋଇଥିଲେ। ଜଳେଣି କାଠର ଓଜନିଆ ବିଡ଼ାକୁ ସହଜରେ ସେ ଉଠାଇପାରୁଥିଲେ। ଯାହା ତାଙ୍କ ବଡ଼ ଭାଇ କରିପାରି ନ ଥିଲେ।

୨୦୧୮ରେ ତାଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ବର୍ଷ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ନିଜ ସାହସ, ଅଧ୍ୟବସାୟ ଓ ପରିଶ୍ରମ ବଳରେ ଚାନୁ ଆଜି ନିଜର ରାଜ୍ୟ, ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ସେ ଆଗାମୀ ପିଢ଼ିର ୱେଟ୍‌ଲିଫ୍ଟରଙ୍କ ପାଇଁ ଆଦର୍ଶ ଓ ପ୍ରେରଣାଦାୟୀ ସାଜିଛନ୍ତି। ତାଙ୍କଠାରୁ ଅନୁପ୍ରାଣିତ ହୋଇ ଦେଶର ଅନ୍ୟ ଯୁବ ପୁରୁଷ ଓ ମହିଳା ୱେଟ୍‌ଲିଫ୍ଟରମାନେ ଭାରତ ପାଇଁ ଆଗକୁ ଅଲିମ୍ପିକ୍ସ ସମେତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିପାରିବେ ବୋଲି କୁହାଯାଇପାରେ।

### ସଂକ୍ଷେପରେ...

ପୂରା ନାମ: ସାଇଖୋମ ମୀରାବାଈ ଚାନୁ
ଜନ୍ମ: ୮ ଅଗଷ୍ଟ ୧୯୯୪
ବୟସ: ୨୬
ଜନ୍ମସ୍ଥାନ: ନଙ୍ଗପକ କାକ୍‌ଚିଙ୍ଗ୍, ଇଷ୍ଟ ଇମ୍ଫାଲ, ମଣିପୁର
ଉଚ୍ଚତା: ୪ ଫୁଟ ୧୧ ଇଞ୍ଚ୍
ଓଜନ: ୪୯ କେ.ଜି.
ଦେଶ: ଭାରତ
କ୍ରୀଡ଼ା: ୱେଟ୍‌ଲିଫ୍ଟିଙ୍ଗ୍
କୋଚ୍: ବିଜୟ ଶର୍ମା, ଆରୋନ ହର୍ସଟିଙ୍ଗ୍

**ମେଡାଲ ରେକର୍ଡ**

**୨୦୨୦ ଟୋକିଓ ଅଲିମ୍ପିକ୍ସ**
ରୌପ୍ୟ (୪୯ କେ.ଜି.)
୨୦୧୭ ଆନହେମ୍ ବିଶ୍ୱ ଚାମ୍ପିୟନଶିପ
ସ୍ୱର୍ଣ୍ଣ (୪୮ କେ.ଜି.)
**୨୦୨୦ ତାସକେଣ୍ଟ ଏସିଆନ ଚାମ୍ପିୟନଶିପ**
ବ୍ରୋଞ୍ଜ୍ (୪୯ କେ.ଜି.)
**ରାଜ୍ୟଗୋଷ୍ଠୀ କ୍ରୀଡ଼ା**
ରୌପ୍ୟ ୨୦୧୪ ଗ୍ଲାସ୍‌ଗୋ (୪୮ କେ.ଜି.)
ସ୍ୱର୍ଣ୍ଣ ୨୦୧୮ ଗୋଲ୍ଡକୋଷ୍ଟ (୪୮ କେ.ଜି.)

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ଟୋକିଓ,୨୪।୭ (ପି.ଟି.)

ଅଲିମ୍ପିକ ରୌପ୍ୟ ପଦକ ଜିତିବା ପରେ ମୀରାବାଈ ଚାନୁଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ଏହି ଐତିହାସିକ ସଫଳତା ପାଇଁ ଚାନୁଙ୍କୁ ହୃଦୟରୁ ଅଶେଷ ଅଭିନନ୍ଦନ ବୋଲି ରାଷ୍ଟ୍ରପତି ଟୁଇଟ୍ କରି ଜଣାଇଛନ୍ତି। ୱେଟ୍‌ଲିଫ୍ଟିଙ୍ଗ୍‌ରେ ରୌପ୍ୟ ପଦକ ହାସଲ କରି ସେ ଭାରତ ପାଇଁ ଖାତା ଖୋଲିଛନ୍ତି। ଏହା ଏକ ଅସାଧାରଣ ସଫଳତା ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି। ଚାନୁଙ୍କ ଏହି ସଫଳତା ଦେଶର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ସୃଷ୍ଟି କରିବ। ଚାନୁ ରୌପ ପଦକ ଜିତି ଆରମ୍ଭରୁ ଭାରତକୁ ସଫଳତାର ସ୍ୱାଦ ଚଖାଇଛନ୍ତି। ଚାନୁଙ୍କ ଏହି ପ୍ରଦର୍ଶନ ଐତିହାସିକ। ଅଲିମ୍ପିକ୍ସର ପ୍ରଥମ ଦିନରେ ୱେଟ୍‌ଲିଫ୍ଟିଙ୍ଗରେ ରୌପ୍ୟ ପଦକ ହାସଲ କରିଥିବାରୁ ତାଙ୍କୁ ବହୁତ ବହୁତ ଅଭିନନ୍ଦନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଜଣାଇଛନ୍ତି। ତାଙ୍କର ଏହି ସଫଳତା ପ୍ରତ୍ୟେକ ଭାରତୀୟଙ୍କୁ ଅନୁପ୍ରାଣିତ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ପୂର୍ବତନ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ଚାନୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭର ପ୍ରଥମ ଦିନରେ ଚାନୁ ୪୯ କେଜି ଭାରୋତ୍ତୋଳନ ପ୍ରତିଯୋଗିତାରେ ରୌପ ପଦକ ହାସଲ କରିଛନ୍ତି। ଏଥିରେ ସାରା ଦେଶ ଓ ମୁଁ ବହୁତ ଗର୍ବିତ ବୋଲି ଠାକୁର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ସେହିପରି ଚାନୁ ସାରା ଦେଶକୁ ଗର୍ବିତ କରିଛନ୍ତି ବୋଲି ରିଜିଜୁ ଟୁଇଟ୍ କରିଛନ୍ତି। ସେହିପରି ଭାରତର ଏକମାତ୍ର ଅଲିମ୍ପିକ୍ସ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ବିଜେତା ତଥା ଶୁଟର ଅଭିନବ ବିନ୍ଦ୍ରା ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଚାନୁ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି। ତାଙ୍କର ଏହି ପ୍ରେରଣଦାୟୀ ପ୍ରଦର୍ଶନ ବହୁବର୍ଷ ପର୍ଯ୍ୟନ୍ତ ମନେ ରହିବ ଓ ଆଗାମୀ ପିଢ଼ିକୁ ପ୍ରେରଣା ଦେବ ବୋଲି ବିନ୍ଦ୍ରା କହିଛନ୍ତି।

ବ୍ୟାଟିଂ ଲିଜେଣ୍ଡ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ଭି.ଭି.ଏସ. ଲକ୍ଷ୍ମଣ ଓ ଗୌତମ ଗମ୍ଭୀରଙ୍କ ଭଳି କ୍ରିକେଟର ମଧ୍ୟ ଚାନୁଙ୍କୁ ବଧାଇ ଜଣାଇଛନ୍ତି। ଇଞ୍ଜୁରିରୁ ମୁକୁଳି ଚାନୁ ଯେପରି ପ୍ରଦର୍ଶନ କରି ଭାରତକୁ ଗୌରବାନ୍ୱିତ କରିଛନ୍ତି ତାହା ପ୍ରଶଂସନୀୟ ବୋଲି ସଚିନ ଟୁଇଟ୍ କରିଛନ୍ତି। ସେହିପରି ଅଲିମ୍ପିକ ମେଡାଲିଷ୍ଟ ସାକ୍ଷୀ ମଲିକ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨ଟି ସ୍ୱର୍ଣ୍ଣପଦକ ଜିତିଥିବା ସତୀଶ ଶିବଲିଙ୍ଗମ୍ ମଧ୍ୟ ଚାନୁଙ୍କୁ ପ୍ରଶଂସା କରିଛନ୍ତି। ଭାରତୀୟ ରେସଲର ବଜରଙ୍ଗ ପୁନିଆ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ସଭାପତି ଅଖିଲେଶ ଯାଦବ ମଧ୍ୟ ଚାନୁଙ୍କୁ ବଧାଇ ଜଣାଇଛନ୍ତି।

## ମା'ଙ୍କ ଆଖିରେ ଆନନ୍ଦାଶ୍ରୁ

### ଇମ୍ଫାଲରେ ଉତ୍ସବର ପରିବେଶ

ନୂଆଦିଲ୍ଲୀ,୨୪।୭

ଅଲିମ୍ପିକ ରୌପ୍ୟ ପଦକ ଜିତିବା ପରେ ମୀରାବାଈ ଚାନୁଙ୍କ ନିକଟକୁ ଅଭିନନ୍ଦନର ଶୁଅ ଛୁଟିଛି। ମା' ସାଇଖୋମ ଅଙ୍ଗବି ଟୋମ୍ବି ଲେଇମା ଝିଅର ଏହି ସଫଳତାରେ ବେଶ୍ ଖୁସି ହୋଇଛନ୍ତି। ଚାନୁଙ୍କ ସଫଳତାରେ ମା' ଆଖିରେ ଆନନ୍ଦର ଲୁହ ଝରିପଡିଥିଲା। ଚାନୁ ମଧ୍ୟ ସଫଳତାର ଶ୍ରେୟ ପରିବାରକୁ ଦେଇଛନ୍ତି। ଖାସ୍ କରି ମା' ତାଙ୍କ ପାଇଁ ବହୁତ ତ୍ୟାଗ କରିଛନ୍ତି ବୋଲି ସେ କୁହନ୍ତି। ୫ ବର୍ଷ ତଳେ ମା' ନିଜ ସୁନାଗହଣା ବିକି ଚାନୁଙ୍କ ପାଇଁ ଏକ କାନ ରିଙ୍ଗ୍ ବା ବାଲି ଉପହାର ଦେଇଥିଲେ। ଏହା ଠିକ୍ ଅଲିମ୍ପିକ ରିଙ୍ଗ୍ ସଦୃଶ ଥିଲା। ଏହି କାନ ରିଙ୍ଗ୍ ତାଙ୍କ ପାଇଁ ଭାଗ୍ୟଶାଳୀ ସାବ୍ୟସ୍ତ ହୋଇଛି ବୋଲି ଚାନୁ କହିଛନ୍ତି। ଟିଭିରେ ଏହି କାନ ରିଙ୍ଗ୍ ଦେଖିଥିଲି। ରିଓ ଅଲିମ୍ପିକ୍ସ ପୂର୍ବରୁ ଚାନୁକୁ ଏହି ରିଙ୍ଗ୍ ଦେଇଥିଲି। ଏହା ତା ପାଇଁ ସଫଳତା ଆଣିଦେଇଛି ବୋଲି ମା' ଲେଇମା କହିଛନ୍ତି। ଚାନୁ ଅଲିମ୍ପିକ ପଦକ ଜିତିବା ପରେ ବହୁ ସଂଖ୍ୟାରେ ଶୁଭଚିନ୍ତକ, ସମ୍ପର୍କୀୟ ଚାନୁଙ୍କ ଘର ନିକଟରେ ଏକାଠି ହୋଇଥିଲେ। ଚାନୁ ପଦକ ଜିତିବା ପରେ କାନ୍ଦି ପକାଇଥିଲି ବୋଲି ମା' କହିଛନ୍ତି। ପିତା ସାଇଖୋମ କ୍ରିତି ମେଇତେଇ ମଧ୍ୟ କାନ୍ଦି ପକାଇଥିଲେ। ଏହା ଆନନ୍ଦର ଅଶ୍ରୁ ବୋଲି ମା' କହିଛନ୍ତି। ଦୀର୍ଘଦିନର କଠିନ ପରିଶ୍ରମ ପରେ ଚାନୁ ଶେଷରେ ସଫଳତା ହାସଲ କରିଛି। ମଣିପୁର ରାଜଧାନୀ ଇମ୍ଫାଲଠାରୁ ୨୫ କି.ମି. ଦୂରରେ ଥିବା ନଙ୍ଗପକ କାକଚିଙ୍ଗ୍ ଗ୍ରାମରେ ଚାନୁଙ୍କ ଘର। ଚାନୁଙ୍କ ୩ ଭଉଣୀ ଓ ୨ ଭାଇ ଅଛନ୍ତି। ଅଲିମ୍ପିକ୍‌ରେ ଚାନୁ ସ୍ୱର୍ଣ୍ଣ କିମ୍ବା ଅତିକମ୍‌ରେ ପଦକ ହାସଲ କରିବ ବୋଲି କହିଥିଲା। ତେଣୁ ଏହି ସଫଳତାକୁ ସମସ୍ତେ ଅପେକ୍ଷା କରି ରହିଥିଲେ। କେତେକ ସମ୍ପର୍କୀୟ ଗତ ସନ୍ଧ୍ୟାରେ ଆସି ରାତି ସାରା ଆମ ଘରେ ରହିଥିଲେ। ଆମେ ଟେଲିଭିଜନ୍‌କୁ ବାରଣ୍ଡାକୁ ନେଇ ଆସିଥିଲୁ ଓ ସମସ୍ତେ ସେଠାରେ ଲାଇଭ ଖେଳ ଦେଖିଥିଲୁ। ତେଣୁ ଏହା ଏକପ୍ରକାର ଉତ୍ସବ ସଦୃଶ ଥିଲା ବୋଲି ଚାନୁଙ୍କ ମା' କହିଛନ୍ତି। ଇମ୍ଫାଲରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସକାଳେ ବହୁତ ଖବରଦାତା ଘରକୁ ଆସିଥିଲେ। ବହୁ ଲୋକ ଘର ସାମ୍ନାରେ ଏକାଠି ହୋଇ ତାଳିମାରି ଖୁସି ମନାଇଥିଲେ। ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ଚାନୁ ମଧ୍ୟ ଟୋକିଓର ୱେଟ୍‌ଲିଫ୍ଟିଙ୍ଗ୍ ଏରିନାରୁ ଭିଡିଓ କଲ କରିଥିଲା ଓ ଆଶୀର୍ବାଦ ଲୋଡିଥିଲା ବୋଲି ମା' କହିଛନ୍ତି। ସବୁବେଳେ ଟ୍ରେନିଂରେ ବ୍ୟସ୍ତ ରହୁଥିବାରୁ ଚାନୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ବନାଇଥିଲା। ଏଥିରେ ସେ ସମ୍ପର୍କୀୟ ସହ ଯୋଗାଯୋଗରେ ରହୁଥିଲା । ସକାଳେ ଭିଡିଓ କଲ୍ କରି ସ୍ୱର୍ଣ୍ଣ ଜିତିବାକୁ ସେ ଆଶୀର୍ବାଦ ଲୋଡିଥିଲା ବୋଲି ତାଙ୍କ ସମ୍ପର୍କୀୟ ଭଉଣୀ ଅରୋଶିନି କହିଛନ୍ତି।

## ରବିବାର ଭାରତର କାର୍ଯ୍ୟସୂଚୀ

**ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ** : ମହିଳା କ୍ୱାଲିଫିକେଶନ ସବ୍‌ଡିଭିଜନ-୧, ସମୟ ସକାଳ ୬ଟା୩୦।

**ବ୍ୟାଡ୍‌ମିଣ୍ଟନ:** ମହିଳା ସିଙ୍ଗଲ୍ସ ଗ୍ରୁପ୍ ଜେ' ମ୍ୟାଚ-ପି.ଭି. ସିନ୍ଧୁ ବନାମ କେସେନିଆ ପୋଲିକାପୋଭା (ଇସ୍ରାଏଲ), ସମୟ: ସକାଳ ୭ଟା ୧୦।

**ବକ୍ସିଂ:** ମହିଳା ୫୧କେଜି ରାଉଣ୍ଡ ଅଫ୍ ୩୨ ବାଉଣ୍ଟ- ଏମ୍.ସି. ମେରିକମ୍ ବନାମ ମିଗୁଏଲିନା ହର୍ନାଣ୍ଡେଜ ଗାର୍ସିଆ (ଡୋମିନାକାନ ରିପବ୍ଲିକ), ସମୟ: ଅପରାହ୍ନ ୧ଟା ୩୦।
ପୁରୁଷ ୬୩ କେଜି ରାଉଣ୍ଡ ଅଫ୍ ୩୨ ବାଉଟ୍-ମନୀଷ କୌଶିକ ବନାମ ଲ୍ୟୁକ୍ ମ୍ୟାକ୍‌କୋରମାକ୍ (ଗ୍ରେଟ୍‌ବ୍ରିଟେନ), ସମୟ: ଅପରାହ୍ନ ୩ଟା ୬ ମିନିଟ।

**ହକି:** ପୁରୁଷ ପୁଲ୍ ଏ' ମ୍ୟାଚ ଭାରତ ବନାମ ଅଷ୍ଟ୍ରେଲିଆ, ସମୟ: ଅପରାହ୍ନ ୩ଟା।

**ରୋଇଂ:** ପୁରୁଷ ଲାଇଟ୍‌ୱେଟ୍ ଡବଲ ସ୍କଲ୍ସ ରିପିଚେଜ୍ ୨-ଅରୁଣଲାଲ୍ ଜାଟ୍ ବନାମ ଅରବିନ୍ଦ ସିଂ, ସମୟ: ସକାଳ ୮ଟା ୧୦।

**ଶୁଟିଂ:** ମହିଳା ୧୦ ମିଟର ଏୟାର ପିସ୍ତଲ କ୍ୱାଲିଫିକେଶନ-ମନୁ ଭାକର ଓ ଯଶସ୍ୱିନୀ ଦେଶୱାଲ, ସମୟ: ସକାଳ ୫ଟା ୩୦।
* ମହିଳା ୧୦ ମିଟର ଏୟାର ପିସ୍ତଲ ଫାଇନାଲ: ସମୟ ସକାଳ ୭ଟା ୪୫ ମିନିଟ୍।
* ପୁରୁଷ ସ୍କିଟ୍ କ୍ୱାଲିଫିକେଶନ ପ୍ରଥମ ଦିବସ- ମୈରାଜ ଅହମଦ ଖାଁ ଓ ଅଙ୍ଗଦ ବୀର ସିଂ ବାଜୱା, ସମୟ: ସକାଳ ୬ଟା ୩୦ମିନିଟ।
* ପୁରୁଷ ୧୦ ମିଟର ଏୟାର ରାଇଫଲ କ୍ୱାଲିଫିକେଶନ- ଦୀପକ କୁମାର ଓ ଦିବ୍ୟାଂଶ ସିଂ ପନୱାର, ସମୟ ସକାଳ ୯ଟା ୩୦ ମିନିଟ।
* ପୁରୁଷ ୧୦ ମିଟର ଏୟାର ରାଇଫଲ ଫାଇନାଲ: ଅପରାହ୍ନ ୧୨ଟା।

**ସୁଇମିଂ:** ମହିଳା ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ହିଟ୍-୧, ମାନା ପଟେଲ, ସମୟ: ଅପରାହ୍ନ ୩ଟା ୩୨ ମିନିଟ୍
* ପୁରୁଷ ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ହିଟ୍ ୩- ଶ୍ରୀହରି ନଟରାଜ, ସମୟ: ଅପରାହ୍ନ ୪ଟା ୨୬ ମିନିଟ।

**ଟେବୁଲ ଟେନିସ:** ପୁରୁଷ ସିଙ୍ଗଲ୍ସ ରାଉଣ୍ଡ ୨ ମ୍ୟାଚ-ଜି. ସାଥିୟାଁ ବନାମ ସିଉ ଲାଙ୍ଗ୍ ଲାମ୍ (ହଂକଂ), ସମୟ: ସକାଳ ୧୦ଟା ୩୦ ମିନିଟ
* ମହିଳା ସିଙ୍ଗଲ୍ସ ରାଉଣ୍ଡ ୨ ମ୍ୟାଚ-ମନିକା ବାତ୍ରା ବନାମ ମାର୍ଗାରିଟା ପେସୋଟସ୍କା (ୟୁକ୍ରେନ୍), ସମୟ: ଅପରାହ୍ନ ୧୨ଟା।

**ଟେନିସ୍:** ମହିଳା ଡବଲ୍ସ ରାଉଣ୍ଡ ୧- ସାନିଆ ମିର୍ଜା ଓ ଅଙ୍କିତା ରାଇନା ବନାମ ଲୁଦମିଲା କିଚେନକ/ ନାଦିଆ କିଚେନକ୍ (ୟୁକ୍ରେନ), ସମୟ: ସକାଳ ୭ଟା ୩୦ ମିନିଟ୍।

ଟେବୁଲ ଟେନିସ

## ମନୀକା, ସୁତୀର୍ଥା ବିଜୟୀ

ଟୋକିଓ, ୨୪।୭(ପି.ଟି.)



ସୁତୀର୍ଥା ମୁଖାର୍ଜୀ

ଭାରତର ମନିକା ବାତ୍ରା ଓ ସୁତୀର୍ଥା ମୁଖାର୍ଜୀ ଟୋକିଓ ଅଲିମ୍ପିକ୍ସ ମହିଳା ସିଙ୍ଗଲ୍ସ ଟେବୁଲ ଟେନିସରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ମିକ୍ସଡ ଡବଲ୍ସରୁ ଭାରତର ପଦକ ଆଶା ଶେଷ ହୋଇଛି। ରାଉଣ୍ଡ ଅଫ୍ ୧୬ରେ ମନିକା ଓ ଶରଥ କମଲ ଯୋଡ଼ି ୦-୪ରେ ଚାଇନିଜ୍ ତାଇପେର ଲିନ୍ ୟୁନ-ଜୁ ଓ ଚେଙ୍ଗ ଇଚିଙ୍ଗ୍‌ଙ୍କଠାରୁ ହାରି ଯାଇଛନ୍ତି। ଚାଇନିଜ୍ ତାଇପେ ଯୋଡ଼ି ପ୍ରଭାବୀ ପ୍ରଦର୍ଶନ କରି ୧୧-୮, ୧୧-୬, ୧୧-୫, ୧୧-୪ରେ ମ୍ୟାଚ ଜିତି ନେଇଥିଲେ। ତେବେ ବିଶ୍ୱର ୬୨ ନମ୍ବରରେ ଥିବା ମନିକା ନିଜ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ବ୍ରିଟେନର ଟିନ୍-ଟିନ୍ ହୋଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ୯୮ତମ ର୍ୟାଙ୍କ୍‌ପ୍ରାପ୍ତ ସୁତୀର୍ଥା ୭୮ତମ ର୍ୟାଙ୍କ୍ ସୁଇଡେନର ଲିଣ୍ଡା ବେର୍ଗଷ୍ଟ୍ରୋମ୍‌ଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ୪-୩ରେ ବିଜୟୀ ହେବାରେ ସକ୍ଷମ ହୋଇଛନ୍ତି। ବେଷ୍ଟ ଅଫ୍ ୭ ମୁକାବିଲାରେ ମୁଖାର୍ଜୀ ଧୈର୍ଯ୍ୟର ପରିଚୟ ଦେଇ ଏକଦା ୧-୩ରେ ପଛୁଆ ରହିଥିଲେ ହେଁ ଶେଷରେ ୫-୧୧, ୧୧-୯, ୧୧-୧୩, ୯-୧୧, ୧୧-୩, ୧୧-୯, ୧୧-୫ ପଏଣ୍ଟରେ ବିଜୟୀ ହୋଇଥିଲେ। ଜଣେ ଡିଫେନ୍ସିଭ ଖେଳାଳିଭାବେ ପରିଚିତ ଲିଣ୍ଡା ଆରମ୍ଭରୁ ଲଢୁଆ ପ୍ରଦର୍ଶନ କରିଥିଲେ। ମାତ୍ର ଧୈର୍ଯ୍ୟହରା ନ ହୋଇ ସୁତୀର୍ଥା ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ।



## ଅଲିମ୍ପିକ୍ସ କ୍ରୀଡ଼ା ଗ୍ରାମରେ ଦୂତୀ

ଭୁବନେଶ୍ୱର, ୨୪।୭(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଶନିବାର ଟୋକିଓ ଅଲିମ୍ପିକ୍ସ କ୍ରୀଡ଼ା ଗ୍ରାମରେ ପ୍ରବେଶ କରିଛନ୍ତି। ଆସନ୍ତା ୩୦ ତାରିଖରେ ସେ ପଡ଼ିଆକୁ ଓହ୍ଲାଇବେ। ଭାରତୀୟ ସମୟ ସକାଳ ୮ଟାରେ ତାଙ୍କର ୧୦୦ ମିଟର ହିଟ୍ ଅଛି। ଅଗଷ୍ଟ ୨ ତାରିଖରେ ୨୦୦ ମିଟର ହିଟ୍ ଅନୁଷ୍ଠିତ ହେବ। କ୍ରୀଡ଼ା ଗ୍ରାମରେ ଦୂତୀଙ୍କୁ ଲଞ୍ଚ୍‌ରେ ଚିଙ୍ଗୁଡ଼ି, ଚିକେନ, ମଟନ୍, ମାଛ, ଭେଣ୍ଡି ଫ୍ରାଏ ଓ କୋବି ଫ୍ରାଏ ଆଦି ବେଶ୍ ସ୍ୱାଦିଷ୍ଟ ଖାଦ୍ୟ ଦିଆ ଯାଇଥିବା ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩ | ୦ | ୧ | ୪ |
| ଇଟାଲୀ | ୧ | ୧ | ୦ | ୨ |
| ଜାପାନ | ୧ | ୧ | ୦ | ୨ |
| ଦକ୍ଷିଣ କୋରିଆ | ୧ | ୦ | ୨ | ୩ |
| ଇକ୍ୱେଡର | ୧ | ୦ | ୦ | ୧ |
| ହଙ୍ଗେରି | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| କୋସୋଭୋ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| ଆରଓସି | ୦ | ୧ | ୧ | ୨ |
| ସର୍ବିଆ | ୦ | ୧ | ୧ | ୨ |
| ବେଲଜିୟମ | ୦ | ୧ | ୦ | ୧ |
| ସ୍ପେନ | ୦ | ୧ | ୦ | ୧ |
| **ଭାରତ** | **୦** | **୧** | **୦** | **୧** |
| ନେଦରଲାଣ୍ଡ୍ସ | ୦ | ୧ | ୦ | ୧ |
| ରୋମାନିଆ | ୦ | ୧ | ୦ | ୧ |
| ଚାଇନିଜ୍ ତାଇପେ | ୦ | ୧ | ୦ | ୧ |
| ଟ୍ୟୁନିସିଆ | ୦ | ୧ | ୦ | ୧ |
| ଇସ୍ତୋନିଆ | ୦ | ୦ | ୧ | ୧ |
| ଫ୍ରାନ୍ସ | ୦ | ୦ | ୧ | ୧ |
| ଇଣ୍ଡୋନେସିଆ | ୦ | ୦ | ୧ | ୧ |
| ଇସ୍ରାଏଲ | ୦ | ୦ | ୧ | ୧ |
| କାଜାଖସ୍ତାନ | ୦ | ୦ | ୧ | ୧ |
| ମେକ୍ସିକୋ | ୦ | ୦ | ୧ | ୧ |
| ମଙ୍ଗୋଲିଆ | ୦ | ୦ | ୧ | ୧ |
| ସ୍ଲୋଭେନିଆ | ୦ | ୦ | ୧ | ୧ |
| ସୁଇଜରଲାଣ୍ଡ | ୦ | ୦ | ୧ | ୧ |
| ୟୁକ୍ରେନ | ୦ | ୦ | ୧ | ୧ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୫ ଜୁଲାଇ, ୨୦୨୧ Sambalpur, Sunday, July 25/2021

# ବିଜୟରୁ ଭାରତର ଅଭିଯାନ

**ଟୋକିଓ,୨୪।୭(ପି.ଟି.)**

ଟୋକିଓ ଅଲିମ୍ପିକ୍ସ ହକି ଇଭେଣ୍ଟରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଭାରତ ତା'ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭେଫରାଇଟ୍ ବିବେଚିତ ହେଉଥିଲେ ମଧ୍ୟ ଭାରତକୁ ସଂଘର୍ଷ କରିବାକୁ ପଡିଥିଲା। ଭାରତ ପାଇଁ ତାରକା ଡିଫେଣ୍ଡର ହରମନପ୍ରୀତ ସିଂ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ରବିବାର ଭେଟିବ। ଅନ୍ୟଏକ ପୁଲ୍ ଏ' ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୫-୩ ଗୋଲରେ ଜାପାନକୁ ହରାଇଛି।


ଗୋଲ୍ ଦେବା ପରେ ହରମନପ୍ରୀତ ସିଂ (ମଝି)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

ଭାରତ ପାଇଁ ହରମନପ୍ରୀତ ୨୬ ଓ ୩୩ ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ରୁପିନ୍ଦର ପାଲ ସିଂ ଦଶମ ମିନିଟ୍‌ରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଭାରତ ବିଶ୍ୱ ର‍୍ୟାଙ୍କିଙ୍ଗ୍ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଅଷ୍ଟମ ସ୍ଥାନରେ ରହିଛି। ମ୍ୟାଚ୍‌ର ଷଷ୍ଠ ମିନିଟ୍‌ରେ ନୁଜିଲାଣ୍ଡର କେନ ରସେଲ ପେନାଲ୍ଟି କର୍ନର ମାଧ୍ୟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହା ଭାରତୀୟ ଖେଳାଳିଙ୍କୁ ଚକିତ କରିଥିଲା। ଏହାର ୪ ମିନିଟ ପରେ ରୁପିନ୍ଦର ମଧ୍ୟ ପେନାଲ୍ଟି ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ଏହାପରେ ହରମନପ୍ରୀତ ଦୁଇଟି ଗୋଲ ଦେଇ ଭାରତକୁ ୩-୧ରେ ଅଗ୍ରଣୀ କରାଇଥିଲେ। ହରମନପ୍ରୀତ ନ୍ୟୁଜିଲାଣ୍ଡ ଡିଫେନ୍ସକୁ ପଛରେ ପକାଇ ରୁପିନ୍ଦରଙ୍କ ପାସ୍‌କୁ ଗୋଲରେ ପରିଣତ କରି ପ୍ରଥମ ବ୍ୟକ୍ତିଗତ ଗୋଲ ଦେଇଥିଲେ। ସେହିପରି ୩୩ତମ ମିନିଟ୍‌ରେ ହରମନପ୍ରୀତ ଆଉ ଏକ ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଭାରତୀୟ ଡିଫେନ୍ସ ଲୟ ହରାଇଥିଲା। ଫଳରେ ଏହାର ସୁଯୋଗ ନେଇ ନ୍ୟୁଜିଲାଣ୍ଡର ନିକ୍ ଓ୍ୱିଲସନ ମିଳିଥିବା ଏକ ପାସ୍‌ର ସଦବ୍ୟବହାର କରି ଅଭିଜ୍ଞ ଡିଫେଣ୍ଡର ବିରେନ୍ଦ୍ର ଲାକ୍ରାଙ୍କୁ ପଛରେ ପକାଇ ଷ୍ଟିଫେନ ଜେନେସଙ୍କୁ ବଲ ଦେଇଥିଲେ। ଜେନେସ ୪୩ତମ ମିନିଟ୍‌ରେ ଭାରତୀୟ ଗୋଲ କିପର ପି.ଆର. ଶ୍ରୀଜେସଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିଥିଲେ। ଏଥିସହ ଜେନେସ ପରାଜୟ ବ୍ୟବଧାନକୁ କମାଇଥିଲେ। କିନ୍ତୁ ଶ୍ରୀଜେସ ସାରା ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିଲେ ଓ ନ୍ୟୁଜିଲାଣ୍ଡର ଏକାଧିକ ଆକ୍ରମଣକୁ ପଣ୍ଡ କରିଥିଲେ। ମ୍ୟାଚ୍‌ର ଅନ୍ତିମ ମୁହୂର୍ତ୍ତରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତକୁ ବିଜୟୀ କରାଇଥିଲେ। ମ୍ୟାଚ୍ ଶେଷ ହେବାକୁ ୨୪ ସେକେଣ୍ଡ ବାକିଥିବା ବେଳେ ନ୍ୟୁଜିଲାଣ୍ଡ ପେନାଲ୍ଟି କର୍ନର ପାଇଥିଲା। ତେବେ ଶ୍ରୀଜେସ ନ୍ୟୁଜିଲାଣ୍ଡକୁ ନିରାଶ କରିଥିଲେ। ବିଜୟୀ ହୋଇଥିଲେ ମଧ୍ୟ ଭାରତର ପେନାଲ୍ଟି କର୍ନର ନେଇ ଭାରତର ପୁରୁଣା ଦୁର୍ବଳତା ଏହି ମ୍ୟାଚ୍‌ରେ ଦେଖିବାକୁ ମିଳିଥିଲା।

**ଅଲିମ୍ପିକ୍ସ ପୁରୁଷ ହକି**

ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଥିବାରୁ ଭାରତୀୟ କୋଚ୍ ଗ୍ରାହାମ ରିଡ୍ ଖୁସି ଜାହିର କରିଛନ୍ତି। ତେବେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଆମକୁ ଏକାଧିକ ବିଭାଗରେ ତ୍ରୁଟି ସୁଧାରି ଭଲ ପ୍ରଦର୍ଶନ କରିବାକୁ ହେବ। ଅଲିମ୍ପିକ ଭଳି ଇଭେଣ୍ଟରେ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ୩ ପଏଣ୍ଟ ହାସଲ କରିବା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ରିଡ କହିଛନ୍ତି। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟରରେ ଆମେ ଭଲ ଖେଳିଥିଲୁ। କିନ୍ତୁ ପ୍ରଥମ ଓ ଚତୁର୍ଥ କ୍ୱାର୍ଟରରେ ଆମର ପ୍ରଦର୍ଶନ ଆଶାନୁରୂପ ହୋଇପାରି ନ ଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ମ୍ୟାଚ୍‌ର ଭିଡିଓ ଦେଖିବାକୁ ପରେ ଆମେ ତ୍ରୁଟି ଚିହ୍ନଟ କରିବୁ ଓ ଏହାକୁ ସୁଧାରିବାକୁ ପ୍ରୟାସ କରିବୁ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ପ୍ରକୃତ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। କିନ୍ତୁ ଏଥିପାଇଁ ଆମେ ପ୍ରସ୍ତୁତ ରହିଛୁ ବୋଲି ରିଡ୍ କହିଛନ୍ତି।

# ପ୍ରମୋଦ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୨୪।୭ (ପି.ଟି.)**


ପ୍ରମୋଦ ଭଗତ

ବିଶ୍ୱର ନମ୍ବର ଓ୍ୱାନ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଓଡ଼ିଶାର ପ୍ରମୋଦ ଭଗତ ଭାରତୀୟ କ୍ରୀଡ଼ା ସମ୍ମାନ ୨୦୧୯ ପାଇଁ ବର୍ଷର ଶ୍ରେଷ୍ଠ ଭିନ୍ନକ୍ଷମ କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। କରୋନା ମହାମାରୀ ଯୋଗୁ ଏହି ପୁରସ୍କାର ଘୋଷଣା ବିଳମ୍ବ ଘଟିଥିଲା। ବିରାଟ କୋହଲି ଫାଉଣ୍ଡେଶନର ମିଳିତ ସହଯୋଗରେ ଆରପିଏସ୍‌ଜି ଗ୍ରୁପ୍ ଦ୍ୱାରା ୨୦୧୭ରୁ ପ୍ରତିବର୍ଷ ଭାରତୀୟ କ୍ରୀଡ଼ା ସମ୍ମାନ ପ୍ରଦାନ କରାଯାଇ ଆସୁଅଛି। ଭାରତର ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଭଗତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ପୁରସ୍କାର ପାଇବା ଲାଗି ବିବେଚିତ ହୋଇଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ଆସନ୍ତା ପାରାଲିମ୍ପିକ୍ସରେ ଉନ୍ନତ ପ୍ରଦର୍ଶନ ପାଇଁ ଏହି ସମ୍ମାନ ତାଙ୍କ ମନୋବଳ ବୃଦ୍ଧି କରିବାରେ ସହାୟକ ହେବ। ଭଗତ ଅଗଷ୍ଟ ୨୪ରୁ ଟୋକିଓରେ ଆରମ୍ଭ ହେବାକୁଥିବା ପାରାଲିମ୍ପିକ୍ସର ସିଙ୍ଗଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାଗ ନେବେ।

# ପ୍ରଥମ ଟି୨୦ ଆଜି

**କଲମ୍ବୋ,୨୪।୭ (ପି.ଟି.)**

ଦିନିକିଆ ସିରିଜରେ ୨-୧ରେ ବିଜୟ ହାସଲ କରିବା ପରେ ଶିଖର ଧାୱନଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ଖେଳିବ। ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ରବିବାର ପ୍ରଥମ ଟି୨୦ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ମିଷ୍ଟ୍ରି ସ୍ପିନର ତଥା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ତାରକା ବରୁଣ ଚକ୍ରବର୍ତ୍ତୀ ଏହି ମ୍ୟାଚ ଖେଳିବା ସହ ଟି୨୦ ଡେବ୍ୟୁ କରିବେ। ଅନ୍ତିମ ଦିନିକିଆ ପରାଜୟ ପରେ ଭାରତ ଟି୨୦ରେ ଭଲ ପ୍ରଦର୍ଶନ କରିବାକୁ ପ୍ରୟାସ କରିବ। ୟୁଏଇରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ବରୁଣ ଭାରତୀୟ ଦଳରେ ସାମିଲ ହେବା ଯଥେଷ୍ଟ ସମ୍ଭାବନା ରହିଛି। ତାମିଲିନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ତାଙ୍କ ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା ଓ ଏଥିପାଇଁ ତାଙ୍କୁ ଆଇପିଏଲ୍ ଚୁକ୍ତି ମିଳିଥିଲା। ସେହିପରି ଦେବଦତ୍ତ ପଡିକାଲ ଓ ଋତୁରାଜ ଗାଏକ୍ୱାଡ ମଧ୍ୟ ଟି୨୦ ଡେବ୍ୟୁ କରିବେ। ପୃଥ୍ୱୀ ଶ ଓ ସୂର୍ଯ୍ୟକୁମାର ଯାଦବ ଇଂଲଣ୍ଡ ଯିବାର କାର୍ଯ୍ୟକ୍ରମ ଥିବାରୁ ଟିମ୍ ମ୍ୟାନେଜମେଣ୍ଟ ଏମାନଙ୍କୁ ନେଇ କୌଣସି ରିସ୍କ ନେବ ନାହିଁ। ଇଶାନ କିଷନ, ସଞ୍ଜୁ ସାମ୍‌ସନ, ହାର୍ଦ୍ଦିକ ଓ କ୍ରୁନାଲ ପାଣ୍ଡ୍ୟା ଖେଳିବା ନିଶ୍ଚିତ। ତେବେ ମନୀଷ ପାଣ୍ଡେଙ୍କୁ ଡ୍ରପ୍ କରାଯାଇପାରେ। ବିଶ୍ରାମ ପରେ ଦ୍ରୁତ ବୋଲର ଭୁବନେଶ୍ୱର କୁମାର, ଦୀପକ ଚହର ପ୍ରତ୍ୟାବର୍ତ୍ତନ କରିବେ। ଯୁଜବେନ୍ଦ୍ର ଚହଲ, କ୍ରୁନାଲ ଓ ବରୁଣ ସ୍ପିନ୍ ବିଭାଗ ସମ୍ଭାଳିବେ।
**ସମୟ: ରାତି ୮ଟା**
**ସ୍ଥାନ: କଲମ୍ବୋ**
**ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱର୍କ**

# ମହିଳା ହକି ଦଳ ହାରିଲା

**ଟୋକିଓ, ୨୪।୭(ପି.ଟି.)**

ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଥିବାବେଳେ ମହିଳା ଦଳ ପ୍ରଥମ ମ୍ୟାଚରେ ହାରି ଯାଇଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ଦଳ ୧-୫ ଗୋଲରେ ନେଦରଲାଣ୍ଡଠାରୁ ପରାଜିତ ହୋଇଛି। ମ୍ୟାଚର ୬ଷ୍ଠ ମିନିଟରେ ଫେଲିସେ ଆଲବେର୍ସ ଗୋଲ ଦେଇ ନେଦରଲାଣ୍ଡକୁ ଅଗ୍ରଣୀ କରାଇଥିବାବେଳେ ୧୦ମ ମିନିଟରେ ଭାରତୀୟ ଅଧିନାୟିକା ରାଣୀ ରାମପାଲ ଗୋଲଟିକୁ ପରିଶୋଧ କରିବାରୁ ପ୍ରଥମାର୍ଦ୍ଧ ସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ନେଦରଲାଣ୍ଡ ୪ଟି ଗୋଲ ଦେଇଥିଲା। ମାର୍ଗୋଟ ଭାନ୍ ଗେଫେନ ୩୩, ଆଲବେର୍ସ ୪୩, ଫ୍ରେଡରିକ୍ ମାଟଲା ୪୫ ଓ ଜ୍ୟାକଲିନ ଭାନ୍ ମାସାକେର ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚଳିତ ମାସ ୨୬ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ଜର୍ମାନୀକୁ ଭେଟିବ।

# ନାଗାଲ ୨୫ ବର୍ଷରେ ପ୍ରଥମ ଭାରତୀୟ

**ଟୋକିଓ, ୨୪।୭ (ପି.ଟି.)**

ଅଲିମ୍ପିକ ଗେମ୍ସରେ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ ଜିତିବାରେ ସୁମିତ ନାଗାଲ ୨୫ବର୍ଷରେ ପ୍ରଥମ ଏବଂ ମୋଟ ଉପରେ ତୃତୀୟ ଭାରତୀୟ ବିବେଚିତ ହୋଇଛନ୍ତି। ସେ ଶନିବାର ଏକ ୩ ସେଟ୍ ବିଶିଷ୍ଟ ମ୍ୟାଚରେ ଉଜବେକିସ୍ତାନର ଡେନିସ ଇସ୍ତୋମିନଙ୍କୁ ୬-୪, ୬-୭ (୬),


ସୁମିତ ନାଗାଲ

୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଆରିଏକ୍ ଟେନିସ ସେଣ୍ଟରର ୧୦ମ କୋର୍ଟରେ ଏହି ମ୍ୟାଚ ୨ ଘଣ୍ଟା ୩୪ ମିନିଟରେ ଶେଷ ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୨ ନମ୍ବର ଡାନିଲ ମେଡ୍‌ଭେଡେଭଙ୍କୁ ଭେଟିବେ। ଜିଶାନ ଅଲି ପ୍ରଥମ ଭାରତୀୟ ଭାବେ ୧୯୮୮ ସିଓଲ ଗେମ୍ସରେ ଏକ ସିଙ୍ଗଲ୍ସ ମ୍ୟାଚ ଜିତିଥିଲେ। ସେ ପାରାଗୁଏର ଭିକ୍ଟୋ କାବାଲେରୋଙ୍କୁ ପରାସ୍ତ କରିଥିଲେ। ପରେ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ୧୯୯୬ ଆଟଲାଣ୍ଟା ଗେମ୍ସରେ ବ୍ରାଜିଲର ଫର୍ନାଣ୍ଡୋ ମେଲିଜେନିଙ୍କୁ ପରାସ୍ତ କରି ପୁରୁଷ ସିଙ୍ଗଲ୍ସରେ ଐତିହାସିକ ବ୍ରୋଞ୍ଜ ସଫଳତା ହାସଲ କରିଥିଲେ। ତାଙ୍କ ପରେ କୌଣସି ଭାରତୀୟ ଗୋଟିଏ ହେଲେ ସିଙ୍ଗଲ୍ସ ମ୍ୟାଚ ଜିତିପାରି ନାହାନ୍ତି। ଲଣ୍ଡନରେ ୨୦୧୨ ଗେମ୍ସ ବେଳେ ସୋମ ଦେବବର୍ମନ ଓ ବିଷ୍ଣୁ ବର୍ଦ୍ଧନ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଥିଲେ।

# ବିଶ୍ୱର ୩ ନମ୍ବର ଯୋଡ଼ିକୁ ହରାଇଲେ ଚିରାଗ-ସାତ୍ୱିକ

**ଟୋକିଓ, ୨୪।୭ (ପି.ଟି.)**

ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରେଙ୍କୀ ଓ ଚିରାଗ ସେଟ୍ଟି ଅଲିମ୍ପିକ୍ସର ଏକ ପୁରୁଷ ଡବଲ୍ସ ମ୍ୟାଚରେ ବିଶ୍ୱର ୩ ନମ୍ବର ଯୋଡ଼ି ଚାଇନିଜ ତାଇପେର ୟାଙ୍ଗ ଲି ଓ ଚିଲିନ୍ ଓ୍ୱାଙ୍ଗ୍‌କୁ ହରାଇ ଦେଇଛନ୍ତି। ସିଙ୍ଗଲ୍ସ ଇଭେଣ୍ଟରେ କିନ୍ତୁ ଭାରତୀୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଚଳିତ ବର୍ଷ ପ୍ରାରମ୍ଭରେ ଥାଇଲାଣ୍ଡରେ ୟୋନେକ୍ସ ଥାଇଲାଣ୍ଡ ଓପନ, ଟୋୟୋଟା ଥାଇଲାଣ୍ଡ ଓପନ୍ ଏବଂ ବିଡବ୍ଲ୍ୟୁଏଫ୍ ଓ୍ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ପଛକୁ ପଛ ଟାଇଟଲ ଜିତିଥିବା ତୃତୀୟ ସିଡ୍ ଲି ଓ ଓ୍ୱାଙ୍ଗ୍‌କୁ ବର୍ତ୍ତମାନ ବିଶ୍ୱର ୧୦ ନମ୍ବର ର‍୍ୟାଙ୍କିଙ୍ଗପ୍ରାପ୍ତ ଚିରାଗ ଓ ସାତ୍ୱିକ ୨୧-୧୬, ୧୬-୨୧, ୨୭-୨୫ରେ ହରାଇ ଦେଇଛନ୍ତି। ଭାରତୀୟ ଯୋଡ଼ି ସେମାନଙ୍କ ପରବର୍ତ୍ତୀ ମୁକାବିଲାରେ ରବିବାର ବିଶ୍ୱର ନମ୍ବର ଓ୍ୱାନ ଇଣ୍ଡୋନେସିଆର ମାର୍କସ ଫର୍ନାଲ୍‌ଡି ଜିଡେଅନ୍ ଓ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋଙ୍କୁ ଭେଟିବେ। ଅନ୍ୟପକ୍ଷରେ ଗ୍ରୁପ୍ ଡି'ର ଏକ ପୁରୁଷ ସିଙ୍ଗଲ୍ସରେ ୧୩ ତମ ବି. ସାଇପ୍ରଣୀଥ ବିଶ୍ୱର ୪୭ ନମ୍ବର ଖେଳାଳି ଇସ୍ରାଏଲର ମିଶା ଜିଲ୍‌ବରମାନଙ୍କଠାରୁ ୧୭-୨୧, ୧୫-୨୧ରେ ହାରିଯାଇଛନ୍ତି।

# ସୂର୍ଯ୍ୟକୁମାର, ପୃଥ୍ୱୀ, ଜୟନ୍ତ ଇଂଲଣ୍ଡ ଯିବେ

**ନୂଆଦିଲ୍ଲୀ, ୨୪।୭(ପି.ଟି.)**

ସୂର୍ଯ୍ୟକୁମାର ଯାଦବ, ପୃଥ୍ୱୀ ଶ' ଏବଂ ଜୟନ୍ତ ଯାଦବ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଟେଷ୍ଟ ଦଳରେ ସାମିଲ ହେବାପାଇଁ ଇଂଲଣ୍ଡ ଯିବେ। ସମ୍ପ୍ରତି ଇଂଲଣ୍ଡରେ ଥିବା ଖେଳାଳିଙ୍କ ମଧ୍ୟରୁ ୩ ଜଣ ଆହତ ଅଛନ୍ତି। ତେଣୁ ବଦଳ ଖେଳାଳିଭାବେ ଏହି ତିନିଜଣ ଇଂଲଣ୍ଡ ଗସ୍ତ କରିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରକାଶ କରାଯାଇଛି। ଫଳରେ ସୂର୍ଯ୍ୟକୁମାର ଟେଷ୍ଟ ପଦାର୍ପଣ ସମ୍ଭାବନା ବଢ଼ିଛି। ପୂର୍ବରୁ ଦଳସହ ଇଂଲଣ୍ଡ ଗସ୍ତ କରିଥିବା ଶୁବମନ ଗିଲ, ଓ୍ୱାଶିଂଟନ ସୁନ୍ଦର ଓ ଆଭେଶ ଖାଁ ଆହତ ହୋଇ ବାଦ୍ ପଡ଼ିଛନ୍ତି। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ ଅଗଷ୍ଟ ୪ରୁ ଆରମ୍ଭ ହେବ। ଶୁବମନ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅବସରରେ ଆହତ ହୋଇଥିଲେ।

# ଭୁବନେଶ୍ୱରଙ୍କୁ ଖେଳାଇବାର ଥିଲା

**ଭିଭିଏସ୍ ଲକ୍ଷ୍ମଣ**

ଶ୍ରୀଲଙ୍କା ବିପକ୍ଷ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ଭାରତୀୟ ଦଳରେ ଯେଉଁ ପରିବର୍ତ୍ତନ କରାଯାଇଥିଲା, ସେଥିରେ ମୁଁ ସାମାନ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ମ୍ୟାଚର ଫଳାଫଳ ଦୃଷ୍ଟିରୁ ମୁଁ ଏକଥା କହୁ ନାହିଁ। ଦଳରେ ବହୁ ପ୍ରତିଭା ରହିଛନ୍ତି। ପଦାର୍ପଣ କରିବା ଦ୍ୱାରା ସେମାନେ ନଜରକୁ ଆସିପାରିଛନ୍ତି। ହେଲେ ବିଶେଷକରି ବୋଲିଂ ବିଭାଗରେ ସ୍ଥିରତାକୁ ମୁଁ ପସନ୍ଦ କରିଥାଏ। ଟି୨୦ ସିରିଜ ପୂର୍ବରୁ ଭୁବନେଶ୍ୱର କୁମାରଙ୍କୁ ଏହି ମ୍ୟାଚରେ ଖେଳାଯିବା ଉଚିତ ଥିଲା। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ବିଶ୍ୱ କପ୍ ହେବାକୁ ଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ଥିଲା। ଶେଷ ମ୍ୟାଚରେ ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କୁ ନେବାର ଥିଲା। ହ୍ୱାଇଟ୍‌ବଲ କ୍ରିକେଟର ମିଡ୍‌ଲ ଓଭରଗୁଡ଼ିକରେ ସ୍ପିନ୍ ବୋଲିଂର ଗୁରୁତ୍ୱ ରହିଛି। ପଦାର୍ପଣ ମ୍ୟାଚରେ ଚେତନ ସାକାରିୟାଙ୍କ ପ୍ରଦର୍ଶନ ମୋତେ ପ୍ରଭାବିତ କରିଛି। ରାହୁଲ ଚହର ବିଶେଷକରି ତାଙ୍କ ଶେଷ ସ୍ପେଲ୍‌ରେ ଭଲ ବୋଲିଂ କରିଛନ୍ତି। ଲେଗ୍ ବ୍ରେକ୍ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ରବିବାରଠାରୁ ଆରମ୍ଭ ହେବାକୁଥିବା ଶ୍ରୀଲଙ୍କା ବିପକ୍ଷ ତିନୋଟି ଯାକ ଟି୨୦ରେ ଖେଳାଯିବା ମୁଁ ଉଚିତ ମନେକରୁଛି। ଏହାଦ୍ୱାରା ଟି୨୦ ବିଶ୍ୱକପ୍‌ରେ ବିରାଟ କୋହଲି ଏବଂ ରବିଶାସ୍ତ୍ରୀ ତାଙ୍କୁ ଅନ୍ୟତମ ବିକଳ୍ପ ଖେଳାଳିଭାବେ ବ୍ୟବହାର କରିପାରନ୍ତି। ପୃଥ୍ୱୀ ଶ'ଙ୍କଠାରୁ ଆଉଥରେ ଦୃଢ ବ୍ୟାଟିଂ ଦେଖିବାକୁ ମିଳିଲା। ସଞ୍ଜୁ ସାମ୍‌ସନ ଯେପରି ଖେଳୁଥିଲେ ସେ ତାଙ୍କ ପଦାର୍ପଣ ମ୍ୟାଚ ଖେଳୁଥିବା ଭଳି ମନେ ହେଉ ନ ଥିଲା। ଉଭୟେ ଭଲରୂପେ ସେଟ୍ ହେବା ପରେ ଆଉଟ ହୋଇଯିବା ଦୁର୍ଭାଗ୍ୟଜନକ। ବର୍ଷା ପରେ ପୁଣି ଖେଳ ଆରମ୍ଭ ହେବାରୁ ଭାରତର ଅଯଥାରେ ବ୍ୟାଟିଂ ବିପର୍ଯ୍ୟୟ ହେବାରୁ ବଡ଼ ସ୍କୋର ହୋଇପାରି ନ ଥିଲା। ମୁଁ ଦୃଢ ନିଶ୍ଚିତ ଯେ, ମ୍ୟାଚ ପରେ କୋଚ ରାହୁଲ ଦ୍ରାଭିଡ ଭଲ ଆରମ୍ଭରୁ କିପରି ବଡ଼ ସ୍କୋରରେ ରୂପାନ୍ତରିତ କରିହେବ ତାହାର ତରିକା ବତାଇଥିବେ। ଆକର୍ଷଣୀୟ ୩୦ ଅବା ୪୦ ରନ ଦଳ ପାଇଁ ସବୁ ସମୟରେ ଯଥେଷ୍ଟ ହେବ ନାହିଁ। ପ୍ରଥମ ମ୍ୟାଚରେ ଶିଖର ଧାୱନଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଭାରତୀୟ ବ୍ୟାଟ୍ସମ୍ୟାନ କୌଣସି ଷ୍ଟେଜ୍‌ରେ ୬୦ ଛୁଇଁ ପାରିନାହାନ୍ତି। ଟାର୍ଗେଟ ହାସଲର ନିକଟବର୍ତ୍ତୀ ହେବା ବେଳେ ଶ୍ରୀଲଙ୍କା ଯଦିଓ ସାମାନ୍ୟ ବିଚଳିତ ହୋଇ ପଡ଼ିଥିଲା ମ୍ୟାଚ ଜିତିବା ପାଇଁ ସେ ହକ୍‌ଦାର ଥିଲା। (**ଗେମ୍‌ପ୍ଲାନ୍**)।

SEAGRAM'S
ROYAL STAG
PACKAGED DRINKING WATER






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଲଗାଣ ବର୍ଷାରେ ଭୁଶୁଡିଲା କାନ୍ଥ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲ ଗ୍ରାମର ଛାଲ କର୍ମୀଙ୍କ ମାଟିକାନ୍ଥ ବର୍ଷାଯୋଗୁ ଭୁଶୁଡି ପଡିଛି। ହେଲେ ଏଥିରୁ ଛାଲ, ସ୍ତ୍ରୀ ବନୀତା ଓ ପୁଅ ପ୍ରଶାନ୍ତ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ଗୁରୁବାର ରାତିରୁ ହୋଇଥିବା ଲଗାଣ ବର୍ଷାରେ ତାଙ୍କ ମାଟିକାନ୍ଥ ଭିଜି ଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ହଠାତ୍ ସେହି ମାଟିକାନ୍ଥ ଭୁଶୁଡି ପଡିଥିଲା। ସାହି ପଡିଶା ଘଟଣାସ୍ଥଳକୁ ଆସି ଘରେ ଥିବା ୩ଜଣଙ୍କୁ ଉଦ୍ଧାର କରିଥିବା ସ୍ଥାନୀୟ ସମିତି ସଭ୍ୟ ହେମାଳ ମେଶ୍ରା କହିଛନ୍ତି। ତିନି ଥର ସର୍ଭେ କରି କାଗଜାତ ସଂଗ୍ରହ କରାଯାଇଥିଲେ ସୁଦ୍ଧା ଛାଲ ଘର ପାଇଁ ତାଲିକାଭୁକ୍ତ ନହେବା ପରିତାପର ବିଷୟ ବୋଲି ଅଭିଯୋଗ ହୋଇଛି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି।

## ସଂକ୍ଷେପରେ

### ଜମିବିବାଦ ମାମଲା: ଜେଲଗଲେ ଆଉ ୪ ଅଭିଯୁକ୍ତ

ଲୋଇସିଂହା,୨୪।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁଟୁରାପାଲି ଗ୍ରାମରେ ପୈତୃକ ଜମି ବିବାଦକୁ କେନ୍ଦ୍ର କରି ଗତ ଜୁନ ୨୦ ତାରିଖରେ ଦୁଇପକ୍ଷ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ପ୍ରସନ୍ନ ବାଗଙ୍କର ମୃତ୍ୟୁ ଘଟିଥିବା ବେଳେ ଉଭୟ ପକ୍ଷର ୭ଜଣ ଆହତ ହୋଇଥିଲେ। ଉଭୟ ପକ୍ଷର ଏତଲା ପରେ ପୋଲିସ ୨ଟି ପୃଥକ ମାମଲା ରୁଜୁ କରିଥିଲା। ମୃତ ପ୍ରସନ୍ନଙ୍କ ପୁତୁରା ବିକାଶଙ୍କ ଅଭିଯୋଗକୁ ଭିତ୍ତି କରି ଜୁନ ୨୨ତାରିଖରେ ୭ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଅପରପକ୍ଷେ ପ୍ରତିପକ୍ଷ ରାମପ୍ରସାଦ ବାଗଙ୍କ ଅଭିଯୋଗକୁ ଭିତ୍ତି କରି ଅନ୍ୟ ଏକ ମାମଲା (ନଂ.୧୭୬/୨୧) ରୁଜୁ ହୋଇଥିଲା। ସେହି ଘଟଣାରେ ଅଭିଯୁକ୍ତ ଥାଇ ଘଟଣା ପରଠାରୁ ଡାକ୍ତରଖାନାରେ ଚିକିତ୍ସିତ ଥିବା ମୃତକଙ୍କ ପରିବାରର ୪ଜଣଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଦଶରଥ ବାଗ, ଆକାଶ ବାଗ, ସୁନୀଲ ବାଗ ଓ କସରଥ ବାଗ।

### ବିଭିନ୍ନ ସ୍ଥାନରୁ ମଦ ଜବତ, ୪ ଗିରଫ

ଲୋଇସିଂହା,୨୪।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା, ମୁରଖୁଣ୍ଡି, ବକଟି ଏବଂ ଝାରବନ୍ଧଲିର ଏକ ଢାବାରେ ପୋଲିସ ଶନିବାର ଚଢାଉ କରି ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏହି ଘଟଣାର ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପ୍ରତାପ ସାହୁ, ଶେଷଦେବ ରାଉତ, ସେମନ୍ତି ପାଣ୍ଡେ, ଅନ୍ତର୍ଯ୍ୟାମୀ ପଧାନ। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସାଲଭଟା ବସଷ୍ଟାଣ୍ଡ ସ୍ଥିତ ପ୍ରତାପ ସାହୁଙ୍କଠାରୁ ୧୧ଲିଟର ଦେଶୀ ମଦ ପାଉଚ, ମୁଖୁଣ୍ଡି ଗ୍ରାମର ଶେଷଦେବ ରାଉତଙ୍କଠାରୁ ୧୨ଲିଟରର ଦେଶୀମଦ, ବକଟିର ସେମନ୍ତି ପାଣ୍ଡେଙ୍କଠାରୁ ୫୫ଟି ଦେଶୀ ପାଉଚ ଜବତ କରାଯାଇଥିଲା। ଜଙ୍ଗଲି ଢାବାରୁ ୫୦ଦେଶୀ ପାଉଚ ଏବଂ ୬ ବୋତଲ ବିଦେଶୀ ଜବତ କରାଯିବା ସହ ଅନ୍ତର୍ଯ୍ୟାମୀ ପଧାନକୁ ଗିରଫ କରାଯାଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି।

### ବଡଦେଓ ପାଠାଗାର ଉଦ୍‌ଘାଟିତ

ଲୋଇସିଂହା,୨୪।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଆଦିବସୀ ଭବନଠାରେ ବଡଦେଓ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଖିଳ ଭାରତୀୟ ଗଣ୍ଡୱାନା ଗଣ୍ଡ ମହାସଭା ଲୋଇସିଂହା ଆୟୋଜନ ସମିତି ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାରେ ବ୍ଲକ ସଭାପତି ଦଶରଥ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଏହି ପାଠାଗାର ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ସହାୟକ ହେବ ବୋଲି ବିଧାୟକ ମହାଲିଙ୍ଗ କହିଥିଲେ। ଉପଜିଲାପାଳ ଲମ୍ବୋଦର ଧରୁଆ, ଆଇଆଇସି ରମାକାନ୍ତ ଜେନା, ଡାକ୍ତର ପ୍ରତିମା ସୋରେନ, ସସମାଜର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଖାମସିଂ ମାଝି, ଉପଦେଷ୍ଟା ହୋମ ସିଂ ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭାରେ ୱେବନାର ମାଧ୍ୟମରେ ସାମିଲ ହେଇ ନବରଙ୍ଗପୁର ଏମ୍‌ପି ରମେଶ ମାଝି ଶିକ୍ଷାକୁ ପ୍ରାଧାନ୍ୟ ଦେଇ ସମାଜକୁ ଉନ୍ନତି ପଥରେ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହିଳା ଆୟୋଜନ ସମିତି ଗଠନ ଓ ପରିବେଶ ଉପରେ ପ୍ରତିଯୋଗିତା କରାଯାଇଥିଲା।

### ଗଞ୍ଜେଇ ଜବତ: ୩ ଗିରଫ

କନ୍ଧମାଳ/ବାଉଁଶୁଣୀ,୨୪।୭(ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ପକ୍ଷରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଗତ ଶୁକ୍ରବାର ଦିନ ମନମୁଣ୍ଡା ଥାନା ଏସଆଇ ସସ୍ମିତା ମଗର ଓ ଅନ୍ୟ କର୍ମଚାରୀମାନେ ଦିନ ବେଳା ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଗବଜୋର ରାସ୍ତାରେ ଏକ ମିନିଟ୍ରକ (ସିଜି ୦୮ଏଏଚ/୨୮୨୦) ଆସୁଥିବା ବେଳେ ପୋଲିସ କର୍ମଚାରୀ ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ସମୟରେ ଉକ୍ତ ମିନି ଟ୍ରକରେ ଗଞ୍ଜେଇ ଥିବା ଜଣାପଡିଥିଲା। ମିନି ଟ୍ରକରୁ ୨କୁଇଣ୍ଟାଲ ୨୪ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଗାଡିରେ ଥିବା ଛତିଶଗଡ ରାଜ୍ୟ ସରୁଗୁଜ ଜିଲା ଭିଡିକଲାନ ଗାଁର ଭଦର ଓରଫ ସୋନଭଦ୍ର ରାଓଡେ(୨୪), ସନ୍ତୋଷ କୁମାର ଅଗ୍ରିଆ(୨୨) ଓ ବୌଦ୍ଧ ଜିଲା ରୁଣ୍ଡିମହୁଲ ଗ୍ରାମର ଲିଙ୍କନ ସାହୁ (୨୧)ଙ୍କୁ ଗିରଫ କରାଯାଇଛି।

# ସୁବର୍ଣ୍ଣପୁର ଜିଲାରେ ନାହିଁ ଶୀତଳଭଣ୍ଡାର

ସୋନପୁର,୨୪।୭(ନି.ପ୍ର.)

■ବଡ଼ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ସରକାରଙ୍କ ଅନୁମତି ମିଳୁନି

■ମାର୍କେଟ୍ ୟାର୍ଡରେ ୩ଟି ଛୋଟ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଯୋଜନା

ସୁବର୍ଣ୍ଣପୁର ଜିଲାର ଚାଷୀ ପନିପରିବା, ଆମ୍ବ, ପିଜୁଳି, ତରଭୁଜ ଭଳି ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। କିନ୍ତୁ ଆବଶ୍ୟକ ବଜାର ଓ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ପନିପରିବା, ପିଆଜ, ଆଳୁ ଓ ଫଳ ଚାଷୀ ଖୁବ୍ କମ୍ ଦରରେ ଉତ୍ପାଦିତ ସାମଗ୍ରୀ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ବଜାରରେ ପନିପରିବା ଦର ଆକାଶଛୁଆଁ ଥିବା ବେଳେ ଏହାର ପ୍ରକୃତ ମୂଲ୍ୟ ଚାଷୀ ପାଉନି। ଖରିଫ ଋତୁରେ ଏହି ଜିଲାରେ ୫୦୦୦ ହେକ୍ଟର ଓ ରବିରେ ୯୦୦୦ ହେକ୍ଟର ଚାଷ ଜମିରେ ପନିପରିବା ଚାଷ ହୋଇଥାଏ। ନଦୀନାଳ ପରିପୂର୍ଣ୍ଣ ଏହି ଜିଲାରେ ଉଦ୍ୟାନ କୃଷି ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ମାତ୍ର ଜିଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ। ଚାଷୀମାନେ ନିଜର ପନିପରିବା ସଂରକ୍ଷିତ କରି ରଖି ପାରୁନାହାନ୍ତି। ଗତ କିଛି ବର୍ଷ ହେଲା ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ତରଭା ବ୍ଲକର ଗରାମହୁଲରେ ପ୍ରଥମ ଶୀତଳ ଭଣ୍ଡାର ସ୍ଥାପନ ହେବ ବୋଲି ବିଭିନ୍ନ ସଭା ସମିତିରେ କହି ଆସୁଥିଲେ। କିନ୍ତୁ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହା ସମ୍ଭବ ହେଉନି।

ଜିଲାର ସୋନପୁର, ବିନିକା, ତରଭା, ଉଲୁଣ୍ଡା ଓ ବୀରମହାରାଜପୁରରେ ପର୍ଯ୍ୟାପ୍ତ ପରିମାଣରେ ପୋଟଳ, ଟୋମାଟୋ, ବାଇଗଣ, ଝୁଡଙ୍ଗ, ଭେଣ୍ଡି, କାକୁଡି, କଲରା, ପିଆଜ, ରସୁଣ, ଆଳୁ, ଲଙ୍କା ଭଳି ପନିପରିବା ଚାଷ ହେଉଛି। ତେବେ ଚାଷ ପାଇଁ ସରକାରଙ୍କ ପକ୍ଷରୁ ଯେତିକି ପ୍ରୋତ୍ସାହନ ମିଳିବା କଥା ତାହା ମିଳୁ ନଥିବା ଚାଷୀ ଅଭିଯୋଗ କରୁଛନ୍ତି। ୨୦୧୪-୧୫ରେ ଆଳୁ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପିଆଜ ଚାଷକୁ ମଧ ପ୍ରୋତ୍ସାହନ ମିଳିଥିଲା। କିନ୍ତୁ ଶୀତଳ ଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଓ ଆଳୁ ପଚି ନଷ୍ଟ ହେଲା। ଚାଷୀ କମ୍ ଦରରେ ବିକ୍ରି କରିବାକୁ ବାଧ ହେଲେ। ଜିଲାର ଡୁଙ୍ଗୁରିପାଲି ଆରଏମସି ପକ୍ଷରୁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଉଦ୍ୟାନ ବିଭାଗ ପକ୍ଷରୁ ଏଥିପାଇଁ ସ୍ୱୀକୃତି ମିଳିଥିଲା। ଗୋରାମହୁଲରେ ଜମି ଅଧିଗ୍ରହଣ ହୋଇଥିଲା। ଆରଏମସି ପକ୍ଷରୁ ୩ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ ହୋଇ ରାଜ୍ୟ ସରକାରଙ୍କୁ ପଠାଯାଇଥିଲା। ପ୍ରାକ୍ତନ ଜିଲାପାଳ ମୋନିଷା ବାନାର୍ଜୀ ରାଜ୍ୟ କୃଷି ଓ ବିପଣନ ପରିଷଦର ନିର୍ଦ୍ଦେଶକଙ୍କୁ ଏ ସମ୍ପର୍କରେ ଚିଠି ଲେଖିଥିଲେ। ମାତ୍ର ସରକାର ଅନୁମତି ଦେଲେନି। ଡୁଙ୍ଗୁରିପାଲି ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ କୁହନ୍ତି, ବଡ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଅନୁମତି ମିଳିଲାନି। ତେଣୁ ଚାଷୀଙ୍କ ସୁବିଧା ପାଇଁ ତରଭା ବ୍ଲକର ଗରାମହୁଲ, ସୋନପୁର ବ୍ଲକର ବିଶିମୁଣ୍ଡା ଓ କଳାପଥର ମାର୍କେଟ୍ ୟାର୍ଡରେ ମୋଟ ୬୦୦ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ୩ଟି ଶୀତଳ ଭଣ୍ଡାର ଖୁବ୍‌ଶୀଘ୍ର ନିର୍ମାଣ କରାଯିବ।

# ସ୍କୁଲ ପରିଦର୍ଶନ କଲେ ଜିଲାପାଳ



ବରଗଡ଼ ଜିଲାପାଳ ବିଜେପୁର ସରକାରୀ ହାଇସ୍କୁଲ ପରିଦର୍ଶନ କରି ଫେରୁଛନ୍ତି।

ବରଗଡ଼ ଅଫିସ/ବିଜେପୁର,୨୪।୭

ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଶନିବାର ବିଜେପୁର ବ୍ଲକ ଅଧୀନ ବିଜେପୁର, ଖରମୁଣ୍ଡା, ବୈରଖପାଲି, ଯୋଖିପାଲିର ହାଇସ୍କୁଲ ଗୁଡ଼ିକୁ ପରିଦର୍ଶନ କରିଥିଲେ। ଆସନ୍ତା ୨୬ତାରିଖରୁ ହାଇସ୍କୁଲ ଗୁଡ଼ିକ ଖୋଲିବା ସହିତ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେଉଥିବା ଯୋଗୁ ଜିଲାପାଳ ବାନାର୍ଜୀ ଭିତ୍ତିଭୂମି ନିରୀକ୍ଷଣ କରିବା ସହିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ସମୟରେ ବିଜେପୁର ବିଡ଼ିଓ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ। ସେହିପରି ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ବିଜେପୁର ବ୍ଲକର କୁର୍ଲୁଟା ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଉପସ୍ଥିତ ଥିଲେ।

# ଜିଲାପାଳ ଅଫିସ ଘେରିଲା କନ୍ଧ ସମାଜ ଯୁବ ସଙ୍ଗଠନ

ବଲାଙ୍ଗୀର ଅଫିସ, ୨୪।୭




କନ୍ଧ ସମାଜ ଯୁବ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଘେରାଉ କରାଯାଇଛି।

ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ନିମୁର୍ଲା ଗାଁରେ ଗୁଣିଗାରେଡି ସନ୍ଦେହରେ ବାସନ୍ଦ ପରିବାରକୁ ନ୍ୟାୟ ଏବଂ ଅଭିଯୁକ୍ତଙ୍କ ଗିରଫ ଦାବିରେ ଜିଲା କନ୍ଧ ସମାଜ ଯୁବ ସଙ୍ଗଠନ ପକ୍ଷରୁ ଶନିବାର ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। ଏହି ଘଟଣାରେ ସିନ୍ଧେକେଲା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପୀଡିତ ପରିବାର ସଦସ୍ୟମାନେ ଘଟଣାକୁ ନେଇ ଟିଟିଲାଗଡ ଏସଡିପିଓ ଏବଂ ଏସପିଙ୍କୁ ସାକ୍ଷାତ କରିଥିଲେ ମଧ ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଜିଲା କନ୍ଧ ସମାଜ ଯୁବ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। ବିକ୍ଷୋଭକାରୀ ପୋଲିସ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। କନ୍ଧ ସମାଜ ଯୁବ ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ବଲାଙ୍ଗୀର ଜିଲାରେ ଗୁଣିଗାରେଡି, ଅନ୍ଧବିଶ୍ୱାସକୁ ନେଇ ଅନେକ ଗଣ୍ଡଗୋଳ ଓ ଅମାନୁଷିକ ଘଟଣା ଘଟୁଛି। ତେବେ ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେଉନାହିଁ। ନିମୁର୍ଲା ଗ୍ରାମର ବ୍ରଜ ଭୋଇଙ୍କ ପରିବାର ଲୋକଙ୍କୁ ଗୁଣିଗାରେଡି ସନ୍ଦେହରେ ମାଡ ମରାଯିବା ସହ ସାମାଜିକ ବାସନ୍ଦ କରାଯାଇଛି। ଏହି ଘଟଣାରେ ପୀଡିତମାନେ ସରପଞ୍ଚଙ୍କ ଭୂମିକାକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଲୋକେ ଏଭଳି କାଣ୍ଡ ଭିଆଇବାକୁ ଉତ୍ସାହିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

**ନିମୁର୍ଲା ଗାଁରେ ଗୁଣିଗାରେଣି ସନ୍ଦେହରେ ବାସନ୍ଦ ଘଟଣା**

# ଦିନ ଦ୍ୱିପ୍ରହରରେ ସୁନା ଅଳଙ୍କାର ଲୁଟ୍

ବରଗଡ଼ ଅଫିସ/ଅତାବିରା,୨୪।୭

ବରଗଡ଼ ଜିଲା ଗୋଡ଼ଭଗା-ଡୁରୁମ ରାସ୍ତାର ସାଲନା ନିକଟରେ ଶନିବାର ଦିନ ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ସମ୍ବଲପୁରର ସୁନା ବ୍ୟବସାୟୀ ସଞ୍ଜୀବ କଂସଲ ସୁବର୍ଣ୍ଣପୁର ଜିଲା ବିନିକା ପଟୁ ଏହି ରାସ୍ତା ଦେଇ ଏକ ସ୍କୁଟି (ନଂ.ଓଡ଼ି୧୫କେ/୦୬୬୫) ଯୋଗେ ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ଛାନଭିନ୍ ଚଳାଇଛି। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ଲୁଟେରା ଗିରଫ ହୋଇପାରିନାହାନ୍ତି। ସୁନା ବ୍ୟବସାୟୀ ସଞ୍ଜୀବ ସ୍କୁଟିରେ ସୁନା ଅଳଙ୍କାର ଧରି ବ୍ୟବସାୟ ପାଇଁ ବିନିକା ଯାଇ ଫେରୁଥିଲେ। ବାଟରେ ତାଙ୍କୁ ପିଛା କରୁଥିବା ଲୁଟେରାମାନେ ଅପରାହ୍ନ ପ୍ରାୟ ୩ଟାରେ ଅଟକାଇ ସୁନା ଗହଣା ଲୁଟି ପଳାଇଥିଲେ। ଖବର ପାଇ ଅତାବିରା, ଭେଡ଼େନ, ରୁଷୁଡ଼ା, ଗୋଡ଼ଭଗା ଫାଣ୍ଡି ପୋଲିସ ବିଭିନ୍ନ ରାସ୍ତା ସିଲ୍ କରି ଲୁଟେରାଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଟିଟିଲାଗଡ଼, ୨୪।୭ (ଡି.ଏନ.ଏ)

**ହତ୍ୟା ମାମଲା ରୁଜୁ**

ଟିଟିଲାଗଡ ସହର ହାଟପଦା ପଡାରେ ଶନିବାର ଜଣେ ବିବାହିତ ମହିଳାଙ୍କ ମୃତଦେହ କୋଠରିର ପଲଙ୍କ ଉପରେ ପଡିଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତା ମହିଳା ଲିଜା ଡାକୁଆ(୨୭) ଏବଂ ଏଠାରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏକ ଭଡା ଘରେ ରହୁଥିଲେ। ତାଙ୍କ ସ୍ୱାମୀ ଗୁଣନିଧି ଡାକୁଆ ରାୟଗଡା ଜିଲା ମୁନିଗୁଡାରେ କାମ କରୁଥିବା ଜଣାପଡିଛି। ସେମାନଙ୍କ କୌଣସି ସନ୍ତାନ ସନ୍ତତି ନ ଥିଲେ। ଘଟଣା ଦିନ ମହିଳାଙ୍କ ସ୍ୱାମୀ ଗୁଣନିଧି ଘରେ ଅନୁପସ୍ଥିତ ଥିଲେ। ଲିଜା ରହୁଥିବା କୋଠରିକୁ ଆବଦ୍ଧ କରି ରଖିଥିବା ପାଚେରିର ଗେଟ ଖୋଲାଥିବା ସକାଳୁ ଘର ମାଲିକ ଦେଖିଥିଲେ। ତେବେ ସବୁଦିନ ପରି ଲିଜା ପ୍ରାତଃଭ୍ରମଣ ପାଇଁ ଯାଇଥିବା ଘର ମାଲିକ ପ୍ରଥମେ ଭାବିଥିଲେ। ପରେ ସନ୍ଦେହ ହେବାରୁ ଘର ମାଲିକ ଦମ୍ପତି ଉକ୍ତ କୋଠରିକୁ ଯାଇଥିଲେ। ସେତେବେଳେ ଲିଜା ପଲଙ୍କରେ ଶୋଇଥିବା ଅବସ୍ଥାରେ ରହିଥିଲେ। ତାଙ୍କ ମୁହଁରେ ପାଣି ପକାଇଥିଲେ। ହେଲେ ସେ ନ ଉଠିବାରୁ ପୋଲିସକୁ ଖବର ଦେଇଥିଲେ। ଟିଟିଲାଗଡ ଥାନା ଅଧିକାରୀ ରଞ୍ଜନ ବରିହା, ଏସଆଇ ମୋହିନୀ ମଲ୍ଲିକ, ଅକ୍ରୁର ପାତ୍ର ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଦଫା ୩୦୨ରେ ଏକ ମାମଲା(ନଂ.୨୭୩/୨୧) ରୁଜୁ ହୋଇଛି। ତେବେ ମୃତାଙ୍କ ଶରୀରର କୌଣସି ସ୍ଥାନରେ କ୍ଷତଚିହ୍ନ ନଥିବା, ପରିଧାନ କରିଥିବା ବସ୍ତ୍ର ଅକ୍ଷତ ରହିଥିବାରୁ ପୋଲିସ କୌଣସି ସ୍ପଷ୍ଟ ସିଦ୍ଧାନ୍ତରେ ପହଞ୍ଚି ପାରିନାହିଁ। ଭୁବନେଶ୍ୱର ନିବାସୀ ଲିଜା କଳାହାଣ୍ଡି ଜିଲା ବିଶ୍ୱନାଥପୁରର ମୂଳ ନିବାସୀ ଗୁଣନିଧିଙ୍କୁ ପ୍ରେମ ବିବାହ କରିଥିଲେ। ଉଭୟେ ଟିଟିଲାଗଡ ଆସି ଏକ ଭଡା ଘର ନେଇଥିଲେ। ଭାରପ୍ରାପ୍ତ ମାଜିଷ୍ଟ୍ରେଟ କର୍ଣ୍ଣ ମଲ୍ଲିକଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ବରିହା କହିଛନ୍ତି।

# ଗୁରୁ ହିଁ ସମାଜର ପଥ ପ୍ରଦର୍ଶକ

ବରଗଡ଼ ଅଫିସ୍,୨୪।୭



ଗୁରୁ ଦୁଆରୁ ବିର୍ତ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼ ଖଜୁରିଚିକ୍ରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଥିଲା। ପୂଜନୋତ୍ସବରେ ସ୍ୱର୍ଗତ ବାବାଜୀ ହରିଚରଣ ଦାଶ(ବେଣୁବାବା), ପ୍ରାଣବନ୍ଧୁ ବାବା, ଅର୍ଜୁନ ଦାଶ, ଗୋବିନ୍ଦଲାଲ ଦାଶ, ଭିକାରୀ ଚରଣ ମିଶ୍ର, ଗୁରୁ ସହଦେବ ମହାପାତ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ପରିଷଦ ପକ୍ଷରୁ ଗୁରୁ ରାମଚନ୍ଦ୍ର ସାହୁ, ଗୋପାଳ ମିଶ୍ର, ନୀଳ ଦେବତା, ଗୋପାଳ ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ, ସରୋଜ ଷଡ଼ଙ୍ଗୀ, ଶଙ୍କର ପଟ୍ଟନାୟକ, ସୁରେଶ ଗନ୍ତାୟତ ପ୍ରମୁଖଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁ ହିଁ ସମାଜର ପଥ ପ୍ରଦର୍ଶକ ବୋଲି ଉପସ୍ଥିତ ଗୁରୁକୁଳ ମତ ଉପସ୍ଥାପନ କରିଥିଲେ। ଶ୍ରୀମଦ୍ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶିଷ୍ୟ ମଣ୍ଡଳୀ ତଥା ପୀଠ ପରିଷଦ ଅନ୍ତର୍ଗତ ବରଗଡ଼ ଶାଖାର ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ଆନୁକୂଲ୍ୟରେ ଗୁରୁପୂଜନ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଟାଉନ ଥାନା ପରିସରସ୍ଥ ବଟେଶ୍ୱର ମହାଦେବ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଅମ୍ବାପାଲିରେ ସଂସ୍କାର ଭାରତୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଯୋଜକ ଜୟନ୍ତ ମହାରଣା, ସଭାପତି ସଞ୍ଜୟ ଶତପଥୀ, ସମ୍ପାଦକ ପଞ୍ଚାନନ ବିର୍ତ୍ତିଆ, ପୂର୍ବତନ ସଭାପତି ଗଣେଶ ଦାଶ, ପୂର୍ବତନ ସମ୍ପାଦକ ଅଶୋକ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଧନୁଯାତ୍ରା କଳାକାର ଦୁଆରୁ ବିର୍ତ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ତଦନ୍ତ ପାଇଁ ପହଞ୍ଚିଲେ ସମବାୟ ସହକାରୀ ନିବନ୍ଧକ

ବାଉଁଶୁଣୀ,୨୪।୭(ଡି.ଏନ.ଏ.)

ବୌଦ୍ଧ ବ୍ଲକ କନ୍ଧମାଳ ସେବା ସମବାୟ ସମିତି ଅଧୀନ ଚାଷୀମାନେ ୨୦୧୫ ମସିହାରେ କୃଷିବୀମା କରିଥିଲେ ହେଁ ଅଦ୍ୟାବଧି କ୍ଷତିପୂରଣ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ କନ୍ଧମାଳଠାରେ ରାସ୍ତା ଅବରୋଧ କରିଥିଲେ। ଶୁକ୍ରବାର ଚାଷୀମାନଙ୍କ ଅଭିଯୋଗର ତଦନ୍ତ ପାଇଁ କନ୍ଧମାଳ ସେବା ସମବାୟ ସମିତି କାର୍ଯ୍ୟାଳୟରେ ବୌଦ୍ଧ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ମଙ୍ଗଳ ସୋରେନ ଓ ସମିତିର ପ୍ରଶାସକ ଦାୟିତ୍ୱରେ ଥିବା ସମବାୟ ନିରୀକ୍ଷକ ଗୁରୁଚରଣ ଦାଶ ପହଞ୍ଚିଥିଲେ। ମିଳିଥିବା ସୂଚନା ଅନୁଯାୟୀ, କନ୍ଧମାଳ ସେବା ସମବାୟ ସମିତିରେ ବୀମା କରିଥିବା ୧୦୭୧ ଜଣ ଚାଷୀଙ୍କ ବୀମା କ୍ଷତପୂରଣ ରାଶି ୫୩ ଲକ୍ଷ ୬୩ ହଜାର ୬୮୨ ଟଙ୍କା ସମିତିକୁ ଆସିଥିଲେ ମଧ୍ୟ ତାହା ଚାଷୀକୁ ପ୍ରଦାନ କରାଯାଇନାହିଁ।

# କରୋନା ଟିକାକରଣ ସଚେତନତା ଶୋଭାଯାତ୍ରା



କରୋନା ଟିକାକରଣ ପାଇଁ ବାହାରିଥିବା ସଚେତନତା ଶୋଭାଯାତ୍ରା।

ଅମରପାଲି,୨୪।୭(ଡି.ଏନ.ଏ.)

ସୁବାର୍ଣ୍ଣପୁର ଜିଲ ବୀରାମହାରାଜପୁର ବ୍ଲକ ଅମାତପାଲିରେ ଗାଁ କଲ୍ୟାଣ ସମିତି ତରଫରୁ କୋଭିଡ-୧୯ ଟିକାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶଙ୍କର୍ଷଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ହରିପ୍ରିୟା ଗାଈଗରିଆ, ଆଶାକର୍ମୀ ଯୋଗେଶ୍ୱରୀ ପାଣ୍ଡିଆ ଓ ଗାଁ ସ୍ୱାସ୍ଥ୍ୟ ସମୀକ୍ଷା ସଂଯୋଜକ ଅକ୍ରୁର ନାଏକ ଅଂଶଗ୍ରହଣ କରିଥିଲେ। ଟିକା ନେବାକୁ ଯୋଗ୍ୟ ବ୍ୟକ୍ତି ଭୟଭୀତ ନ ହୋଇ କୋଭିଡ ଟିକାର ଦୁଇଗୋଟି ମାତ୍ରା ନେବାକୁ ସଚେତନ କରାଯାଇଥିଲା। ଦେଶକୁ କରୋନା କବଳରୁ ରକ୍ଷା ପାଇଁ ଟିକାକରଣର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ଶୋଭାଯାତ୍ରା ଗ୍ରାମ୍ୟ ପରିକ୍ରମା କରିଥିଲା।

# ଲୁଟି ନେଲେ ୨.୬ଲକ୍ଷ ଟଙ୍କା

ବୌଦ୍ଧ,୨୪।୭(ସ୍ୱ.ପ୍ର.)

ପୁଣି ବୌଦ୍ଧରେ ସକ୍ରିୟ ହୋଇଛନ୍ତି ଲୁଟେରା। କିଛି ଦିନର ନୀରବତା ପରେ ପୁଣି ଲୁଟେରା ଝାମ୍ପି ନେଇଛନ୍ତି ୨ଲକ୍ଷ ୬୦ ହଜାର ଟଙ୍କା। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଥାନା ଅନ୍ତର୍ଗତ ବଡବାଗବର ଗ୍ରାମର ମାନସ ସାହୁ ରାଧାନଗରଠାରେ ଏକ ଗ୍ରାମୀଣ ବ୍ୟାଙ୍କ (ସ୍ମଲ ବ୍ୟାଙ୍କ) ପରିଚାଳନା କରି ଆସୁଛନ୍ତି। ଏହା ୟୁନିୟନ ବ୍ୟାଙ୍କ ସହ ଅନୁବନ୍ଧିତ ରହିଛି। ଗତ ଶୁକ୍ରବାର ମାନସ ଓ ତାଙ୍କ ସହକର୍ମୀ ଗୋଦରାବଣୀ ଗ୍ରାମର ରଞ୍ଜିତ କୁମାର ଦାସ ବୌଦ୍ଧ ୟୁନିୟନ ବ୍ୟାଙ୍କରୁ ୨ ଲକ୍ଷ ୬୦ ହଜାର ଟଙ୍କା ଉଠାଇ ଏକ କପଡା ବ୍ୟାଗରେ ରଖି ନିକଟସ୍ଥ ଆନ୍ଧ୍ର ବ୍ୟାଙ୍କକୁ ବାଇକ୍‌ରେ ଯାଉଥିଲେ। ଗାଡିକୁ ରଞ୍ଜିତ ଚଳାଉଥିବା ବେଳେ ପଛରେ ମାନସ ଟଙ୍କା ବ୍ୟାଗ ଧରି ବସିଥିଲେ। ପୁରୁଣା ଶିଳ୍ପ ତାଲିମ ପ୍ରତିଷ୍ଠାନ ସାମ୍ନାରେ ବଗିଚାସାହିକୁ ଯିବା ପାଇଁ ଗାଡି ଧିରେ କରିଥିଲେ। ଏହି ସମୟରେ ପଛରୁ ଦୁଇଜଣ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ମାନସଙ୍କ ଠାରୁ ଟଙ୍କା ବ୍ୟାଗକୁ ଛଡାଇ ନେଇ ଦ୍ରୁତ ଗତିରେ ମହାନଦୀ ବ୍ରିଜ ଆଡକୁ ପଳାଇଥିଲେ। ଏନେଇ ମାନସ ଶୁକ୍ରବାର ବୌଦ୍ଧ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନବ ବିବାହିତାଙ୍କ ଆତ୍ମହତ୍ୟା

ଖପ୍ରାଖୋଲ,୨୪।୭(ଡି.ଏନ.ଏ.)

ଖପ୍ରାଖୋଲ ଥାନା କୁର୍ଲୁମାଲ ଗାଁରେ ଜଣେ ନବ ବିବାହିତ ମହିଳା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ଲକ୍ଷ୍ମୀ ମାଝୀ(୨୧)। କୁର୍ଲୁମାଲ ଗାଁର ବେଦ ମାଝୀ ୨ମାସ ତଳେ ତୁରେକେଲା ବ୍ଲକ କୁଶପାଲି ଗାଁର ବିଶ୍ୱାମିତ୍ର ମାଝୀଙ୍କ ଝିଅ ଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ମହିଳାଙ୍କ ବାପା ଖପ୍ରାଖୋଲ ଥାନରେ ଅଭିଯୋଗ କଲା ପରେ ପୋଲିସ୍ ମୃତଦେହ ଜବତ ସହ ତହସିଲଦାର ଧିରୋଜ କୁମାର ପାତ୍ରଙ୍କ ଉପସ୍ଥିତିରେ ପଞ୍ଚନାମା କରିଥିଲା।

# ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ କର

ବରଗଡ଼ ଅଫିସ୍,୨୪।୭



କୃଷି ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ପଦ୍ମପୁର ଅଞ୍ଚଳରେ ହୋଇଥିବା ମିଶ୍ରିତ ଚାଷ ବୁଲି ଦେଖୁଛନ୍ତି।

**ବରଗଡ଼ ଗସ୍ତରେ କୃଷି, କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ସଚିବ**

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ତଥା ନୋଡ଼ାଲ ଅଫିସର ଦୟାନିଧି ନାଏକ ଶନିବାର ଦୁଇଦିନିଆ ବରଗଡ଼ ଗସ୍ତରେ ଆସିଥିଲେ। ସେ ତାଙ୍କର ଏହି ଗସ୍ତରେ ଜିଲାର ବିଭିନ୍ନ ବ୍ଲକକୁ ଯାଇ ଉଦ୍ୟାନ କୃଷି, କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ୍ର କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଏହାସହିତ ଜିଲାର କୃଷକମାନଙ୍କ ଆୟକୁ କିଭଳି ଦ୍ୱିଗୁଣିତ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଲକ୍ଷ୍ୟ ହାସଲ ପାଇଁ ସବୁ ବିଭାଗ ମିଳିତ ପ୍ରୟାସ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ପରିଦର୍ଶନରେ ଅତିରିକ୍ତ ସଚିବ ନାଏକ ପଦ୍ମପୁର ବ୍ଲକରେ ହୋଇଥିବା ମିଶ୍ରିତ ଚାଷ (ଚିନାବାଦାମ, ହରଡ଼ ଏବଂ ଚିନାବାଦାମ, ମୁଗ) ଦେଖି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଉଦ୍ୟାନ କୃଷି ବିଭାଗ ଦ୍ୱାରା ଗାଇସିଲେଟ ବ୍ଲକରେ ହୋଇଥିବା ପିଆଜ ଚାଷ ଓ ଏହାର ସଂରକ୍ଷଣ, ପାଇକମାଳ ବ୍ଲକର ବର୍ଷାଦିନିଆ ଆଳୁଚାଷକୁ ବୁଲି ଦେଖିଥିଲେ। ଅତିରିକ୍ତ ସଚିବ ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ ପୋଖରୀ ବୁଲି ସେଠାରେ କିଭଳି ଅଲଗା ଅଲଗା ଚାଷ କରାଯାଇ ପାରିବ ସେ ନେଇ ଉପସ୍ଥିତ ଚାଷୀ, କୃଷି କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ପରେ ସେ ଅମ୍ବାଭୋନା ବ୍ଲକ ଜାମପାଲି ମେଗା ଲିଫ୍ଟ ପଏଣ୍ଟରେ ହୋଇଥିବା ଏକ ଚକିଆ ଚିନାବାଦାମ ଚାଷ ବୁଲି ଦେଖିଥିଲେ ଏବଂ ଅମଳ ପରେ ତାର ବିକ୍ରିବଟା ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଭେଡ଼େନ ବ୍ଲକ ଦେଶଭଟଲିରେ ହୋଇଥିବା ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ମଧ୍ୟ ନାଏକ ବୁଲି ଦେଖିଥିଲେ। ପରେ ସେ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ବିଭିନ୍ନ ବ୍ଲକର କୃଷି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ପଦ୍ମପୁର କୃଷି ଜିଲା ଅଧିକାରୀ ପ୍ରଭାତ କୁମାର ସାମଲ, ପଦ୍ମପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନ, ବରଗଡ଼ ସହକାରୀ କୃଷି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାନ୍ତି, ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା) ରବି ନାରାୟଣ ସେନାପତିପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୫ ଜୁଲାଇ, ୨୦୨୧



**ଟ୍ରାକ୍ଟର ଓଲଟି ଚାଷୀଙ୍କ ମୃତ୍ୟୁ**

ଢେଙ୍କିକୋଟ,(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଧୀନ ପାଣପଶି ଗ୍ରାମରେ ହଳ କରୁଥିବାବେଳେ ଟ୍ରାକ୍ଟର ଓଲଟିପଡ଼ିବାରୁ ଶଶୀଭୂଷଣ ମହାନ୍ତ (୨୭) ନାମକ ଜଣେ ଚାଷୀଙ୍କର ଶନିବାର ମୃତ୍ୟୁ ହୋଇଛି। ପ୍ରକାଶ ଯେ, ସକାଳ ୧୧ଟା ବେଳେ ନିଜ ଜମିରେ ଚାଷ କରୁଥିବାବେଳେ ଟ୍ରାକ୍ଟରଟି ଓଲଟି ପଡ଼ି ତାଙ୍କୁ ଜମିରେ ହିଁ ଚାପି ଦେଇଥିଲା। ସ୍ଥାନୀୟ ଲୋକେ ବହୁଚେଷ୍ଟା କରି ବିଫଳ ହେବା ପରେ ଘଟଗାଁ ଦମକଳ ବାହିନୀ ପହଞ୍ଚି ଟ୍ରାକ୍ଟରଟିକୁ ଉଠାଇ ଶଶୀଭୂଷଣଙ୍କୁ ଘଟଗାଁ ଡାକ୍ତରଖାନା ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତ ଦେହ ଜବତ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ସମେତ ୩ ଅଟକ

ଭଦ୍ରକ ଅଫିସ, ୨୪।୭: କୁରାଢ଼ିରେ ଅତି ନୃଶଂସ ଭାବେ ସ୍ତ୍ରୀଙ୍କ ମୁଣ୍ଡକୁ ଛେଚି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଶନିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ପଞ୍ଚାୟତ ଏଡ଼ାଦେଇ ଗ୍ରାମରେ। ମୃତା ମହିଳା ହେଲେ ଛବିରାଣୀ ସାହୁ(୪୫)। ପରକୀୟା ପ୍ରୀତି ସନ୍ଦେହରେ ତାଙ୍କ ସ୍ୱାମୀ ଏଭଳି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ମୃତା ଛବିରାଣୀଙ୍କ ଭାଇ ଆଗରପଡ଼ା ଥାନା ଅଧୀନ ମଙ୍ଗଳପୁର ଗାଁର ପୂର୍ଣ୍ଣଚନ୍ଦ୍ର ଭୋଳଙ୍କ ଅଭିଯୋଗକ୍ରମେ ଥାନାରେ ହତ୍ୟା ମାମଲା(ନଂ.୩୦୮/୨୧) ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ଥାନାଧିକାରୀ ଆଲୋକ କୁମାର ଜେନା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ଭୋରରେ ପଡ଼ୋଶୀଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ଘର ଚଟାଣରୁ ଛବିରାଣୀଙ୍କ ମୃତଦେହ ଜବତ କରିଥିଲା। ମୃତଦେହ ନିକଟରେ ଏକ କୁରାଢ଼ି ପଡ଼ିଥିବା ବେଳେ ଘର ବାରଣ୍ଡାରେ ତାଙ୍କ ସ୍ୱାମୀ ଗୋବିନ୍ଦ ବସି ରହିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଛବିରାଣୀଙ୍କ ମୁଣ୍ଡରେ ଉକ୍ତ କୁରାଢ଼ିରେ ଶକ୍ତ ଆଘାତ କରାଯାଇଥିବା ଜଣାପଡ଼ିଛି। ପୋଲିସ କୁରାଢ଼ି ଜବତ କରିଥିବା ବେଳେ ଗୋବିନ୍ଦଙ୍କ ସହ ଗାଁର ୨ ଯୁବକଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତା ଛବିରାଣୀ ଓ ତାଙ୍କ ସ୍ୱାମୀ ଗୋବିନ୍ଦ ଗୋଟିଏ ଘରେ ରହିଆସୁଥିଲେ। ଗୋବିନ୍ଦ ଜଣେ ଦିବ୍ୟାଙ୍ଗ (ମୂକ ଓ ବଧିର)। ସେ ଛବିରାଣୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଆସୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଜେନା କହିଛନ୍ତି।

### ବାହାର ରାଜ୍ୟର ୫ ଗଞ୍ଜେଇ ବେପାରୀ ଗିରଫ

**୨ କାର୍‌ରୁ ୬୧ କେଜି ଗଞ୍ଜେଇ, ୯୧ ହଜାର ଟଙ୍କା ଜବତ**

ପଦ୍ମପୁର,୨୪।୭(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣ ବଢୁଛି। ଶୁକ୍ରବାର ରାତିରେ ଗୁଣପୁର ଏସ୍‌ଡିପିଓ ଅଜୟ ବାରିକଙ୍କ ନେତୃତ୍ୱରେ ପଦ୍ମପୁର ପୋଲିସ କେନ୍ଦୁଗୁଡ଼ା ଆଉଟ୍‌ପୋଷ୍ଟ ନିକଟରେ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ୨ କାର୍‌ରୁ ୬୧ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୫ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉତ୍ତର ପ୍ରଦେଶର ରାହୁଲ କୁମାର, ଶ୍ରୀକୁମାର ଶର୍ମା, ଆଦିତ୍ୟ ସିଂହ, ଅମିତ୍ ଚୌଧୁରୀ ଏବଂ ରାହୁଲ କୁମାର। ସେମାନଙ୍କ ନିକଟରୁ ୯୧ ହଜାର ୮୫ ଟଙ୍କା ଏବଂ ୫ ମୋବାଇଲ ଜବତ କରାଯାଇଛି। ସେହିପରି ଗଞ୍ଜେଇ ଚାଲାଣରେ ବ୍ୟବହୃତ ୨ କାର୍ (ୟୁପି ୧୪ ସିଏମ୍ ୮୦୮୪) ଏବଂ (ୟୁପି ୧୬ ଏନ୍ ୬୭୬୩)କୁ ମଧ୍ୟ ଜବତ କରାଯାଇଛି। ବାହାର ରାଜ୍ୟରେ ଏହି ଅଞ୍ଚଳର ଗଞ୍ଜେଇ ଅଧିକ ଟଙ୍କାରେ ବିକ୍ରି ହେଉଥିବାରୁ ସୀମାନ୍ତ ଜଙ୍ଗଲ ଗୁଡ଼ିକରେ ବ୍ୟାପକ ଗଞ୍ଜେଇ ଚାଷ କରି ବେପାରୀମାନେ ଚାଲାଣ କରୁଥିବା ଅଭିଯୋଗ ହେଉଛି।

### ବିପଦ ସଙ୍କେତ ଟପିଲା ବୈତରଣୀ



ଭଣ୍ଡାରିପୋଖରୀ,୨୪।୭ (ଡି.ଏନ.ଏ.): ଉପରମୁଣ୍ଡରେ ଲଘୁଚାପଜନିତ ବର୍ଷା ଯୋଗୁ ବୈତରଣୀ ନଦୀରେ ଦ୍ୱିତୀୟ ବନ୍ୟା ଆସିଛି। ଶନିବାର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ବୈତରଣୀ ଜଳସ୍ତର ବିପଦ ସଙ୍କେତ ଟପିଛି। ରାତି ୧୦ଟା ସୁଦ୍ଧା ୧୭.୯୫ ମିଟର ଛୁଇଁଛି ଜଳସ୍ତର। ସୂଚନା ଅନୁସାରେ, ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ଅପରାହ୍ନ ସାଢ଼େ ୩ଟାରେ ଏହା ଅତିକ୍ରମ କରିଥିଲା। ଗତ ୨୪ ଘଣ୍ଟା ମଧ୍ୟରେ ବୈତରଣୀ ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ସର୍ବାଧିକ ଚମ୍ପୁଆରେ ୯୯.୦୪ ସେମି, କେନ୍ଦୁଝରରେ ୪୯.୦୦, ଠାକୁରମୁଣ୍ଡାରେ ୨୧.୦୦, ଆନନ୍ଦପୁରରେ ୧୨.୦୬, ସ୍ୱାମପାଟଣାରେ ୩୨.୦୦ ଓ ଆଖୁଆପଦାରେ ୧.୦୪ ସେମି ବର୍ଷା ହୋଇଛି। ତେବେ ମଧରାତ୍ରି ସୁଦ୍ଧା ନଦୀର ଜଳସ୍ତର ବୃଦ୍ଧି ପାଇ ୧୮ ମିଟର ପର୍ଯ୍ୟନ୍ତ ଯାଇ ସ୍ଥିର ରହିବ ବୋଲି ଆଖୁଆପଦା ବନ୍ୟା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ମେ'ରେ ବୈତରଣୀରେ ପ୍ରଥମ ବନ୍ୟା ଆସିଥିଲା।

# ନିର୍ମାଣର କିଛିଦିନ ପରେ ଭାଙ୍ଗିଲା ପାଚେରି

**ଜୁନାଗଡ଼ ନୂତନ ସ୍ମାର୍ଟ ପାର୍କ ନିର୍ମାଣରେ ଅନିୟମିତତା**

■ ପଦାରେ ପଡ଼ିଲା ପିଡବ୍ଲ୍ୟୁଡି ବିଭାଗର ଦାୟିତ୍ୱହୀନତା

ଜୁନାଗଡ,୨୪।୭(ଡି.ଏନ୍.ଏ.)

ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳଗୁଡିକରେ ଲୋକଙ୍କ ଆମୋଦ ପ୍ରମୋଦ କରିବା ଉଦ୍ଦେଶ୍ୟରେ ସ୍ମାର୍ଟ ପାର୍କ ଯୋଜନା ଆରମ୍ଭ କରିଛନ୍ତି। ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ଅନୁମୋଦନ କ୍ରମେ ପୂର୍ତ୍ତ ବିଭାଗକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଏହାର ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହେଉଛି। ଯାହାଫଳରେ ଏହି ଯୋଜନାର ସ୍ଥାୟୀତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ସହର ଦମକଳ କେନ୍ଦ୍ର ନିକଟରେ ହେଉଥିବା ସ୍ମାର୍ଟ ପାର୍କ ନିର୍ମାଣ କାମରେ। ପ୍ରାୟ ୭୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କ ନିର୍ମାଣ ହେଉଥିବା ଜଣାପଡିଛି। ଗତ କିଛି ଦିନ ତଳେ ଏହି ପାର୍କର ଚାରିପଟେ ସିମେଣ୍ଟ ପାଚେରି ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ଚାରିଆଡର ପ୍ରାୟ ପାଚେରି ଏବେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସେହିପରି କାମ ଚାଲିବା ବେଳେ ବିଭାଗୀୟ କର୍ମଚାରୀ ତଥା ଅଧିକାରୀ ଉପସ୍ଥିତ ରହୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ଆରମ୍ଭରୁ ପାର୍କର ସ୍ଥାୟୀତ୍ୱକୁ ନେଇ ଏବେ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଶ୍ମି ରଞ୍ଜନ ଭୋଇଙ୍କୁ ପଚାରିବାରେ ମାଟି ଫିଲିଙ୍ଗ ନ ହେବା ଯୋଗୁ ଭାଙ୍ଗିଗଲା। ଏହାର ବିଲ କରାଯିବ ନାହିଁ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ନୂତନ ସ୍ମାର୍ଟ ପାର୍କରେ ପାଚେରି ଭାଙ୍ଗିଯାଇଛି।

# ବେଆଇନ ଗଚ୍ଛିତ ୬୬ବ୍ୟାଗ୍ ସାର ଜବତ



ଜବତ ସାରକୁ ଟ୍ରାକ୍ଟର ଲୋଡିଂ କରାଯାଉଛି।

ଲାଠୋର, ୨୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ କୃଷି ବିଭାଗ ଶନିବାର ଟଙ୍କପାଣି ଗାଁର ପଞ୍ଚମ ହଂସଙ୍କ ଦୋକାନରେ ଚଢାଉ କରି ବେଆଇନଭାବେ ଗଚ୍ଛିତ ୬୬ ବ୍ୟାଗ ସାର ଜବତ କରିଛି। ୫୦କେଜି ଲେଖାଁଏ ଓଜନର ବ୍ୟାଗରେ ୟୁରିଆ, ପଟାସ ଏବଂ ଡିଏପି ସାର ଥିବା ଦେଖିବାକୁ ମିଳିଥିଲା। ପରେ ଜବତ ସାରକୁ ଏକ ଟ୍ରାକ୍ଟର ଯୋଗେ ଲାଠୋର ସେବା ସମବାୟ ସମିତିକୁ ଅଣାଯାଇ ସିଲ କରି ରଖାଯାଇଛି। ସାତ ଦିନ ମଧ୍ୟରେ ଏହି ସାର କିଏ, କାହିଁକି ଏବଂ କେଉଁଠୁ ଆଣି ମହଜୁଦ ରଖାଯାଇଥିଲା ତାର ପ୍ରମାଣ ନ ଦେଇ ପାରିଲେ ପଞ୍ଚମ ହଂସଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ସହ କୃଷି ଅଧିକାରୀ ସୁଜିତ କୁମାର ଭୋଇ ସୂଚନା ଦେଇଛନ୍ତି। ବେଆଇନ ଭାବେ ସାର ଗଚ୍ଛିତ ରଖି ଚଢାଦରରେ ଚାଷୀଙ୍କୁ ବିକ୍ରି କରାଯାଉଥିବା ନେଇ ବିଭାଗ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଖପ୍ରାଖୋଲ ସହ କୃଷି ଅଧିକାରୀ ଭୋଇ ଏବଂ ମାଜିଷ୍ଟ୍ରେଟଭାବେ ତହସିଲଦାର ଧିରଜ କୁମାର ପାତ୍ର ଚଢାଉ କରିଥିଲେ।

# ଦାଦନ ଶ୍ରମିକ ଉଦ୍ଧାର

ନୂଆପଡା ଅଫିସ୍,୨୪।୭

କାମଧନ୍ଦା ଅଭାବ ଯୋଗୁ ଭିଟାମାଟି ଛାଡି ରାଜ୍ୟ ବାହାରକୁ ଯାଇ ସେଠାରେ ଦାଦନ ଶ୍ରମିକମାନେ ଇଟାଭାଟି ମାଲିକ କିମ୍ବା ଶ୍ରମିକ ସର୍ଦାର(ଦଲାଲ)ଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଛନ୍ତି। ଏହି ସବୁ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଥିଲେ ମଧ୍ୟ ପ୍ରଶାସନ ଆଖି ବୁଜି ଦେଇଛି। ଏହିପରି ଖବର ପୁଣି ସାମନାକୁ ଆସିଛି। ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର ହୋଇ କଳାହାଣ୍ଡି ଓ ନୂଆପଡା ଜିଲାର ୧୮ଶ୍ରମିକ ହାଇଦ୍ରାବାଦରେ ଇଟାମାଲିକ ଦ୍ୱାରା ବନ୍ଧକ ରହିଥିଲେ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି। କାମ କରିବା ପାଇଁ ନେଇଥିବା ଶ୍ରମିକ ଦଲାଲ ପାଉଣା ଦେଉ ନ ଥିଲେ। କିଛି ଖାଇବା ପାଇଁ ମଧ୍ୟ ଦେଉ ନ ଥିଲେ। ସ୍ଥାନୀୟ ପୋଲିସକୁ ଧରି ଶାରୀରିକ ନିର୍ଯାତନା ଦେଉଥିବା ଏକ ଭିଡିଓ ବାର୍ତ୍ତାରେ କହିଥିଲେ। ଏହି ଭିଡିଓ ବାର୍ତ୍ତାକୁ ଫେସବୁକ୍ ମାଧ୍ୟମରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡାର ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଦେଖିଲା ପରେ ନୂଆପଡା ଜିଲାର ଭାରତୀୟ ମଜଦୁର ସଂଘର ସମ୍ପାଦକ ପ୍ରଦୀପ କୁମାର ଦଣ୍ଡସେନାଙ୍କୁ ଜଣାଇଥିଲେ। ଦଣ୍ଡସେନା ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ। ଫଳରେ ପ୍ରଶାସନର ଉଦ୍ୟମ କ୍ରମେ ସେମାନେ ଶନିବାର ସୁରକ୍ଷିତ ଭାବରେ ଉଦ୍ଧାର ହୋଇ ନୂଆପଡ଼ାରେ ପହଞ୍ଚିଛନ୍ତି। ଶ୍ରମିକ ଉଦ୍ଧାର ହେଲା ପରେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ମଖାପଦର ପଞ୍ଚାୟତର ଲିଆଡ ଗାଁରେ ଭାରତୀୟ ମଜଦୁର ସଂଘ ସମ୍ପାଦକ ପ୍ରଦୀପ କୁମାର ଦଣ୍ଡସେନା, ନୂଆପଡା ଜିଲା ବିଜେଡି ସମ୍ପାଦକ ଦିନେଶ ତିୱାରି, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ନୂଆପଡା ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ଦେବ ସିଂ ମାଝି, ମଜଦୁର ସଂଘର କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କୁ ମାସ୍କ, ସାନିଟାଇଜର ଓ ଗାମୁଛା ଗୋଟିଏ ଲେଖା ଦେଇ ସ୍ୱାଗତ କରିଥିଲେ। କିଛି ରାଶନ ସାମଗ୍ରୀ ମଧ୍ୟ ଦିଆଯାଇଥିଲା।



ଉଦ୍ଧାର ଦାଦନ ଶ୍ରମିକଙ୍କୁ ରାଶନ ସାମଗ୍ରୀ ପ୍ରଦାନ କରାଯାଉଛି।

### ଦୁଇଗୋଷ୍ଠୀ ଟଣାଓଟରା: ଝୁଲି ରହିଛି ଗାଁ ସାଥୀ ନିଯୁକ୍ତି

ଲାଠୋର,୨୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ସଦର ଗାଁ ମାଲପଡାରେ ଦୁଇ ଗୋଷ୍ଠୀ ମଧ୍ୟରେ ଟଣାଓଟରା ଯୋଗୁଁ ଗାଁ ସାଥୀ ନିଯୁକ୍ତି ହୋଇ ପାରୁନାହିଁ। ଗତ ୧୩ବର୍ଷ ହେଲା ମାଲପଡା ଗ୍ରାମରେ ଗଣେଶ ଧରୁଆ ଏବଂ ଚନ୍ଦ୍ରକାନ୍ତି ବେହେରା ଗାଁ ସାଥୀ ଭାବେ କାମ କରି ଆସୁଥିଲେ। ସେମାନେ ବିଭିନ୍ନ ପ୍ରକଳ୍ପରେ ଅନିୟମିତତା ତୋସରପାତ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଶ୍ରମିକ ଏବଂ ଗ୍ରାମବାସୀ ୨୦୨୧ ମେ ୨୭ ତାରିଖରେ ଗ୍ରାମର ପ୍ରହରୀ ମଣ୍ଡପଠାରେ ଏକ ବୈଠକ କରି ଆଲୋଚନା କରିଥିଲେ। କାର୍ଯ୍ୟରତ ଦୁଇ ଗାଁସାଥୀଙ୍କୁ ପରିବର୍ତ୍ତନ କରିବାକୁ ବୈଠକରେ ନିଷ୍ପତ୍ତି ନେଇଥିଲେ। ନୂତନ ଗାଁ ସାଥୀ ଭାବେ ବସନ୍ତ କେତକୀ ଏବଂ ଚମ୍ପୁଲାଲ ଧରୁଆଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଏକ ରେଜୁଲେସନ କରି ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଇତି ମଧ୍ୟରେ ୨ମାସ ବିତି ଯାଇଥିଲେ ମଧ୍ୟ ନିଯୁକ୍ତି ଦିଆଯାଇ ନ ଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଖପ୍ରାଖୋଲ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ ପାଣିଙ୍କୁ ପଚାରିବାରୁ ଗାଁର ଏକ ଗୋଷ୍ଠୀ ପୁରୁଣା ଗାଁ ସାଥୀଙ୍କୁ ପରିବର୍ତ୍ତନ ନ କରିବା ପାଇଁ କହିଛନ୍ତି। ଏହି ପରିସ୍ଥିତିରେ ଗାଁର ଦୁଇ ଗୋଷ୍ଠୀ ନିଜ ନିଜ ମଧ୍ୟରେ ବୁଝାମଣା କରି ଏକ ମିଳିତ ପ୍ରସ୍ତାବ ଦେଲେ ସାନି ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି।

# ଲାଠୋର-ଡେବରିଆମୁଣ୍ଡା ରାସ୍ତା ଅବସ୍ଥା ଶୋଚନୀୟ



ଶୋଚନୀୟ ହୋଇ ପଡିଥିବା ରାସ୍ତା।

ଲାଠୋର, ୨୪।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର-ଡେବରିଆମୁଣ୍ଡା ରାସ୍ତା ଶୋଚନୀୟ ହୋଇପଡିଛି। ବିଶେଷ କରି କମ୍ପାନୀ ପଡାରୁ ଖଇରାପଡା ପର୍ଯ୍ୟନ୍ତ ପ୍ରାୟ ୫ଶହ ମିଟରରୁ ଉର୍ଦ୍ଧ୍ୱ ରାସ୍ତାରେ ଖାଲଖମା ହୋଇଛି। ସାମାନ୍ୟ ବର୍ଷା ହେଲା ଏହି ଖାଲରେ ପାଣି ଭର୍ତ୍ତି ହୋଇଯିବାରେ ଯାତାୟାତ ବେଳେ ସମସ୍ୟା ସୃଷ୍ଟି କରିଛି। ଏପରିକି ଏଠାରେ ଛୋଟବଡ ଦୁର୍ଘଟଣା ଘଟୁଛି। ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଲୋକ ଅଭିଯୋଗ କରୁଛନ୍ତି। ଏହି ରାସ୍ତାକୁ କଂକ୍ରିଟ କରଣ କରିବାକୁ ଦାବି ହେଉଛି।

# ଚାଷୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ସମୀକ୍ଷା କଲେ ଜିଲାପାଳ



ଚାଷୀଙ୍କ ସମସ୍ୟା ନେଇ ଜିଲାପାଳ ବୁଝୁଛନ୍ତି।

**ଆସନ୍ତା ଖରିଫ ଧାନ ସଂଗ୍ରହ**

ନୂଆପଡ଼ା ଅଫିସ୍,୨୪।୭

ନୂଆପଡା ଜିଲାପାଳ ସମ୍ମିଳନୀ କକ୍ଷରେ ଖରିଫରେ ଧାନ ସଂଗ୍ରହ ନେଇ ଚାଷୀଙ୍କ ପଞ୍ଜିକରଣ ବ୍ୟବସ୍ଥାକୁ ଜିଲାପାଳ ସ୍ୱାଧାଦେବ ସିଂ ସମୀକ୍ଷା କରିଛନ୍ତି। ବିଗତ ବର୍ଷମାନଙ୍କରେ ଚାଷୀଙ୍କ ନାଁ ପଞ୍ଜିକରଣ ଏବଂ ଟୋକନ ନ ଆସିବା ନେଇ ସମସ୍ୟା ଦେଖାଦେଇଥିଲା। ଏହି ସମସ୍ୟା ପୁନର୍ବାର ନ ଉଠିବା ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ପ୍ରକାର ମନୁଷ୍ୟକୃତ ଭୁଲକୁ ଗ୍ରହଣ କରାଯାଇ ପାରିବ ନାହିଁ। ଏହି ବୈଠକରେ ୨୬ଗୋଟି ପେକ୍ସ କର୍ମଚାରୀ, ଜିଲା ଯୋଗାଣ ବିଭାଗ ଅଧିକାରୀ ଓ ବିଭାଗୀୟ କର୍ମଚାରୀ ଯୋଗ ଦେଇଥିଲେ।

### ନିଖୋଜ ଡାକ୍ତରୀ ଛାତ୍ରଙ୍କ ମୃତଦେହ ଜବତ

ହାଟଡିହୀ,୨୪।୭(ଡି.ଏନ.ଏ.)

ହଦଗଡ ଡ୍ୟାମକୁ ବୁଲିବାକୁ ଯାଇ ନିଖୋଜ ଥିବା ଡାକ୍ତରୀ ଛାତ୍ର ସ୍ମାରକ ପାତ୍ରଙ୍କ ମୃତଦେହ ଶନିବାର ଜବତ ହୋଇଛି। ଗତ ଗୁରୁବାର ଅପରାହ୍ନରେ ସ୍ମାରକ ବାଇକ୍‌ରେ ହଦଗଡ଼ ଡ୍ୟାମ ବୁଲିବାକୁ ଯାଇଥିଲେ। ସ୍ମାରକ ଡ୍ୟାମରେ ବୁଡିଯାଇଥିବା ସନ୍ଦେହ କରି ହାଟଡିହୀ ଦମକଳ ବାହିନୀ ଦ୍ୱାରା ଖୋଜା ଖୋଜି କରାଯାଇଥିଲା। ଶନିବାର ପୋଲିସ ଡ୍ୟାମରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇଛି।

### ମନମରା ଜଙ୍ଗଲରେ ୧୨ ହାତୀ

ଯୋଡ଼ା,୨୪।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଅନ୍ତର୍ଗତ ମନମରା ଜଙ୍ଗଲରେ ଶୁକ୍ରବାର ୧୨ ହାତୀ ପ୍ରବେଶ କରିଛନ୍ତି। ଏହି ହାତୀପଲ ବାଲିବନ୍ଧ ଜଙ୍ଗଲ ଆଡୁ ଆସିଛନ୍ତି। ହାତୀପଲରେ ୩ ଦନ୍ତା, ୭ ମାଈ, ୨ ଛୁଆ ହାତୀ ରହିଥିବା ବନ ବିଭାଗ ସୂଚନା ଦେଇଛି। ହାତୀପଲ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବିଚରଣ କରୁଥିବାରୁ ନିକଟସ୍ଥ ଗ୍ରାମଗୁଡିକରେ ଆତଙ୍କ ଖେଳିଯାଇଛି। ହାତୀପଲଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଥିବା ବନ ବିଭାଗ ପକ୍ଷରୁ ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡା ପ୍ରକାଶ କରିଛନ୍ତି।

# ଭାଜପାର କାର୍ଯ୍ୟକାରିଣୀ ବୈଠକ

ଜୁନାଗଡ,୨୪।୭(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ସହର ଭାଜପା କାର୍ଯ୍ୟାଳୟରେ ଶନିବାର ଜୁନାଗଡ ନଗର ପାଇଁ ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ନଗର ସଭାପତି ଶିବରାମ ରାଉତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପୂର୍ବତନ କାଉନସିଲର ମୁକେଶ୍ ଅଗ୍ରୱାଲ, ମନୋଜ ମେହେର,ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟ ନାରାୟଣ ପଣ୍ଡା, କାଳିନ୍ଦ୍ରୀ ପାଣିଗ୍ରାହୀ, ପବନ ରାଜ ଖେମକା,ହୃଦା ପୂଝାରୀ,ଚିନ୍ମୟ ମେହେର,ସୀମାଞ୍ଚଳ ବୈଠାରୁ, କାର୍ତ୍ତିକ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ଏନ୍‌ଏସି ସ୍ତରରେ ସଂଗଠନକୁ କିପରି ମଜଭୂତ କରାଯିବ ସେନେଇ ଆଲୋଚନା କରାଯିବା ସହ ଆଗାମୀ ୩ ମାସ ମଧ୍ୟରେ ଏନ୍‌ଏସିର ଉନ୍ନତୀକରଣ ପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା।



ବୈଠକରେ ଯୋଗ ଦେଇଥିବା ନେତୃବୃନ୍ଦ।

# ଶବରପଡ଼ାରେ ଜଳିଲା ବିଜୁଳି ଆଲୁଅ

**ରାସ୍ତା ନ ଥିବାରୁ ଜମି ହୁଡ଼ା ଦେଇ ଗାଁକୁ ଗଲା ଟ୍ରାନ୍ସଫର୍ମର**

କୋକସରା,୨୪।୭(ଡି.ଏନ.ଏ.)

ଟ୍ରାନ୍ସଫର୍ମର ପୋଡି ଯୋଗୁ ଦୀର୍ଘ ୨ମାସ ଅନ୍ଧାରରେ ରହିବା ପରେ କୋକସରା ବ୍ଲକର ଶବରପଡା ଗାଁରେ ବିଦ୍ୟୁତ୍ ଆଲୁଅ ଜଳିଛି । ଜଙ୍ଗଲ ନିକଟବର୍ତ୍ତୀ ଏହି ଗାଁରେ ରାତି ହେଲେ ବନ୍ୟ ଜନ୍ତୁଙ୍କ ଭୟ ଥିବାରୁ ଲୋକେ ବହୁ ଅସୁବିଧାରେ ଚଳୁଥିଲେ। ସନ୍ଧ୍ୟା ପୂର୍ବରୁ ଗାଁ ଲୋକ ଝରକା, କବାଟ ବନ୍ଦ କରି ଦେଉଥିଲେ । ବିଜୁଳି ବତୀ ଜଳିବା ପରେ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ସୂଚନା ଅନୁସାରେ, ଡୁଡୁକାଠେଙ୍ଗା ପଞ୍ଚାୟତର ଅପହଞ୍ଚ ଗାଁ ଶବରପଡାରେ ଲାଗିଥିବା ଟ୍ରାନ୍ସଫର୍ମର ୨ମାସ ହେବ ଅଚଳ ହୋଇ ପଡିଥିଲା। ଏ ନେଇ ଗ୍ରାମବାସୀ ସରପଞ୍ଚ, ଲୋକ ପ୍ରତିନିଧି ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିଜର ସମସ୍ୟା ଜଣାଇଥିଲେ। ଧର୍ମଗଡ ବିଧାୟକ ମୌଷଧି ବାଗ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ଟ୍ରାନ୍ସଫର୍ମର ଲଗାଇବାକୁ କହିଥିଲେ। ଏହାଛଡା ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ଶନିବାର ବିଦ୍ୟୁତ୍ ବିଭାଗ କର୍ମଚାରୀ ନୂଆ ଟ୍ରାନ୍ସଫର୍ମର ନେଇ ପହଞ୍ଚି ଥିବା ବେଳେ ଗାଁକୁ ରାସ୍ତା ନ ଥିବା ଯୋଗୁ ଗ୍ରାମବାସୀଙ୍କ ସହାୟତାରେ ଜମି ହୁଡା ଦେଇ ଅତି କଷ୍ଟରେ ନେଇ ଲଗାଇଛନ୍ତି। ବିଦ୍ୟୁତ୍ ସଂଯୋଗ ହୋଇଥିବାରୁ ଶବରପଡା ଗ୍ରାମର ସୁରେନ୍ଦ୍ର ସାହୁ, ଜିତେନ୍ଦ୍ର ଶବର, ଉଗ୍ରେ ଶବର, ଈଶ୍ୱର ଶବର, କୃଷ୍ଣମଣି ଶବର ପ୍ରମୁଖ ଗଣମାଧ୍ୟମ ସମେତ ଧର୍ମଗଡ ବିଧାୟକ ଓ ବିଭାଗୀୟ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।





ଟ୍ରାନ୍ସଫର୍ମରକୁ ଜମି ହୁଡା ଦେଇ ବୋହିକି ନିଆଯାଉଛି।